# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୩/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 3/2024 | Page 18 | ₹ 7.00

୫୦ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 71 | ମୂଲ୍ୟ ₹୭/-



DSPL-607

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ
ଭାଷା ହିଁ ଭବିଷ୍ୟତ
୨୦୨୪

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

## ଶୁଭାରମ୍ଭ

ଫେବୃଆରୀ ୩ ତାରିଖ, ପୂର୍ବାହ୍ଣ ୧୧ଟା
ଜନତା ମଇଦାନ, ଭୁବନେଶ୍ୱର



## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନାଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

OIPR-15001/13/0319/2324

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ



### ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଐତିହାସିକ ଦିଗ

# ଓଡ଼ିଆ ଭାଷା ଆମ ଅତୀତର ଅସ୍ମିତ୍ୱ ଓ ସ୍ୱର୍ଣ୍ଣିମ ଭବିଷ୍ୟତ

ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଗବେଷଣାକୁ ପ୍ରାଧାନ୍ୟ ଦେବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରଧାନ ଲକ୍ଷ୍ୟ। ଏହି ସମ୍ମିଳନୀ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ସମ୍ମିଳନୀ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଓଡ଼ିଆ ଯୁବବର୍ଗଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜନ କରାଯାଇଛି। ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ, ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ। ଓଡ଼ିଶାର ଗୌରବମୟ ଇତିହାସର ଆଦ୍ୟ ପରିଚୟ ହେଉଛି ଏହି ଜାତିର ଭାଷା ଓଡ଼ିଆ। ଏକ ଶାସ୍ତ୍ରୀୟ ଭାଷା ଭାବରେ ଲବ୍ଧପ୍ରତିଷ୍ଠ ଓଡ଼ିଆ ଭାଷା ହେଉଛି ପ୍ରତିଟି ଓଡ଼ିଆଙ୍କ ଗର୍ବ। ଏହି ଓଡ଼ିଆ ଭାଷା ହିଁ ଆମର ଐତିହ୍ୟପୂର୍ଣ୍ଣ ଅତୀତର ଅସ୍ମିତ୍ୱ ଓ ସ୍ୱର୍ଣ୍ଣିମ ଭବିଷ୍ୟତ। ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ହେଉଛି ପ୍ରତିଟି ଓଡିଆ ପାଇଁ ଜୀବନର ସବୁଠୁ ଗୌରବପୂର୍ଣ୍ଣ ଅଧ୍ୟାୟ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂକଳ୍ପରେ ଓଡ଼ିଆ ଭାଷା ସମଗ୍ର ବିଶ୍ୱରେ ମୁଖରିତ ହେବାକୁ ଯାଉଛି। ଐତିହାସିକ ଭାବରେ ଓଡ଼ିଶାରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏହି ଭାଷାର ଜୟଯାତ୍ରାକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କରିପାରିବ। ପ୍ରାଚୀନ କାଳରୁ ଆଜିପର୍ଯ୍ୟନ୍ତ ଓଡ଼ିଆ ଭାଷାର କ୍ରମବିକାଶ, ସାହିତ୍ୟର ଉତ୍ପତ୍ତି ଓ ଏକ ରାଜ୍ୟ ଭାବରେ ଓଡିଶାର ବିକାଶରେ ଏହାର ଉଲ୍ଲେଖନୀୟ ଯୋଗଦାନକୁ ସର୍ବସମ୍ମୁଖରେ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କ ଏହି ଅଭୂତପୂର୍ବ ଆୟୋଜନ ଏକ ମାଇଲଖୁଣ୍ଟ।

## ବିଶେଷ ଆକର୍ଷଣ: ପ୍ରଦର୍ଶନୀ କକ୍ଷ

### ପ୍ରାଚୀନ ଯୁଗ



ଓଡିଆ ଭାଷା, ଲିପି, ସାହିତ୍ୟର କ୍ରମବିକାଶ ଆରମ୍ଭ ହୋଇଥିଲା ପ୍ରାଚୀନ ଯୁଗରେ। ଭାରତର ପ୍ରଥମ ଲିଖିତ ଲିପି ଅଶୋକଙ୍କ ଶିଳାଲେଖକୁ ଏହି କକ୍ଷରେ ପ୍ରଦର୍ଶିତ କରାଯାଇଛି। ପ୍ରାଚୀନ ଯୁଗରେ ପ୍ରସ୍ତର ଗୁମ୍ଫା ବିକ୍ରମଖୋଲ ଓ ଉଲୁପଗଡ଼ରୁ ମିଳିଥିବା ଓଡ଼ିଆ ଲିପିର ଆଦ୍ୟରୂପକୁ ଏହି ପ୍ରଦର୍ଶନୀ କକ୍ଷରେ ସ୍ଥାନ ଦିଆଯାଇଛି। ଅଶୋକଙ୍କ ସାମ୍ରାଜ୍ୟର ରାଜଧାନୀ ତୋଷାଳିରୁ ପ୍ରାପ୍ତ ହୋଇଥିବା ଲିପିକୁ ଏଠାରେ ପ୍ରଦର୍ଶିତ କରାଯାଇଛି। ପ୍ରାକ ଐତିହାସିକ ଯୁଗରୁ ସଂଗ୍ରହ କରାଯାଇଥିବା କିଛି ଚିତ୍ରକଳାକୁ ମଧ୍ୟ ଏଠାରେ ସ୍ଥାନିତ କରାଯାଇଛି। ପ୍ରାଚୀନ ଯୁଗରେ ବ୍ୟବହାର ହେଉଥିବା ସାଙ୍କେତିକ ଭାଷା, ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ସମ୍ପର୍କରେ ମଧ୍ୟ ଦେଖିବାକୁ ମିଳିବ। ଏହାସହ ପ୍ରାଚୀନ ଯୁଗରେ ଭାଷାର କ୍ରମବିକାଶ ସମ୍ପର୍କରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ ପ୍ରତିଦିନ ପ୍ରଦର୍ଶିତ କରାଯିବ।



### ମଧ୍ୟଯୁଗୀୟ

ଏହି କକ୍ଷରେ ପ୍ରଥମେ ମଧ୍ୟଯୁଗୀୟ ମୁଦ୍ରାକୁ ଏଠାରେ ପ୍ରଦର୍ଶିତ କରାଯାଇଛି। ଓଡ଼ିଶାରେ ଶାସନ କରିଥିବା ରାଜାଙ୍କ ସମ୍ପର୍କରେ ମୁଦ୍ରାରୁ ଜାଣିବାକୁ ମିଳିଥାଏ। ଓଡ଼ିଶାରେ ଶାସନ କରିଥିବା ରାଣୀମାନଙ୍କ ସମ୍ପର୍କରେ ମୁଦ୍ରା ଜରିଆରେ ପ୍ରଦର୍ଶିତ କରାଯାଇଛି। ଅନ୍ୟପଟେ ଅନେକ ବରପୁତ୍ରଙ୍କୁ ମଧ ଏହି କକ୍ଷରେ ସ୍ଥାନ ଦିଆଯାଇଛି। ଜମ୍ବୁ ଦେବୀ, ସାରଳା ଦେବୀ, ରମା ଦେବୀ, ପ୍ରଭାବତୀ ଦେବୀ, ମାଳତୀ ଚୌଧୁରୀ, ଶୋଭାବତୀ ପଣ୍ଡା, କାଇପଡ଼ା କଳାମାଟିଆ ଗୁଳିକାଣ୍ଡ, ଓଡ଼ିଶାର ଭାରତଛାଡ଼ ଆନ୍ଦୋଳନ, ଇରମ ଗୁଳିକାଣ୍ଡ, ବେଜଲଗେଟଙ୍କ ହତ୍ୟା, ଆମ୍‌କୋ ସିମ୍‌କୋ ଗୁଳିକାଣ୍ଡ ଆଦି ସମ୍ପର୍କରେ ଦେଖିବାକୁ ମିଳିବ। ଅନ୍ୟପକ୍ଷେ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ସମ୍ପର୍କରେ ମଧ ପ୍ରଦର୍ଶିତ କରାଯାଇଛି। ଉତ୍କଳୀୟ ନୌବାଣିଜ୍ୟ ସ୍ଥଳୀ, ନୌବାଣିଜ୍ୟ ପଥ, ନୌବାଣିଜ୍ୟ ଦେବଦେବୀ, ପାରମ୍ପରିକ ନୌକା ନିର୍ମାଣ ଶୈଳୀ, ଉତଖନୀତ ନୌବାଣିଜ୍ୟ ସ୍ଥଳୀ, ପୁରୀର ମାଣିକପାଟଣା, ଉତ୍‌ଖନୀତ ବସ୍ତୁ, ଯାଜପୁରର ରାଧାନଗର, ତାମ୍ରଲିପ୍ତି ପ୍ରାଚୀନ ବନ୍ଦର, କଳିଙ୍ଗପଟ୍ଟନମ୍ ପ୍ରାଚୀନ ବନ୍ଦରକୁ ମଧ ସ୍ଥାନିତ କରାଯାଇଛି। ଏହାସହ ଜନଜାତିଙ୍କ ସମୃଦ୍ଧ ଇତିହାସକୁ ମଧ ଏଥିରେ ସ୍ଥାନ ଦିଆଯାଇଛି। ସେମାନଙ୍କ ଜୀବନଶୈଳୀ, କୃଷି ପ୍ରଣାଳୀ, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ବ୍ୟବସ୍ଥା, ସେମାନଙ୍କ ବେଶଭୂଷା, ଜଳବାୟୁ ସହନଶୀଳତାସମ୍ପନ୍ନ କୃଷି ପ୍ରଣାଳୀ ଆଦିକୁ ସ୍ଥାନିତ କରାଯାଇଛି।




### ଭାଷା, ସାହିତ୍ୟ, ଲିପି ଉପରେ ହେବ ଆଲୋଚନା

ତିନି ଦିନ ଧରି ହେବାକୁ ଥିବା ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ୩ ଟି ପ୍ରଦର୍ଶନୀ କକ୍ଷରେ ଓଡିଆ ଭାଷା, ସାହିତ୍ୟ, ଲିପି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ପ୍ରାଚୀନ, ମଧ୍ୟଯୁଗ ଓ ପ୍ରିଣ୍ଟିଂ ପ୍ରେସ୍‌ର ଆଗମନ ସମ୍ବନ୍ଧରେ ସମସ୍ତ ତଥ୍ୟ ପ୍ରଦର୍ଶିତ କରାଯିବ। ଏହାସହ ସମ୍ମିଳନୀର ମୁଖ୍ୟ ଆକର୍ଷଣ ରହିବ ୫ ଜଣ ବରପୁତ୍ରଙ୍କ ନାମରେ ନିର୍ମାଣ କରାଯାଇଥିବା ସମ୍ମିଳନୀ କକ୍ଷ। ପ୍ରଥମ କକ୍ଷ ଆଦିକବି ସାରଳା ଦାସ, ଦ୍ୱିତୀୟ କକ୍ଷ ଅତିବଡୀ ଜଗନ୍ନାଥ ଦାସ, ତୃତୀୟ କକ୍ଷ କବିସମ୍ରାଟ ଉପେନ୍ଦ୍ରଭଞ୍ଜ, ଚତୁର୍ଥ କକ୍ଷ ବ୍ୟାସକବି ଫକୀରମୋହନ ସେନାପତି, ପଞ୍ଚମ କକ୍ଷ ପ୍ରକୃତିକବି ଗଙ୍ଗାଧର ମେହେରଙ୍କ ନାମରେ ନାମିତ କରାଯାଇଛି। ଏହି କକ୍ଷମାନଙ୍କରେ ବିଶିଷ୍ଟ ଆଲୋଚକ, ଖ୍ୟାତିସମ୍ପନ୍ନ ପ୍ରଫେସର ଓଡିଆ ଭାଷା, ସାହିତ୍ୟ, ଲିପି ଓ ଏହାର ପ୍ରାସଙ୍ଗିକତା ପ୍ରସଙ୍ଗରେ ଆଲୋଚନା କରିବେ। ଖ୍ୟାତିସମ୍ପନ୍ନ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ହେବାକୁ ଥିବା ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ୩ ଦିନ ବ୍ୟାପୀ ଆୟୋଜିତ କରାଯିବାକୁ ଥିବା ବେଳେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପାଇଁ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି।

### ପ୍ରିଣ୍ଟିଂ ପ୍ରେସ୍‌ର ଆଗମନ

ଓଡିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରୟାସରେ ଏହି କକ୍ଷରେ ବାଦ୍ୟଯନ୍ତ୍ରକୁ ନେଇ ଏକ ମ୍ୟୁଜିକାଲ ଟ୍ରି ପ୍ରସ୍ତୁତ କରାଯାଇଛି। ଏହି ମ୍ୟୁଜିକାଲ୍ ଟ୍ରିରେ ଓଡ଼ିଶାରୁ ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇଥିବା ୧୦୦ରୁ ଊର୍ଦ୍ଧ୍ୱ ବାଦ୍ୟଯନ୍ତ୍ରକୁ ସ୍ଥାନ ଦିଆଯାଇଛି। ମୃଦଙ୍ଗ, ସଞ୍ଚାର ମୃଦଙ୍ଗ, ସମ୍ପ୍ରଦାୟ ମୃଦଙ୍ଗ, ନାଦିଆ ମୃଦଙ୍ଗ, ପାଲା ମୃଦଙ୍ଗ, ମର୍ଦ୍ଦଳ, ଓରାମ ମର୍ଦ୍ଦଳ, କିଶନ ମର୍ଦ୍ଦଳ, କରମସାନି ମର୍ଦ୍ଦଳ, ତୁର୍ ମର୍ଦ୍ଦଳ, କାଠଢୋଲ, ଦଣ୍ଡଢୋଲ, ବ୍ରହ୍ମବୀଣା, ସିଙ୍ଗା, ଢୋଲ, ନିଶାଣ, ତାସା ଆଦି ବିଭିନ୍ନ ବାଦ୍ୟଯନ୍ତ୍ରକୁ ସ୍ଥାନିତ କରାଯାଇଛି। ଏହାସହ ପ୍ରିଣ୍ଟିଂ ପ୍ରେସ୍‌ର ଆଗମନ ସମ୍ପର୍କରେ ବିସ୍ତୃତ ସୂଚନା ଏଠାରୁ ମିଳିପାରିବ। ବିଭିନ୍ନ ପ୍ରାଚୀନ ମୁଦ୍ରଣ ଯନ୍ତ୍ରକୁ ଏଠାରେ ରଖାଯାଇଥିବାବେଳେ ୧୯୩୬ ମସିହାରୁ ଓଡ଼ିଆ ସିନେମା ନିର୍ମାଣରେ ବ୍ୟବହାର ହୋଇ ଆସୁଥିବା ବିଭିନ୍ନ କ୍ୟାମେରା, ଲାଇଟ୍, ସିନେମା ପୋଷ୍ଟର ଆଦି ପ୍ରଦର୍ଶିତ କରାଯାଇଛି। ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବାରେ ବିଭିନ୍ନ ଖବରକାଗଜର ବିଶିଷ୍ଟ ଯୋଗଦାନ ରହିଛି। ଏହାକୁ ଏହି କକ୍ଷରେ ମଧ୍ୟ ପ୍ରଦର୍ଶିତ କରାଯିବ। ଓଡିଆ ଭାଷାର ପ୍ରଥମ ମୁଦ୍ରିତ ପୁସ୍ତକ, ଗୋପବନ୍ଧୁ ଦାସଙ୍କ ହସ୍ତଲିପି, ପ୍ରଥମ ଓଡ଼ିଆ ଖବରକାଗଜ, ଚାର୍ଲସ ଗ୍ରୁମଙ୍କ ବିବରଣୀ, ବିଜ୍ଞାପନ, ପଦାବଳୀକୁ ସ୍ଥାନିତ କରାଯାଇଛି। ଏହାବ୍ୟତୀତ ପୁସ୍ତକ ପ୍ରଦର୍ଶନ, ଧଉଳିର ଅର୍ଦ୍ଧଖୋଦିତ ହସ୍ତୀ, କୋଣାର୍କର ପ୍ରସ୍ତର କାରୁକାର୍ଯ୍ୟ, ଭାସମାନ ବର୍ଣ୍ଣମାଳା ଏବଂ ହଲୋଗ୍ରାମ, ରୋବୋଟ୍ ସମ୍ପର୍କିତ ପ୍ରଦର୍ଶନ ଆଦିକୁ ସମ୍ମିଳନୀର କକ୍ଷରେ ପ୍ରଦର୍ଶନ କରାଯାଇଛି।




## ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ

*ଓଡିଆ ଭାଷା ଓ ସାହିତ୍ୟର ବିକାଶରେ ଆମର ଯୋଗଦାନ ଦେଇଥିବା ଓଡ଼ିଶାର ପାଞ୍ଚଜଣ ବରପୁତ୍ରଙ୍କ ନାମରେ ପାଞ୍ଚଗୋଟି ସମ୍ମିଳନୀ କକ୍ଷକୁ ନାମିତ କରାଯାଇଛି।*



**ଆଦିକବି ସାରଳା ଦାସ କକ୍ଷ:**



ସାରଳା ଦାସ ଓଡ଼ିଆ ସାହିତ୍ୟର ଆଦିକବି ଭାବେ ବିଶ୍ୱବିଦିତ। ଓଡ଼ିଆ ଭାଷାରେ ସାହିତ୍ୟ ରଚନାର ଭିତ୍ତିଭୂମି ସ୍ଥାପନ କରିଥିଲେ। ସାଧାରଣ ଲୋକଙ୍କ ବୋଧଗମ୍ୟ ହେଲାଭଳି ସରଳ କଥିତ ଭାଷାରେ ସେ ଓଡ଼ିଆରେ ମହାଭାରତ ରଚନା କରିଥିଲେ। ଏହି କକ୍ଷରେ ଆଧୁନିକ ଓଡ଼ିଶାର ଆବିର୍ଭାବ, ଓଡ଼ିଆ ଭାଷା ଓ ମହିଳା ସଶକ୍ତୀକରଣ, ଜଗନ୍ନାଥ ଚେତନା, ଓଡ଼ିଶାର ନବଦିଗନ୍ତର ସମ୍ଭାବନା ଆଦି ବିଷୟରେ ଆଲୋଚନା କରାଯିବ। ପଦ୍ମଶ୍ରୀ ହରମାନ କୁଲକେ, ପ୍ରଫେସର ଆର୍ଲୋ ଗ୍ରିଫିଥ୍ ଏହି କକ୍ଷରେ ଆଲୋଚନାରେ ସାମିଲ ହେବେ।

**ଅତିବଡ଼ୀ ଜଗନ୍ନାଥ ଦାସ କକ୍ଷ:**

ଷୋଡ଼ଶ ଶତାବ୍ଦୀର ପ୍ରମୁଖ ଭକ୍ତକବି ତଥା ଓଡ଼ିଆ ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଶାର ପୁରପଲ୍ଲୀରେ ଆଦୃତ। ନବାକ୍ଷରୀ ଛନ୍ଦରେ ଶ୍ରୀକୃଷ୍ଣ ଚରିତ୍ରକୁ ସେ ଏପରି ମଧୁସ୍ରାବୀ ଓ ହୃଦୟସ୍ପର୍ଶୀ ପଦାବଳୀ ମାଧ୍ୟମରେ ପରିବେଷଣ କରିଛନ୍ତି, ଯାହାର ପଠନ ବା ଶ୍ରବଣରେ ମନପ୍ରାଣ ଭକ୍ତି ଓ ଆଧ୍ୟାତ୍ମିକତାରେ ଆହ୍ଲାଦିତ ହୋଇଉଠେ। ତାଙ୍କରି ନାମରେ ନାମିତ ଏହି କକ୍ଷରେ ଓଡ଼ିଆ ଭାଷାର ଉତ୍ପତ୍ତି ଏବଂ କ୍ରମବିକାଶ ସମ୍ପର୍କରେ ଆଲୋଚନା କରାଯିବ। ଆଧୁନିକ ଓଡ଼ିଆ ସାହିତ୍ୟ, ଓଡ଼ିଶାର ପ୍ରତ୍ନତତ୍ତ୍ୱ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଓଡ଼ିଆ ଭାଷାର ସୁଯୋଗ ଏବଂ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯିବ।



**କବିସମ୍ରାଟ ଉପେନ୍ଦ୍ରଭଞ୍ଜ କକ୍ଷ:**

ସପ୍ତଦଶ–ଅଷ୍ଟାଦଶ ଶତାବ୍ଦୀ ରୀତିଯୁଗରେ ଶ୍ରେଷ୍ଠ ସାହିତ୍ୟ ସାଧକ ହେଉଛନ୍ତି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ। ନିଜର ଅଦମ୍ୟ ପ୍ରଚେଷ୍ଟା, ଅନନ୍ୟ ଲିଖନଶୈଳୀ, ଗଭୀର ଭାଷାଜ୍ଞାନ, ଉପମା–ଅଳଙ୍କାରର ଚାତୁର୍ଯ୍ୟପୂର୍ଣ୍ଣ ବିନିଯୋଗ ମାଧ୍ୟମରେ ଅନବଦ୍ୟ କାବ୍ୟମାନ ରଚନା କରି ସେ କବିସମ୍ରାଟ ଉପାଧିରେ ଭୂଷିତ ହୋଇଥିଲେ। ତାଙ୍କ ନାମରେ ନାମିତ ଏହି କକ୍ଷରେ ପୁରାତନ ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ଓଡ଼ିଶାର ଲୋକସଂସ୍କୃତି, ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ, ସଂସ୍କୃତି ଏବଂ ଐତିହ୍ୟ ରାଜ୍ୟର ସୂକ୍ଷ୍ମଶକ୍ତି ସମ୍ପର୍କରେ ଆଲୋଚନା ହେବ।



**ବ୍ୟାସକବି ଫକୀରମୋହନ ସେନାପତି କକ୍ଷ:**

ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତି ଏକ ମହାନ ଯୋଗଜନ୍ମା। ତାଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଓଡ଼ିଆ ପ୍ରେସ ସ୍ଥାପନ କରି ବିଦ୍ୟାଳୟର ବିଭିନ୍ନ ଶ୍ରେଣୀ ପାଇଁ ପାଠ୍ୟ ପୁସ୍ତକ ଓଡ଼ିଆ ଭାଷାରେ ଛପାଇଥିଲେ। ତାଙ୍କ ପ୍ରଚେଷ୍ଟା ଯୋଗୁ ଓଡ଼ିଆ ଭାଷାରେ ଶିକ୍ଷାଦାନ ହେବା ସମ୍ଭବ ହୋଇଛି। ତାଙ୍କର ନାମରେ ଏକ କକ୍ଷ ନାମିତ କରାଯାଇଛି। ଏହି କକ୍ଷରେ ଭାରତର ଶାସ୍ତ୍ରୀୟ ଭାଷା, ଓଡ଼ିଆ ବ୍ୟାକରଣ ଓ ଭାଷା ବିଜ୍ଞାନ, ଓଡ଼ିଆ ଭାଷା ବିବିଧତା ନେଇ ଆଲୋଚନା କରାଯିବ।



**ପ୍ରକୃତିକବି ଗଙ୍ଗାଧର ମେହେର କକ୍ଷ:**

ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟରେ ଜଣେ ମହାନ୍ କବି ଥିଲେ ପ୍ରକୃତିକବି ଗଙ୍ଗାଧର ମେହେର। ଇନ୍ଦୁମତୀ, କୀଚକ ବଧ, ତପସ୍ୱିନୀ, ପ୍ରଣୟବଲ୍ଲରୀ ଆଦି ତାଙ୍କରି ରଚନା। ତାଙ୍କ କବିତା, ନାଟକ ଏବଂ ଦାର୍ଶନିକ ଜ୍ଞାନ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି ଏବଂ ଅଗଣିତ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଛି। ତାଙ୍କରି ନାମରେ ନାମିତ ଏହି କକ୍ଷରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଆଲୋଚନା କରାଯିବ। ଓଡ଼ିଆ ଭାଷା କିପରି ଭାବେ ବିଜ୍ଞାନର ଭାଷା ହୋଇପାରିବ ସେ ନେଇ ଆଲୋଚନା କରାଯିବ।



ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ। ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତି ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଏହି ଭାଷା ସମ୍ମିଳନୀ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବ। ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଯୋଗଦେଇ ଓଡ଼ିଆ ଭାଷାର ସର୍ବପ୍ରାଚୀନତା ଓ ନିରନ୍ତରତା ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନା କରିବେ। ଉକ୍ତ ସମ୍ମିଳନୀର ଆୟୋଜନ ଦ୍ୱାରା ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି କରାଯାଇପାରିବ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୩/୨୦୨୪ | Bhubaneswar, Saturday, February 3/2024 | ପୃଷ୍ଠା-୧







## ଚକ୍ରଧାରୀ ଶରଣ ସିଂ ହେଲେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି



**ନୂଆଦିଲ୍ଲୀ,୨।୨**

ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୨୧୭ର ଧାରା (୧)ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ଉପସଚିବଙ୍କ ଦ୍ୱାରା ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତବର୍ଷ ଅକ୍ଟୋବର ୩ରେ ଜଷ୍ଟିସ୍ ☞ପୃଷ୍ଠା-୧୩

# ବିଶ୍ୱ ଦେଖିବ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ

**ଭୁବନେଶ୍ୱର,୨।୨**
**(ଶର୍ମିଷ୍ଠା ପାଣିଗ୍ରାହୀ/ଅନିଲ ଦାସ)**

ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ପୁଣିଥରେ ଓଡ଼ିଶା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛି। ସବୁଠି ଉତ୍ସାହ, ଉଦ୍ଦୀପନା। ଭାଷାକୁ ନେଇ ସବୁଠି ପାଳନ ହେଉଛି ଉତ୍ସବ। ଓଡ଼ିଆ ଭାଷାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ଗାଁଠୁ ସହର, ସ୍କୁଲରୁ କଲେଜ ସବୁଠି ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ବିଶ୍ୱ ଦେଖୁଛି ଓଡ଼ିଆ ବର୍ଣ୍ଣମାଳ ଅ..ଆ..। ପିଲାଠୁ ନେଇ ବୟସ୍କ ସମସ୍ତେ ଆଜି ନିଜ ଭାଷାକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ଉତ୍ସାହିତ। ଦୂରରେ ରହି ଓଡ଼ିଆ ବୋଲି ଆଜି ଗର୍ବ କରୁଛନ୍ତି ପ୍ରବାସୀ। ସରକାରଙ୍କ ଏହି ପ୍ରୟାସକୁ ସମଗ୍ର ଓଡ଼ିଶାବାସୀ ଆଜି ଭୁରିଭୁରି ପ୍ରଶଂସା କରୁଛନ୍ତି। ଆଜି ପ୍ରତି ଓଡ଼ିଆଙ୍କ ମନରେ ଭାଷା ପ୍ରତି ପୁନଃ ଏକ




ସଚେତନତା ଆସିଛି। ଶନିବାରଠାରୁ ସ୍ଥାନୀୟ ଜନତା ମଇଦାନରେ ୩ଦିନ ଧରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଚାଲିବ। ଏ ନେଇ ବ୍ୟାପକ ଆୟୋଜନ କରାଯାଇଛି। ସମ୍ମିଳନୀର ପ୍ରଥମ ଦିନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ତାଙ୍କ ସହ ଐତିହାସିକ ପଦ୍ମଶ୍ରୀ ହରମାନ କୁଲକେ, ପ୍ରଫେସର ଇଉଇ ସ୍କୋଡା ଉଦ୍‌ଘାଟନୀ ଦିବସରେ ଯୋଗଦେବେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ ସହ ପୁରସ୍କାର ବାବଦରେ ୨୦ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଦ୍ୱିତୀୟ ଦିବସରେ ପଦ୍ମ ପୁରସ୍କାର ସହିତ ଅନ୍ୟାନ୍ୟ ମର୍ଯ୍ୟାଦାଜନକ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କୁ ☞ପୃଷ୍ଠା-୧୩

### ଓଡ଼ିଆକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରୟାସ

ମାତୃଭୂମି, ମାତୃଭାଷାର ମମତା ଯାହା ହୃଦେ ଜନମି ନାହିଁ, ତାଙ୍କୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏହି ଉକ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଭରିଦେଇଥିଲା ମାତୃଭୂମି ଓ ମାତୃଭାଷା ପ୍ରତି ଭଲପାଇବା। ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ସୃଷ୍ଟି କରିଥିଲା ଆବେଗ। ଫଳସ୍ୱରୂପ ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। ଆଧୁନିକତାର ସ୍ପର୍ଶରେ ମାତୃଭାଷା ପ୍ରତି ବଢୁଥିବା ଅନାଦର ଓଡ଼ିଆ ଭାଷା ପ୍ରେମୀଙ୍କୁ ବ୍ୟଥିତ କରିଥିଲା। ଭାଷାର ବ୍ୟବହାର ଧୀରେ ଧୀରେ ଶିଥିଳ ହୋଇଯାଇଥିଲା। ଓଡ଼ିଆ ଭାଷାର ପ୍ରସାର ଦିଗରେ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ରାଜ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ରାଜ୍ୟ ସରକାର ମାତୃଭାଷାର ପ୍ରସାର ଓ ପ୍ରଚାର ପାଇଁ ନିଜ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ଓଡ଼ିଆ ଭାଷାକୁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭକରି ସରକାରୀ ଓ ବେସରକାରୀ ସ୍ତରରେ ବାଧ୍ୟତାମୂଳକ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ସାଙ୍ଗକୁ ଛାତ୍ରୀଛାତ୍ରଙ୍କୁ ମାତୃଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଯାଇଛି। ସରକାର ବିଶ୍ୱ ସମ୍ମିଳନୀ ଆୟୋଜନ କରି କେବଳ ରାଜ୍ୟ ନୁହେଁ, ସମଗ୍ର ବିଶ୍ୱରେ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରୟାସ କରିଛନ୍ତି।

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

- ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସ୍, ୬୮ ହଜାର କୋଟିର କେନ୍ଦ୍ରୀୟ ପ୍ରକଳ୍ପ ଉଦ୍‌ଘାଟନ କରିବେ

**ସମ୍ବଲପୁର,୨।୨**
**(ପ୍ରମୋଦ ବହିଦାର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସମ୍ବଲପୁର ଗସ୍ତରେ ଆସି ବସନ୍ତପୁରଠାରେ ନୂତନ ଭାବେ ନିର୍ମିତ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନ କରିବେ। ଏହାସହ ୬୮ ହଜାର ୧୬୦ କୋଟି ବ୍ୟୟ ଅଟକଳରେ ପ୍ରାୟ ୭ ପ୍ରକଳ୍ପ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିମଧ୍ୟରେ ଏମ୍‌ସିଏଲ୍‌ର ୨୧୪୫ କୋଟି ଟଙ୍କା ବ୍ୟୟ ଅଟକଳରେ ୪ଟି ପ୍ରକଳ୍ପ, ରେଲୱେର ସମ୍ବଲପୁର ରେଳ ଷ୍ଟେଶନର ୩୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ନବୀକରଣ, ୧୫୩୯ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର-ତାଳଚେର ଦୋହରୀକରଣ ରେଳ ଲାଇନ୍‌ର ଲୋକାର୍ପଣ, ଏନ୍‌ଏଲ୍‌ସିର ୨୭ ହଜାର ଟଙ୍କା ବ୍ୟୟରେ ୨୪୦୦ ମେଗାୱାଟ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ। ଅପରାହ୍ଣ



ନରେନ୍ଦ୍ର ମୋଦି

୨ଟା ୪୫ରେ ପ୍ରଧାନମନ୍ତ୍ରୀ ମୋଦି ରେମେଡ ପଡ଼ିଆରେ ଆୟୋଜିତ ବିଶାଳ ଗ୍ୟାରେଣ୍ଟି ସମାବେଶକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବା ସମ୍ଭାବନା ଅଛି। ଏହା ପୂର୍ବରୁ ଅପରାହ୍ଣ ୧ଟା ୪୫ ମିନିଟରେ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ** | ପଦୋନ୍ନତିରେ ବିଳମ୍ବ




**ଆଜିର ମନ୍ତବ୍ୟ**
ଭାରତ ଦ୍ରୁତଗତିରେ ଧାଉଁଛି। ଆମ ତୃତୀୟ ପାଳି ସରକାରରେ ଦେଶ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବା ନିଶ୍ଚିତ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗଣଶିକ୍ଷା ବିଭାଗ ପକ୍ଷରୁ ଅଷ୍ଟଦିବସୀୟ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଟ୍ରମା ସେଣ୍ଟର, ଧର୍ମଶାଳା ଏବଂ ହାଏଲାଇନର ଏନର୍ଜି ଆସେଲେରଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଭୁବନେଶ୍ୱର ଏମ୍‌ସ ମେଡିକାଲ ମୁଖ୍ୟ ଅଡିଟୋରିୟମ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କେନେଲ କ୍ଲବର ଓବିଡିଏଣ୍ଟ ଟ୍ରାଏଲ, ସ୍ଥାନ: ଭେଟେରିନାରି କଲେଜ କ୍ୟାମ୍ପସ ହକି ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନୀ ଉପରେ ଯୁବ ସମ୍ମେଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଲେଖକ ସାମ୍ମୁଖ୍ୟର ଫେବୃଆରୀ ମାସ ସଭା 'ଓଡ଼ିଆ ସାହିତ୍ୟରେ ରାମକଥା', ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।
- ରିଚ୍ ଲାଇଭ୍‌ସ ଆସୋସିଏଶନ ପକ୍ଷରୁ 'ଉଇ ଫର୍ ଭୁବନେଶ୍ୱର' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବହୁଭାଷୀ ନାଟକର ସାଂସ୍କୃତିକ ବିଚିତ୍ରା, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ବଙ୍ଗୁଆରୀ ଗ୍ରାମସ୍ଥିତ ମା'ଜାଗୁଳାଇ ପୀଠ, ସମୟ: ସକାଳ ୯ଟା।
- ବନମାଳିପୁରସ୍ଥିତ ଗାଦିବ୍ରହ୍ମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାଳୟ ପରିସର, ଅପରାହ୍ନ ୨ଟା।
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ଜଟଣୀ ବ୍ଲକ ମୁଣ୍ଡଳ ଗ୍ରାମସ୍ଥିତ ସିଦ୍ଧ ମହାବୀର ଦେବଙ୍କ ୧୬ତମ ଜନ୍ମ ଏବଂ ଯଜ୍ଞ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ମା'ଜାଡ଼ମଲୀ ନାଟ୍ୟ ପରିଷଦ ପକ୍ଷରୁ ସାମାଜିକ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ପରିବେଷଣ, ସ୍ଥାନ: ଭିଙ୍ଗାରପୁର ଶାସନ ଗ୍ରାମସ୍ଥିତ ସତସଙ୍ଗ ପଡ଼ିଆ, ସମୟ: ରାତି ୧୧ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମାରୋହ ପଞ୍ଚାୟତସ୍ତରୀୟ, ଜଟଣୀ ବ୍ଲକ ସଭାଗୃହ, ପୂର୍ବାହ୍ନ ୧୧ ଟା।
- ଡମଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ୪୩ତମ ବାର୍ଷିକ ଉତ୍ସବ,ସ୍କୁଲ ପରିସର, ଅପରାହ୍ନ ୩ଟା।
- ୪୧ତମ ମା'ଭୈରବୀ ଫୁଟ୍‌ବଲ ଟୁର୍ନାମେଣ୍ଟ, କାଶୀପୁର ଖେଳପଡିଆ, ଅପରାହ୍ନ ୩ଟା।

## ପୁରୀ

- ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା, ସ୍ଥାନ: ଏରବଙ୍ଗ ହାଇସ୍କୁଲ, ସମୟ: ସକାଳ ୯ଟା।
- ଓଡିଆ ଭାଷା ସମ୍ମିନଳୀ ଉପଲକ୍ଷେ ଅସ୍ମିତା ରଥ ଉଦ୍‌ଘାଟନ, ସ୍ଥାନ: ପୌରସଦନ, ପୁରୀ, ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ସାମୁହିକ ବନ୍ଦେ ଉତ୍କଳ ଜନନୀ ଗାନ, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ଓ ଟାଉନ ହଲ, ପୂର୍ବାହ୍ନ ୧୦ଟା ୪୫।
- ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅବସରରେ କବିତା ସମ୍ମିଳନୀ, ଗୋପ ବ୍ଲକ ବୈଠକ ଗୃହ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବିକ୍ଷୋଭ, ପୁରୀ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ଅପରାହ୍ନ ୧ଟା।
- ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ବୈଠକ, ନିମାପଡ଼ା ବାରବାଟୀ ପଡିଆ, ଅପରାହ୍ନ ୪ଟା।
- ବିନାୟକ ବିଦ୍ୟାମନ୍ଦିରର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସ୍ଥାନ: କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୫ ଟା ୩୦।
- ରାଜଲକ୍ଷ୍ମୀ ସୁରବାଣୀ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ବସନ୍ତ ଉତ୍ସବ, ଜିଲା ସଂସ୍କୃତି ଭବନ, ପୁରୀ, ସନ୍ଧ୍ୟା ୬ଟା।
- ପିପିଲିସ୍ଥିତ ସାଇ ଇଣ୍ଟିଗ୍ରାଲ ସ୍କୁଲର ପଞ୍ଚଦଶତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।

## କଟକ

- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସାଲେପୁର ହାଇସ୍କୁଲ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା, ନିଶ୍ଚିନ୍ତକୋଇଲି ବ୍ଲକ ଶୁକରପଡା ପଞ୍ଚାୟତ, ସକାଳ ୯ଟା, କଟିକଟା ପଞ୍ଚାୟତ, ପୂର୍ବାହ୍ନ ୧୧ଟା ଏବଂ ମାଣପୁର ପଞ୍ଚାୟତ, ପୂର୍ବାହ୍ନ ୧୧ଟା।
- ବିଶ୍ୱ ଓଡ଼ିଆ ସମ୍ମିଳନୀ ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଖୁଣ୍ଟୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।
- ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ୭୧ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ ଦ୍ୱିତୀୟ ଦିବସ, ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍ କଟକ, ସନ୍ଧ୍ୟା ୬ଟା।

## ଅନୁଗୋଳ

- ନୂତନ ଅଧ୍ୟାପକମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ୩୦।
- ଅନୁଗୋଳ ଓଷ୍ଟା ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ:ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଅନୁଗୋଳ, ସମୟ: ମଧ୍ୟାହ୍ନ ୧୨ଟା।
- ବନ୍ଦେ ଉତ୍କଳ ଜନନୀ ଗାନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୌରପାଳିକା କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ, ସ୍ଥାନ:ଛେଣ୍ଡିପଦା ବ୍ଲକ ସଭାଗୃହ ସମୟ: ପୂର୍ବାହ୍ନ ୧୧ଟା।
- ଛେଣ୍ଡିପଦା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ:ଛେଣ୍ଡିପଦା, ସମୟ:ଅପରାହ୍ନ ୫.୩୦।
- ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ, ସ୍ଥାନ:ଶିମିଳିପାଳ ଉଚ୍ଚ ବିଦ୍ୟାଳୟ ସପୋଇନାଳି ଛେଣ୍ଡିପଦା, ସମୟ:ପୂର୍ବାହ୍ନ ୧୦.୩୦।

## ଢେଙ୍କାନାଳ

- ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ:ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୯ଟା।
- ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ଯାଜପୁର

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମଉତ୍ସବ, ସ୍ଥାନ-ଧର୍ମଶାଳା ସତ୍‌ସଙ୍ଗ କେନ୍ଦ୍ର ଜାରକା, ସମୟ: ସକାଳ ୬ଟା।
- ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଫିଲ୍ଡ ଲେଭଲ ଫାଇନାନ୍‌ସିଆଲ ଲିଟେରାରୀ ଇଭେଣ୍ଟ,ସ୍ଥାନ-ଯାଜପୁର, ସଂସ୍କୃତି ଭବନ ପରିସର,ସମୟ : ସକାଳ ୮ଟା ୪୫।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪, ସ୍ଥାନ : ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର,ପୂର୍ବାହ୍ନ ସାଢେ ୯ଟା।
- ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ-ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହରୀ ନାମ ସଂକୀର୍ତନର ଉଦ୍‌ଯାପନୀ ଉତ୍ସବ, ସ୍ଥାନ-ବ୍ୟାସନଗର ହାଉସିଂ ବୋର୍ଡ ଉମାରାଣୀ ମଣ୍ଡପ, ସମୟ-ଅପରାହ୍ନ ୩ଟା।
- ରିଚ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ-ଗଣେଶ ବଜାର, ରିଚ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସର, ସମୟ : ଅପରାହ୍ନ ୩ଟା୩୦।

## ନୟାଗଡ଼

- ପଞ୍ଚ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସ, ସ୍ଥାନ-ନୂଆଗାଁ ମହୋତ୍ସବ ପଡିଆ, ଅପରାହ୍ନ ୧ଟାରେ ଆରମ୍ଭ , ସନ୍ଧ୍ୟା-୬ରେ ସଭା।

## କେନ୍ଦ୍ରାପଡ଼ା

- ବ୍ୟାଙ୍କ ସମୂହ ପକ୍ଷରୁ ୱାକାଥନ, ସ୍ଥାନ: ମହିପାଳ ଶନି ମନ୍ଦିରଠାରୁ ତିନିମୁହାଣୀ, ସମୟ: ପୂର୍ବାହ୍ନ ୮ଟା।
- ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ, ସ୍ଥାନ:ସମସ୍ତ ବ୍ଲକ ଓ ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆ-ଓ କାର୍ଯ୍ୟକ୍ରମ, ସ୍ଥାନ: ଆଖୁଆ ଓଡଙ୍ଗ ଚିତ୍ରୋତ୍ପଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆସିକା ଗୁଣ୍ଡପଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା
- ସମ୍ବର୍ଦ୍ଧନା ସଭା ସ୍ଥାନ: ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା
- ଆମ ଓଡିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ଭାମଶିଆଳି ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୦ଟା
- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଛତ୍ରପୁର ଖେଳପଡିଆ, ସମୟ ପୂର୍ବାହ୍ନ ୧୧ଟା
- ଏସ୍‌ଏଚ୍‌ଜିକୁ ଋଣ ପ୍ରଦାନ, ସ୍ଥାନ:ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର, ସମୟ:ମଧ୍ୟାହ୍ନ ୧୨ଟା

## ଜଗତ୍‌ସିଂହପୁର

- ରଘୁନାଥପୁର ବ୍ଲକସ୍ତରୀୟ ଲୋକକଳା ଓ ସଂସ୍କୃତି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ପୂର୍ବାହ୍ନ ୧୧ଟା, ତୁଳଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ: ଉମରକୋଟ ମହିଳା ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା, ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା, ନବରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସିଧା ପ୍ରସାରଣ, କବି ସମ୍ବର୍ଦ୍ଧନା ସଭା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା.୩୦।
- ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ, ସ୍ଥାନ: ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- .ଅସ୍ମିତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ ଅଫିସ, ସମୟ: ସକାଳ-୧୦ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଗୁଡାରି ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ-୧୦ଟା ।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ବନ୍ଦେ ଉତ୍କଳ ଜନନୀ ଗୀତ ଗାନ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯାଳୟ, ସମୟ: ସକାଳ-୧୧ଟା ।
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଡମ୍ବସରା, ସମୟ: ସନ୍ଧ୍ୟା-୫ଟା ।

## ବାଲେଶ୍ୱର

- ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ ଓ ରାଧାକୃଷ୍ଣ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାରାପାଳ, ରୂପସା, ପୂର୍ବାହ୍ନ ୧୦ଟା।
- ଯୋଗେନ୍ଦ୍ର ସୁଚିତ୍ରା ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଓ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା, ସ୍ଥାନ: ଚୌକି ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଖଇରା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଜିଲାସ୍ତରୀୟ ସମାବେଶ, ସ୍ଥାନ: ଶାନ୍ତିକାନନର ମୁକ୍ତ ମଞ୍ଚ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖଇରା ବ୍ଲକ ପଳସା ପଞ୍ଚାୟତ ନଛିପୁର ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବାଲିଆପାଳ ପଞ୍ଚୁପାଲି ସଂସ୍କୃତ ମହିଳା ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ ସହ ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ଏକ୍ସପୋ ଓଡ଼ିଶା ୨୦୨୪ର ପଞ୍ଚମ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ: ଯୋଡ଼ା ମହିଳା ମହାବିଦ୍ୟାଳୟ ପରିସର, ସକାଳ ୧୦ ଟା, ଡେଙ୍ଗିକୋଟ୍ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ, ପୂର୍ବାହ୍ନ ୧୧ ଟା, ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ(ସ୍ୱାମ ପାଟଣା), ପୂର୍ବାହ୍ନ ୧୧ ଟା।
- ବିଶ୍ୱ ଓଡ଼ିଆ ଅସ୍ମିତା ରଥ ପରିକ୍ରମା, ସ୍ଥାନ: ଯୋଡ଼ା ପୌରପାଳିକା, ସମୟ: ସକାଳ ୧୦.୩୦ ।
- ବ୍ଲକ୍‌ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ପାଟଣା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୧୦.୩୦।
- କେନ୍ଦୁଝର ଜିଲା ଦୌରା ଜଜ୍, ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ବଡ଼ବିଲ ଉପକାରାଗାର ପରିଦର୍ଶନ, ସ୍ଥାନ: ଉପକାରାଗାର(ବଡ଼ବିଲ) ସମୟ: ମଧ୍ୟାହ୍ନ ୧୨ ଟା।

## ଭଦ୍ରକ

- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଭଦ୍ରକ, ପୂର୍ବାହ୍ନ ୧୦।
- ଉମାଚରଣ ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ମହରମପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦।
- ସାହିତ୍ୟ ସମ୍ମିଳନୀ, ଧାମନଗର ବ୍ଲକ ଅଫିସ୍ ପରିସର, ପୂର୍ବାହ୍ନ ୧୦।
- ଓଷ୍ଟା ପକ୍ଷରୁ ଧାରଣା, ସ୍ଥାନ: ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧।
- ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ, ସ୍ଥାନ: ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧।
- ଅଷ୍ଟାଦଶ ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ଶିଶୁବିହାର ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ

- ଉଦଳା ବାଥୁଡ଼ି ସାଂସ୍କୃତିକ ସମାଜର ୨ ଦିନିଆ ବାର୍ଷିକ ସମ୍ମିଳନୀ, ସ୍ଥାନ-ପାଟପୁର ପଡ଼ିଆ, ସମୟ- ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ- ଖେଳ ପଡ଼ିଆ, ଆଣ୍ଡୁଆ, ଗୋପବନ୍ଧୁ ନଗର, ସମୟ -ପୂର୍ବାହ୍ନ ୧୦ ଟା।
- ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ-ରାଇରଙ୍ଗପୁର ମହାବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ ଘଟିକା।
- ଶାନ୍ତି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ 'ପ୍ରତିବିମ୍ବ'-୨୦୨୪, ସ୍ଥାନ-ବାରିପଦା ଶହୀଦ ସ୍ମୃତି ଭବନ, ସମୟ-ଅପରାହ୍ନ ୩ ଟା।

## ସୁବର୍ଣ୍ଣପୁର

- ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ, ସ୍ଥାନ: ତରଭା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ବୀରମହାରାଜପୁର ମେଳଣ ପଡିଆ, ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ରେଳଷ୍ଟେଶନ ଉଦ୍‌ଘାଟନ ଓ ଟ୍ରେନ୍ ସେବା ଶୁଭାରମ୍ଭ, ସୁବର୍ଣ୍ଣପୁର ଷ୍ଟେଶନ, ଅପରାହ୍ନ ୧ଟା ।

## ବୌଦ୍ଧ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚାରିଛକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ମଧୁସୂଦନ ଦିବସ ପାଳନ, ରାଉରକେଲା କଲେଜ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା, ପାନପୋଷ, ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳାର ଦ୍ୱିତୀୟ ଦିବସରେ ସଙ୍ଗୀତ ପ୍ରତିଯୋଗିତା, ଭଞ୍ଜଭବନ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦିବସ ପାଳନ, ଷ୍ଟେଶନ ରୋଡ, ପୂର୍ବାହ୍ନ ସାଢେ ୧୧ଟା ।
- କୃଷକ ସଭା, ସିଭିଲଟାଉନଶିପ୍, ପୁରୁଣା ହାଟ, ପୂର୍ବାହ୍ନ ୧୧ଟା।
- ରେଲୱେ କ୍ୱାର୍ଟର୍ସ ସମସ୍ୟା ନେଇ ଫେରାଦ, ରେଲୱେ ଡିଭିଜନ ଅଫିସ, ମଧ୍ୟାହ୍ନ ସାଢେ ୧୨ଟା।
- ୪ ମେଗା ପ୍ରକଳ୍ପ ଉଦ୍‌ଘାଟନ, ରୂପଟୋଲା ଫୁଟବଲ ପଡିଆ, ବାଲୁଘାଟ, ଅପରାହ୍ନ ୩ଟା।
- ଓଡିଆ ଅସ୍ମିତା ଓ ମଧୁବାବୁ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଭଞ୍ଜଭବନ, ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଓଡ଼ିଆ ଭାଷା ସମ୍ମିଳନୀ ଜିଲାସ୍ତରୀୟ ସମାରୋହ, ଭବାନୀପାଟଣା ଜିଲାପାଳଙ୍କ ଅଫିସ ସଦ୍‌ଭାବନା ଗୃହ, ପୂର୍ବାହ୍ନ ୧୦ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ସାଢ଼େ ୧୦ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, କୋକସରା ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ସାଢ଼େ ୧୦ଟା।
- ଆମ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, କୋକସରା ବ୍ଲକ ସାନପୋଡ଼ାଗୁଡ଼ା ପଞ୍ଚାୟତ ଅଫିସ, ପୂର୍ବାହ୍ନ ୧୧ଟା ।
- କଳାହାଣ୍ଡି ପ୍ରାଣୀ ଚିକିତ୍ସା ସଂଘର ଖବରଦାତା ସମ୍ମିଳନୀ, ଭବାନୀପାଟଣା ସିଡିଭିଓ ଅଫିସ କ୍ୟାମ୍ପସ ତାଲିମ ଗୃହ, ପୂର୍ବାହ୍ନ ୧୧ଟା ୩୦ ।

## ସୁନ୍ଦରଗଡ଼

- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ବଡ଼ଗାଁ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମାବେଶ, ସ୍ଥାନ: ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଆଁରମୁଣ୍ଡା, ପୂର୍ବାହ୍ନ ୧୧ଟା।

## ବରଗଡ଼

- ଅଫିସ ଗୃହ ଉଦଘାଟନ, ଓକିଲ ସଂଘ ଅତାବିରା, ସକାଳ ୧୦ଟା।
- ଚତୁର୍ଥ ଚକୁଳିଫାର୍ମ କ୍ରିକେଟ ଲିଗ, ସ୍ଥାନ: ଡୁମ୍ବେରମୁଣ୍ଡା ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର

- ବ୍ଲକ ପ୍ରଶାସନ ପକ୍ଷରୁ ପୁସ୍ତକ ମେଳା, ସ୍ଥାନ: ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- କେନ୍ଦୁପତ୍ର ତୋଳାଳି ସଂଘ ସମାବେଶ, ବେଲପଡା ଦୀନରଘୁ ମେହେର ହାଇସ୍କୁଲ ଖେଳ ପଡିଆ, ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମାବେଶ, ବେଲପଡା ବ୍ଲକ ଅଫିସ ପରିସର, ପୂର୍ବାହ୍ନ ୧୧ଟା।
- ପ୍ରଥମ ଓଡ଼ିଆ ଭାଷା ଦିବସ କାର୍ଯ୍ୟକ୍ରମ, ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କିଶୋରୀ ମେଳା, ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତର ମସିଣା, ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ସ୍କୁଲ କ୍ରିକେଟ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା।
- ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍‌ର ଉଦ୍‌ଘାଟନୀ ଉତ୍ସବ, ବସନ୍ତପୁର, ଅପରାହ୍ନ ୧ଟା ୪୫।
- ପ୍ରଧାନମନ୍ତ୍ରୀଙ୍କ ସାଧାରଣ ସଭା, ରେମେଡ୍ ପଡିଆ, ଅପରାହ୍ନ ୨ଟା ୪୫ ମିନିଟ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୃଢ଼େ ତରନ୍ତି, ମୁଢ଼େ ତରନ୍ତି,**
**ମଝି ମଝିକିଆ ବୁଡ଼ି ମରନ୍ତି।**

ଦୃଢ଼ମନା ଏବଂ ମୂର୍ଖ ଯେକୌଣସି ପ୍ରକାର ପରିସ୍ଥିତିରେ ସାମ୍ନା କରିପାରିଥାନ୍ତି। ମଝି ମଝିକିଆ ଯେହେତୁ ମୂର୍ଖ ବା ଦୃଢ଼ ନୁହନ୍ତି, ସେମାନେ ନିଜକୁ କୌଣସି ପରିସ୍ଥିତିରେ ଖାପ ଖୁଆଇ ପାରି ନ ଥାନ୍ତି। ଫଳସ୍ୱରୂପ ସେମାନେ ବେଶି ଦୂର ଅଗ୍ରଗତି କରିବାରେ ସକ୍ଷମ ହୋଇନଥାନ୍ତି।ମଧ୍ୟବିତ୍ତର ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଢ଼ଶୁରଙ୍କୁ ଆଡ଼ ଆଡ଼,**
**ମଳାଶୁରଙ୍କୁ ରାଇଜ ଛାଡ଼।**

ଭାଇ ବୋହୂ ଦେଢ଼ଶୁରଙ୍କ ଠାରୁ ଦୂରତା ବଜାୟ ରଖିବା ସହ ଆଡ଼ ଉହାଡ଼ରେ ଥାଇ କଥା ହୋଇଥାଏ। ସେହିପରି ମଳାଶୁରଙ୍କ ପ୍ରତି ଅଧିକ ସଙ୍କୋଚ ଭାବ ରହିଥିବାବେଳେ ବହୁ ଦୂରରେ ଥାଇ ମାନ୍ୟ କରିବା ଓ କଥା ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ହସ, ଖୁସି ଓ ଆନନ୍ଦ ଉପଭୋଗର ମଉକା ଜୁଟିବ। ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହେବ। ବନ୍ଧୁଙ୍କ ପରାମର୍ଶରେ ଅଟକିଥିବା କାମକୁ ପୂରାଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ଆତ୍ମୀୟଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ।

**ବୃଷ**
ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ପରିବାରର ବ୍ୟୟବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ।

**ମିଥୁନ**
ଆଜି ଯେତିକି ଅର୍ଥ ପାଇବେ ତା'ଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ ଭାସିଯାଇ କାମକଲେ ପରେ ଅନୁତାପ କରିପାରନ୍ତି। ସାମାଜିକ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ବ୍ୟବସାୟ, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ**
କୌଣସି ବନ୍ଧୁ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ହଇରାଣ କରିବାକୁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପଦୁଟିଏ ପ୍ରଶଂସା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗର ସମ୍ମୁଖୀନ ହୋଇପାରନ୍ତି। ଘରୋଇ କଥାରେ ମତପାର୍ଥକ୍ୟ ଲାଗି କାର୍ଯ୍ୟଟି ଅଧାପନ୍ତରିଆ ରହିଯାଇପାରେ।

**ସିଂହ**
ଆଜି ଯେଉଁ କାମରେ ହାତଦେବେ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପଡ଼ିବ।

**କନ୍ୟା**
ଆଜି ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ଲାଗି ସଜବାଜ ହୋଇପାରନ୍ତି। ବିବାଦୀୟ ଘଟଣାରେ ନୀରବ ନ ରହିଲେ କିଛି ଭଲ ହେବନାହିଁ। ରୋଗିଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ, ବିଶେଷତଃ ଖାଦ୍ୟପେୟରେ ସତର୍କ ରହନ୍ତୁ। ବ୍ୟବସାୟରେ ଠକାମିରେ ପଡ଼ିପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ତୁଳା**
ଆସନ୍ତାକାଲିର କାର୍ଯ୍ୟ ସକାଶେ ଆଜି ବନ୍ଧୁଙ୍କ ସହ ବିଶେଷ ଆଲୋଚନା କରିବା ଭଲ ହେବ। ଅସୁମାରି ଆଶା ଓ ଆଗ୍ରହ ନେଇ ଯେଉଁ ବନ୍ଧୁଙ୍କ କାମରେ ବାହାରିଥିଲେ ଫେରିଲାବେଳକୁ ସେହି ଆନନ୍ଦ ରହିବନାହିଁ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଅନୁପସ୍ଥିତିରୁ ମନ ଭଲ ଲାଗି ନ ପାରେ।

**ବିଛା**
ଅନ୍ୟମାନଙ୍କ ଯେତେ ମନଧରି କାମ କଲେ ମଧ୍ୟ ସମ୍ପର୍କୀୟମାନେ ଦୂରେଇ ରହୁଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବିଚଳିତ ହୋଇପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟ, ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ଆଶା କରାଯାଇପାରେ।

**ଧନୁ**
ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବାକୁ ଚେଷ୍ଟାକଲେ ମଧ୍ୟ କିଛି ଲାଭ ହେବନାହିଁ। ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସମାଧାନ ଆଶା ମଉଳି ଯାଇପାରେ। ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନେବା ଭଲ। ପରିବାରର ଆବଶ୍ୟକତା ଅନୁଯାୟୀ ମୂଲ୍ୟବାନ୍ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

**ମକର**
ଆଶାନୁଯାୟୀ କାର୍ଯ୍ୟ ସାଧନ ନ ହେବା କାରଣରୁ ନିରୁତ୍ସାହିତ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ତକ୍‌ଲିଫି ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ବିବାଦୀୟ ଘଟଣା, କର୍ମକ୍ଷେତ୍ର, ଆନୁଷ୍ଠାନିକ କାମରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି।

**ମୀନ**
ସମୟ ଅନୁକୂଳ ରହିଲେ ମଧ୍ୟ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ପ୍ରକାର ଭାବିଚିନ୍ତି କାମକଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ତଥାପି ରହିବ। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଫେବୃଆରୀ ୩ ତାରିଖ, ମାଘ କୃଷ୍ଣ ଅଷ୍ଟମୀ ଶନିବାର, ରାଶି ନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ମି. ଗତେ ଘ.୦୧।୦୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା ।। ଦିବା ଘ.୦୯।୧୨ମି. ଗତେ ଘ.୧୦।୩୬ମି. ମଧ୍ୟେ ରାହୁକାଳ ।।




# ସାଧାରଣ ଲୋକ ଯାହା ଚାହିଁବେ, ମୁଖ୍ୟମନ୍ତ୍ରୀ ତାହା କରିବେ: ପାଣ୍ଡିଆନ



ବୋଡେନଠାରେ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲୋକଙ୍କ ସହ ସେଲ୍‌ଫି ନେଉଛନ୍ତି।

**ଭୁବନେଶ୍ୱର,୨।୨(ଅନିଲ ଦାସ)/ ନୂଆପଡ଼ା/ବୋଡ଼େନ,୨।୨ (ମକାରୁ ବେମାଲ/ଟିକେଶ୍ୱର ନାଗ୍)**

ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନ କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ। ଯେଉଁଥିରେ ଗରିବ ଲୋକ ବି ବଡ଼ ବଡ଼ ସ୍ୱପ୍ନ ଦେଖିପାରିବେ ଓ ତାକୁ ସାକାର କରିପାରିବେ। ଏଥିରେ ଖରିଆରବାସୀ ସାମିଲ ହେବାକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଖରିଆରବାସୀଙ୍କ ପାଇଁ ଦିନରାତି କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଖରିଆରବାସୀ ଭଲରେ ଆଶୀର୍ବାଦ କରିବେ ବୋଲି ୫-ଟି ଅଧ୍ୟକ୍ଷ ଆଶାପ୍ରକାଶ କରିଛନ୍ତି। ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ କଳାକାର ଭତ୍ତା ବଢ଼ିବ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିବେ ବୋଲି ପାଣ୍ଡିଆନ କହିଛନ୍ତି। ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି।

ଶୁକ୍ରବାର ନୂଆପଡ଼ା ଜିଲା ବୋଡେନଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପାଣ୍ଡିଆନ କହିଛନ୍ତି ଯେ ଏହା ନବୀନ ପଟ୍ଟନାୟକ କି ବିଜେଡି ସରକାର ନୁହେଁ,ଏହା ଲୋକଙ୍କ ସରକାର। ସାଧାରଣ ଲୋକେ ଯାହା ଚାହିଁବେ ମୁଖ୍ୟମନ୍ତ୍ରୀ ତାହା କରିବେ। ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ସାକାର କରିବାକୁ ଖରିଆରବାସୀ ଏକାଠି ହୁଅନ୍ତୁ। ସମୟ ଆସିଛି ବିଜୁ ପରିବାର ଏକାଠି ହୁଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ। ଆପଣଙ୍କ ସବୁ ସ୍ୱପ୍ନ ସାକାର ହେବ ବୋଲି ଖରିଆରବାସୀଙ୍କୁ ପାଣ୍ଡିଆନ କହିଛନ୍ତି। ଗତ ମେ' ମାସରେ ଖରିଆର ଗସ୍ତରେ ୫-ଟି ଅଧ୍ୟକ୍ଷ ଯାଇଥିଲେ। ସେ ସମୟରେ ତାଙ୍କୁ ୮୪୦ ଦରଖାସ୍ତ ମିଳିଥିଲା। ସେଥିରୁ ୭୮୦ ଦରଖାସ୍ତର ସମାଧାନ ହୋଇସାରିଛି। ଶୁକ୍ରବାର ମଧ୍ୟ ସେ ଖରିଆରବାସୀଙ୍କଠାରୁ ଅନେକ ଆବେଦନପତ୍ର ପାଇଛନ୍ତି। ଆଉ ମାତ୍ର ୨୦ ଦିନ ପରେ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ସେ ଭିତରେ ଯେତିକି ସମ୍ଭବ ଆବେଦନର ସମାଧାନ ହେବ। ଯେଉଁଗୁଡ଼ିକ ରହିଯିବ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନିଜେ ଆସିବେ ଆଉ ୧୦ ଦିନରେ ସବୁ ଆବେଦନର ସମାଧାନ ହେବ ବୋଲି ୫-ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

## ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, କଳାକାର ଭତ୍ତା ବଢ଼ିବ

ଗତ ୭ ମାସରେ ନୂଆପଡ଼ାବାସୀଙ୍କ ଦାବି ଅନୁଯାୟୀ ପ୍ରାୟ ୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ନୂଆପଡ଼ାବାସୀଙ୍କ ଦାବି ଅନୁଯାୟୀ, ଜିଲାର ସବୁ କଲେଜକୁ ୫-ଟି ରୂପାନ୍ତରଣରେ ସାମିଲ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୧୩ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଫେବୃଆରୀ ଶେଷ ସୁଦ୍ଧା ଜିଲାର ସବୁ ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଇ-ଲାଇବ୍ରେରି ସୁବିଧା ପାଇବେ ବୋଲି ସେ କହିଛନ୍ତି। ପୋଖରୀପଡ଼ାରେ ଆଦିବାସୀ ଛାତ୍ରାବାସ ପାଇଁ ୩ କୋଟି ଟଙ୍କା, ସୁନାବେଡ଼ାକୁ ରାସ୍ତା ପାଇଁ ମୁଖ୍ୟମନ୍ତ୍ରୀ ୩୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୁନାବେଡ଼ା ରାସ୍ତା କାମ ଚାଲିଛି। ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଶାଳପଡ଼ାରେ ଏକ ଶିକ୍ଷା କମ୍ପ୍ଲେକ୍ସ ପାଇଁ ୧ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମଣ୍ଡେଇ ମନ୍ଦିର ରୂପାନ୍ତରଣ ପାଇଁ ୨ କୋଟି ୬୦ ଲକ୍ଷ ଟଙ୍କା, ଯୋଗେଶ୍ୱର ମନ୍ଦିର ଉନ୍ନତୀକରଣ ପାଇଁ ୩ କୋଟି ୯୫ଲକ୍ଷ ଟଙ୍କା ଓ ପାତାଳଗଙ୍ଗାର ରୂପାନ୍ତରଣ ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ସେହିପରି ପିଇବା ପାଣି ପ୍ରକଳ୍ପ ପାଇଁ ୯ କୋଟି ୪୦ ଲକ୍ଷ ଟଙ୍କା, ବୋଡ଼େନ-ସିନାପାଲୀ ରାସ୍ତା ପାଇଁ ୩୮୩ କୋଟି ଟଙ୍କା ଓ ସହଜ ନଳା ଉପରେ ସେତୁ ପାଇଁ ୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଏସବୁ ସ୍ୱପ୍ନ ଭଳି ଲାଗୁଥାଇପାରେ। କିନ୍ତୁ ମୁଖ୍ୟମନ୍ତ୍ରୀ କଥା କମ୍, କାମରେ ବିଶ୍ୱାସ କରନ୍ତି। ତେଣୁ ଏସବୁ ସମ୍ଭବ ହୋଇଛି ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଲୋକେ କେତେ କେତେ ନେତା ଦେଖିଛନ୍ତି। ହେଲେ କେହି ଲୋକଙ୍କୁ ଏତେ ହିସାବ ଦିଅନ୍ତିନି। ମୁଖ୍ୟମନ୍ତ୍ରୀ କିନ୍ତୁ ସ୍ୱଚ୍ଛତାର ସହ ସବୁ କାମର ହିସାବ ଦିଅନ୍ତି। ମିଳିଥିବା ଆବେଦନ ମଧ୍ୟରୁ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ସମ୍ପର୍କିତ ଆବେଦନ ଉପରେ ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ପଡ଼ୋଶୀ କଳାହାଣ୍ଡି ଜିଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ନୂଆପଡ଼ାରେ ଗଡ଼ିବ ଲକ୍ଷ୍ମୀ ବୋଲି ପାଣ୍ଡିଆନ କହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ସବୁ ଯୋଜନାରେ ମହିଳାଙ୍କୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଯେଉଁଥିପାଇଁ ଲକ୍ଷ୍ମୀ ବସ୍‌ରେ ଯାତ୍ରା ପାଇଁ ମହିଳାଙ୍କୁ ମାତ୍ର ୫ଟଙ୍କା ଦେବାକୁ ପଡୁଛି। ସେହିଭଳି ବିଏସ୍‌କେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳୁଛି। ଯେଉଁମାନେ ବିଏସ୍‌କେୱାଇରେ ସାମିଲ ହୋଇନାହାନ୍ତି, ସେମାନେ ନବୀନ କାର୍ଡ ପାଇଁ ଆବେଦନ କରିବାକୁ ୫-ଟି ଅଧ୍ୟକ୍ଷ ନିବେଦନ କରିଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗାଡ଼ି ପୋଡ଼ିଲେ ମାଓବାଦୀ



**ମାଲକାନଗିରି, ୨।୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ମାଓବାଦୀମାନେ ପୋଡ଼ାଜଳା କରିଛନ୍ତି। ଚାଲିଥିବା ଏକ ପୋଲ କାମକୁ ବିରୋଧକରି ସେମାନେ ଏଥିରେ ନିୟୋଜିତ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ଛତିଶଗଡ଼ ନାରାୟଣପୁର ଜିଲା ଅବୁଜମାଡ ଅଞ୍ଚଳର ଜିବଲାପଦର ଗ୍ରାମରେ ଏହି ପୋଲ ନିର୍ମାଣ ହେଉଥିଲା। ଏଥିରେ ଜେସିବି, ଟ୍ରାକ୍ଟର ଓ ପାଣି ଟ୍ୟାଙ୍କର ଆଦି ନିୟୋଜିତ ହୋଇଥିଲା। ଶୁକ୍ରବାର ୫୦ରୁ ଊର୍ଦ୍ଧ୍ୱ ମାଓବାଦୀ ସେଠାରେ ପହଞ୍ଚି ସମ୍ପୃକ୍ତ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ପୋଡ଼ିଦେଇଥିଲେ। ଏଥିସହ ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଶ୍ରମିକଙ୍କ ବାଇକ୍ ମଧ୍ୟ ମାଓବାଦୀମାନେ ନେଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ପଦ୍ମଶ୍ରୀ ସାଧୁ ମେହେରଙ୍କ ପରଲୋକ

**ଭୁବନେଶ୍ୱର/କନ୍ଧମାଳ,୨।୨ (ଶର୍ମିଷ୍ଠା ପାଣିଗ୍ରାହୀ/ଆଦିତେଶ୍ୱର ମିଶ୍ର)**

ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ, ଲେଖକ ଓ ପ୍ରଯୋଜକ ସାଧୁ ମେହେରଙ୍କ ପରଲୋକ ଘଟିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ମୁମ୍ବାଇଠାରେ ୮୪ ବର୍ଷ ବୟସରେ ମେହେରଙ୍କ ପରଲୋକ ନେଇ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତାଙ୍କ ବିୟୋଗରେ ଭାରତୀୟ ସିନେମା ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୪୦ ଜାନୁଆରୀ ୧ ତାରିଖରେ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଗୁଡଭେଲିପଦର ଗ୍ରାମର ଏକ ବୁଣାକାର ପରିବାରରେ ସାଧୁ ମେହେର ଜନ୍ମ ହୋଇଥିଲେ। ସୋନପୁର ସହରରେ ସେ ନିଜର ବିଦ୍ୟାଳୟ ଶିକ୍ଷା ଆରମ୍ଭ କରିଥିଲେ। ପିଲାଦିନରୁ ସେ ଅଭିନୟ ପ୍ରତି ଆକର୍ଷିତ ଥିଲେ। ଅଭିନୟରେ ସେ ଏପରି ମଗ୍ନ ଥିଲେ ଯେ, ମଞ୍ଚରେ ଅଭିନୟ କରୁଥିବା ସମୟରେ ତାଙ୍କୁ ପିତାଙ୍କ ମୃତ୍ୟୁ ଖବର ମିଳିଥିଲା। କିନ୍ତୁ ସେ ମଞ୍ଚ ଛାଡ଼ି ନ ଯାଇ ଅଭିନୟ ସମାପ୍ତ କରିଥିଲେ। ସ୍ନାତକ ଶିକ୍ଷା ପରେ ସେ ଅଭିନୟରେ ଡିପ୍ଲୋମା କରିବା ପାଇଁ କୋଲକାତାର ରବୀନ୍ଦ୍ର ଭାରତୀ ଯାଇଥିଲେ। ସେଠାରେ ମଞ୍ଚ ଓ ସିନେମା ପ୍ରଭାବରେ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ଏହାପରେ ମହାରାଷ୍ଟ୍ରର ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ



ସାଧୁ ମେହେର

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରେ ସେ ଅଭିନୟରେ ଡିପ୍ଲୋମା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ଥିଏଟରରେ ଯୋଗଦେଲେ ଓ ସତ୍ୟଦେବ ଦୁବେଙ୍କ ନିର୍ଦ୍ଦେଶନାରେ ଅନେକ ନାଟକରେ ଅଭିନୟ କରିଥିଲେ। ୧୯୬୯ ମସିହାରେ ସେ 'ଭୁବନ ସୋମ' କଥାଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏଥିରେ ସେ ଏକ ମୂକ ପକ୍ଷୀଧରାଳି ଚରିତ୍ରରେ ଅଭିନୟ କରିଥିଲେ। ଏହାପରେ ୧୯୭୪ରେ ଚଳଚ୍ଚିତ୍ର 'ଅଙ୍କୁର' ତାଙ୍କୁ ଜାତୀୟସ୍ତରରେ ଜଣେ ଭଲ ଅଭିନେତାର ସ୍ୱୀକୃତି ଦେଇଥିଲା। ମେହେର ୩୦ରୁ ଅଧିକ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ମୃଗୟା, ଇଚ୍ଛା ପୂରଣ, ୨୭ ଡାଉନ, ମନ୍ଥନ, ଦେବଶିଶୁ, ନିଶାନ୍ତ, ବ୍ୟୋମକେଶ ବକ୍ସି, ସଫେଦ ହାତୀ, ମୃଗୟା, ଚରାଚର, ଉତ୍ତରଣ ଆଦି ଚଳଚ୍ଚିତ୍ର ସେଥିମଧ୍ୟରୁ ଅନ୍ୟତମ।

୧୯୭୭ରେ ସେ ନିଜ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ଅଭିମାନ'ର ନିର୍ଦ୍ଦେଶନା ଦେଇଥିଲେ। ଏହା ଅଭିନେତା ଉତ୍ତମ ମହାନ୍ତିଙ୍କର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର। ପରେ ସେ ଅଭିଳାଷ, ଅପରିଚିତା, ଗୋପରେ ବଢୁଛି କଳା କହ୍ନେଇ ଆଦି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ଶୀତରାତି, ଭୁଖା ଆଦି ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ସେ ନିଖୁଣ ଅଭିନୟ କରିଥିଲେ। ଆଞ୍ଚଳିକ କଳାତ୍ମକ ସିନେମା 'ଭୁଖା' ତାଙ୍କୁ ବିଶେଷ ଖ୍ୟାତି ଆଣିଦେଇଥିଲା। ତାଙ୍କ ଅଭିନୀତ 'ହମ୍ ଆପ୍ କେ ଦିଲ ମେ ରହେତେ ହେଁ' ଚଳଚ୍ଚିତ୍ର ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ସେ ସର୍ବଶ୍ରେଷ୍ଠ ଅଭିନୟ ନିମନ୍ତେ ୧୯୭୪ରେ ଜାତୀୟ ପୁରସ୍କାର ଓ ଜୟଦେବ ସମ୍ମାନ ହାସଲ କରିଥିଲେ। ୨୦୧୭ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ। ଗାଁରେ ତାଙ୍କ ବାପା ରାଧାମୋହନଙ୍କ ନାମରେ ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବାରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ତାଙ୍କ ଆବର୍ତ୍ତମାନରେ ବିଶିଷ୍ଟ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଛନ୍ତି, ସାଧୁ ମେହେରଙ୍କ ବିୟୋଗ ସମାନ୍ତରାଳ ଓ ବ୍ୟବସାୟିକ ସିନେମା ପାଇଁ ଅପୂରଣୀୟ କ୍ଷତି। ତାଙ୍କ ଭଳି ଅଭିନେତା ବିରଳ। ତାଙ୍କ ସହ ମୋର ପାରିବାରିକ ସମ୍ପର୍କ ରହିଛି। ତାଙ୍କ ବିୟୋଗରେ ମୁଁ ମର୍ମାହତ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି। ମୁମ୍ବାଇରେ ତାଙ୍କର ଅନ୍ତିମ ସତ୍କାର କରାଯିବ ବୋଲି ଜଣାପଡ଼ିଛି।

### କଳାଜଗତ ପାଇଁ ଅପୂରଣୀୟ କ୍ଷତି: ମୁଖ୍ୟମନ୍ତ୍ରୀ

ସାଧୁ ମେହେରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରି କହିଛନ୍ତି, ସାଧୁ ମେହେର ତାଙ୍କର ବଳିଷ୍ଠ ଅଭିନୟ ଓ ନିର୍ଦ୍ଦେଶନା ପାଇଁ ଓଡ଼ିଶା ସମେତ ଜାତୀୟ ସ୍ତରରେ ଜଣେ ପ୍ରଶଂସନୀୟ ବ୍ୟକ୍ତିତ୍ୱ ଥିଲେ। ଉଭୟ ହିନ୍ଦୀ ଏବଂ ଓଡ଼ିଆ ଚଳଚ୍ଚିତ୍ରରେ ସେ ତାଙ୍କର ନିଖୁଣ ଅଭିନୟର ଛାପ ଛାଡ଼ିଯାଇଛନ୍ତି। ସେ ହେଉଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଥମ ଓଡ଼ିଆ ଅଭିନେତା। କଳା କ୍ଷେତ୍ରରେ ପାରଦର୍ଶିତା ପାଇଁ ସେ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ତାଙ୍କ ବିୟୋଗ କଳା ଜଗତ ପାଇଁ ଅପୂରଣୀୟ କ୍ଷତି। ମୁଖ୍ୟମନ୍ତ୍ରୀ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ଅକ୍ଷରଭୂମିର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୨(ଅନିଲ ଦାସ)**

ଫେବୃଆରୀ ୩ରୁ ୩ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭୁବନେଶ୍ୱରର କଳାମଣ୍ଡଳ ପରିସରରେ ନିର୍ମିତ ହୋଇଛି ଅକ୍ଷରଭୂମି। ଶୁକ୍ରବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଷରଭୂମିର ଲୋକାର୍ପଣ କରିଛନ୍ତି । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ ଖଣ୍ଡୋଲାଇଟ ପଥରରେ କଳିଙ୍ଗ ଶୈଳୀରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ସ୍ୱରୂପ ନିର୍ମିତ ହୋଇଛି ଅକ୍ଷରଭୂମି।ଓଡ଼ିଆ ବର୍ଣ୍ଣମାଳାରେ ସୁଶୋଭିତ ଅକ୍ଷରଭୂମି ଆମ ଭାଷା ପ୍ରୀତିକୁ ଉଜ୍ଜୀବିତ କରି ରଖିବା ସହ ଭାଷା, ସଂସ୍କୃତି, କଳା ଓ ସ୍ଥାପତ୍ୟର ଜୟଗାନ କରିଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆମର ମହାନ୍ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷରଭୂମି ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିୟମିତ କଳାମଣ୍ଡଳ ଯାଇ ଅକ୍ଷରଭୂମି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଇଡ୍‌କୋ ଜରିଆରେ ସମ୍ପାଦିତ ହୋଇଛି। ଲୋକାର୍ପଣ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ବାଲକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂହ ଏବଂ ସଂସ୍କୃତି ସଚିବ ସୁଜାତା ଆର୍. କାର୍ତ୍ତିକେୟନ ପ୍ରମୁଖ ଉପସ୍ଥିତ ଥିଲେ।

DSPL-610
ଆମ ଓଡ଼ିଶା ନବୀନ ଓଡ଼ିଶା

ଆଦିବାସୀ ମେଳା ୨୦୨୪
ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ
ଜନଜାତି କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ
ବହୁଭାଷୀ ନାଟକ



୦୩.୦୨.୨୦୨୪ (ଶନିବାର) ସନ୍ଧ୍ୟା ୬.୩୦ ରୁ ରାତି ୯ ଟା
- ଆୟାବାବା ଗାୟନ ସେମ୍‌ଲେଡ଼, ଉଲିଡିହି, ଉଦଳା, ମୟୂରଭଞ୍ଜ ଦ୍ୱାରା ପରିବେଷିତ ସାନ୍ତାଳୀ ଭାଷାର ନାଟକ
- ମାଁ ବିରାଟପାଟ ତାୟାନବୁର ବଂଗା ମଡିଲ ଡ୍ରାମାଟିକ କ୍ଲବ, ଖଡ଼ିଆବସା, ଉଦଳା, ମୟୂରଭଞ୍ଜ ଦ୍ୱାରା ପରିବେଷିତ ମୁଣ୍ଡାରୀ ଭାଷାର ନାଟକ

୦୪.୦୨.୨୦୨୪ (ରବିବାର) ସନ୍ଧ୍ୟା ୬.୩୦ ରୁ ରାତି ୯ ଟା
- ମା ମାଉଲି କଳା ପରିଷଦ, ଗୁଣ୍ଡାଲ କୁନ୍ଦୁରା, କୋରାପୁଟ ଦ୍ୱାରା ପରିବେଷିତ ଦେଶିଆ ଭାଷାର ନାଟକ
- ମା ଚିନ୍ତାମଣି ମୁଣ୍ଡାରୀ ଅପେରା, ଅଷ୍ଟ ଝରନ, ବଡ଼ସାହି, ମୟୁରଭଞ୍ଜ ଦ୍ୱାରା ପରିବେଷିତ ମୁଣ୍ଡାରୀ ଭାଷାର ନାଟକ

୦୫.୦୨.୨୦୨୪ (ସୋମବାର) ସନ୍ଧ୍ୟା ୭.୦୦ ରୁ ରାତି ୮.୧୫
- ପଣ୍ଡିତ ଲାକୋବୋଦ୍ରା ଡ୍ରାମାଟିକ କ୍ଲବ, ବାଳିଭୋଲ, କରଞ୍ଜିଆ, ମୟୁରଭଞ୍ଜ ଦ୍ୱାରା ପରିବେଷିତ ହୋ ଭାଷାର ନାଟକ

ସ୍ଥାନ :
ଆଦିବାସୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର
ପ୍ରଦର୍ଶନୀ ସମୟ :
ପ୍ରତ୍ୟହ ଅପରାହ୍ନ ୨ ଟା ୩୦ ରୁ ରାତି ୯ ଟା

ଆଦିବାସୀ ମେଳାରେ ପଦାର୍ପଣ କରି ବହୁଭାଷୀ ନାଟକର ଆନନ୍ଦ ନେବା ସହ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ଓ ସଂଗୃହୀତ କଳାସାମଗ୍ରୀ, ଲଘୁ ବନଜାତ ଦ୍ରବ୍ୟ, କୃଷିଜାତ ଦ୍ରବ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ପରିଦର୍ଶନ, କ୍ରୟ ସମେତ ରାଜଧାନୀରେ ଆଦିବାସୀ ଗାଆଁ, ହାଟ ଓ ସଂସ୍କୃତିର ଅନୁଭବ ନେବାକୁ କଳା ଓ ସଂସ୍କୃତି ପ୍ରେମୀ ଜନସାଧାରଣଙ୍କୁ ସ୍ୱାଗତ ଜଣାଉଛୁ।

ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
OIPR-26011/13/0012/2324
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

> ସାଂପ୍ରଦାୟିକ ବିବାଦ ହେଲା- କଳସମାନଙ୍କ ଭିତରେ ବିବାଦ। କୋଉ କଳସରେ ଅମୃତ ରହିବ- ତାହା ନେଇ ବିବାଦ। କିନ୍ତୁ ଆମର କାର୍ଯ୍ୟ ହେଲା ଅମୃତ -ରସ ସଂଗ୍ରହ କରିବା। ତାହା ଯେଉଁ କଳସରେ ଥାଉ। ଅନ୍ୟକାର୍ଯ୍ୟଟି ହେଲା ଅମୃତତ୍ୱ ଅର୍ଜନ କରିବା। -ଶ୍ରୀଅରବିନ୍ଦ



# ପଦୋନ୍ନତିରେ ବିଳମ୍ବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ୟୁପିଏସ୍‌ସି ଦ୍ୱାରା ଡିଏନ୍‌ଆଇସିଏସ୍ (ଦିଲ୍ଲୀ, ଆଣ୍ଡାମାନ ଆଣ୍ଡ୍ ନିକୋବର ଆଇଲାଣ୍ଡ୍‌ସ ସିଭିଲ ସର୍ଭିସ)କ୍ୟାଡର ଅଧିକାରୀଙ୍କ ପାଇଁ ବିଭାଗୀୟ ପଦୋନ୍ନତି କମିଟିର ଶେଷ ବୈଠକ ଡିସେମ୍ବର ୨୦୧୯ରେ ଅନୁଷ୍ଠିତ ହୋଇଥିଲା। ଫଳସ୍ୱରୂପ ଜାନୁୟାରୀ ୨୦୨୦ରେ ୧୯ ଜଣ ଅଧିକାରୀଙ୍କୁ ଆଇଏଏସ୍ ପଦୋନ୍ନତି ଦିଆଯାଇଥିଲା। ସେବେଠାରୁ ଚାରି ବର୍ଷ ମଧ୍ୟରେ ଆଉ ପଦୋନ୍ନତି ଦେବା କଷ୍ଟକର ହୋଇପଡ଼ିଛି। ଡିଏନ୍‌ଆଇସିଏସ୍ କ୍ୟାଡର ପାଇଁ ମଞ୍ଜୁରିପ୍ରାପ୍ତ ଆଇଏଏସ୍ ପଦବୀଗୁଡ଼ିକର ସଂଖ୍ୟା ପାଖାପାଖି ୨୦ରେ ପହଞ୍ଚିଗଲାଣି। ସୂତ୍ରରୁ ପ୍ରକାଶ ଯେ ୩୦ରୁ ଅଧିକ ଅଧିକାରୀଙ୍କ କ୍ୟାରିୟର ବର୍ତ୍ତମାନ ଆଗକୁ ବଢ଼ିପାରୁନାହିଁ। ଉଲ୍ଲେଖନୀୟ ଯେ, ଟି.ଫିଲିପ ସବୁ ଯୋଗ୍ୟ ମାନଦଣ୍ଡ ପୂରଣ କରୁଥିଲେ ବି ପଦୋନ୍ନତି ଗ୍ରହଣ ନ କରି ଆସନ୍ତା ମାସରେ ଅବସର ଗ୍ରହଣ କରିବେ। ଆନୁଆଲ ପର୍ଫର୍‌ମାନ୍ସ ଆପ୍ରାଇଜାଲ ରିପୋର୍ଟସ(ଏପିଏଆର୍) ତତ୍ପରତା ତଥା ଶୃଙ୍ଖଳାଗତ ବିଷୟର ଅଭାବ ଅଗ୍ରଗତିରେ ବାଧା ସୃଷ୍ଟି କରିଛି। ପ୍ରକ୍ରିୟାଗତ ବିଳମ୍ବ ହିଁ ଜେ.କେ. ଜୈନ, ରାଜ କୁମାର ଏବଂ ଓ.ପି. ମିଶ୍ରଙ୍କ ପରି ଅଧିକାରୀମାନଙ୍କ ବ୍ୟାଚ୍(୧୯୯୫)କୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି। ଏହି ସମୟରେ ୨୦୦୨-୨୦୦୩ ଜୁନିୟର ଡିଏନ୍‌ଆଇସିଏସ୍ କ୍ୟାଡର ବ୍ୟାଚଗୁଡ଼ିକ ଆଇପିଏସ୍‌କୁ ପଦୋନ୍ନତି ପାଇସାରିଛନ୍ତି। ୧୯୯୫ ଡିଏନ୍‌ଆଇସିଏସ୍ ବ୍ୟାଚ୍‌ର ବିବାଦୀୟ ମାମଲା କ୍ରମାଗତ ଭାବେ ବ୍ୟାଚ୍ ଉପରେ ନକାରାତ୍ମକ ପ୍ରଭାବ ପକାଇଆସୁଛି। କ୍ୟାଡର ନିୟନ୍ତ୍ରଣ କର୍ତ୍ତୃପକ୍ଷ ଯୁକ୍ତି ବାଢ଼ିଛନ୍ତି ଯେ, ବିବାଦୀୟ ମାମଲାଗୁଡ଼ିକର ଚୂଡ଼ାନ୍ତ ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରକ୍ରିୟାରେ ବିଳମ୍ବ ଘଟିବ। ଡିଏନ୍‌ଆଇସିଏସ୍ ଅଧିକାରୀମାନେ ଆଇଏଏସ୍‌କୁ ପଦୋନ୍ନତି ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ପଦୋନ୍ନତି ପାଇଁ ହାରାହାରି ସମୟ ୨୭-୨୮ ବର୍ଷକୁ ବୃଦ୍ଧି ପାଇଛି । କିନ୍ତୁ କର୍ନାଟକ, ତାମିଲନାଡୁ, ହରିୟାଣା ଏବଂ ପଞ୍ଜାବ ଭଳି ରାଜ୍ୟରେ ଏହି ଆଇନ ପୂରା ଭିନ୍ନ। ସେଠାରେ ରାଜ୍ୟ ପ୍ରଶାସନିକ ସେବାର ଅଧିକାରୀମାନେ ୮ରୁ ୧୦ ବର୍ଷ ମଧ୍ୟରେ ଆଇଏଏସ୍ ପଦୋନ୍ନତି ପାଇଥାନ୍ତି।

### ସମାଧାନର ଆଶା

କର୍ନାଟକର ଆଇଏଏସ୍ ଅଧିକାରୀ ରୋହିଣୀ ସିନ୍ଧୁରୀ ଏବଂ ଆଇପିଏସ୍ ଅଧିକାରୀ ଡି. ରୁପାଙ୍କ ମଧ୍ୟରେ ଚାଲିଥିବା ବିବାଦରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ସେମାନଙ୍କୁ ସମାଧାନ କରିବାକୁ କୋର୍ଟ ଏକ ନୂତନ ସୁଯୋଗ ପ୍ରଦାନ କରିଛନ୍ତି। ରୁପାଙ୍କ ବିରୋଧରେ ସିନ୍ଧୁରୀ ଆପରାଧିକ ମାନହାନି ମକଦ୍ଦମା ଦାଏର କରିଥିଲେ। ଏହା ଉପରେ ବିଚାରକରି କୋର୍ଟ ଗତ ମାସରେ ମଧ୍ୟବର୍ତ୍ତିକାଳୀନ ସ୍ଥଗିତାଦେଶ ଜାରି କରିବା ସହ ଏହି ମାମଲାରେ ସର୍ବସାଧାରଣରେ କୌଣସି ବିବୃତି ଦେବାକୁ ବାରଣ କରିଥିଲେ। ସୋସିଆଲ ମିଡ଼ିଆରୁ ବିବାଦୀୟ ପୋଷ୍ଟଗୁଡ଼ିକୁ ହଟାଇ ଦେବାକୁ କିମ୍ବା ସମ୍ଭାବ୍ୟ ସମାଧାନ ପାଇଁ ଦୁଃଖ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ରୁପାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିନ୍ଧୁରୀଙ୍କ ସମ୍ପର୍କରେ ସମସ୍ତ ପୋଷ୍ଟକୁ ରୁପା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ହଟାଇବାକୁ ନିଶ୍ଚିତ କରିଥିଲେ। ଗତ ବର୍ଷ ଅଗଷ୍ଟରେ କର୍ନାଟକ ହାଇକୋର୍ଟ କହିଥିଲେ ଯେ, ସିନ୍ଧୁରୀଙ୍କୁ ବଦନାମ କରାଯାଇଥିବା ଅଭିଯୋଗକୁ ଆଧାରକରି ରୁପାଙ୍କ ଆପରାଧିକ ମାମଲାର ବିଚାର କରାଯିବା ଉଚିତ। ୨୦୨୩ର ପ୍ରାରମ୍ଭରେ ଉଭୟ ଅଧିକାରୀଙ୍କ ମଧ୍ୟରେ ବିବାଦ ସାର୍ବଜନୀନ ହୋଇଥିଲା, ଯାହାଦ୍ୱାରା ଉଭୟେ କୌଣସି ପଦବୀରେ ରହିପାରି ନ ଥିଲେ। ପରେ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିଥିଲେ। ଏକ ସକାରାତ୍ମକ ପଦକ୍ଷେପ ହେତୁ ଉଭୟ ଅଧିକାରୀମାନଙ୍କୁ ସେପ୍ଟେମ୍ବର ୨୦୨୩ରେ ନୂତନ ଦାୟିତ୍ୱ ଦିଆଯାଇଥିଲା। ସିନ୍ଧୁରୀଙ୍କୁ କର୍ନାଟକ ଗେଜେଟିୟର ବିଭାଗରେ ମୁଖ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ରୁପା ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗରେ ଇନ୍ସପେକ୍ଟର ଜେନେରାଲ ହୋଇଥିଲେ। ଯେହେତୁ ଆଇନଗତ ପ୍ରକ୍ରିୟା ଜାରି ରହିଛି, ଅଦାଲତର ହସ୍ତକ୍ଷେପ ଏହି ହାଇପ୍ରୋଫାଇଲ ବିବାଦରେ ସମାଧାନର ଆଶା ସୃଷ୍ଟି କରିଛି।

### ଇଡି ମୁଖ୍ୟ ନିଯୁକ୍ତିରେ ଦ୍ୱନ୍ଦ୍ୱ

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ଜଣେ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏବେ କାର୍ଯ୍ୟରତ ମଧ୍ୟବର୍ତ୍ତିକାଳୀନ ମୁଖ୍ୟ ରାହୁଲ ନବୀନ ନିୟମିତ ହୋଇପାରନ୍ତି କିମ୍ବା ଜଣେ ନୂତନ ଅଧିକାରୀଙ୍କୁ ଅଣାଯାଇପାରେ। କିଛି ସପ୍ତାହ ହେଲା ରାହୁଲ ନବୀନଙ୍କ ନାମ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ(ଏସ୍‌ଏଫ୍‌ଆଇଓ)ର ନିୟମିତ ନିର୍ଦ୍ଦେଶକ ହେବା ସମ୍ଭାବନା ଥିବା ବିଷୟ ପ୍ରଚାର କରାଯାଇଥିବା ଦେଖାଯାଇଛି। ଏହି ପ୍ରମୁଖ ତଦନ୍ତକାରୀ ସଂସ୍ଥା ଜୁଲାଇ ୨୦୨୨ଠାରୁ ଜଣେ କାମଚଳା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। କେତେଜଣ ପର୍ଯ୍ୟବେକ୍ଷକ ବାବୁ ବିଶ୍ୱାସ କରନ୍ତି ଯେ ନିର୍ବାଚନ ପୂର୍ବରୁ ମୋଦି ସରକାର ଖାଲିଥିବା ପ୍ରମୁଖ ପଦବୀକୁ ପୂରଣ କରିପାରନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ସେପ୍ଟେମ୍ବରରେ ଏସ୍. କେ. ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏବେ କାର୍ଯ୍ୟରତ ସିବିଡିଟି ଅଧ୍ୟକ୍ଷ ନୀତିନ ଗୁପ୍ତା ଓ ସଦସ୍ୟ ପ୍ରବୀଣ କୁମାରଙ୍କ ନାମ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବରେ ଉଲ୍ଲେଖ କରାଯାଇଥିଲା। କୌତୂହଳର ବିଷୟ, ନୀତିନ ଗୁପ୍ତା ଯେତେବେଳେ ସିବିଡିଟି ଚେୟାରମ୍ୟାନ ଭାବରେ ଜୁନ୍ ୨୦୨୪ରେ ସମାପ୍ତ ହେଉଥିବା ଏକ ନଅ ମାସିଆ କାର୍ଯ୍ୟକାଳ ପାଇଁ ଚୁକ୍ତି କରିଥିଲେ, ସେତେବେଳେ ୨୦୨୪ ଲୋକ ସଭା ନିର୍ବାଚନ ସହିତ ଏହାର ସମ୍ପର୍କ ଥିଲା ବୋଲି ଆଲୋଚନା ହୋଇଥିଲା। ସୂତ୍ରରୁ ପ୍ରକାଶ, ନିର୍ବାଚନ ଘୋଷଣା ପୂର୍ବରୁ ଇଡିରେ ଜଣେ ନିୟମିତ ମୁଖ୍ୟ ରହିବେ । ତେବେ ମୋଦି ତୃତୀୟ ଥର ପାଇଁ ଲଗାତର କ୍ଷମତା ହାସଲ କରିବାକୁ ଚାହୁଁଥିବାରୁ ସେ ଇଡିରେ ମଧ୍ୟବର୍ତ୍ତିକାଳୀନ ବ୍ୟବସ୍ଥା କରିବେ କିମ୍ବା ଜଣେ ନିୟମିତ ଅଧିକାରୀ ନିଯୁକ୍ତ କରିବେ ତାହା ତାଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | |
| | | | | | | 4 | 7 | |
| 7 | | | | 8 | | | 2 | |
| | | | | | 2 | | 5 | |
| | 3 | | | | | 1 | | 9 |
| | | 1 | | 5 | | 2 | | |
| | 4 | 9 | 8 | | 3 | | | |
| 5 | 1 | | 7 | | | | | |
| | | 3 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 9 | 5 | 3 | 4 | 1 |
| 3 | 9 | 1 | 4 | 7 | 6 | 8 | 5 | 2 |
| 5 | 4 | 8 | 1 | 2 | 3 | 6 | 9 | 7 |
| 7 | 2 | 9 | 3 | 4 | 8 | 5 | 1 | 6 |
| 1 | 3 | 6 | 2 | 5 | 9 | 7 | 8 | 4 |
| 4 | 8 | 5 | 7 | 6 | 1 | 2 | 3 | 9 |
| 8 | 1 | 4 | 6 | 3 | 2 | 9 | 7 | 5 |
| 9 | 7 | 2 | 5 | 8 | 4 | 1 | 6 | 3 |
| 6 | 5 | 3 | 9 | 1 | 7 | 4 | 2 | 8 |

ଗତକାଲିର ଉତ୍ତର

# ସାମ୍ପ୍ରତିକ ପେନ୍‌ସନ ଆନ୍ଦୋଳନ



ବୃହସ୍ପତି ସାମଲ

ଏକକ ଭାବେ ନିଜ ନିଜ ସଂଗଠନ ଜରିଆରେ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇ ଶ୍ରମିକ ଓ କର୍ମଚାରୀମାନେ ସମସ୍ତଙ୍କ ପାଇଁ ମାସିକ ସର୍ବନିମ୍ନ ନ' ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା, ନୂତନ ପେନ୍‌ସନ ଯୋଜନା ଅଥବା ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍)କୁ ବାତିଲ କରି ପୁରାତନ ପେନ୍‌ସନ ଯୋଜନା (ଓପିଏସ୍)ର ପୁନଃ ପ୍ରଚଳନ ସହ ଅନ୍ୟାନ୍ୟ ଯଥାର୍ଥ ସମସ୍ୟାର ସମାଧାନ ପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ବି କୌଣସି ସୁଫଳ ନାହିଁ। ଫଳରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ଅନ୍ତର୍ଭୁକ୍ତ ରେଳବାଇ କର୍ମଚାରୀ ମହାସଂଘ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ ଅନୁବନ୍ଧିତ ସମସ୍ତ ସଂଘ ଓ ମହାସଂଘ, ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଓ ଶିକ୍ଷକ ମହାସଂଘ ଅନୁବନ୍ଧିତ ସମସ୍ତ ସଂଘ ଏବଂ ପାରାମିଲିଟାରୀ ପେନ୍‌ସନର୍ସ ଆସୋସିଏଶନର ନୂଆଦିଲ୍ଲୀରେ ୮ ଡିସେମ୍ବର ୨୦୨୨, ୭ ଓ ୨୧ ଜାନୁଆରୀ ୨୦୨୩ରେ ତିନି ତିନୋଟି ମିଳିତ ବୈଠକ ଅନୁଷ୍ଠିତ ହୋଇ ସର୍ବସମ୍ମତି କ୍ରମେ ୨୦୨୩ ପାଇଁ ବର୍ଷସାରାର ଏକ ଆନ୍ଦୋଳନାତ୍ମକ ଚିଠା ପ୍ରସ୍ତୁତ କଲେ। ବିଶେଷ ଭାବେ 'ଜଏଣ୍ଟ ଫୋରମ୍ ଫର୍ ରେଷ୍ଟୋରେଶନ ଅଫ ଓଲ୍ଡ ପେନ୍‌ସନ ସ୍କିମ' ଭଳି ଏକ ମିଳିତ ମଞ୍ଚ ଦ୍ୱାରା ୨୧ ଫେବୃଆରୀ ୨୦୨୩ରୁ ମଣ୍ଡଳ, ପରିମଣ୍ଡଳ ସ୍ତରରୁ କ୍ରମାଗତ ଭାବେ ପ୍ରତ୍ୟେକ ମାସ ଆୟୋଜିତ କର୍ମଚାରୀଙ୍କର ସଂଗଠିତ ଆନ୍ଦୋଳନ କରାଯାଇ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲେ। କିନ୍ତୁ ଏନ୍‌ପିଏସ୍‌ର ଉଚ୍ଛେଦ କଥାକୁ ଏଡେଇ ଯାଇ କିଛିଟା ପରିବର୍ତ୍ତନ ଆଣିବା ସକାଶେ କେନ୍ଦ୍ର ସରକାର ଭାରତର ଅର୍ଥସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ। ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବ, ବ୍ୟୟ ବିଭାଗର ସ୍ୱତନ୍ତ୍ର ସଚିବ ଓ ପେନ୍‌ସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣର ଅଧ୍ୟକ୍ଷଙ୍କୁ ସଭ୍ୟ ଭାବେ ମନୋନୀତ କରି ଏହି କମିଟି ଗଠନ କରାଗଲା। ଏହାରି ଭିତରେ ପେନ୍‌ସନ କମିଟି ସହ କର୍ମଚାରୀ ପକ୍ଷର ଦୁଇ ଦୁଇ ଥର ବୈଠକ ବସିସାରିଥିଲେ ବି କୌଣସି ସୁଫଳ ନ ମିଳିନାହିଁ। ସଂଯୁକ୍ତ କିଶାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସହ ପ୍ରତ୍ୟେକ ରାଜ୍ୟ ରାଜଧାନୀରେ କ୍ରମାଗତ ଅନଶନ କାର୍ଯ୍ୟକ୍ରମ ଆୟୋଜିତ ହେଲେ ମଧ୍ୟ ତାହା କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କରିପାରିଲା ନାହିଁ।

କେନ୍ଦ୍ର ସରକାରଙ୍କ ପେନ୍‌ସନ ନୀତିରେ ପରିବର୍ତ୍ତନ ଯୋଗୁ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟର କୋଟି କୋଟି ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ବୟସର ଅପରାହ୍ନରେ ଆଶାବାଡ଼ି ସାଜିଥିବା ପେନ୍‌ସନର ଭବିଷ୍ୟତକୁ ନେଇ ସନ୍ଦେହ ଓ




ଆଶଙ୍କାରେ କାଳାତିପାତ କରୁଛନ୍ତି। ନବ୍ୟ ଉଦାରବାଦ ନୀତି ପରିଚାଳନାର ଏକ ଅଂଶବିଶେଷ ଭାବେ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ୨୨ ଡିସେମ୍ବର ୨୦୦୩ର ଏକ ଅଧ୍ୟାଦେଶ ବଳରେ ଓପିଏସ୍‌କୁ ବାତିଲ କରି କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ ୧୯୭୨ ଅଧୀନସ୍ଥ ସାମ୍ବିଧାନିକ ପ୍ରାବଧାନକୁ ହଟେଇଦେଲେ ଏବଂ ସମସ୍ତ କେନ୍ଦ୍ର ବେସାମରିକ ସରକାରୀ କର୍ମଚାରୀମାନଙ୍କ ପାଇଁ ଜାନୁଆରୀ ପହିଲା ୨୦୦୪ରୁ ଏନ୍‌ପିଏସ୍‌ର ପ୍ରଚଳନ କଲେ। ପରେ ପରେ ୨୦୦୪ରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ସରକାର, ପେନ୍‌ସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ବିଲ୍ ଆଣି ୨୦୧୩ରେ ଅଧିନିୟମ ଲାଗୁକଲେ। ୨୦୦୪ରୁ ରାଜ୍ୟ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ କର୍ମଚାରୀମାନଙ୍କର କ୍ରମାଗତ ସଂଘର୍ଷ ଫଳରେ ଏନ୍‌ପିଏସ୍ ନୀତିରେ କିଛିଟା ପରିବର୍ତ୍ତନ ଆସିବା ସହ ନିକଟ ଅତୀତରେ ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ ଓ ହିମାଚଳ ପ୍ରଦେଶର ରାଜ୍ୟ ସରକାରମାନେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଓପିଏସ୍‌କୁ ଫେରିବା ନିମିତ୍ତ ବିଜ୍ଞପ୍ତି ଜାରି କରିଛନ୍ତି । ଫଳରେ ୨୦୦୪ରୁ ଏଯାବତ ଗୋଟିଏ ପଟେ କର୍ମଚାରୀଙ୍କ ନିରବଚ୍ଛିନ୍ନ ଆନ୍ଦୋଳନ ଓ ଅନ୍ୟପକ୍ଷେ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ଓପିଏସ୍ ମୁହାଁ ହେଉଥିବା ଯୋଗୁ କେନ୍ଦ୍ର ସରକାରଙ୍କ ଉପରୋକ୍ତ କମିଟି ଗଠନ ଏକ ବାଧ୍ୟବାଧକତା, ଯାହାର କାର୍ଯ୍ୟକାରିତାକୁ ନେଇ କର୍ମଚାରୀ ମହଲରେ କମ୍ ଆଶା ଏବଂ ଅନେକ ଆଶଙ୍କା ସୃଷ୍ଟି ହେବାରେ ଲାଗିଛି।

ପ୍ରାରମ୍ଭରୁ, ଏନ୍‌ପିଏସ୍ ଉପରେ କର୍ମଚାରୀ ପକ୍ଷ ସହ ବାରମ୍ବାର ଆଲୋଚନା ପରେ ଶେଷରେ ଜଏଣ୍ଟ କନ୍‌ସଲଟେଟିଭ ମେଶିନାରୀ ଜାତୀୟ ପରିଷଦର ୧୪ ଡିସେମ୍ବର ୨୦୦୭ର ଷ୍ଟାଣ୍ଡିଂ କମିଟି ବୈଠକରେ କେନ୍ଦ୍ର ସରକାର ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଯେତେବେଳେ ଏନ୍‌ପିଏସ୍ ଉପଭୋକ୍ତାମାନେ ଅବସରନେବା ଆରମ୍ଭ କଲେ, ସେତେବେଳେ ଜଣାପଡ଼ିଲା ଯେ ପ୍ରତିଶ୍ରୁତିରୁ ବାସ୍ତବତା ପ୍ରକୃତରେ ବହୁ ଦୂରରେ। କର୍ମଚାରୀଙ୍କ ତରଫରୁ କୌଣସି ଦେୟ ନ ଥାଇ ଓପିଏସ୍‌ରେ ଶେଷ ଦରମାର ୫୦% ପେନ୍‌ସନ ଆକାରରେ ମିଳୁଥିଲା ବେଳେ ଏନ୍‌ପିଏସ୍‌ରେ ମାସିକ କର୍ମଚାରୀଙ୍କ ଦେୟ ମୂଳ ଦରମାର ୧୦% ଓ ସରକାରଙ୍କ ଦେୟ ୧୪% ଥାଇ ମଧ୍ୟ ତାହା ପାଖାପାଖି ୮%ରେ ସୀମିତ ରହୁଛି, ଯାହା କୋଟି କୋଟି କର୍ମଚାରୀ ଓ ସେମାନଙ୍କ ପରିବାରର ସାମାଜିକ ସୁରକ୍ଷା ଉପରେ ଏକ ବିରାଟ ପ୍ରଶ୍ନବାଚୀ।

ଏନ୍‌ପିଏସ୍ ଉଚ୍ଛେଦ ପ୍ରସଙ୍ଗ ୨୦୦୪ରୁ ଆରମ୍ଭ ହୋଇ ୨୦ବର୍ଷରେ ପଦାର୍ପଣ କରି ଚାରି ଚାରିଟି ସରକାରର ସାମନା କଲାଣି। ତଥାପି ସଂଘର୍ଷ ଚାଲିଛି। ୨୦୨୪ ସାଧାରଣ ନିର୍ବାଚନର ବର୍ଷ ହୋଇଥିବା ଯୋଗୁ ୨୦୨୩ ପ୍ରାରମ୍ଭରୁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କଲାଭଳି ନିଜ ନିଜର ନିର୍ବାଚନୀ ଇସ୍ତାହାରକୁ ରୋଚକ ଓ ମନଲୋଭା କରିବାରେ ବ୍ୟଗ୍ରତା ଦେଖାଉଛନ୍ତି। ଏବେ ଯେଉଁ କେତୋଟି କଂଗ୍ରେସ ଶାସିତ ରାଜ୍ୟ ଓପିଏସ୍‌କୁ ଫେରିବାକୁ ପ୍ରତିଶ୍ରୁତି ଦେଉଛନ୍ତି, କେନ୍ଦ୍ରରେ ଯେତେବେଳେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେହି କଂଗ୍ରେସ ନେତୃତ୍ୱାଧୀନ ସରକାର ଚାଲିଥିଲା, ସେମାନେ ଏନ୍‌ପିଏସ୍ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନ ନେଇ ବରଂ ୨୦୧୩ରେ ପେନ୍‌ସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ଲାଗୁକରେଇ ଏନ୍‌ପିଏସ୍‌ର ଚେରକୁ ମଜଭୁତ କରେଇଲେ। ୨୦୧୩ର ଅଧିନିୟମ ଉଚ୍ଛେଦ ନ ହେଲେ ଏନ୍‌ପିଏସ୍ ଉପଭୋକ୍ତାଙ୍କୁ ନ୍ୟାୟ ମିଳିବା ଅସମ୍ଭବ। ଏ ସନ ମଲୁ, ଆର ସନକୁ ବଇଦ ନ୍ୟାୟରେ କର୍ମଚାରୀମାନେ ବି ଢେର ଅଭିଜ୍ଞତା ଗୋଟେଇଲେଣି। ତେଣୁ, ଏନ୍‌ପିଏସ୍‌ରେ ପରିବର୍ତ୍ତନ ଆଣିବା ନୁହେଁ ବରଂ ସମ୍ପୂର୍ଣ୍ଣ ଉଚ୍ଛେଦ କର୍ମଚାରୀଙ୍କର ଦାବି।

ପେନ୍‌ସନ କାହାରି ଦାନ ବା ଦୟା ନୁହେଁ, ବରଂ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦିତ ଏହା ଏକ କର୍ମଚାରୀର ସାମ୍ବିଧାନିକ ଅଧିକାର। ଦେଶର ଜନ ପ୍ରତିନିଧିମାନେ ମାତ୍ର ୫ବର୍ଷ ପାଇଁ ନିର୍ବାଚିତ ହୋଇ ନିଜର ବେତନ ଓ ଭତ୍ତା ବୃଦ୍ଧି କରି ଓପିଏସ୍ ଆଧାରରେ ଏକାଧିକ ପେନ୍‌ସନର ସୁବିଧା ସୁଯୋଗ ଉପଭୋଗ କରୁଥିବା ବେଳେ, ସମ୍ପୂର୍ଣ୍ଣ ଯୋଗ୍ୟତା ଭିତ୍ତିରେ ୩୫ରୁ ୪୦ବର୍ଷ ଚାକିରି କରୁଥିବା କର୍ମଚାରୀଙ୍କ ପାଇଁ ବୈମାତୃକ ମନୋଭାବ ପୋଷଣ କରିବା ଭାରତ ଭଳି ଏକ ଜନ ମଙ୍ଗଳ ରାଷ୍ଟ୍ରରେ ଆଦୌ ଗ୍ରହଣୀୟ ନୁହେଁ। ଏଭଳି ପରିସ୍ଥିତିରେ ଦାବି ହାସଲ ପାଇଁ ଶ୍ରମିକ, କୃଷକ ତଥା କେନ୍ଦ୍ର, ରାଜ୍ୟ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀଙ୍କ ସମ୍ମିଳିତ ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ; ଯେଉଁଥିପାଇଁ ଭାରତର ସମସ୍ତ ଶ୍ରମିକ ଓ କର୍ମଚାରୀ ସଂଗଠନ କେବଳ ପେନ୍‌ସନ ପାଇଁ ନୁହେଁ, ବରଂ ଅନ୍ୟାନ୍ୟ ବହୁ ନ୍ୟାଯ୍ୟ ଦାବି ହାସଲ ଲାଗି ସମସ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆପଣେଇବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କାର ପେନ୍‌ସନ ସୁବିଧା ସହ ପୁରାତନ ପେନ୍‌ସନର ପୁନଃ ପ୍ରଚଳନ ପାଇଁ କେନ୍ଦ୍ର ସରକାର ଏକ ବିଧିବଦ୍ଧ ନିଷ୍ପତ୍ତି ନେବା ଜରୁରୀ।

ମୋ: ୯୪୩୭୦୨୨୬୬୯

# ବିପୁଳ ବିଶ୍ୱର ମଧୁମୟ ଆମନ୍ତ୍ରଣ



ପ୍ର. ପ୍ରସନ୍ନ କୁମାର ସ୍ୱାଇଁ

ମାଟି-ମାଆ-ମଣିଷ ପ୍ରତ୍ୟେକ ପରସ୍ପର ପରିପୂରକ-ଅନ୍ତରଙ୍ଗ ଏବଂ ସର୍ବଦା ନିବିଡ଼। ମାଆ ସହିତ ଓତପ୍ରୋତ ଜଡ଼ିତ ମାତୃଭୂମି ଓ ମାତୃଭାଷା। ସେଥିପାଇଁ କବି କଣ୍ଠରୁ ଶୁଭିଥାଏ- 'ମାତୃଭୂମି ମାତୃଭାଷା ଉଭୟ ଜନନୀ / ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ'। ମଣିଷ ଜନ୍ମ ହୁଏ ମାତୃଗର୍ଭରୁ। ମାତୃଗର୍ଭରେ ଥାଇ ସେ ଯେଉଁ ଭାଷା ବାରମ୍ବାର ଶୁଣିଥାଏ- ଜନ୍ମ ହେବା ପରେ ମାଆ ତାକୁ ସେଇ ଭାଷାରେ ହିଁ ଶିକ୍ଷା ଦେଇଥାଏ ଓ ତାହା ହିଁ ତା'ର ମାତୃଭାଷା। ଶିଶୁଟିଏ ଜନ୍ମ ହେବା କ୍ଷଣି ସେ ଯେଉଁ ମାଟିରେ ପାଦ ଥାପିଥାଏ- ମାଆର ସଯତ୍ନ ପଣତକାନି ବ୍ୟତୀତ ଯେଉଁ ମାଟିର ପାଣି ପବନରେ ସେ ତା'ର ଭାବନା ଓ ଚିନ୍ତନକୁ ଦୃଢ଼ କରିଥାଏ- ତାହା ହେଉଛି ତା'ର ମାତୃଭୂମି। ଯେଉଁଥିପାଇଁ ଗୋପବନ୍ଧୁ ଯଥାର୍ଥରେ କହିଥିଲେ- ସେ ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାଲାବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ- ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ବା ସ୍ୱାର୍ଥ ମିଳାଇ ଦେଇଛନ୍ତି- ଓଡ଼ିଶା ତାଙ୍କର ଓ ସେ ଓଡ଼ିଶାର।

ଆଜି ଆମେ ସଭିଏଁ ଆମ ଓଡ଼ିଶାରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ମହାସମାରୋହରେ ପାଳନ ଅବସରରେ ଆମ ମନକୁ ଏହିସବୁ ବିଷୟ ସ୍ୱତଃ ଆସିଯାଏ। ଆମ ପବିତ୍ର ଭୂମି ଓଡ଼ିଶା। ଆମର ଜାତି ଓଡ଼ିଆ ଏବଂ ଭାଷା ମଧ୍ୟ ଓଡ଼ିଆ। ଆଉ ଆମ ଠାକୁର ସମଗ୍ର ବିଶ୍ୱର ଦେବତା- ବଡ଼ଠାକୁର ଶ୍ରୀଜଗନ୍ନାଥ। ଆମର ଭାଷା ଓଡ଼ିଆର ସୃଷ୍ଟି କେଉଁ ପ୍ରାଚୀନ କାଳରୁ। ଏହା ଆମ ଜାତି ଓ ସଂସ୍କୃତିର ଜୀବନନାଡ଼ିକା। ପାଣିନୀଙ୍କ ବ୍ୟାକରଣ ଅଷ୍ଟାଧ୍ୟାୟୀଠାରୁ ଆରମ୍ଭକରି ବହୁ ପ୍ରାଚୀନ ଶିଳାଲେଖ, ପାଲି, ପ୍ରାକୃତ, ଅପଭ୍ରଂଶ ଚର୍ଯ୍ୟାଗୀତିକା, ସାରଳା ମହାଭାରତ, ଭାଗବତ, ରାମାୟଣ, ବୈଦେହୀଶ ବିଳାସ, କିଶୋରଚନ୍ଦ୍ରାନନ୍ଦ ଚମ୍ପୂ, ଛ'ମାଣ ଆଠଗୁଣ୍ଠ, ମାଟିର ମଣିଷ, ମାଟିମଟାଳ, ଶ୍ରୀରାଧା, ମଗ୍ନମାଟି ମଧ୍ୟ ଦେଇ ଓଡ଼ିଆ ଭାଷାରେ ଯେଉଁ ରୂପ ଓ ଭାବଗତ ପରିବର୍ତ୍ତନ ଘଟିଛି- ତାହାରି ମଧ୍ୟରେ ଛପି ରହିଛି ଆମ ନିଜର ମାଟି-ମାଆ ଆଉ ଏହି ମାଆ ମାଟି ସହିତ ସମ୍ପୃକ୍ତ ହୋଇଛି ପ୍ରତ୍ୟେକ ଓଡ଼ିଆର ରୂପ ବିଭବ। ସର୍ବଭାରତୀୟ ସ୍ତରରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରରେ ଆମ ଭାଷା ପାଇଁ ଆମେ ଗର୍ବିତ ଓ ଗୌରବାନ୍ୱିତ। ଆମ ଭାଷା ଭାରତୀୟ ସମ୍ବିଧାନ ଦ୍ୱାରା ସ୍ୱୀକୃତ ହୋଇ ଭାରତରେ ଏକ ମର୍ଯ୍ୟାଦାଜନକ ସ୍ଥାନ ଲାଭ କରିଥିବା ବେଳେ ୨୦୧୪ ମସିହାରେ ଏହାର ପ୍ରମାଣଯୋଗ୍ୟ ପ୍ରାଚୀନତା ଓ ଏହି ଭାଷାରେ ଉପଲବ୍ଧ ମୌଳିକ ସାହିତ୍ୟ ପାଇଁ ଏହା ଭାରତୀୟ ଷଷ୍ଠ ଭାଷା ଏବଂ ଆର୍ଯ୍ୟ ଭାଷା ପରିବାରର ପ୍ରଥମ ଭାଷା ଭାବରେ ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଏହି ଭାଷାର ପ୍ରାଚୀନତାକୁ ଲକ୍ଷ୍ୟକରି ଭାରତର ବିଶିଷ୍ଟ ଶାସ୍ତ୍ରବିତ୍ ଡ. ସୁନୀତି କୁମାର ଚାଟାର୍ଜୀ କହିଛନ୍ତି- 'ବଙ୍ଗଳା ଭାଷାଠାରୁ ଓଡ଼ିଆ ଭାଷା ପ୍ରାଚୀନ ଓ ଏହି ଭାଷା ସର୍ବଦା ଜ୍ୟେଷ୍ଠ ଭଗିନୀର ଆସନରେ ଆସୀନ। ଓଡ଼ିଆ ଭାଷା ସହିତ ଓତପ୍ରୋତ ସମ୍ପୃକ୍ତ ଓଡ଼ିଆ ଆଞ୍ଚଳିକ ଭାଷା ଓ ଓଡ଼ିଶାର ଜନଜାତିଙ୍କ ଦ୍ୱାରା ବ୍ୟବହୃତ ଅନେକ କଥିତ ଭାଷା। ଓଡ଼ିଶାରେ ପ୍ରଚଳିତ




ଆଞ୍ଚଳିକ ଭାଷା ସହିତ ଆଦିବାସୀଙ୍କ ଦ୍ୱାରା ବ୍ୟବହୃତ ଭାଷା ଦ୍ୱାରା ହିଁ ଓଡ଼ିଆ ଭାଷା କେଉଁ ପ୍ରାଚୀନ କାଳରୁ ନିଜର ଏକ ବଳିଷ୍ଠ ଓ ସମୃଦ୍ଧ ପରମ୍ପରା ସୃଷ୍ଟି କରିଛି। ଖାରବେଳଙ୍କ ହାତୀଗୁମ୍ଫା, ଅଶୋକଙ୍କ ଜଉଗଡ଼, ପୁରୀ ମନ୍ଦିରରେ ଥିବା ଜୟବିଜୟ ଶିଳାଲେଖରୁ ଆରମ୍ଭକରି ଉରଜାମ ଶିଳାଲେଖ ଏବଂ ଆମ ମଠ ମନ୍ଦିରର ଗମ୍ଭୀରା ଅବା ପୁଷ୍କରିଣୀରେ ଥିବା ପ୍ରସ୍ତର ଗାତ୍ରରେ କେତେ ଯେ ଶିଳାଲେଖ ଓ ଭାଷ୍ୟ ଆଜି ବି ଅନାବିଷ୍କୃତ ଅବସ୍ଥାରେ ରହିଛି- ଯାହାର ମୂକସାକ୍ଷୀ କେବଳ ଅଲିଖିତ ସମୟ। ଆମର ଜାତୀୟ ସମ୍ପଦ ପ୍ରାଚୀନ ତାଳପତ୍ର ପୋଥିରେ ରହିଥିବା ଚିତ୍ର ବିଦ୍ୟା, ଜ୍ୟୋତିର୍ବିଦ୍ୟାଠାରୁ ଆରମ୍ଭକରି ଶବ୍ଦକୋଷ, ପୁରାଣ, କାବ୍ୟ-କବିତା, ଆୟୁର୍ବେଦ, ଟୀକା-ଟିପ୍ପଣୀ ପର୍ଯ୍ୟନ୍ତ ଭାଷା-ସାହିତ୍ୟ-ସଂସ୍କୃତି ଯେତିକି ଆବିଷ୍କୃତ ତତୋଽଧିକ ଅନାବିଷ୍କୃତ। ଆମ ଲୋକସାହିତ୍ୟ, ଲୋକ ପରମ୍ପରା କେତେ ପ୍ରାଚୀନ ଓ କେତେ ସମୃଦ୍ଧ - ତାହା ଅନୁଭବୀ ହିଁ ଜାଣେ। ସାରଳା ଦାସଙ୍କ ମହାଭାରତ ଓଡ଼ିଆ ଜାତିର ଜୀବନବେଦ। ଏହା ସହିତ ସମ୍ପୃକ୍ତ ରହିଛି ଆମ ଜାତିର ପ୍ରଥା-ପରମ୍ପରା-ଜୀବନଶୈଳୀ, ପୁଣି ସମ୍ପୃକ୍ତ ରହିଛି ଓଡ଼ିଶାର ପର୍ବପର୍ବାଣି-ରୀତିନୀତି; ଓଡ଼ିଆର ଅନ୍ତରାତ୍ମା- ତାହାର ଜୀବନ ଓ ଜୀବିକା। ଆମ ଭାଗବତ ଆମ ଭାଷାର ପ୍ରାଚୀନ ଅସ୍ତିତ୍ୱ ଓ ଅସ୍ମିତାର ବାହକ।

ଓଡ଼ିଆ ଭାଷା ପରି ଓଡ଼ିଶାର ଐତିହ୍ୟ ମଧ୍ୟ ଖୁବ୍ ପ୍ରାଚୀନ। ଓଡ଼ିଶା ବିଭିନ୍ନ କାଳରେ ଉଡ୍ର, କଳିଙ୍ଗ, ଉତ୍କଳ ପରି ବିଭିନ୍ନ ନାମରେ ନାମିତ - ସମଗ୍ର ବିଶ୍ୱରେ ନିଜର ଉତ୍କର୍ଷ କଳା-ଭାସ୍କର୍ଯ୍ୟ ନିମନ୍ତେ ସୁପ୍ରସିଦ୍ଧ ଏହି ଦେଶ- ଉତ୍କଳ। ଚଣ୍ଡାଶୋକଙ୍କୁ ଧର୍ମାଶୋକ ଭାବେ ପରିବର୍ତ୍ତନ କରିଥିଲେ ଏଇ ମାଟି ଓ ଏହାର ସୁପୁରୁଷମାନେ। ମହାମେଘବାହନ ଖାରବେଳ କଳିଙ୍ଗର ହୃତଗୌରବ ଫେରାଇ ଆଣି ଏହାର ସ୍ୱାତନ୍ତ୍ର୍ୟ ଉଦ୍‌ଘୋଷଣା କରିଥିଲେ। ଏହି ଭୂମିରେ ନିର୍ମିତ ବିଶ୍ୱପ୍ରସିଦ୍ଧ କୋଣାର୍କ କିମ୍ବା ପୁରୀ ଜଗନ୍ନାଥଙ୍କ ପାଇଁ ଆଜି ଓଡ଼ିଶା ବିଶ୍ୱବିଦିତ। ଜଗତର ନାଥ ଜଗନ୍ନାଥ ଷୋଳ କଳା- ସବୁ ଅବତାରରେ ଏକ ସଶ୍ରଦ୍ଧ ଉଚ୍ଚାରଣ। ବୁଦ୍ଧଙ୍କ ଠାରୁ ଆରମ୍ଭକରି ଯିଶୁଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ - ସବୁ ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ମଣିଷ ତାଙ୍କର ଅତୀବ ପ୍ରିୟ। ସେ ଭାବର ଠାକୁର- ସେହି ଜଗନ୍ନାଥ କେବଳ ଆମର ରାଷ୍ଟ୍ରଦେବତା ନୁହନ୍ତି- ସେ ପୁଣି ଆମ ରାଷ୍ଟ୍ରର ଅପ୍ରତିଦ୍ୱନ୍ଦ୍ୱୀ ନେତା। ତାଙ୍କୁ ସ୍ମରଣ କରି ଆମର ପର୍ବପର୍ବାଣି-ଯାନିଯାତ୍ରା-ଖଡ଼ିଛୁଆଁ, ବିବାହ ବ୍ରତ ଆଉ ଘରର ଶୁଭ ଦିଆ। ଆମ ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ସ୍ଥାପତ୍ୟ- ସର୍ବତ୍ର ଜଗନ୍ନାଥମୟ- ସର୍ବତ୍ର ଓଡ଼ିଆତ୍ୱର ସ୍ପର୍ଶ। ପୁଣି ସମ୍ବଲପୁରୀ ବସ୍ତ୍ର ଓଡ଼ିଆ ଅସ୍ମିତା ଓ ଜାତୀୟତାର ବାହକ।

ସୁତରାଂ ଆଜି ଓଡ଼ିଆ ଆମର କେବଳ ଶ୍ରେଣୀକକ୍ଷରେ ସାଧାରଣ ପାଠ୍ୟ ଭାଷା ହୋଇ ରହିନାହିଁ। ଏହା ଆମ ଜାତିର ଆତ୍ମା, ଜାତିର ଅସ୍ତିତ୍ୱ, ଅସ୍ମିତା ଓ ସଂସ୍କୃତିର ଭିତ୍ତି। ଏହା ହୋଇଛି ଆମ ଜାତିର ଜାତୀୟ ସମ୍ପତ୍ତି। ତାହାର ଭବିଷ୍ୟତ ଉଜ୍ଜ୍ୱଳ ଓ ସମ୍ଭାବନାମୟ। ଆମ ଐତିହ୍ୟ, କୀର୍ତ୍ତିରାଜି, ପରମ୍ପରା, ଦେବଦେବୀ, ଚାଲିଚଳଣି, ଆମର ବିଚାରଧାରା, ସ୍ୱପ୍ନ ଓ ସଂକଳ୍ପ ସହିତ ଆମ ଭାଷାର ସମ୍ପର୍କ ନିବିଡ଼। ଆଜି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ମହାକୁମ୍ଭ ଓ ଘୋଷଯାତ୍ରା ଅବସରରେ ସମଗ୍ର ଓଡ଼ିଆ ଜାତି ଏକ ପ୍ରାଣ ଓ ଏକ ସ୍ୱରରେ ମଧୁସୂଦନ ରାଓଙ୍କ ସହିତ ସ୍ୱର ମିଳାଇ କହିବା ଉଚିତ- ଶୁଣ ମା' ଶୁଣ ମା' ବାରେ ତେରିଣ ଶ୍ରବଣ / ବିପୁଳ ବିଶ୍ୱର ମଧୁମୟ ଆମନ୍ତ୍ରଣ।

ଜୟ ଓଡ଼ିଶା - ଜୟ ଓଡ଼ିଆ

କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ: ୯୪୩୭୫୧୫୬୭୦

## ଏଇ ଭାରତରେ

ବେଙ୍ଗାଲୁରୁର ୪ ଜଣ ସାଙ୍ଗ ୧ଟଙ୍କା ମୂଲ୍ୟରେ ଗରିବ ଲୋକଙ୍କୁ ପୋଷାକ ଯୋଗାଇ ଦେଉଛନ୍ତି। ମେଲିଶା ନୋରା, ବିନୋଦ୍ ଲୋବୋ, ନୀତିନ କୁମାର ଏବଂ ବିଗ୍‌ନେଶ 'ଇମାଜିନ୍ ଟ୍ରଷ୍ଟ' ଗଠନ କରି ତା'ରି ମାଧ୍ୟମରେ ପୋଷାକ ଦେଉଛନ୍ତି। ଟ୍ରଷ୍ଟର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ କରାଯାଉଛି। ଏହି ୪ ସାଙ୍ଗ ଚାକିରି କରିଛନ୍ତି। ସେମାନେ ଏଥିପାଇଁ 'ଇମାଜିନ୍ ବସ୍ତ୍ର ବ୍ୟାଙ୍କ' ଖୋଲିଛନ୍ତି। ରବିବାର ଏହି 'ବସ୍ତ୍ର ବ୍ୟାଙ୍କ ଖୋଲା ରହୁଛି ଏବଂ ଗରିବମାନେ ସେଠାରୁ ସେମାନଙ୍କ ପସନ୍ଦର ପୋଷାକ ମାତ୍ର ୧ ଟଙ୍କାରେ କିଣୁଛନ୍ତି। ଲୋକମାନେ 'ବସ୍ତ୍ର ବ୍ୟାଙ୍କ୍'କୁ ପୋଷାକ ଦାନ କରୁଛନ୍ତି। ଏହା ବ୍ୟତୀତ ସ୍ୱେଚ୍ଛାସେବୀମାନେ ଲୋକମାନଙ୍କଠାରୁ ବ୍ୟବହୃତ ପୋଷାକ ଯାହା ସମ୍ପୂର୍ଣ୍ଣ ବ୍ୟବହାରଯୋଗ୍ୟ, ତାହା ସବୁ ସଂଗ୍ରହ କରୁଛନ୍ତି। ଏହିସବୁ ପୋଷାକକୁ ସଫା କରାଯାଇ ରଖାଯାଉଛି। ଅଦରକାରୀ କିମ୍ବା ଚିରାଫଟା ପୋଷାକରୁ ତକିଆଖୋଳ କିମ୍ବା ମ୍ୟାଟ୍ ପ୍ରସ୍ତୁତ କରାଯାଇ ଗରିବମାନଙ୍କୁ ମାଗଣାରେ ଦିଆଯାଉଛି। ଲକ୍‌ଡାଉନ୍ ସମୟରେ ଏଭଳି କାର୍ଯ୍ୟ କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ତେବେ ପ୍ରତି ସପ୍ତାହରେ ୧୫୦ରୁ ଅଧିକ ପରିବାର ବସ୍ତ୍ର ବ୍ୟାଙ୍କରୁ ପୋଷାକ ନେଉଛନ୍ତି। ଏବେ ସୁଦ୍ଧା ମୋଟ୍‌ରେ ସେମାନେ ୧୨,୦୦୦ରୁ ଅଧିକ ଗରିବ ଲୋକଙ୍କୁ ୧ ଟଙ୍କାରେ ବସ୍ତ୍ର ଯୋଗାଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଫେବୃଆରୀ ୧୯୭୫

- ରାଜ୍ୟ ବିଦ୍ୟୁତ ମନ୍ତ୍ରୀ, ରାଜ୍ୟ ବିଦ୍ୟୁତ୍ ବୋର୍ଡ ଓ ଶ୍ରମିକ ୟୁନିୟନ ମଧ୍ୟରେ ଫଳପ୍ରଦ ଆଲୋଚନା ହେବା ପରେ ତାଳଚେର ଥର୍ମାଲ ଶ୍ରମିକ ଧର୍ମଘଟ ପ୍ରତ୍ୟାହୃତ।
- ମହାତ୍ମା ଗାନ୍ଧୀଙ୍କ ଅତି ନିକଟତମ ସହକର୍ମୀ ମୋହନଲାଲ ଯୋଶୀଙ୍କ ୯୮ ବର୍ଷ ବୟସରେ ପରଲୋକ।
- ଆଭ୍ୟନ୍ତରିଣ ନିରାପତ୍ତା ରକ୍ଷା ଆଇନ ବଳରେ ଜୁମା ମସଜିଦ୍‌ର ଇମାମ୍ (ମୁଖ୍ୟ ଧର୍ମଗୁରୁ) ସୟଦ ଅବଦୁଲ୍ଲା ବୁଖାରି ଗିରଫ।

## ଚିରନ୍ତନୀ

କପାଳେ ତବ ଶିଶିର ତୁମେ
ନୟନେ ଲାଗେ ସ୍ୱପନ ରାଶି,
ନିଜନ ଏହି ମଉନ ଦେଶେ
କହ ଗୋ କାହୁଁ ଅଇଲ ଭାସି।
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷିତ ପିଲାଙ୍କୁ ନିୟୋଜିତ କରାଯାଉ

ମହାଶୟ,

ଆଗାମୀ ନିର୍ବାଚନଠାରୁ ଶିକ୍ଷକମାନଙ୍କୁ ନିର୍ବାଚନ କାର୍ଯ୍ୟରେ ସାମିଲ କରା ନ ଯାଉ । ଏହାଯୋଗୁ ପାଠପଢ଼ା ବ୍ୟାହତ ହେଉଛି। ବହୁ ସମୟରେ ଏଭଳି ଅଭିଯୋଗ ଶିକ୍ଷକ ତଥା ଅଭିଭାବକ ମହଲରୁ ଶୁଣିବାକୁ ମିଳେ। ଏହି କାର୍ଯ୍ୟରେ ଗାଁ ତଥା ସହରମାନଙ୍କରେ ବହୁ ପାଠପଢୁଆ, ଗରିବ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତ କଲେ ଭଲହୁଅନ୍ତା। କିଛି ପିଲା ପାଠ ପଢ଼ି ଚାକିରି ନ କରି ବେକାର ଅଛନ୍ତି। ଯଦି ଏମାନଙ୍କ ଭିତରୁ ଭଲ ପିଲା ଚିହ୍ନଟ କରି (ଯେଉଁମାନେ କି ନିଶା ଖାଉ ନ ଥିବେ, ଗୋଳମାଳିଆ ନ ଥିବେ, ତାଙ୍କର ଭଲ ଜ୍ଞାନ ଥିବ, ଯାହାର ସେବା ମନୋଭାବ ଥିବ) ଦକ୍ଷ ଭାବେ ତାଲିମ ଦେଇ ଏହି ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଇଲେ ଶିକ୍ଷା ବ୍ୟସ୍ଥାରେ ପ୍ରତିବନ୍ଧକ ଦେଖାଦିଅନ୍ତା ନାହିଁ। ଏମାନଙ୍କ ପାଇଁ ସର୍ତ୍ତ ରଖାଯାଉ କି କିଛି ଅନୈତିକ କାର୍ଯ୍ୟ କରିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲିଖିତ ସର୍ତ୍ତାବଳୀ ଦିଆଯାଉ।

-ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସତ୍ୟମେବ ଜୟତେ
ଭାରତ ସରକାର

# ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା

## ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ



# ୬୮ ହଜାର କୋଟି ଟଙ୍କାର ୧୮ଟି ପ୍ରକଳ୍ପ ଗୁଡ଼ିକର ଉଦଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ

**ଶନିବାର, ୩ ଫେବୃଆରୀ ୨୦୨୪ | ସକାଳ ୧୦ ଘଟିକା**

## ଶୁଭ ଉଦ୍‌ଘାଟନ

- ରାଷ୍ଟ୍ରୀୟ ରାଜମାର୍ଗ - ୫୨୦ର ରିମୁଳି-କୋଇଡା ସେକ୍ସନକୁ ୪ ଲେନ୍
- ରାଷ୍ଟ୍ରୀୟ ରାଜମାର୍ଗ ୧୪୩ର ବୀରମିତ୍ରପୁର-ବ୍ରାହ୍ମଣୀ ବାଇପାସ୍ ଏଣ୍ଡ ସେକ୍ସନର ୪ ଲେନ୍
- ରାଷ୍ଟ୍ରୀୟ ରାଜମାର୍ଗ ୧୪୩ର ବ୍ରାହ୍ମଣୀ ବାଇପାସ୍ ରାଜାମୁଣ୍ଡା ଖଣ୍ଡ ୪ ଲେନ
- ଲଖନପୁରରେ ଅବସ୍ଥିତ ଇବ୍ ଭ୍ୟାଲି ୱାଶେରୀ (୧୦ ଏମଟିଏ)
- ଜଗଦିଶପୁର - ହଳଦିଆ - ବୋକାରୋ - ଧାମରା ପାଇପ ଲାଇନ ପ୍ରକଳ୍ପର ଧାମରା - ଅନୁଗୋଳ ପାଇପ ଲାଇନ ଖଣ୍ଡ (୪୧୨ କି.ମି)
- ଲାଜକୁରା ଆରଏଲଏସ୍
- ଭୁବନେଶ୍ୱରୀ ଫେଜ୍-୧ ସିଏଚପି-ସାଇଲୋ
- ଆଇଆଇଏମ୍ ସମ୍ବଲପୁର

## ଶୁଭାରମ୍ଭ

ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍

## ଲୋକାର୍ପଣ

- ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ (୨x୮୦୦ ମେଗାୱାଟ୍)
- ଏନ୍ ଏସ୍ ପି ସି ଏଲ୍ ରାଉରକେଲା ପିପି-୨ ବିସ୍ତାର ପ୍ରକଳ୍ପ (୧x୨୫୦ ମେଗାୱାଟ୍)
- ଝାରସୁଗୁଡ଼ା - ବରପାଲି - ସରଡେଗା ରେଳ ଲାଇନ୍ ଦୋହରୀକରଣ
- ସମ୍ବଲପୁର-ତାଳଚେର ରେଳ ଲାଇନ ଦୋହରୀକରଣ (୧୬୮ କିମି)
- ଖୋର୍ଦ୍ଧା ରୋଡ୍ - ବଲାଙ୍ଗିର ନୂତନ ରେଳ ଲାଇନ୍
- ଝାରତରଭା-ସୋନପୁର ରେଳଖଣ୍ଡ (୨୧.୭ କିମି)
- ଝାରସୁଗୁଡ଼ାର ନବନିର୍ମିତ ମୁଖ୍ୟ ଡାକଘର ଐତିହ୍ୟ ଭବନ

## ଶିଳାନ୍ୟାସ

- ଏନଏଲସୀଆଇଏଲ ତଳବିରା ତାପ ବିଦ୍ୟୁତ୍ ପରିଯୋଜନା (୩ x ୮୦୦ ମେଗାୱାଟ)
- ଏନ ଟି ପି ସି ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ ଷ୍ଟେଜ୍-୩ (୨ x ୬୬୦ ମେଗାୱାଟ)
- ମୁମ୍ବାଇ-ନାଗପୁର-ଝାରସୁଗୁଡ଼ା ପାଇପ ଲାଇନ ପ୍ରକଳ୍ପର ନାଗପୁର-ଝାରସୁଗୁଡ଼ା ପାଇପ ଲାଇନ ଖଣ୍ଡ (୬୯୨ କିମି)
- ସମ୍ବଲପୁର ରେଳ ଷ୍ଟେସନର ନବୀନକରଣ

## ଗରିମାମୟ ଉପସ୍ଥିତି

**ଶ୍ରୀ ରଘୁବର ଦାସ**
ମାନନୀୟ ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ମନ୍ତ୍ରୀ, ରେଳ, ସଂଚାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ବିଜ୍ଞାନ

**ଶ୍ରୀ ବିଶ୍ୱେଶ୍ୱର ଟୁଡୁ**
କେନ୍ଦ୍ର ରାଜ୍ୟ ମନ୍ତ୍ରୀ, ଜଳ ଶକ୍ତି ତଥା ଜନଜାତୀୟ କାର୍ଯ୍ୟ

**ଶ୍ରୀ ନୀତେଶ ଗଙ୍ଗଦେବ**
ସଦସ୍ୟ ଲୋକସଭା

**ଶ୍ରୀ ନାଉରି ନାୟକ**
ସଦସ୍ୟ ଓଡ଼ିଶା ବିଧାନସଭା

cbc 21201/13/0007/2324

**ସିଧା ପ୍ରସାରଣ କେବଳ ଦୂରଦର୍ଶନ ନିଉଜରେ ଦେଖନ୍ତୁ**

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର

ବାଲିଅନ୍ତା,୨।୨(ନୀଳମାଧବ ସାହୁ)

ସ୍ଥାନୀୟ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଜୟନ୍ତୀବାଳା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ବକ୍ତାଭାବେ ଗବେଷକ କାଳନ୍ଦୀ ଚରଣ ସାହୁ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାରର ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ଶିଶିର କୁମାର ନାୟକ, ପୂର୍ବତନ ଅଧ୍ୟକ୍ଷ ଧରଣୀଧର ସ୍ୱାଇଁ, ଅଧ୍ୟାପକ ସୂର୍ଯ୍ୟ ନାରାୟଣ ବେହେରା, ଅଧ୍ୟାପିକା ସାବିତ୍ରୀ ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜୟଦେବ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଓଡ଼ିଆ ବ୍ୟାକରଣ ଜ୍ଞାନ, ଡିବେଟ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ରଶ୍ମି ଦାସ, ମଧୁସ୍ମିତା ନାୟକ ତୃପ୍ତିପ୍ରଭା ସ୍ୱାଇଁ, ଶ୍ୱେତାଳିନା ଦାସ, ଅଧ୍ୟାପକ ପୀତାମ୍ବର ପାତ୍ର, ତପନ କୁମାର ସାହୁ, ଜ୍ଞାନ ରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବିଭିନ୍ନ ଦାବି ନେଇ ୭ରୁ ଆନ୍ଦୋଳନକୁ ଓହ୍ଲାଇବ ଓଷ୍ଟା

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନ୍ଦୋଳନକୁ ଓହ୍ଲାଇବ। ଫେବୃଆରୀ ୩ ତାରିଖରେ ପ୍ରତ୍ୟେକ ଜିଲାର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ୪ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୭ତାରିଖରେ ରାଜଧାନୀର ଲୋୟର ପିଏମ୍‌ଜିରେ ଆନ୍ଦୋଳନ କରାଯିବ। ରାଜ୍ୟର ସମସ୍ତ ଜିଲାକୁ ନେଇ ଅନୁଷ୍ଠିତ ଆଭାସୀ ବୈଠକ ମାଧ୍ୟମରେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ଅବସର ନେଉଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ, ଅବସରକାଳୀନ ସୁବିଧା, ଚାକିରିନ୍ ସର୍ତ୍ତାବଳୀ, ସପ୍ତମ ବେତନ ଓ ନୂତନ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଆଦି ଦାବି ପୂରଣ ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲ ଦାଶ କହିଛନ୍ତି। ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଞ୍ଚିତ ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ଅବସର ପରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପେନସନ୍ ପ୍ରଦାନ, ସରକାରୀକରଣ ହୋଇ ନ ଥିବା ବିଦ୍ୟାଳୟକୁ ସରକାରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ, ଗ୍ରେଡ୍‌ପେରେ ଥିବା ଅସଙ୍ଗତି ଦୂରୀକରଣ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କ ଯୋଗ୍ୟତା ଦରମା, ୪୮ ବର୍ଷରେ ପଦାର୍ପଣ କରି କୋର୍ଟ ନିର୍ଦ୍ଦେଶ ପାଇଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଟିଜି ମାନ୍ୟତା ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ୬୧୦ ବିଦ୍ୟାଳୟକୁ ସରକାରୀକରଣ, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା ଏବଂ ଅନ୍ୟାନ୍ୟ ଦାବି ରହିଛି। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

# ଆରମ୍ଭ ହେଲା ଏକାମ୍ର ୱାକ୍ସ

## ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପାଲା, ଖଞ୍ଜଣିର ମଜା ନେଲେ ସହରବାସୀ

ଭୁବନେଶ୍ୱର, ୨।୨ (ବନ୍ଦନା ସେଠୀ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, କଳା ଓ ସଂସ୍କୃତିକୁ ମନୋରଞ୍ଜନ ମାଧ୍ୟମରେ ଲୋକଙ୍କ ପାଖେ ପହଞ୍ଚାଇବାକୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି 'ଏକାମ୍ର ୱାକ୍ସ'। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ଏକାମ୍ର ୱାକ୍ସର ତୃତୀୟ ସଂସ୍କରଣର ପ୍ରଥମ ଦିନରେ ଦୁଇଟି ଟ୍ରେଲ ବା ପଦଯାତ୍ରା 'ବନ୍ୟ ବିଭବରେ ବିଭୋର ମଣିଷ' ଏବଂ 'ଏସେନ୍ସ ଅଫ୍ ଓଡ଼ିଶା' ବା 'ଓଡ଼ିଆ ଭାଷାର ଗୌରବ ଗାଥା' ଆୟୋଜିତ ହୋଇଥିଲା। ପର୍ଯ୍ୟଟକମାନେ 'ବନ୍ୟ ବିଭବରେ ବିଭୋର ମଣିଷ' ପଦଯାତ୍ରାରେ ଜଙ୍ଗଲ ଓ ଜଳାଶୟରେ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ପଦଯାତ୍ରା ସକାଳ ୬ଟାରେ ଆରମ୍ଭ ହୋଇଥିଲା। ଏଥିରେ ପର୍ଯ୍ୟଟକମାନେ ଡେରାସ ଡ୍ୟାମ୍ ବୁଲି ଦେଖିବା ସହ ଜଙ୍ଗଲର ମଜା ନେଇଥିଲେ। ଏଥିସହ ଅତିଥିମାନେ ସ୍ଥାନୀୟ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥିଲେ। ସେହିଭଳି



ଚଳିତବର୍ଷ 'ଏକାମ୍ର ୱାକ୍ସ'ରେ ଯୋଡ଼ା ଯାଇଥିବା 'ଓଡ଼ିଆ ଭାଷାର ଗୌରବ ଗାଥା' ଟ୍ରେଲ୍ ଐତିହାସିକ କେଦାରନାଥ ଲାଇବ୍ରେରିରୁ ଆରମ୍ଭ ହୋଇ ମୁକ୍ତେଶ୍ୱର ମନ୍ଦିରରେ ଶେଷ ହୋଇଥିଲା। ଭାରତୀ ମଠରେ ପାରମ୍ପରିକ ପାଲା କାର୍ଯ୍ୟକ୍ରମ ଓ ଯମେଶ୍ୱର ମନ୍ଦିରରେ ଖଞ୍ଜଣି ପରିବେଷଣ ପର୍ଯ୍ୟଟକମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭବ ଦେଇଥିଲା। ଫେବୃଆରୀ ୫ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ରେଲ୍‌ରେ ଓଡ଼ିଆ ଭାଷାର ଇତିହାସ ସହ ଜଡ଼ିତ ବିଭିନ୍ନ ଦିଗ ସମ୍ପର୍କରେ ଜାଣିବାକୁ ପର୍ଯ୍ୟଟକମାନଙ୍କୁ ସୁଯୋଗ ମିଳୁଛି।

ଅପରପକ୍ଷେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର, ଶନିବାର ଏବଂ ରବିବାର ଏକାମ୍ର ପଦଯାତ୍ରା ଚାଲିବ। ଏହି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକମାନେ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟର ଆନନ୍ଦ ନେଇପାରିବେ। ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଅଭିଜ୍ଞ ଗାଇଡ୍‌ମାନଙ୍କ ସହାୟତାରେ ଶତାବ୍ଦୀ ଶତାବ୍ଦୀ ଧରି ତଥା ପିଢ଼ି ପରେ ପିଢ଼ି ଚାଲିଥିବା କାହାଣୀଗୁଡ଼ିକୁ ଉନ୍ମୋଚନ କରିବାରେ ଏହି ପଦଯାତ୍ରା ସହାୟକ ହେବ। 'ଏକାମ୍ର ୱାକ୍ସ'ରେ ସାମିଲ ହେବାପାଇଁ ଆଗ୍ରହୀ ବ୍ୟକ୍ତିମାନେ WWW.EKAMRAWALKS.COMରୁ କାର୍ଯ୍ୟକ୍ରମର ସମୟ ସାରଣୀ ଓ ରୁଟିନ୍ ବିଷୟରେ ଅଧିକ ସୂଚନା ପାଇବା ସହ ପଞ୍ଜୀକରଣ କରିପାରିବେ। ଏହି ଅନନ୍ୟ ପଦକ୍ଷେପ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦେବା ସହ ପର୍ଯ୍ୟଟକଙ୍କୁ ଟାଣି ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଆଜି ଖୋଲିବ କାହାଣୀ ପେଡ଼ି

କାହାଣୀ ଦୁନିଆରେ ପୁଣି ଥରେ ହଜିବ ମନ। ଗପପେଡ଼ିରୁ ନୂଆ ନୂଆ ଗପ ବାହାରିବ ଆଉ ତାକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରିବେ ଷ୍ଟୋରି ଟେଲର୍ ବା କଥାକାର। ଶନିବାରଠାରୁ ଆରମ୍ଭ ହେଉଥିବା ଏକାମ୍ର ଉତ୍ସବର ଅନ୍ୟତମ ଅଂଶ ଭାବେ ଆରମ୍ଭ ହେବ 'ଭୁବନେଶ୍ୱର କାହାଣୀ ଉତ୍ସବ ବା ଭୁ ଫେଷ୍ଟୋ'। ସହରର ପ୍ରମୁଖ ୪ଟି ପାର୍କ ଯଥା ଇନ୍ଦିରାଗାନ୍ଧୀ ପାର୍କ, ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ (କଳାଭୂମି), ଏପିଜେ ଅବଦୁଲ କାଲାମ ପାର୍କ (କଳିଙ୍ଗନଗର) ଏବଂ ନୀଳାଦ୍ରି ବିହାରର ବୁଦ୍ଧ ପାର୍କଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପ୍ରତିଦିନ ଅପରାହ୍ନ ୨.୩୦ରୁ ଆରମ୍ଭ ହୋଇ ରାତି ୭.୩୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଉତ୍ସବର ସବୁ କାହାଣୀ ଓଡ଼ିଆରେ ହେବ। ସହରବାସୀ ଓଡ଼ିଶାର କଥା, ଉପନ୍ୟାସ, ଜୀବନୀ ସବୁକିଛି ଗପ ମାଧ୍ୟମରେ ଶୁଣିବାକୁ ପାଇବେ। ସେହିପରି ମାଣ୍ଡିଆ ଏବଂ ଓଡ଼ିଆ ଖାଦ୍ୟ ଉପରେ ଗପ ଶୁଣିବାକୁ ମିଳିବ। ଅନ୍ୟପକ୍ଷେ ଉପସ୍ଥିତ ଲୋକଙ୍କୁ ଶାସ୍ତ୍ରୀୟ ଓଡ଼ିଆ ଉପନ୍ୟାସର ସମସାମୟିକ ରୂପକୁ ଜାଣିବା ସହ କାଳଜୟୀ କାହାଣୀରେ ଏକ ଆଧୁନିକ ଅଧ୍ୟାୟକୁ ଯୋଡ଼ିବା ପାଇଁ ସୁଜାତା, ପ୍ରିୟମ୍ବଦା, ମୀରା ଦାସ ଖୋରାକ ଯୋଗାଇବେ। କୁନା ତ୍ରିପାଠୀ, ଆକାଶ ଦାସନାୟକ, ଉଷସୀ ମିଶ୍ର, ଅଙ୍କିତା ପଟ୍ଟନାୟକ, ସବିତା ପଟ୍ଟନାୟକ, ତପସ୍ୱିନୀ ପଣ୍ଡା, ଶାଶ୍ୱତୀ ନନ୍ଦ ଶତପଥୀ, ହୃଦୟ ରଞ୍ଜନ, ସୁଜିତ୍ ମହାପାତ୍ର, ସ୍ୱାଗତିକା ସେଠୀ ପ୍ରମୁଖ କାହାଣୀକାର ଶ୍ରୋତାଙ୍କୁ ନିଜ ନିଜ କାହାଣୀରେ ବାନ୍ଧି ରଖିବେ। ଏଥିସହ କଣ୍ଢେଇ ନାଚ ମଧ୍ୟ ପରିବେଷଣ କରାଯିବ।

## ଓଡ଼ିଆ ଖାଦ୍ୟର ମହକ ବାଣ୍ଟିବ 'ଆମ ବ୍ୟଞ୍ଜନ'

ଶନିବାରଠାରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ପଡ଼ିଆରେ 'ଆମ ବ୍ୟଞ୍ଜନ' ଥିମ୍‌ରେ ଖୋଲିବ ସୁଆଦିଆ ଖାଦ୍ୟର ପସରା। ବିଶେଷକରି ଓଡ଼ିଆ ଖାଦ୍ୟର ପାରମ୍ପରିକ ମହକ ସମସ୍ତଙ୍କୁ ସୁହାଇବ। ବିଶେଷକରି ଦେଶୀ ଖାଦ୍ୟର ପ୍ରଚାର ପ୍ରସାର କରିବା ଉପରେ ଧ୍ୟାନ ଦିଆଯିବ। ରାଜଧାନୀର କିଛି ତାରକା ହୋଟେଲ ମଧ୍ୟ ଏଥିରେ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

## ମନ ମୋହିବ ସଙ୍ଗୀତର ମୂର୍ଚ୍ଛନା

ସହରବାସୀଙ୍କ ମନୋରଞ୍ଜନ ପାଇଁ ଏକ ନୂତନ ରୂପରେ ପ୍ରଦର୍ଶନୀ ପଡିଆରେ ଆୟୋଜନ ହେବ ସଙ୍ଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସଙ୍ଗୀତର ମୂର୍ଚ୍ଛନା'। ଓଲିଉଡ୍ ଓ ବଲିଉଡ୍‌ର କଣ୍ଠଶିଳ୍ପୀଙ୍କ ସୁମଧୁର ସ୍ୱରରେ ମଜିବେ ଶ୍ରୋତା। ଏହା ସାଙ୍ଗକୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଦେଖିବାକୁ ମିଳିବ ନୃତ୍ୟ ଓ ଲାଇଭ ବ୍ୟାଣ୍ଡ୍ ପରିବେଷଣ। ଏହି ୭ଦିନିଆ ଉତ୍ସବର ପ୍ରତି ସନ୍ଧ୍ୟାରେ ଭିନ୍ନ ଭିନ୍ନ ପ୍ରଦର୍ଶନ କରାଯିବ। ଶନିବାର ଉଦ୍‌ଘାଟନୀ ଉତ୍ସବରେ 'ସ୍ମୃତି ତୁମେ ଅକ୍ଷୟ' କାର୍ଯ୍ୟକ୍ରମ କରାଯିବ। ଏଥିରେ କଣ୍ଠଶିଳ୍ପୀ ଜ୍ୟୋର୍ତିମୟୀ, ଅଭିରାମ, ରାଜେଶ, କୃଷ୍ଣ ଓ ମିତ୍ରଭାନୁ ଶ୍ରୋତାଙ୍କୁ ଅକ୍ଷୟ ସଙ୍ଗୀତ ଦୁନିଆକୁ ନେଇଯିବେ।

# 'ଅକ୍ଷର-କହ, ଶିଖ, ଲେଖ'

## ସାଂସ୍କୃତିକ ବିଚିତ୍ରାରେ ଝୁମିଲେ ଦର୍ଶକ

ଭୁବନେଶ୍ୱର, ୨।୨(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ 'ଅକ୍ଷର-କହ, ଶିଖ, ଲେଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉତ୍କଳ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନଠାରୁ ଆରମ୍ଭ କରି ନୂତନ ପର୍ଯ୍ୟନ୍ତ ତଥା ସବୁ ଯୁଗର ପ୍ରଥିତଯଶା କବି, ସାହିତ୍ୟିକ ଓ ଲେଖକମାନଙ୍କର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ବିଭିନ୍ନ ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ଓ ପ୍ରଦର୍ଶନ କରାଯାଇଥିଲା। ଭାଷାକୁ ଗୁରୁତ୍ୱ ଦେବା ସହ ସ୍ୱତନ୍ତ୍ର ଓଡ଼ିଆ ବିଶ୍ୱବିଦ୍ୟାଳୟ ଗଠନ କରି ମୁଖ୍ୟମନ୍ତ୍ରୀ ସମଗ୍ର ଦେଶରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି ବୋଲି ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ। ମେୟର ସୁଲୋଚନା ଦାସ କହିଲେ, ସମ୍ପ୍ରତି ଦେଶରେ ୧୫୯୯ଟି କଥିତ ଭାଷା ରହିଛି। ସେଥିମଧ୍ୟରୁ ୧୨୨ଟି ଲିଖିତ ଭାଷା ରହିଥିବାବେଳେ କେନ୍ଦ୍ର ସରକାର ମାତ୍ର ୬ଟି ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେଇଛି। ଏହା ମଧ୍ୟରେ ଓଡ଼ିଆ ଭାଷା ଅନ୍ୟତମ। ଏହା ଆମ ପାଇଁ ଗୌରବର କଥା। ମୁଖ୍ୟମନ୍ତ୍ରୀ ଆମ ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରି ଇତିହାସ ସୃଷ୍ଟି କରିଛନ୍ତି ବୋଲି ସେ ମତ ଦେଇଥିଲେ। ମାତୃଭାଷାରେ ବିଭିନ୍ନ ଶିକ୍ଷା ଯଥା ବିଜ୍ଞାନ, ବୈଷୟିକ ଜ୍ଞାନ ଆଦି କରାଗଲେ ତାହା ଓଡ଼ିଆ ଭାଷାର ବିକାଶରେ ଆହୁରି ସହାୟକ ହେବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ମତ ଦେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ ସାଂସ୍କୃତିକ ବିଚିତ୍ରା ପରିବେଷିତ ହୋଇଥିଲା। ସଙ୍ଗୀତ ସାଙ୍ଗକୁ ନୃତ୍ୟର ସମ୍ଭାର ଉପସ୍ଥିତ ଦର୍ଶକଙ୍କୁ ଆମୋଦିତ କରିଥିଲା। ପ୍ରାରମ୍ଭରେ ଉପସ୍ଥିତ ଦର୍ଶକଙ୍କ ପାଇଁ ଓଡ଼ିଆ ଭାଷା ଜ୍ଞାନଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଏମ୍‌ସି ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ମିହିର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲା ଉଠାଦୋକାନୀ ମହାସଂଘ



ଭୁବନେଶ୍ୱର, ୨।୨(ବନ୍ଦନା ସେଠୀ)

ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଶୁକ୍ରବାର ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଉଠାଦୋକାନୀଙ୍କ ସମସ୍ୟା ସମାଧାନ ପାଇଁ ଅନୁରୋଧ କରାଯାଇଛି। ସେହିପରି ଷ୍ଟ୍ରିଟ୍ ଭେଣ୍ଡର୍ସ ୱେଲଫେୟାର ବୋର୍ଡ ଗଠନ କରିବା, ଉଠାଦୋକାନୀଙ୍କ ପରିଚୟପତ୍ରକୁ ଦୀର୍ଘମିଆଦୀ କରିବା, ଆଇ କାର୍ଡ଼ ମିଳିଥିବା ଉଠାଦେକାନୀଙ୍କୁ ଭେଣ୍ଡିଂଜୋନ ଦେବା ପର୍ଯ୍ୟନ୍ତ ସେହି ଜାଗାରେ ବ୍ୟବସାୟ ପାଇଁ ଅନୁମତି ପ୍ରଦାନ କରିବା, ଷ୍ଟ୍ରିଟ୍ ଭେଣ୍ଡର୍ସ ୱେଲଫେୟାର ବୋର୍ଡ ଗଠନ ନ ହେବା ଯାଏ ଉଚ୍ଛେଦ ବନ୍ଦ କରିବା, ସହରର ପ୍ରତ୍ୟେକ ୱାର୍ଡର ମୁଖ୍ୟ ସ୍ଥାନଗୁଡ଼ିକରେ ଭେଣ୍ଡିଂଜୋନ ସ୍ଥାପନ କରିବା ଆଦି ୧୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ତଥା ମହାସଂଘର ଉପଦେଷ୍ଟା ଅନନ୍ତ ନାରାୟଣ ଜେନା, କଟକ ମେୟର ତଥା ଉପଦେଷ୍ଟା ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ଲୋକନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ସହରର ଉଠାଦୋକାନୀଙ୍କ ଥଇଥାନ ପ୍ରତି ରାଜ୍ୟ ସରକାର ଅବଗତ ଥିବା ପାଣ୍ଡିଆନ୍ କହିଥିଲେ। ଯେଉଁମାନେ ଥଇଥାନ ହୋଇନାହାନ୍ତି ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମହାସଂଘ ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ କଟକ, ଭୁବନେଶ୍ୱର ଏବଂ ପୁରୀର ଶତାଧିକ ଉଠାଦୋକାନୀ ଏଥିରେ ସାମିଲ ହୋଇଥିଲେ।

## ବିଏମ୍‌ସି ପକ୍ଷରୁ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କଲେ ୫୦୦ ଭକ୍ତ

ଭୁବନେଶ୍ୱର, ୨।୨(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ପୁରୀ ପରିକ୍ରମା ପ୍ରକଳ୍ପ ପରିଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ସକାଳ ୮ଟାରେ ୧୩ଟି ବସ୍‌ରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ଶହ ମହିଳା ଓ ପୁରୁଷ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ପ୍ରମୁଖ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ସାଉଥ-ଇଷ୍ଟ ଜୋନ୍‌ର ୨୫ଟି ୱାର୍ଡରୁ ଏହି ଯାତ୍ରୀଙ୍କୁ ନିଆଯାଇଥିଲା। ସେମାନଙ୍କ ସହ କେତେଜଣ କର୍ପୋରେଟର ମଧ୍ୟ ପୁରୀ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ସେମାନେ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିବା ସହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ଗାଇଡ୍ ଭାବେ ଦକ୍ଷିଣ-ପୂର୍ବ ଜୋନ୍‌ର ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ ଏବଂ ଡେପୁଟି କମିଶନର ୱେଲଫେୟାର ପ୍ରିୟଙ୍କା ମଲ୍ଲିକ ଯାଇଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କମିଶନର ଏନ୍.ଗଣେଶ ବାବୁ ସଂଯୋଜନା କରିଥିଲେ।

## ବିଦ୍ୟାଳୟରେ ପାଠ ପଢ଼ାଇଲେ ଜିଲାପାଳ



ବାଲିପାଟଣା,୨।୨(ଅଭିମନ୍ୟୁ ନାୟକ)

ଖୋର୍ଦ୍ଧା ଜିଲାପାଳ ଚଞ୍ଚଲ ରାଣା ଶୁକ୍ରବାର ବାଲିପାଟଣା ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସ୍ଥିତି ପରଖିଛନ୍ତି। ଜିଲାପାଳ ରାଣା ପହଞ୍ଚିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ, ସରପଞ୍ଚ ବାହାନ ଭୋଇ, ସମିତିସଭ୍ୟ ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶନୀଙ୍କ ସମେତ ସମିତିସଭ୍ୟ ଓ ସରପଞ୍ଚମାନେ ସ୍ୱାଗତ କରିଥିଲେ। ଏହା ପରେ ଜିଲାପାଳ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମସ୍ୟା ବୁଝିଥିଲେ। ଖାଲି ପଡିଥିବା ଡାକ୍ତର ପଦବୀ ଖୁବ୍‌ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଜିଲାପାଳ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଇଥିଲେ। ପରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସ୍ଥିତି ପରିଦର୍ଶନ କରି ଫେରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨।୨(ବନ୍ଦନା ସେଠୀ)

ଚଇେସିଆଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସହଗୋଷ୍ଠୀ ଶିକ୍ଷାଧିକାରୀ ୟୁଆର୍‌ସିସି ଉର୍ମିଳା ମିଶ୍ର, ୱାର୍ଡ ନଂ. ୫ର କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷକ ରାଉତ କିଭଳି ବିଦ୍ୟାଳୟକୁ ନିଜର ପରିବାର ଭଳି ମନେ କରୁଥିଲେ ତାହା କହିଥିଲେ। ଅନୁପ ଖୁଣ୍ଟିଆ ଏବଂ ପୂର୍ବତନ କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଏକାମ୍ରରେ ପକ୍କା ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୨।୨(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ୱାର୍ଡ ନଂ.୨୩ ଏବଂ ୪୯ରେ ଭୁବନେଶ୍ୱର ମହାନଗର ନିଗମରେ ଗଢ଼ିଉଠିଥିବା ନୂତନ କଲୋନୀର କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହାୟତାରେ ପ୍ରଥମ ପର୍ଯ୍ୟାୟରେ ବିଏମ୍‌ସିର ୨୨୧ଟି ରାସ୍ତା ପାଇଁ ପ୍ରାୟ ୩୬୪.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। ସେଥିମଧ୍ୟରୁ ଏକାମ୍ର ନିର୍ବାଚନମଣ୍ଡଳୀରେ ୯୭ କିଲୋମିଟର ରାସ୍ତା ଓ ଡ୍ରେନ୍ ପାଇଁ ପ୍ରାୟ ୧୯୩ କୋଟି ମଞ୍ଜୁର କରାଯାଇଛି ବୋଲି ବିଏମ୍‌ସିର ବୈଷୟିକ ଉପଦେଷ୍ଟା ଇଞ୍ଜିନିୟର ଅରୁଣ




କୁମାର ନାୟକ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ଶୁକ୍ରବାର ରାଜୀବ ନଗର, ପିପିଟି କଲୋନୀ, ଖଣ୍ଡଗିରି ବିହାର, ଘାଗୁଡ଼ି ବ୍ରିଜ ରାସ୍ତା, ଟାଟା ଆରିଆନା ଆଦି ଅଞ୍ଚଳରେ କଚ୍ଚା ରାସ୍ତାରୁ ପକ୍କା ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କର୍ପୋରେଟର ସଞ୍ଜୁକ୍ତା ସୁନ୍ଦରାୟ, କିରଣ ମାଝୀ, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝୀ, ସଜିତ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୨।୨(ସତ୍ୟଜିତ୍ ରାଉତ)

ରାଜଧାନୀ ଦିନକୁ ଦିନ ଅସୁରକ୍ଷିତ ହେବାରେ ଲାଗିଛି। କମିଶନରେଟ୍ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅସାମାଜିକ ଯୁବକମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ମାତ୍ର ୩ ଦିନ ତଳେ ଭୁବନେଶ୍ୱର ଜାଗମରା ନୂଆରୋଡ୍‌ରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଛି। ସୁନ୍ଦରପଦା ହରିଆ ଛକ ନିକଟରେ ୩ରୁ ଊର୍ଦ୍ଧ୍ୱ ଯୁବକ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏପରିକି ସେମାନେ



ପୁପୁନ ଜେନା

ତାଙ୍କ ଶରୀରକୁ ପଥରରେ ଛେଚିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଛନ୍ତି ସୁନ୍ଦରପଦା ଅଞ୍ଚଳର ପୁପୁନ ଜେନା।

ପୁପୁନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ବେଳର ସିସିଟିଭି ଫୁଟେଜ୍ ମଧ୍ୟ ଭାଇରାଲ ହେଉଛି। ପୁପୁନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ଏହି ଘଟଣାକୁ ନେଇ ତାଙ୍କ ଦାଦା ଖେତରା ଜେନା ଶୁକ୍ରବାର ଏୟାରଫିଲ୍ଡ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୯/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଗୁରୁବାର ରାତି ପ୍ରାୟ ୧ଟା ବେଳେ ୩ରୁ ଊର୍ଦ୍ଧ୍ୱ ଯୁବକ ପୁପୁନଙ୍କୁ ଆକ୍ରମଣ କରିଥିବା ନେଇ ଦାଦା ଖେତରା ଖବର ପାଇଥିଲେ। ଶୁକ୍ରବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଉଠାଇ ଆଣି ଥାନାରେ ପଚରାଉଚରା କରୁଥିବା ସୂଚନା ମିଳିଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଆକ୍ରମଣର ଶିକାର ପୁପୁନ ଓ ଅଭିଯୁକ୍ତମାନେ ସାଙ୍ଗ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ପରେ ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ବେପାରୀ ଗିରଫ



ବେଗୁନିଆ,୨।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଦେଉଳି ଗ୍ରାମର ରାକେଶ କୁମାର ଦାସ(୩୪)। ତାଙ୍କ ନିକଟରୁ ଏକ ବାଇକ୍ ସହ ୨.୧ କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୭୦/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ରାକେଶ ବାଇକ୍‌ରେ ଗଞ୍ଜେଇ ନେଇ ନିକଟ ଡାଳତୋଳା ଛକଠାରେ ବିକ୍ରି କରୁଥିଲେ। ଖବରପାଇ ଅବକାରୀ ଟିମ୍ ପହଞ୍ଚି ରାକେଶଙ୍କୁ କାବୁ କରିଥିଲା। ଏହି ଚଢ଼ାଉ ଟିମ୍‌ରେ ଜିଲା ଅବକାରୀ ବିଭାଗ ନିରୀକ୍ଷକ ସନ୍ତୋଷ କୁମାର ସାହୁ, ଏସ୍ଆଇ ପ୍ରକାଶ ଷଡ଼ଙ୍ଗୀ, ଏଏସ୍ଆଇ ରାଜେନ୍ଦ୍ର ସେସ, ରତ୍ନାକର ଜ୍ୟୋତି, କର୍ମଚାରୀ ପ୍ରଣବ ବେହେରା, ସାନନ୍ଦ କୁନା ଓ ସ୍ୱପ୍ନାରାଣୀ ବେହେରା ସାମିଲ ଥିଲେ।

### ମଦ ଜବତ, ୨ ଗିରଫ

କୃଷ୍ଣପ୍ରସାଦ,୨।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ମୋରଡା ଗ୍ରାମରେ ପୋଲିସ ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଲିଆ ମାଝି ଓ ବିନାୟକ ତ୍ରିପାଠୀ। କୃଷ୍ଣପ୍ରସାଦ ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।

### ଆମ ଗାଁ ମହୋତ୍ସବ ୨୩ରୁ

ବେଗୁନିଆ,୨।୨(ହର ପ୍ରସନ୍ନ ପଣ୍ଡା) ବେଗୁନିଆ ବ୍ଲକ ଅନ୍ତର୍ଗତ ମଲ୍ଲିପଦର ଗ୍ରାମରେ 'ଆମ ଗାଁ ମହୋତ୍ସବ' ଆସନ୍ତା ୨୩ତାରିଖରୁ ଆରମ୍ଭ ହୋଇ ୨୭ରେ ଉଦ୍‌ଯାପିତ ହେବ। ଐତିହ୍ୟ, କଳା ଓ ସଂସ୍କୃତିକୁ ନେଇ ଅଞ୍ଚଳର ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଓ କଳାକାର ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିବେ। ମହୋତ୍ସବ କମିଟିର ସଭାପତି ବିଦ୍ୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ବୈଠକରେ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା, ପରାମର୍ଶଦାତା ରାଜକିଶୋର ପାଣିଗ୍ରାହୀ, ଦସ୍ୟ ରବୀନ୍ଦ୍ର ବାରିକ, ମାଗୁଣି ସାମନ୍ତରାୟ, ତାରାକାନ୍ତ ପଣ୍ଡା, ହରେକୃଷ୍ଣ ଦାଶ, ସୁଦର୍ଶନ ମହାପାତ୍ର, ସୂର୍ଯ୍ୟକାନ୍ତ ସେଠି, ଗୋପବନ୍ଧୁ ମହାପାତ୍ର, ଶରତ ମହାପାତ୍ରଙ୍କ ସମେତ ଗ୍ରାମର ଯୁବବର୍ଗ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାରେ ଉତ୍ସବ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ସମ୍ପାଦକ ଆଚାର୍ଯ୍ୟ କହିଛନ୍ତି।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିରେ ଜଗନ୍ନାଥଙ୍କ ଭାବନା ପ୍ରସ୍ଫୁଟିତ

ବୋଲଗଡ଼,୨।୨(ଦେବବ୍ରତ ହୋତା)





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କେପିଏନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଏବଂ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁକାନ୍ତ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ଡ.ରତିକାନ୍ତ ମିଶ୍ର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକିଶୋର ସାମନ୍ତସିଂହାର, କେପିଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଅଧ୍ୟାପକ ପୀତବାସ ମିଶ୍ର, ଶିକ୍ଷାବିତ୍ କାଳୀଚରଣ ଜୟସିଂହ, କୁମୁଦିନୀ ଜୟସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିରେ ମହାପ୍ରଭୁ ଜଗନ୍ନାଥଙ୍କ ଭାବନା ପ୍ରସ୍ଫୁଟିତ ହେଉଛି। ଅଧ୍ୟାପକ ଡ.ଜୟପ୍ରକାଶ ମିଶ୍ର, ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ, ରାଜକିଶୋର ବୈରିଗଞ୍ଜନ, ଦିଲୀପ କୁମାର ପଣ୍ଡା, ଝିଲି ମହନ୍ତ, ସରୋଜ କୁମାର ମିଶ୍ର, ମହେଶ୍ୱର ଜୟସିଂ, ଲୁଇନା ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ସେହିପରି ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତିର ପ୍ରସାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ.ତପନ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ପଣ୍ଡିତ କାଶୀନାଥ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ଓଡ଼ିଆ ସମାଜ ଓ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ କରୁଣା ଓ ଅଲୌକିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ସଂଯୋଜକ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ରମାକାନ୍ତ ଓଝା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଏହାର ବିଶେଷ ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସଭା ପ୍ରାରମ୍ଭରେ ଅଧ୍ୟାପକ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ କେଦାରନାଥ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଓଡ଼ିଆ ବକ୍ତୃତା, ହସ୍ତାକ୍ଷର, ଭଜନ, ଗୀତ, ପ୍ରବନ୍ଧ, ବ୍ୟାକରଣ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶେଖ୍ ଅବଦୁଲ ବରଖତୁଲ୍ଲା ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'



ବେଗୁନିଆ,୨।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ପ୍ରଦାନ କରାଯାଇଛି। ବିଦ୍ୟାଳୟ କ୍ଷେତ୍ରରେ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିଥିବା ଏବଂ ଶିକ୍ଷାର ଅଗ୍ରଗତିରେ ନିରବଚ୍ଛିନ୍ନ ଦକ୍ଷତା ଦେଖାଇ ସମ୍ମାନିତ ହୋଇଛି। ରାଜ୍ୟ ସରକାରଙ୍କ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦାୟିତ୍ୱର ସହ ନିର୍ବାହ କରିଥିବା ଏହି ବିଦ୍ୟାଳୟକୁ ଏକ ସମୟରେ ୪ଟି ପୁରସ୍କାର ମିଳିଛି। ଶ୍ରେଷ୍ଠ ବିଦ୍ୟାଳୟଭାବେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ପଟ୍ଟନାୟକଙ୍କୁ, ଉତ୍ତମ ଓ ବରିଷ୍ଠ ଶିକ୍ଷକଭାବେ ଶାନ୍ତନୁ କୁମାର ପାଇକରାୟଙ୍କୁ, ତୃତୀୟ ଭାଷା ହିନ୍ଦୀରେ ଶ୍ରେଷ୍ଠ ଶିକ୍ଷକଭାବେ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କୁ ଏବଂ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ଦେଖାଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନିଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଛି।

# କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ





ମହାବିଦ୍ୟାଳୟର ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ଜୟନ୍ତୀ ଓ କଲେଜର ସାମ୍ବତ୍ସରିକ ଉତ୍ସବରେ ମଞ୍ଚାସୀନ ଅତିଥି।

ନିରାକାରପୁର,୨।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ୧୨୯ତମ ଜୟନ୍ତୀ ଓ କଲେଜର ୬୫ତମ ସାମ୍ବତ୍ସରିକ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ପରିଚାଳନା ସମିତି ସଭାପତି ଡ. ସଞ୍ଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ମୁଖ୍ୟ ବକ୍ତା ପୂର୍ବତନ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ରାଉତରାୟଙ୍କ ଉପରେ ମତବ୍ୟକ୍ତ କରିଥିଲେ। ଆଜିର ଯୁବପିଢ଼ି ରାଉତରାୟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶାନ୍ତନୁ ରାଉତରାୟଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଲେଜର ବାର୍ଷିକ କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷା ବ୍ରତତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ସୌରଭ ମହାପାତ୍ର, ଡ. ଜୟନ୍ତ ବାନାର୍ଜୀ, ଡ. ପ୍ରଭାତ କୁମାର ଦାଶ, ହରପ୍ରସନ୍ନ ତ୍ରିପାଠୀ, ଅଶୋକ ପାତ୍ର, ଡ. କୈବଲ୍ୟ ପତି, ପୁଣ୍ୟଦର୍ଶନ ସାହୁ, ଅଧ୍ୟାପିକା ଅଞ୍ଜୁଳ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବ କମିଟିର ଆବାହିକା ପ୍ରାଧ୍ୟାପିକା କାଦମ୍ବିନୀ ସାହୁ ଧନ୍ୟବାଦ ଦେଇଥିଲେ। ଅନୁରୂପଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇସ୍‌ୱାର୍ଡ ପକ୍ଷରୁ ମଧ୍ୟ ଏହି ଉତ୍ସବ ପାଳିତ ହୋଇଥିଲା। ସ୍ୱର୍ଗତ ରାଉତରାୟଙ୍କ ସ୍ଥାନୀୟ ବଗିଚାଠାରେ ଥିବା ସମାଧି ପୀଠରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହେବା ସହ ଓଡ଼ିଶା ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଇସ୍‌ୱାର୍ଡର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ପରିଚାଳନା କରିଥିଲେ। କ୍ଷେତ୍ରବାସୀ ରାଉତରାୟ ସ୍ମୃତି ସଂସଦ ଓ ଇସ୍‌ୱାର୍ଡର ସମସ୍ତ କର୍ମକର୍ତ୍ତା ସ୍ୱର୍ଗତ ରାଉତରାୟଙ୍କ ସ୍ମୃତିଚାରଣ କରିଥିଲେ।

### ଶ୍ରୀମଦ୍ ଭାଗବତ କଥା ମହୋତ୍ସବ

ଟାଙ୍ଗୀ,୨।୨(ରଘୁନାଥ ସାହୁ)

କୁହୁଡି ଗୀତା ଭବନ ଓ ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନୀୟ ଗୀତା ଭବନ ପ୍ରାଙ୍ଗଣରେ ସପ୍ତଦିବସୀୟ ଶ୍ରୀମଦ ଭାଗବତ କଥା ମହୋତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ କଥାବ୍ୟାସ ସ୍ୱାମୀ ମୁକୁନ୍ଦ କୃଷ୍ଣଜୀ ମହାରାଜ ଭାଗବତ ସମ୍ବନ୍ଧୀୟ ଆଲୋଚନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କଳସ ଯାତ୍ରା ଓ ନଗର ପରିକ୍ରମାରେ ଶତାଧିକ ମହିଳା ସାମିଲ ହୋଇଥିଲେ।

### ଚଣ୍ଡୀଯଜ୍ଞର ପୂର୍ଣ୍ଣାହୁତି

ଟାଙ୍ଗୀ,୧।୨(ରଘୁନାଥ ସାହୁ)

ମଙ୍ଗଳାଯୋଡ଼ି ଗୋପାଳପୁର ଶାସନର ଅଧିଷ୍ଠାତ୍ରୀ ମା'ବଳିମାଝୀଙ୍କ ପୀଠରେ ଚାଲିଥିବା ଚଣ୍ଡୀ ଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଶାଳାପୂଜା, ସପ୍ତଶତୀ ଚଣ୍ଡୀ ଆହୁତି ସହିତ ଯଜ୍ଞ କାର୍ଯ୍ୟ ହୋଇଥିଲା। ପୂର୍ଣ୍ଣାହୁତିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ କୃପା ଭିକ୍ଷା କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### କୁକୁଡ଼ା ଚିଆଁ ବଣ୍ଟନ

କଳାପଥର,୨।୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟପୁରଶାସନ ପଞ୍ଚାୟତର ଶ୍ରୀରାମପୁର ଗ୍ରାମଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ୟପାତ ପ୍ରସୁତି ଓ ଯୁବ ଅନୁଷ୍ଠାନ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ମା'ହେଙ୍ଗୁଳା ଓ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ୨୦ଜଣ ସଭ୍ୟାଙ୍କୁ ଜଣଙ୍କ ପିଛା ୧୦ଟି ଉନ୍ନତ କିସମର କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ବୈଜ୍ଞାନିକ ବି.କେ. ବଂଜା, ସୁରେନ୍ଦ୍ର ସିଂ, ରବିନାରାୟଣ ପଣ୍ଡା, ସୂର୍ଯ୍ୟକାନ୍ତ ମହାପାତ୍ର ଓ ଧ୍ରୁବ ଚରଣ ମହାପାତ୍ରଙ୍କ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର





କୃଷ୍ଣପ୍ରସାଦ,୨।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନାଙ୍କ ସଭାପତିତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଜିଲାପରିଷଦ ସନ୍ଦୀପ କୁମାର ଜେନା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ,ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ମାଣିକା ସରପଞ୍ଚ ଜିକୁରୁନ ବିବି, ପିରିଜିପୁର ସମିତିସଭ୍ୟ ସଂଗ୍ରାମ ଜାଲି, ଏମ୍‌ବିକେ ଚନ୍ଦ୍ରକାନ୍ତି ପ୍ରଧାନ, ନୋଡାଲ ଅଫିସର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜଲୋଚନ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳଗୁଡ଼ିକର ରୂପାନ୍ତକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ନିର୍ମାଣ ଶ୍ରମିକ ଉନ୍ନତି, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ଅନେକ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିରେ ପଞ୍ଚାୟତର ୭ଜଣ ସିଆରପି, ୬୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। କୃଷ୍ଣପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ ଶିବିର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିବ ନାରାୟଣ ଭୋଇ, ଉମାକାନ୍ତ ମିଶ୍ର, ଗ୍ରାମ ରୋଜଗାର ସେବକ ସର୍ବେଶ୍ୱର ସାହୁ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଆଧ୍ୟାତ୍ମିକ ମାର୍ଗଦର୍ଶନ କରାଇଥାଏ ପ୍ରବଚନ

ବୋଲଗଡ଼,୨।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ା ଗ୍ରାମର ଶ୍ରୀରାମଚରିତ ମାନସ ପରିଚାଳନା କମିଟି ପକ୍ଷରୁ ୨୯ତମ ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ କାର୍ଯ୍ୟକ୍ରମ ଚାଲିଛି। ସମ୍ପାଦକ ଫକିର ମୋହନ ସୁବୁଦ୍ଧି, କୋଷାଧ୍ୟକ୍ଷ କୁବେର ସାହୁ, ବିପିନ ବିହାରୀ ସୁବୁଦ୍ଧି, ଶରତ ଚନ୍ଦ୍ର ସାହୁ, ଇଂ.କର୍ପୂର ସାହୁ, ନନ୍ଦକିଶୋର ସାହୁ, ଅଜୟ ବେହେରା, ବିରଞ୍ଚି ପ୍ରଧାନ, ପ୍ରତାପ ପଟ୍ଟନାୟକ, ନୀଳକଣ୍ଠ ପ୍ରଧାନ, ଅରୁଣ ରାଉତ, ସନ୍ତୋଷ ଦଳାଇ, ଉଦୟନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୫ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ବ୍ୟାସଭାବେ ରାମକୃଷ୍ଣ ଦାସ ମହାରାଜ ଯୋଗଦେଇଥିବା ବେଳେ ପୁରୋଧାଭାବେ ବସନ୍ତ କୁମାର ରଥଶର୍ମା ଓ ପୂଜକ ଭାଗୀରଥି ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ପ୍ରବକ୍ତା ଭାବେ କୃପାସିନ୍ଧୁ ଦାସ ମହାରାଜ, ପଣ୍ଡିତ ଗୋପାଳ ଚନ୍ଦ୍ର ରାୟଗୁରୁ, ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ, ସନ୍ଥ ମନୋହର ଦାସ ମହାରାଜ ଯୋଗଦେଇ ପ୍ରବଚନ ପ୍ରଦାନ କରି ଶ୍ରଦ୍ଧାଳୁଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ କରୁଛନ୍ତି। ଆସନ୍ତା ୬ ତାରିଖରେ ଶ୍ରୀବିଗ୍ରହଙ୍କ ଗ୍ରାମ ପରିକ୍ରମା ପରେ ବିସର୍ଜନ କରାଯିବ।

# 'ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ ସଚେତନ ହେବା ଆବଶ୍ୟକ'

ବାଲୁଗାଁ,୨।୨(ସଂଗ୍ରାମ ପାଇକରାୟ)

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବରକୁଲସ୍ଥିତ ଗବେଷଣା କେନ୍ଦ୍ର ପରିସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ରଶ୍ମି ରଞ୍ଜନ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍ଓ ଅମ୍ଲାନ କୁମାର ନାୟକ ଏବଂ ଭଞ୍ଜନଗର ଘୁମୁସରା ରେଞ୍ଜ ଡିଏଫଓ ବିନୋଦ ଆଚାର୍ଯ୍ୟ, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଯୋଗଦେଇ ରାମସାର ମାନ୍ୟତା ଲାଭ କରିଥିବା ବିଶ୍ୱର ଅନ୍ୟତମ ପ୍ରମୁଖ ହ୍ରଦ ଚିଲିକାର ଜୈବ ବିବିଧତା, ଏହାର ସଂରକ୍ଷଣ, ସୁରକ୍ଷା, ବୈଜ୍ଞାନିକ ଗବେଷଣା, ଅଧ୍ୟୟନ ତଥା ଏ ସମ୍ପର୍କିତ ବିଭିନ୍ନ ଗଠନମୂଳକ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଏଥି ସହ ଦୂଷିତ ପରିବେଶ ଯୋଗୁ ଦିନକୁ ଦିନ ଆଦ୍ରଭୂମିର ପରିମାଣ ହ୍ରାସ ପାଇବାରେ ଲାଗିଛି। ପରିବେଶ ଓ ମାନବ ସମାଜ ପରସ୍ପର ପରିପୂରକ, ତେଣୁ ଆଦ୍ରଭୂମିର ସଂରକ୍ଷଣ ଦିଗରେ ମାନବ ସମାଜ ସଚେତନ ହେବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସିଡିଏ କର୍ମଚାରୀ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଟାଙ୍ଗୋଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଭୁବନେଶ୍ୱର





ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ନିରାକାରପୁର,୨।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତସ୍ଥିତ ହାଇସ୍କୁଲ ଖେଳପଡିଆରେ ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୫ମ ବାର୍ଷିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଠଣାପଲ୍ଲୀ ଫୁଟ୍‌ବଲ କ୍ଲବ ଓ ଭୁବନେଶ୍ୱର ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଭୁବନେଶ୍ୱର ଟିମ୍ ୪-୫ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଆଇନଜୀବୀ ପ୍ରଭାତ କୁମାର ସାମନ୍ତରାୟ, ସରପଞ୍ଚ ବିରେଶ ରାଜଗୁରୁ, ବିଭୁ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚିତ୍ତରଞ୍ଜନ ପରିଡା, ବଟକୃଷ୍ଣ ସ୍ୱାଇଁ ଓ ନବକୃଷ୍ଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଦିଲୀପ କୁମାର ସେଠୀ, ବଟକୃଷ୍ଣ ସାହୁ, ପ୍ରସନ୍ନ କୁମାର ପଟ୍ଟଯୋଶୀ, ଧର୍ମାନନ୍ଦ ମୁଦୁଲି, ଶରତ ନାୟକ, ଯୋଗୀ ନାୟକ, ବାବୁ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୬ତାରିଖରେ ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଓ ଟାଙ୍ଗୀ ମଧ୍ୟରେ ହେବ ବୋଲି ଅନୁଷ୍ଠାନର ସଭାପତି ଦିଲୀପ କୁମାର ସେଠୀ ସୂଚନା ଦେଇଛନ୍ତି।

# ମା'ବଘେଇ କ୍ରିକେଟ ଆସୋସିଏଶନ ଫାଇନାଲରେ

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କୁରାଢମଲ୍ଲ ମା'ବାଉତୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦେଉଳଟାଙ୍ଗୀ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ ମ୍ୟାଚ ମା'ବଘେଇ କ୍ରିକେଟ ଆସୋସିଏଶନ ଦେଉଳଟାଙ୍ଗୀ ଓ ମା'ବାଉତୀ କ୍ରିକେଟ ଆସୋସିଏଶନ କୁରାଢମଲ୍ଲ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ଉଇକେଟ ବିନିମୟରେ ୧୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୋପୀନାଥ ମାଝି ୮୬ ରନ ସଂଗ୍ରହ କରିଥିଲେ। ଜବାବରେ କୁରାଢମଲ୍ଲ ଟିମ୍ ୧୯.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୦ ରନ କରିଥିଲା। ଫଳରେ ଦେଉଳଟାଙ୍ଗୀ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଦେଉଳଟାଙ୍ଗୀ ଟିମର ଗୋପୀନାଥ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଓ ପ୍ରଶାନ୍ତ କୁମାର ମାର୍ଥା ମ୍ୟାଚ୍ ପରିଚାଳନା କରିଥିଲେ। ପଞ୍ଚାନନ ମାପିସ୍ତ, ଜିତେନ୍ଦ୍ର ପ୍ରଧାନ, ରଞ୍ଜନ ନାୟକ, ତାପସ କାଳିଆ ସ୍କୋରରେ ସହାୟତା କରିଥିଲେ। ମୁଖ୍ୟ ଅତିଥିଭାବେ ଜ୍ୟୋତି ଶଙ୍କର ପରିଡା, ଗୋପୀନାଥ ମହାରଥୀ, ନାରାୟଣ ଭମରବର ରାୟ, ରବୀନ୍ଦ୍ରନାଥ ମହାନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୨।୨୦୨୪

| | |
|---|---|
| ୪,୭୨,୫୨୬ ଟଙ୍କା | |
| ସୁନା | ୪.୮୦୦ ଗ୍ରାମ୍ |
| ରୁପା | ୭.୨୦୦ ଗ୍ରାମ୍ |

# ୪ରୁ ଖେଚୁଡ଼ି, କାନିକା ମାଗଣାରେ ବଣ୍ଟାଯିବ

ପୁରୀ,୨।୨( ଅଜିତ୍ ମହାନ୍ତି):

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶୁକ୍ରବାର ଶ୍ରୀମନ୍ଦିର ନୀତି ସବ୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅର୍ପଣ ରଥରେ ସଂଗୃହୀତ ହୋଇଥିବା ଚାଉଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅର୍ପଣ ରଥରୁ ସଂଗୃହୀତ ଅକ୍ଷତ ଚାଉଳରେ ଖେଚୁଡି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତମାନଙ୍କୁ ବଣ୍ଟାଯିବ ବୋଲି ସୂଚନା ମିଳିଛି। ତେବେ ପ୍ରଥମେ ଅକ୍ଷତ ଚାଉଳର ମାନ ପରୀକ୍ଷାପରେ ମହାପ୍ରସାଦ ପ୍ରସ୍ତୁତ ହେବ। ଏଥିପାଇଁ ଭିତରଛମହାପାତ୍ର, ତଳୁଛମହାପାତ୍ର, ଚାଉଳ ବଛା ପରିଛା ଚାଉଳର ମାନ ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିବେ। ତେବେ ୪କେଜି ଚାଉଳକୁ ପରୀକ୍ଷାମୂଳକ ଭାବେ ଅନୁଧ୍ୟାନ କରାଯାଇଛି। ଆସନ୍ତା ରବିବାରଠାରୁ ଖିଚୁଡି ଓ କାନିକା ପ୍ରସ୍ତୁତ ହୋଇ ଭକ୍ତଙ୍କ ମଧ୍ୟରେ ମାଗଣାରେ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାରରେ ଭକ୍ତମାନଙ୍କୁ ଅକ୍ଷତ ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ବଣ୍ଟନ କରାଯିବ। ପ୍ରତିଦିନ ୩୦କିମ୍ବା ୫୦ହାଣ୍ଡି ମହାପ୍ରସାଦ ବାଣ୍ଟିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ପ୍ରତି ସାତ ଦିନରେ ଥରେ ବଣ୍ଟନ ବ୍ୟବସ୍ଥାର ଯାଞ୍ଚ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଚାଉଳର ମାନ ନିର୍ଦ୍ଧାରଣ ପାଇଁ କମିଟି ଗଠନ ହୋଇଥିବା ଜଣାପଡ଼ିଛି। ସୁଆର ମହାସୁଆର ନିଯୋଗ ସମ୍ପାଦକ, ସଭାପତି, ପୂର୍ବତନ ସଭାପତି ଓ ସମ୍ପାଦକ, ପରିଚାଳନା କମିଟି ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ କମିଟିରେ ରହିବେ। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫ହଜାର ପ୍ୟାକେଟ୍ ଚାଉଳ ଆସି ପହଞ୍ଚି ସାରିଲାଣି। ସମସ୍ତ ଚାଉଳଗୁଡ଼ିକୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖାଯାଇଛି। ତେବେ ଚାଉଳଗୁଡ଼ିକର ତଦାରଖ କରିବା ପାଇଁ ଏକ କୋର କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ସୁଆର ମହାସୁଆର ନିଯୋଗର ୫ଜଣ ସଦସ୍ୟ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ରହିଛନ୍ତି। ଅପରପକ୍ଷରେ ନିଯୋଗର ପୂର୍ବତନ ସଭାପତି ଦାମୋଦର ମହାସୁଆର କହିଛନ୍ତି କି କେବଳ ୪କେଜି ନୁହେଁ ଅର୍ପଣ ରଥରୁ ସଂଗୃହୀତ ୧୨ହଜାର କୁଇଣ୍ଟାଲ ଅକ୍ଷତ ଚାଉଳକୁ ଯାଞ୍ଚ କରାଯାଉ। ତେବେ ପ୍ରଶାସନ ଦୈନିକ ଏତେ ପରିମାଣର ପ୍ରସାଦ ପ୍ରସ୍ତୁତି ପାଇଁ ଆବଶ୍ୟକ କୁଡୁଆ ଓ ଜାଳ ଯୋଗାଇ ପାରିବେ ତ ବୋଲି ପ୍ରଶ୍ନ କରିଛନ୍ତି। ଏହା ସହ ଆନୁଷଙ୍ଗିକ କାଠ ଓ କୁଡୁଆର ମଧ୍ୟ ଆବଶ୍ୟକତା ରହିଛି। ଏହା ଉପରେ ମଧ୍ୟ ଆଲୋଚନା କରାଯିବା ଆବଶ୍ୟକ। ଯେଉଁ ଭକ୍ତମାନେ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସୁଛନ୍ତି ସେମାନେ ଆସିଥିବା ବସ୍‌ରେ ମହାପ୍ରସାଦ ସେମାନଙ୍କ ଅଞ୍ଚଳକୁ ପଠାଯାଉ ବୋଲି ଦାମୋଦର ମତ ଦେଇଛନ୍ତି। ତେବେ କାଠ ଓ କୁଡୁଆ ଯୋଗାଇ ଦେବାକୁ ପ୍ରଶାସନ ପ୍ରତିଶ୍ରୁତି ପ୍ରଦାନ କରିଥିବା ନେଇ ମହାସୁଆର ସୂଚନା ଦେଇଛନ୍ତି।

### ଅର୍ପଣ ଚାଉଳ ପ୍ରସଙ୍ଗରେ ବସିଲା ବୈଠକ



ପୁରୀର ବଡଆଖଡା ମଠରେ ଶୁକ୍ରବାର ବିଭିନ୍ନ ମଠର ମହନ୍ତମାନେ ରାମାନନ୍ଦାଚାର୍ଯ୍ୟ ଜୟନ୍ତୀ ପାଳନ କରିବା ଅବସରରେ।

## ସଂକ୍ଷେପରେ

### ଭଦ୍ରାୟଣୀ ଲୋକ ମହୋତ୍ସବରେ ଶ୍ରୀଜଗନ୍ନାଥଙ୍କୁ ଅସମ୍ମାନ: ଶ୍ରୀଜଗନ୍ନାଥ ସେନାର ଏତଲା

ପୁରୀ,୨।୨(ଅଜିତ୍ ମହାନ୍ତି):

ଭଦ୍ରକ ଜିଲାର ଲୋକ ମହୋତ୍ସବ ଭଦ୍ରାୟଣୀ କାର୍ଯ୍ୟକ୍ରମ ଗତ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ଲୋକ ମହୋତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଭଦ୍ରକ ଜିଲାପାଳ ଓ ଭଦ୍ରକ ବିଧାୟକଙ୍କ ନାମରେ ଏତଲା ଦେଇଛନ୍ତି। ଧାର୍ମିକ ଭାବନାକୁ କୁଠାର ଘାତ ହୋଇଥିବାରୁ ପଟ୍ଟନାୟକ ଥାନାରେ ଏତଲା ଦେଇଛନ୍ତି। କୋଟି ଓଡ଼ିଆଙ୍କ ମଉଡ଼ମଣି ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ତାଙ୍କର ଆଶୀର୍ବାଦ ପାଇବା ପାଇଁ କାହିଁ କେତେ ବାଟରୁ ଭକ୍ତ ଧାଇଁ ଆସିଥାନ୍ତି। ମାତ୍ର ଉତ୍ସବରେ ଯେପରି ମହାପ୍ରଭୁଙ୍କ ଅସମ୍ମାନ କରାଯାଇଛି ତାହା ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି।

### ଡାକ କର୍ମଚାରୀଙ୍କୁ ଆକ୍ରମଣକରି ଟଙ୍କା ନେଇଗଲେ

ନିମାପଡ଼ା,୨।୨ (ରଞ୍ଜନ କୁମାର ପଟ୍ଟନାୟକ):

ଡାକ କର୍ମଚାରୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୨୧ହଜାର ୫ଶହ ଟଙ୍କା ଲୁଟି ନେଇଥିବା ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଲମ୍ବିଲୋ ଗ୍ରାମର ଡାକ କର୍ମଚାରୀ ଶ୍ରୋତୋ କୁମାର ନାୟକ ଡାକ ବିଭାଗରେ କାର୍ଯ୍ୟ କରନ୍ତି। ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡିରୁ ଅପରାହ୍ନରେ ଘରକୁ ଫେରୁଥିବା ବେଳେ ନିମାପଡ଼ା ଥାନା ଅଧୀନ ନହନ୍ତରା ଛକ ନିକଟରେ ୨ ଜଣ ଲୁଟେରା ବାଇକରେ ପଛପଟୁ ଆସି ଶ୍ରୋତୋଙ୍କୁ ମାଡ଼ ମାରିବା ସହ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଲୁଟେରାଙ୍କ ଆକ୍ରମଣରେ ଶ୍ରୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୯/୨୪) ରୁଜୁକରି ତଦନ୍ତ ଚଳାଇଛି।

# ୨କାର୍ ମୁହାଁମୁହିଁ: ଜଣେ ମୃତ, ୧୨ଆହତ



ଦୁର୍ଘଟଣାଗ୍ରସ୍ତ କାର ।

ପୁରୀ,୨।୨(ଅଜିତ୍ ମହାନ୍ତି):

ପୁରୀ କୋଣାର୍କ ମେରାଇନ ଡ୍ରାଇଭ ରୋଡ ବାଲିଘାଇ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ତେବେ ଆହତ ହୋଇଥିବା ବ୍ୟକ୍ତିମାନେ ଗଞ୍ଜାମ ଓ ବିହାରର ବୋଲି ଜଣାପଡ଼ିଛି। ମୃତକ ଜଣଙ୍କ ଗଞ୍ଜାମ ଗୋପାଳପୁରର ଦୁର୍ଗାବତୀ। ମିଳିଥିବା ସୂଚନା ଅନୁଯାୟୀ ବିହାରର ୬ଜଣ ପର୍ଯ୍ୟଟକ କୋଣାର୍କ ବୁଲିବା ପାଇଁ ପୁରୀରେ ପହଞ୍ଚି ସେଠାରୁ ଭଡ଼ାରେ ଏକ କାର ଯୋଗେ କୋଣାର୍କ ଅଭିମୁଖେ ଯାଉଥିଲେ। ଅପରପକ୍ଷରେ ଗୋପାଳପୁରର ୭ଜଣ ପର୍ଯ୍ୟଟକ କୋଣାର୍କ ବୁଲି ପୁରୀ ଫେରୁଥିଲେ। ଅପରାହ୍ନରେ ବାଲିଘାଇ ନିକଟରେ ଉଭୟ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ସହାୟତାରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁର୍ଗାଦେବୀ(୭୬)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାରର ନବମ ସନ୍ଧ୍ୟା

ପୁରୀ,୨।୨(ଅଜିତ୍ ମହାନ୍ତି):

ବିକାଶ ଆୟୁକ୍ତ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ପ୍ରାୟୋଜିତ ଓ ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର–୨୦୨୪ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଶୁକ୍ରବାର ନବମ ଦିନରେ ପହଞ୍ଚିଛି। ଗତ ୨୫ତାରିଖରେ ସ୍ଥାନୀୟ ମହୋଦଧି ନିବାସ ସମ୍ମୁଖସ୍ଥ ସମୁଦ୍ର ବେଳାଭୂମି ଠାରେ ଗାନ୍ଧୀ ଶିଳ୍ପ ବଜାର ମେଳା ଉଦ୍‌ଘାଟିତ ହୋଇଥିଲା। ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗରମାନେ ସାମିଲ ହୋଇଛନ୍ତି। ଶୁକ୍ରବାର ନବମ ସନ୍ଧ୍ୟାରେ ଅତିଥିଭାବେ ଶ୍ରୀଜଗନ୍ନାଥ ମନ୍ଦିରର ପୂର୍ବତନ ଉପ ପ୍ରଶାସକ ବଶକର ମିଶ୍ର ଏବଂ ଭାରତ ସରକାରଙ୍କ କତା ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ସୁନୀଲ କୁମାର ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ ଓ ଦାମୋଦର ଶତପଥୀ ଉପସ୍ଥିତ ଥିଲେ। ତେବେ ପୁରୀବାସୀଙ୍କ ସହ ପର୍ଯ୍ୟଟକମାନେ ମେଳାକୁ ଆସି ଭଳିକି ଭଳି ଜିନିଷ କ୍ରୟ କରୁଥିବା ପରିଲକ୍ଷିତ ହେଉଛି। ପୁରୀର ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ ଅନୁଷ୍ଠାନର କଳାକାରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅସ୍ତରଙ୍ଗକୁ ଯାତ୍ରୀବାହୀ ବସ୍ ଚଳାଇବାକୁ ଦାବି

ଅସ୍ତରଙ୍ଗ,୨।୨(ମମତା ଜେନା):

ଅସ୍ତରଙ୍ଗ ଅଞ୍ଚଳକୁ ବସ୍ ଚଳାଚଳ ନେଇ ଲୋକେ ଅସୁବିଧା ଭୋଗୁଥିବାରୁ ବ୍ଲକ କଂଗ୍ରେସ ପକ୍ଷରୁ ସେହି ଅଞ୍ଚଳକୁ ଯାତ୍ରୀବାହୀ ବସ୍ ଚଳାଇବାକୁ ଦାବି ହୋଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର, ଜିଲା ମୁଖ୍ୟାଳୟ ପୁରୀ ଓ ମୁଖ୍ୟ ବ୍ୟବସାୟସ୍ଥଳୀ କଟକଠାରୁ ଅନେକ ଯାତ୍ରୀବାହୀ ବସ୍‌ର ରୋଡ଼ ପରମିଟ୍ ଥାଇ ବସ୍ ଚଳାଚଳ କରୁନାହାନ୍ତି। ଅସ୍ତରଙ୍ଗ ଏବଂ ଏହାର ପାଶ୍ୱର୍ବର୍ତ୍ତୀ ସ୍ଥାନ ଯଥା ନୂଆଗଡ଼, ଆଳସାହି, ନଗର ପ୍ରଭୃତିକୁ ସରକାରଙ୍କ ପକ୍ଷରୁ ବସ୍‌ଯାତ୍ରୀ ନେବା ଆଣିବାକୁ ବା ଗାଡ଼ି ଚଳାଚଳ ପାଇଁ ପରମିଟ୍ ନେଇ ଅନେକ ବସ୍ ଜୀବା ଆସିବା କରୁନାହାଁନ୍ତି। ଭୁବନେଶ୍ୱର, କଟକ, ପୁରୀରୁ ଅସ୍ତରଙ୍ଗ ବୋର୍ଡ ମାରି ଯାତ୍ରୀଙ୍କୁ ଆଣି କାକଟପୁରଠାରେ ଓହ୍ଲାଇ ଦେଉଛନ୍ତି। ଫଳରେ ସାଧାରଣ ଲୋକେ, ରୋଗୀ, ବୟସ୍କ ବୁଢ଼ା ବୁଢ଼ୀ, ଛୋଟ ପିଲା ଓ ମହିଳା ରାତ୍ରରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ହେଉ କି ଦିନ ପରମିଟ୍ ପାଇଥିବା ବସ୍‌ଗୁଡ଼ିକ ଅସ୍ତରଙ୍ଗ ନ ଆସି ଅସ୍ତରଙ୍ଗ ଅଞ୍ଚଳର ଅଧିବାସୀଙ୍କୁ ନାନା ଅସୁବିଧାରେ ପକାଉଛନ୍ତି। ଫଳରେ ଅସ୍ତରଙ୍ଗ ଅଞ୍ଚଳର ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଉଛି। ଯଦି ତୁରନ୍ତ ରୋଡ଼ ପରମିଟ ପାଇଥିବା, ଯାତ୍ରୀବାହୀ ବସ୍ ଅସ୍ତରଙ୍ଗ ଏବଂ ପରମିଟ୍ ଥିବା ସ୍ଥାନରୁ ଚଳାଚଳ ସ୍ୱାଭାବିକ ନ ହୁଏ, ତେବେ ଆଗାମୀ ଦିନରେ ବ୍ଲକ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବାକୁ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।




ଯାତ୍ରୀବାହୀ ବସ୍ ଚଳାଚଳ ଦାବିରେ କଂଗ୍ରେସ ପକ୍ଷରୁ ଦାବି କରାଯାଉଛି ।

# ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ପୁରୀ,୨।୨(ଅଜିତ୍ ମହାନ୍ତି):

ପୁରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦେବାଶିଷ ପଟ୍ଟନାୟକ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୁଖ୍ୟ ଉନ୍ନୟନ ଅଧିକାରୀ ଥିବା ଜ୍ୟୋତି ଶଙ୍କର ମହାପାତ୍ରଙ୍କଠାରୁ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ପଟ୍ଟନାୟକ ଖଣି ଓ ଭୂବିଜ୍ଞାନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ (ପ୍ରଶାସନ) ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଅପରପକ୍ଷରେ ପୂର୍ବତନ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ଶ୍ରୀମନ୍ଦିର ପ୍ରଶାସନକୁ ବଦଳି ହୋଇଛି।

# ପୁରୀର ୫ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଥଇଥାନ

କଣାସ,୨।୨(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ଦୟାବିହାରଠାରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନରେ ପୁରୀ ସହରର ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିବା ୫ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଗୁରୁବାର ନୀଳାଚଳ ସେବା ପ୍ରତିଷ୍ଠାନରେ ମାନସିକ ଅସୁସ୍ଥ ଗୃହରେ ଥଇଥାନ କରାଯାଇଛି। ପୁରୀ ଜିଲାର ଉଦ୍ଧାରକାରୀ ଦଳ ସାଣ୍ଡାପ୍ ଚନ୍ଦନପୁର ଦ୍ୱାରା ୩ଜଣ ପୁରୁଷ ଓ ୨ଜଣ ମହିଳା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ନୀଳାଚଳ ସେବା ପ୍ରତିଷ୍ଠାନ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ବ୍ୟକ୍ତିଙ୍କ ଉଦ୍ଦିଷ୍ଟ କଲ୍ୟାଣୀ ପ୍ରକଳ୍ପରେ ୪୮୭ଜଣ ମାନସିକ ଅସୁସ୍ଥ ବ୍ୟକ୍ତି ଥଇଥାନ ହେଉଥିବାବେଳେ ୧୮୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ଆକ୍ରମଣ ଘଟଣାରେ ୩ ଗିରଫ

ନିମାପଡ଼ା,୨।୨(ରଞ୍ଜନ କୁମାର ପଟ୍ଟନାୟକ):

ବଡ଼ଭାଇ ଓ ଭାଉଜଙ୍କୁ ଆକ୍ରମଣ ଘଟଣାରେ ନିମାପଡ଼ା ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚିତ୍ରା ଗ୍ରାମର ଯାଆ ଲତା, ଦିଅର ତୋଫାନ ଏବଂ ପୁତୁରା ରାଜା। ସୂଚନା ମୁତାବକ, ଗୁରୁବାର ଅଭିଯୋଗକାରୀ ଜୟନ୍ତୀ ଭୋଇ ସ୍ୱାମୀଙ୍କୁ ଖାଇବାକୁ ଦେବାକୁ ଯିବାବେଳେ କୌଣସି କାରଣରୁ ଦିଅର, ଯାଆ ଏବଂ ପୁତୁରା ଗାଳିଗୁଲଜ କରିଥିଲେ। ଏନେଇ ଜୟନ୍ତୀ ଏବଂ ତାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ମାଡ଼ ମାରିଥିଲେ। ଏନେଇ ଜୟନ୍ତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୮/୨୪)ରୁଜୁକରି ତଦନ୍ତ ଚଳାଇବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଗୋପ,୨।୨(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବ୍ଲକ ଅନ୍ତର୍ଗତ ବଇରିପୁରସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶୁକ୍ରାବର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ପୂର୍ବତନ ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପାଟଶାଣୀ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ୨୦୫ ଜଣ ଛାତ୍ରୀଙ୍କୁ ବିଶ୍ୱ କଳ୍ପିତା ସ୍ୱାଇଁ, ବୈଶାଖୀ ପାଣି ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବିରାଟ କିଶୋର ନାୟକ, ଗଣେଶ କୁମାର ଜେନା, ଅଜୟ କୁମାର ସାହୁ, ଡ.ଅର୍ଜୁନ ସାହୁ, ସମୟ ନାୟକ, ଶିବାନୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନ ଦିବସରେ ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର ।

# ଆଶା ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ

ପୁରୀ,୨।୨(ଅଜିତ୍ ମହାନ୍ତି):

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି, ପୁରୀ ତରଫରୁ ଆଶା ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡା. ବିରଜା ଶଙ୍କର ରଥ, ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଡା. ଲଲାଟେନ୍ଦୁ ମିଶ୍ର, ଅଦ୍ୟସା ରଥ ପ୍ରମୁଖ ଯୋଗ ଦେଇଥିଲେ। ବଳରାମ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡା. ସୁରମା ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଶା ସଂଯୋଜକ ଅଶୋକ କୁମାର ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଆଶା ଓ ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତଗୁଡ଼ିକର ଏବେକାର ପରିସ୍ଥିତିରେ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଆଶାମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତ କାର୍ଯ୍ୟ କରିଥିବା ୩ ଜଣ ଆଶାକର୍ମୀ, ୧୧ଗୋଟି ଗାଁ କଲ୍ୟାଣସମିତି, ୨୫ ମହିଳା ଆରୋଗ୍ୟ ସମିତିକୁ ଅର୍ଥ ପ୍ରଦାନ ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପରେ ଆଶାମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିଲା। ସେହିପରି କୁଇଜ୍ ପ୍ରତିଯୋଗିତା କରାଯାଇ ଠିକ୍ ଉତ୍ତର ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ବାର୍ଷିକ ସମ୍ମିଳନୀରେ ପୁରସ୍କୃତ ହୋଇଥିବା ଆଶାକର୍ମୀମାନେ ।

## ସଂକ୍ଷେପରେ

### ଲୋକଙ୍କୁ ସଚେତନ କଲା ଜଙ୍ଗଲ ନିଆଁ ସଚେତନତା ରଥ

ଖୁଣ୍ଟୁଣୀ,୨।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ 'ଜଙ୍ଗଲ ନିଆଁ' ସଚେତନତା ରଥ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ଖୁଣ୍ଟୁଣୀ ରେଞ୍ଜ ଅଫିସର ନୀଳମାଧବ ସାହୁ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ଫରେଷ୍ଟର ସରୋଜ କୁମାର ପଣ୍ଡା, କୃଷ୍ଣପୁର ଫରେଷ୍ଟର ଲମ୍ବୋଧର ନାୟକ, ଓରନ୍ଦା ଫରେଷ୍ଟର ଆଶିଷ କୁମାର ନାୟକ, ବନରକ୍ଷୀ ରମାକାନ୍ତ ବଳବନ୍ତରାୟଙ୍କ ସମେତ ଖୁଣ୍ଟୁଣୀ ବନାଞ୍ଚଳ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ନିଆଁ କବଳରୁ ସବୁଜବନାନୀକୁ ରକ୍ଷା କରିବା ସହିତ ଜଙ୍ଗଲ ନିଆଁର ଭୟାବହତା ଓ ଅପକାରିତା ସମ୍ପର୍କରେ ଏହି ରଥ ବାର୍ତ୍ତା ଦେଇଥିଲା। ଜଙ୍ଗଲରେ ଲାଗିଥିବା ନିଆଁକୁ ସମସ୍ତଙ୍କ ସହଯୋଗରେ କିପରି ତ୍ୱରିତ ଲିଭାଇହେବ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ରଥ ଖୁଣ୍ଟୁଣୀ, କଣ୍ଡରେଇ, ରାଧାକୃଷ୍ଣପୁର, କୁମାରପୁର, ଓରନ୍ଦା, ଗୋବରା, ଗୁରୁଡିଝାଟିଆ, ମଞ୍ଜେଶ୍ୱର ପଞ୍ଚାୟତର ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱ ଗ୍ରାମଗୁଡିକ ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ ଏହି ରଥକୁ ବନ ସଂରକ୍ଷଣ ସମିତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।

### ୫ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟିତ

ମଙ୍ଗୁଳି-ଜଗତପୁର,୨।୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତରେ ଶୁକ୍ରବାର ୫ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବାଣୀପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତିର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ନେତୃତ୍ୱରେ କଜଳକଣା ଛକରୁ ବାଇକ୍ ଶୋଭାଯାତ୍ରାରେ ବିଧାୟକଙ୍କୁ ପଞ୍ଚାୟତକୁ ନିଆଯାଇଥିଲା। ସେଠାରେ ଦୁଇଟି ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଗୃହ, ଗୋଟିଏ ମୁସ୍‌ଲିମ୍ ସାହି ଗୋଷ୍ଠୀଗୃହ ଏବଂ ଗୋପାଳପୁରରେ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ ସହ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଆସନ୍ତା ୭ ମାସ ମଧ୍ୟରେ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୧୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସରପଞ୍ଚ ଦିଲ୍ଲୀପ ଭୋଇ, ଲକ୍ଷ୍ମଣ ରାଉତ, ପ୍ରେମାନନ୍ଦ ସ୍ୱାଇଁ, ରଞ୍ଜନ ପରିଡ଼ା, ରିତୁରାଜ ମୁଦୁଲି, ସୁକାନ୍ତ ରାଜ, ରବୀନ୍ଦ୍ର ବେହେରା, ପ୍ରଫୁଲ୍ଲ ମଲ୍ଲିକ, ବିବେକାନନ୍ଦ ସୁବୁଦ୍ଧିରାୟ, ଅଶୋକ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଓପିଡିରେ ତାଲା, ରୋଗୀ ହନ୍ତସନ୍ତ

**ଜିଲା ମୁଖ୍ୟ ଚିକିତ୍ସାଳୟ**

କଟକ,୨।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ଅଧିକାଂଶ ଓପିଡି ବା ବହିଃବିଭାଗ ବନ୍ଦ ରହୁଥିବାରୁ ରୋଗୀମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ହସ୍ପିଟାଲ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ହସ୍ପିଟାଲରେ ରୋଗୀଙ୍କ ପାଇଁ ଓପିଡି ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବା ନିୟମ ରହିଛି। କଟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ସାଧାରଣ ରୋଗ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଛାତି, ଦାନ୍ତ, ଚକ୍ଷୁ ରୋଗର ଓପିଡି ରହିଛି। ସପ୍ତାହର ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଓପିଡି ଦିନତମାମ ଖୋଲା ରହିଥିବାବେଳେ କେବଳ ରବିବାର ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରୁହେ। ହେଲେ ଏହି ଚିକିତ୍ସାଳୟର ମାନସିକ ରୋଗ, ଚର୍ମ ଓ ଯୌନରୋଗ, କର୍ଣ୍ଣ




ଜିଲା ମୁଖ୍ୟ ଚିକିତ୍ସାଳୟର ଦୁଇଟି ଓପିଡିରେ ତାଲା ପଡ଼ିଛି।

ନାସା ଗଳା ରୋଗ ଓପିଡି ଅଧିକାଂଶ ସମୟ ବନ୍ଦ ରହୁଥିବାବେଳେ ଆଉ କିଛି ଓପିଡି ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହୋଇଯାଉଥିବା ଅଭିଯୋଗ ହୋଇଛି। ଯଦିଓ ସକାଳ ସମୟରେ ଓପିଡି ଖୋଲା ରହୁଛି ଏବଂ ଡାକ୍ତର ରୋଗୀ ଦେଖୁଛନ୍ତି ହେଲେ ଅପରାହ୍ନ ସମୟରେ ପ୍ରାୟତଃ ଓପିଡି ବନ୍ଦ ରହୁଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। କଟକ ସେମିନାର ଛକ ଅଞ୍ଚଳର ସେକ୍ ୟାକୁବ୍ ଚର୍ମରୋଗ ଓପିଡିକୁ ଚିକିତ୍ସା ପାଇଁ ଶୁକ୍ରବାର ଅପରାହ୍ନରେ ଆସିଥିବାବେଳେ ସେଠାରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସେ କହିଛନ୍ତି, କାମ ସରିବା ପରେ ୨ ଦିନ ହେବ ଅପରାହ୍ନ ସମୟରେ ଓପିଡିକୁ ଚିକିତ୍ସା ପାଇଁ ଆସୁଛି। ହେଲେ ଓପିଡି କବାଟରେ ତାଲା ଝୁଲୁଥିବାରୁ ନିରାଶ ହୋଇ ଫେରିବାକୁ ପଡୁଛି। ରୋଗୀମାନେ ଯେପରି ହଇରାଣ ନ ହେବେ ଏବଂ ଠିକ୍ ସମୟରେ ଚିକିତ୍ସା ସୁବିଧା ପାଇବେ ସେଥିପ୍ରତି ହସ୍ପିଟାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି କଟକ ଝୋଲାସାହି ଅଞ୍ଚଳର ମିନତି ରାଉତ କହିଛନ୍ତି, ଝିଅର କାନରେ ଯନ୍ତ୍ରଣା ହେବାରୁ ହସ୍ପିଟାଲକୁ ଡାକ୍ତର ଦେଖାଇବାକୁ ଆସିଥିଲି। ହେଲେ ଓପିଡିରେ ତାଲା ଝୁଲୁଥିବା ଦେଖିବାକୁ ପାଇଲି। ଏପରି କି ଓପିଡି ଖୋଲିବା ସମୟରେ ଆସି ମଧ୍ୟ ହଇରାଣ ହେବାକୁ ପଡୁଛି ବୋଲି ସେ କହିଛନ୍ତି। ଏଡିଏମ୍‌ଓ ସୁଧାଂଶୁ କୁମାର ଗିରିଙ୍କୁ ଶୁକ୍ରବାର ଅପରାହ୍ନରେ ଓପିଡି ବନ୍ଦ ହେବା ପ୍ରସଙ୍ଗ ସମ୍ପର୍କରେ ପଚାରିବାରୁ ସେ ଏହାକୁ ଏଡାଇ ଯାଇଥିଲେ। ଏଥିସହ ସେ କହିଛନ୍ତି, ଓପିଡି ସବୁଦିନ ଖୋଲା ରହିଥାଏ। ମାନସିକ ରୋଗ ଓପିଡିରେ ଜଣେ ଡାକ୍ତର, ଚର୍ମ ଓ ଯୌନରୋଗ ଓପିଡି, କର୍ଣ୍ଣ ନାସା ଗଳା ରୋଗ ଓପିଡିରେ ଦୁଇ ଜଣ ଲେଖାଏ ଡାକ୍ତର ରହିଛନ୍ତି। ଠିକ୍ ସମୟରେ ରୋଗୀମାନେ ଯେପରି ସେବା ପାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

# ରାଜ୍ୟରେ ପ୍ରଣୟନ ହେଉ ଆଇନଜୀବୀ ସୁରକ୍ଷା ଆଇନ



ଦାବି ପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ,୨।୨ (କାର୍ତ୍ତିକ ସାହୁ)

ଭାରତୀୟ ଆଇନଜୀବୀ ସଂଘ ଓଡ଼ିଶା ଶାଖାର ଆହ୍ୱାନକ୍ରମେ ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଓ ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷଙ୍କ ନିକଟକୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ, ସିଭିଲ ଓ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ୍‌ର ଆଇନଜୀବୀମାନେ ଏଥିରେ ସାମିଲ ହୋଇଛନ୍ତି। ରାଜ୍ୟରେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ, ଆଇନଜୀବୀମାନଙ୍କୁ ମୃତ୍ୟୁକାଳୀନ ସୁବିଧା ୪.୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତୀକରଣ, ନୂଆ ଆଇନଜୀବୀଙ୍କୁ ମାସିକ ୧୦ ହଜାର ଟଙ୍କା ଲେଖାଏ ୩ ବର୍ଷ ଯାଏ ବୃତ୍ତି ପ୍ରଦାନ, ବାର୍ କାଉନ୍‌ସିଲ୍‌ରେ ପ୍ରଚଳିତ ପଞ୍ଜୀକରଣ ଦେୟ ୨୦ ହଜାର ଟଙ୍କାରେ ସୀମିତ ରଖିବା, ପେନ୍‌ସନ୍ ଯୋଜନାର ବୟସ ସୀମା ୬୫ରୁ ୬୦କୁ ହ୍ରାସ କରିବା ସହ ମାସିକ ପେନ୍‌ସନ୍ ୫ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନନ୍ଦ, ସଙ୍ଗଠନ ସମ୍ପାଦକ ଡା. ପ୍ରଶାନ୍ତ କୁମାର ମିଶ୍ର, ଅମରେନ୍ଦ୍ର ମହାନ୍ତି, ଅଶ୍ୱିନୀ ମହାନ୍ତି, ଏଲିମା ବେହେରା, ବିଭୂତି ବେହେରା ପ୍ରମୁଖ ଜିଲାପାଳ ଭିନୀଥ୍ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# 'ରବି ସିଂଙ୍କ କୃତି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ'

କଟକ,୨।୨ (କାର୍ତ୍ତିକ ସାହୁ)

ବିପ୍ଳବୀ କବି ରବି ସିଂ ତାଙ୍କ କୃତିସମୂହ ପାଇଁ ଚିର ଅମର ରହିବେ। ସେ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ପ୍ରଣାମ ଅନୁଷ୍ଠାନ ପକ୍ଷରୁ କଟକ କାଳୀ ଭବନରେ ଶୁକ୍ରବାର ସନ୍ଧ୍ୟାରେ କବିଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ସ୍ମୃତିସନ୍ଧ୍ୟାରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ଆବାହକ ରାଜୀବ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ସାହିତ୍ୟିକ ରଘୁନାଥ ମହାପାତ୍ର, ବରେଣ୍ୟ ଅତିଥି ଉତ୍କଳ ସାହିତ୍ୟ କଳା ପରିଷଦର ସାଧାରଣ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଓ ରବି ସିଂଙ୍କ କନ୍ୟା ମନୀଷା ସିଂ ଯୋଗଦେଇ ବିପ୍ଳବୀ କବିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଡ. ଅଭୟ କୁମାର ରାଉତ, ମନୋରଞ୍ଜନ ପଣ୍ଡା, ସଚ୍ଚିଦାନନ୍ଦ କର, ପୂର୍ଣ୍ଣେନ୍ଦୁ ସ୍ୱାଇଁ, ଅଜିତ କୁମାର ମହାପାତ୍ର, କମଳାକାନ୍ତ ଦାଶ, ରଞ୍ଜନ କୁମାର ସାହୁ ପ୍ରମୁଖ କବିଙ୍କ ସ୍ମୃତିଚାରଣ କରିଥିଲେ। କବି ଶ୍ରୁତୀ ଦାଶ, ବିନ୍ଦୁସାଗର ଓଝା, ତପନ କୁମାର ସ୍ୱାଇଁ, ଡ. ବସନ୍ତ ନନ୍ଦ, ଶରତ କୁମାର ମହାନ୍ତି, ଚୈତନ୍ୟ କୁମାର ରାଉତ, ଗୀତାଞ୍ଜଳି ପୃଷ୍ଟି ଓ ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ କବିତା ଆବୃତ୍ତି କରିଥିଲେ। ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କଟକ ସଦର, ୨।୨ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ନିମେଇଶାପୁର, ଗତିରାଉତ ପାଟଣା ଓ ଫକୀରପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ଗତିରାଉତ ପାଟଣା ସମବାୟ ସମିତି ସଭାପତି ସମର ବେହେରା, ପ୍ରମୋଦ ମହାପାତ୍ର ଓ ବିଭୂତି ଭୂଷଣ ପରିଡ଼ା ଯୋଗଦେଇଥିଲେ। ଗତ ୫ ବର୍ଷ ଭିତରେ ସମ୍ପୃକ୍ତ ପଞ୍ଚାୟତରେ ରାଜ୍ୟ ସରକାର କରିଥିବା ଜନକଲ୍ୟାଣ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ନିମେଇଶାପୁର ପଞ୍ଚାୟତରେ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟା ଉର୍ମିଳା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଶୁକଦେବ ବେହେରା, ନୋଡାଲ ଅଫିସର ସରିତିକା ବିଶ୍ୱାଳ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସ୍ୱାଇଁ, ଅମିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତିରାଉତ ପାଟଣାରେ ସରପଞ୍ଚ ସୋନାଲି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ମନୋଜ ରାଉତ, ନୋଡାଲ ଅଫିସର ସୋନାଲି ପ୍ରିୟଦର୍ଶିନୀ, ନିରଞ୍ଜନ ପ୍ରଧାନ, ବିଶ୍ୱନାଥ ରାଉତ, ସୁବୋଧ ବେହେରା, ହିମାଂଶୁ ଦାସ ଉପସ୍ଥିତ ଥିଲେ। ଫକୀରପଡ଼ା ପଞ୍ଚାୟତରେ ଅନୁଷ୍ଠିତ ସଭାରେ ସରପଞ୍ଚ ମିଲି ସେଠୀ, ଧୀରେନ୍ଦ୍ର ସ୍ୱାଇଁ, କିଶୋର ସାହୁ, ଜୀବନଜ୍ୟୋତି ସେଠୀ, ପୂର୍ବତନ ସରପଞ୍ଚ ଯତୀନ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# 'ଭାଷାର ସୁରକ୍ଷା ପାଇଁ ଉଦ୍ୟମ ଆବଶ୍ୟକ'



ମିଶନ୍ ଶକ୍ତି ଓଡ଼ିଆ କବି ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨।୨ (କାର୍ତ୍ତିକ ସାହୁ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ମିଶନ୍ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଯୋଗଦେଇ ଭାଷାର ସୁରକ୍ଷା ନିମନ୍ତେ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଉପମା ଗନ୍ତାୟତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ୱରଚିତ କବିତା ପାଠ କରିଥିଲେ। ନାରୀ ସଶକ୍ତୀକରଣଠାରୁ ଆରମ୍ଭ କରି ମହିଳାମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ପର୍ଯ୍ୟନ୍ତ ବିଭିନ୍ନ ବିଷୟକୁ ମହିଳାମାନେ ସେମାନଙ୍କ କବିତାରେ ସ୍ଥାନ ଦେଇଥିଲେ। ସେମାନଙ୍କ ମଧ୍ୟରୁ ପୁଷ୍ପାଞ୍ଜଳି ସିଂହଙ୍କୁ ପ୍ରଥମ, ରଶ୍ମିତା ନାୟକଙ୍କୁ ଦ୍ୱିତୀୟ, ମୀନାକ୍ଷୀ ଦାସଙ୍କୁ ତୃତୀୟ ଶ୍ରେଷ୍ଠ କବୟିତ୍ରୀ ଭାବେ ବିବେଚିତ କରାଯାଇଥିଲା। ପ୍ରଫେସର ବିଶ୍ୱନାଥ ନାୟକ, ଖାନ୍‌ନଗର ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ଓ ଲେଖିକା ମୀରା ବେଉରା ବିଚାରକ ଭାବେ କବିତା ପାଠର ମୂଲ୍ୟାୟନ କରିଥିଲେ। ମିଶନ୍ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଖୁଣ୍ଟୁଣୀ,୨।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବିନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ସୁରେନ୍ଦ୍ର କୁମାର ପେଣ୍ଡୋଇ ଯୋଗଦେଇ କହିଛନ୍ତି, ଆଜିର ପରିବର୍ତ୍ତନଶୀଳ ସମାଜରେ ଘଟୁଥିବା ସମସ୍ୟାକୁ ମୁକାବିଲା କରିବାରେ ସରକାରଙ୍କ ଅଭିନବ ପ୍ରୟାସ ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୃଢ ମନୋବଳ ଯୋଗାଇବ। ଏଥିରେ ବିକାଶ କୁମାର ସାହୁ, ସୁରେନ୍ଦ୍ର କୁମାର ସେନାପତି, ଚକ୍ରଧର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଗୋବର୍ଦ୍ଧନ ବେଉରା ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଧାକର ମାଳିଆଙ୍କ ତତ୍ତ୍ୱାବଧାନରେ ନିରୁପମା ବେହେରା ଓ ସଙ୍ଗୀତା ବେହେରା ଶତାଧିକ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଉପରେ ତାଲିମ ଦେଇଥିଲେ। ଏହି ଶିବିର ୮ ଦିନ ଧରି ଚାଲିବ ବୋଲି ଅଧ୍ୟକ୍ଷ ଦାସ ସୂଚନା ଦେଇଛନ୍ତି।

# 'ବିବାହ ସଂସ୍କାରକୁ ଗୁରୁତ୍ୱ ଦେଇଛନ୍ତି ଠାକୁର ଅନୁକୂଳଚନ୍ଦ୍ର'



କଟକ,୨।୨(କାର୍ତ୍ତିକ ସାହୁ)

**ଛତ୍ରବଜାର ବାର୍ଷିକ ସତ୍‌ସଙ୍ଗ**

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ତଥା ଛତ୍ରବଜାର ବାର୍ଷିକ ସତ୍‌ସଙ୍ଗ ଶଙ୍କରପୁର ଉପରସାହିଠାରେ ଶୁକ୍ରବାର ପାଳିତ ହୋଇଯାଇଛି। କଟକ ସତ୍‌ସଙ୍ଗ ବିହାରର ସମ୍ପାଦକ ଡମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧର୍ମାଲୋଚନାରେ ମୁଖ୍ୟବକ୍ତା ଡ. ରମାକାନ୍ତ ମିଶ୍ର କହିଛନ୍ତି, ବିଶ୍ୱର ମଙ୍ଗଳ ନିମନ୍ତେ ବିବାହ ସଂସ୍କାରକୁ ଠାକୁର ଅତି ଗୁରୁତ୍ୱ ଦେଇଛନ୍ତି। ଦେଶରେ ସୁସନ୍ତାନ ଜନ୍ମ ହେଲେ ପୃଥିବୀରେ ମନୁଷ୍ୟ-ମନୁଷ୍ୟ ମଧ୍ୟରେ ଶାନ୍ତି, ତୃପ୍ତି ଓ ଆନନ୍ଦ ଆସିପାରିବ। ଗୁରୁଙ୍କ ଆଦେଶକୁ ମଣିଷ ପାଳନ କଲେ ଏହା ନିଶ୍ଚୟ ସମ୍ଭବ ହୋଇପାରିବ। ଗୌତମ ତ୍ରିପାଠୀ ପ୍ରାରମ୍ଭିକ ସୂଚନା, ବନବିହାରୀ ମିଶ୍ର ସତ୍ୟାନୁସରଣ ଓ ପ୍ରମୋଦ କୁମାର ସାହୁ ନାରୀର ନୀତି ଗ୍ରନ୍ଥ ପାଠ କରିଥିଲେ। ରାଜକିଶୋର ପ୍ରଧାନ, ରାମଚନ୍ଦ୍ର ସାହୁ, ସୁଧାଂଶୁ ବାରିକ, ନାରାୟଣ ନନ୍ଦ, ଦୀପକ ରାଉତ, ରବୀନ୍ଦ୍ର ଭୂୟାଁ, ଆର୍ତ୍ତତ୍ରାଣ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କର ରକ୍ତ ପରୀକ୍ଷା କରାଯାଇଥିଲା। ପୂର୍ବାହ୍ନରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସୁସଜ୍ଜିତ ବିଗ୍ରହ ସଂକୀର୍ତ୍ତନ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲା।

# ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟିହୁଏ

**ଚାରିଦେଶ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ**

ଖୁଣ୍ଟୁଣୀ,୨।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତରେ ପ୍ରଥମ ଚାରିଦେଶ ପଲ୍ଲୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ, ରାଧାକୃଷ୍ଣପୁର ସରପଞ୍ଚ କାହ୍ନୁ ଚରଣ ମହାନ୍ତି, ସମିତିସଭ୍ୟ ରାଜୁ ପରିଡା, ବିଶ୍ୱମ୍ଭର ପୂର୍ତ୍ତି, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ନୃସିଂହ ଚରଣ ସାହୁ, ଯୁବନେତା ଅରୂପ ମହାନ୍ତି, ଅନିଲ ବେହେରା, ବରୁଣ ବେହେରା, ପ୍ରତ୍ୟୁଷ ବେଉରା, ପ୍ରକାଶ ବେଉରା ଓ ପ୍ରଦୀପ ଗଡନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ଦ୍ୱାରା ପ୍ରତ୍ୟେକ ଗ୍ରାମ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ମହୋତ୍ସବର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପିଲାମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। ଲୋକମାନେ ମିନାବଜାର ବୁଲିବା ସହ ଚଟ୍‌ପଟି ଖାଦ୍ୟ ଖାଇ ଦୋଳିର ମଜା ନେଇଥିଲେ।



ମହୋତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

# ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

**ବକ୍ସଡ୍ରେନ୍ କାର୍ଯ୍ୟ ସମୀକ୍ଷା କଲେ ମେୟର, କମିଶନର**

କଟକ,୨।୨(କାର୍ତ୍ତିକ ସାହୁ)

କଟକ ସହରରେ ଜାଇକା ପକ୍ଷରୁ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଓ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁକ୍ରବାର ବକ୍ସିବଜାର, ବଜ୍ରକବାଟି, ଗହ୍ମାଡିଆ ଓ କେଶରପୁର ଅଞ୍ଚଳ ପରିଦର୍ଶନ କରି ବକ୍ସଡ୍ରେନ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବା ପାଇଁ ସେମାନେ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବକ୍ସିବଜାର, ମେରିଆବଜାର ଓ ବଜ୍ରକବାଟିଠାରେ ଚାଲିଥିବା ବକ୍ସଡ୍ରେନ କାର୍ଯ୍ୟର ଉଲ୍ଲେଖନୀୟ ଅଗ୍ରଗତି ନେଇ ମେୟର ଓ କମିଶନର ସନ୍ତୋଷ ପ୍ରକାଶ କରିଛନ୍ତି। ବଜ୍ରକବାଟି ଓ ବକ୍ସିବଜାରଠାରେ ବକ୍ସଡ୍ରେନ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଓ କେଶରପୁର ପୋଲ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଯନ୍ତ୍ରୀମାନେ ସେମାନଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ବକ୍ସଡ୍ରେନ୍ ନିର୍ମାଣ ଚାଲିଥିବା ଅଞ୍ଚଳ ବକ୍ସିବଜାରଠାରୁ ଗହ୍ମାଡିଆ ପର୍ଯ୍ୟନ୍ତ ଦୁଇଲେନ୍ ଓ ଗହ୍ମାଡିଆଠାରୁ ଛତ୍ରବଜାର ପର୍ଯ୍ୟନ୍ତ ଚାରିଲେନ୍ ରାସ୍ତା ନିର୍ମାଣ କରାଯିବ। ଦୁଇ ପଟରେ ପେଭରବ୍ଲକ୍, ନୂଆରାସ୍ତା, ବୃକ୍ଷରୋପଣ, ମିଡ୍‌ଭର୍ସ, ରାସ୍ତା ମଝିରେ ଲାଇଟ୍ ବ୍ୟବସ୍ଥା ଆଦି କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବ। ସେହିପରି ଉଭୟ ପାର୍ଶ୍ୱରେ ଫୁଟପାଥ୍, ସାଇକ୍ଲିଂ ଟ୍ରାକ୍, ମେଡିଆନ୍ସ ଓ ପାର୍କିଂ ଜାଗା ଆଦି ବ୍ୟବସ୍ଥା କରାଯିବ। ଏହି ପରିଦର୍ଶନ ସମୟରେ କର୍ପୋରେଟର ତଥା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ଚନ୍ଦନ ଜେନା, ଇତିଶ୍ରୀ ଦାସ, ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସିଏମ୍‌ସି ମେୟର, କମିଶନର ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।








# ଚଳଚ୍ଚିତ୍ର ମଣିଷ ସାଧୁ ମେହେର

ଭୁବନେଶ୍ୱର,୨୧୨(ଶର୍ମିଷ୍ଠା ପାଣିଗ୍ରାହୀ)- ସାଧୁ ମେହେରଙ୍କ ନାମ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ। ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ପ୍ରଭାବିତ କରୁଥିଲା। ଭାରତୀୟ ଫିଲ୍ମ ଜଗତକୁ ମେହେରଙ୍କ ଅତୁଳନୀୟ ଅବଦାନ ରହିଛି। ଭୁଖା, ମୃଗୟା ପ୍ରଭୃତି ଫିଲ୍ମରେ ତାଙ୍କ ଚରିତ୍ର ଦର୍ଶକଙ୍କ ମନରେ ଛାପ ଛାଡ଼ିପାରିଛି। ତାଙ୍କ ଅଭିନୟ ଯେମିତି ମନଛୁଆଁ ଥିଲା, ନିର୍ଦ୍ଦେଶନା ମଧ୍ୟ ସେମିତି ଚମତ୍କାର ଥିଲା। ଅଭିନୟ ପାଇଁ ମେହେରଙ୍କ ଜୀବନ ଥିଲା ସମର୍ପିତ। ଅନେକ ଲୋକପ୍ରିୟ କଳାକାର ତାଙ୍କ ଫିଲ୍ମରୁ ଗଢ଼ା ହୋଇଛନ୍ତି। ଓଡ଼ିଆ, ବଙ୍ଗଳା, ହିନ୍ଦୀ ପ୍ରଭୃତି ଭାଷାରେ ତାଙ୍କର ଅନେକ ଚଳଚ୍ଚିତ୍ର ରହିଛି। ସେ ଥିଲେ ଚଳଚ୍ଚିତ୍ର ମଣିଷ। ଚଳଚ୍ଚିତ୍ରଠୁ ସେ କେବେ ଦୂରେଇ ନ ଥିଲେ। ଶୁକ୍ରବାର ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ମେହେରଙ୍କ ସହ ସମ୍ପର୍କିତ ଥିବା ବ୍ୟକ୍ତିବିଶେଷଙ୍କ ମତରେ...

### ଚଳଚ୍ଚିତ୍ରରେ ସେ ମୋ ଗୁରୁ



ଅଭିମାନ ଚଳଚ୍ଚିତ୍ରରେ ତାଙ୍କ ସହ ପ୍ରଥମେ କାମ କରିବାର ସୁଯୋଗ ମିଳିଲା। ପରେ ମୋର ଭୁଖା ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଥିଲେ। ଜଣେ କଳାକାର ଭାବେ ତାଙ୍କ ଅଭିନୟ ମୋ' ଉପରେ ଖୁବ୍ ପ୍ରଭାବ ପକାଇଥିଲା। ଚରିତ୍ରକୁ କିଭଳି ନିଜର କରିହୁଏ ତାଙ୍କଠୁ ଶିଖିଛି।ଚଳଚ୍ଚିତ୍ରରେ ସେ ମୋ ଗୁରୁ। ସେ ସମୟାନୁବର୍ତ୍ତୀ ଥିଲେ। ତାଙ୍କ ସହ ମୋର ପାରିବାରିକ ସମ୍ପର୍କ ମଧ୍ୟ ଘନିଷ୍ଠ ଥିଲା। ଜାତୀୟ ସ୍ତରରେ କଳାକାର ଭାବେ ସେ ହିଁ ପ୍ରଥମେ ପରିଚିତ ଥିଲେ। ତାଙ୍କ ବିୟୋଗ ମୋ ପାଇଁ ବ୍ୟକ୍ତିଗତ କ୍ଷତି।

**-ସବ୍ୟସାଚୀ ମହାପାତ୍ର, ପ୍ରଯୋଜକ**

### କଳାତ୍ମକ ପ୍ରୟୋଗରେ ଅଗ୍ରଣୀ

ଓଡ଼ିଆ ସିନେମାରେ କଳାତ୍ମକ ପ୍ରୟୋଗରେ ସେ ଅଗ୍ରଣୀ ଥିଲେ। ବୌଦ୍ଧ ପରି ଏକ ଅନଗ୍ରସର ଜିଲାରୁ ଆସି ସେ ୧୯୭୫ରେ 'ଅଙ୍କୁର' ଚଳଚ୍ଚିତ୍ରରେ ସାବ୍ନା ଆଜ୍ମୀଙ୍କ ସହ ଭିନ୍ନକ୍ଷମ ଚରିତ୍ରରେ ଅଭିନୟ କରିଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ସାଧୁ ମେହେର ଓଡ଼ିଶାର ଗର୍ବ ଓ ଗୌରବ। ୧୯୮୫ରୁ ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଅବ୍ୟାହତ ରହିଥିଲା। ତାଙ୍କ ବ୍ୟକ୍ତିତ୍ୱ ଓ ଉତ୍କର୍ଷ ଓଡ଼ିଶାରେ ନବପ୍ରଜନ୍ମର ଚଳଚ୍ଚିତ୍ର ନିର୍ମାତା ନିର୍ଦ୍ଦେଶକ ପ୍ରେମୀଙ୍କ ପାଇଁ ଅନୁକରଣୀୟ ହୋଇ ରହିବ।



**-ସୂର୍ଯ୍ୟ ମିଶ୍ର, କବି**

### ଅନେକ କଳାକାରଙ୍କୁ ସୁଯୋଗ ଦେଇଥିଲେ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଦିଗରେ ସାଧୁ ମେହେରଙ୍କ ଅବଦାନ ଅତୁଳନୀୟ। ଅଭିନୟ, ନିର୍ଦ୍ଦେଶନା ତଥା ଟେଲି ଓ ଶିଶୁଭିତ୍ତିକ ଚଳଚ୍ଚିତ୍ର ତାଙ୍କର ଗୋଟିଏ ଗୋଟିଏ ମାଇଲଖୁଣ୍ଟ। ଅନେକ କଳାକାରଙ୍କୁ ସେ ସୁଯୋଗ ଦେଇଛନ୍ତି। ତାଙ୍କ ଫିଲ୍ମର ଗୀତଗୁଡ଼ିକ ମଧ୍ୟ ବେଶ୍ ସୁନ୍ଦର। ଚଳଚ୍ଚିତ୍ରରେ ତାଙ୍କ ଦିଗ୍‌ଦର୍ଶନ ଅନୁସରଣୀୟ।



**-ଦିଲୀପ ହାଲି, ସିନେ ସମୀକ୍ଷକ**

### ଜାତୀୟ ସ୍ତରରେ ପୁରସ୍କୃତ ପ୍ରଥମ କଳାକାର

ଓଡ଼ିଶାକୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ସେ ହେଉଛନ୍ତି ପ୍ରଥମ କଳାକାର। ଅଭିନୟ ପାଇଁ ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ସେହିପରି ୧୯୭୪ରେ ସେ ପ୍ରଥମ କଳାକାର ଭାବେ ଜାତୀୟ ପୁରସ୍କାର ହାସଲ କରିଥିଲେ।

### ଆଞ୍ଚଳିକ ସିନେମାକୁ ଜାତୀୟ ସ୍ତରରେ ପରିଚିତ କରାଇଥିଲା ଭୁଖା

ଏହି ଚଳଚ୍ଚିତ୍ର ନାମରୁ ଅନେକଙ୍କ ଆଖି ସାମ୍ନାରେ ସାଧୁ ମେହେରଙ୍କ ଛବିଟି ଆସିଯାଇଥାଏ। ଏହି ଫିଲ୍ମରେ ତାଙ୍କ ଚରିତ୍ରଟିକୁ ଏତେ ସୁନ୍ଦର ଭାବେ ସେ ଦର୍ଶକଙ୍କୁ ଭେଟିଦେଇଥିଲେ ଯେ, ତାହା ସବୁବେଳେ ମନେ ରହିବ। ଭୁଖା ଏକ ଆଞ୍ଚଳିକ ସିନେମା ଭାବେ ତାଙ୍କ ସିନେମା ଯାତ୍ରାକୁ ସୁଦୃଢ଼ କରିଥିଲା। ଆଞ୍ଚଳିକ ସିନେମାକୁ ଜାତୀୟ ସ୍ତରରେ ଭୁଖା ପରିଚିତ କରାଇଥିଲା।



ଆସୁଛି ସରସ୍ୱତୀ ପୂଜା: କଟକ ଶିଳ୍ପୀକୁମ୍ଭାର ସାହିରେ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମା ଗଢିବାରେ ନିମଗ୍ନ ଶିଳ୍ପୀ।

# ଓଡ଼ିଶାରେ ଲାଗୁ ହେଉ ଆୟୁଷ୍ମାନ ଭାରତ ଯୋଜନା

କଟକ,୨୧୨ (କାର୍ତ୍ତିକ ସାହୁ)

ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଆୟୁଷ୍ମାନ ଭାରତକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରୀ କର୍ତ୍ତୃପକ୍ଷ ନିଷ୍କ୍ରିୟତା ପ୍ରଦର୍ଶନ କରୁଛନ୍ତି। ଫଳରେ ରାଜ୍ୟବାସୀ ଏହି ଯୋଜନାରେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ ନ କରି ରାଜ୍ୟ ସରକାର ଭାରତୀୟ ସମ୍ବିଧାନର ୧୪ ଓ ୨୧ ଧାରାର ଉଲ୍ଲଂଘନ କରୁଛନ୍ତି। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ଏନେଇ ହାଇକୋର୍ଟରେ ଶୁକ୍ରବାର ମାମଲା ଦାୟର କରାଯାଇଛି। ମାମଲାର ବିବରଣୀ ଅନୁସାରେ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ଆୟୁଷ୍ମାନ ଭାରତ ଯୋଜନା ୨୦୧୮ ସେପ୍ଟେମ୍ବର ୨୩ରେ ଆରମ୍ଭ ହୋଇଥିଲା। ଦେଶବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏହାର ଲକ୍ଷ୍ୟ। ନ୍ୟାଶନାଲ ସାମ୍ପଲ ସର୍ଭେ ଅର୍ଗାନାଇଜେଶନ ଦ୍ୱାରା କରାଯାଇଥିବା ୭୧ତମ ସର୍ଭେଅନୁସାରେ ଦେଶର ୮୫.୯% ଗ୍ରାମାଞ୍ଚଳ ଓ ୮୨% ସହରାଞ୍ଚଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପାଇଁ କୌଣସି ବୀମା ଉପଲବ୍ଧ ନାହିଁ। ଭାରତୀୟ ଜନସଂଖ୍ୟାର ୧୭% ଲୋକ ସର୍ବନିମ୍ନ ସେମାନଙ୍କର ବ୍ୟୟଠାର ୧୦% ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରନ୍ତି। ଏପରିସ୍ଥିତିରେ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ଓଡ଼ିଶାରେ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ବହୁବାର ଅନୁରୋଧ କରିଥିଲେ ବି ତାହା ଲାଗୁ କରାଯାଉନାହିଁ। ରାଜ୍ୟ ସରକାର ୨୦୧୮ ଅଗଷ୍ଟ ୧୫ ତାରିଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ପ୍ରଚଳନ

### ହାଇକୋର୍ଟରେ ମାମଲା

କରିଛନ୍ତି। ବିଏସ୍‌କେୱାଇରେ ପ୍ରଦତ୍ତ କାର୍ଡ ନାମ ଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କେହି ଚିକିତ୍ସିତ ହେବାର ସୁବିଧା ନଥିବାବେଳେ ଆୟୁଷ୍ମାନ ଭାରତ ଯୋଜନାରେ ପ୍ରତିଟି ବ୍ୟକ୍ତି ଏହି ସୁବିଧା ପାଇପାରିବେ। ଓଡ଼ିଶାବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବାର ବହୁତ ସୁଯୋଗ ରହିଥିବାରୁ ଓଡ଼ିଶାରେ ତୁରନ୍ତ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦକାରୀ ପ୍ରାର୍ଥନା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବ, ନୂଆଦିଲ୍ଲୀସ୍ଥିତ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ରାଜ୍ୟ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ରାଜ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ୪ ଜଣଙ୍କୁ ମିଳିବ ସି.ଭି. ରମଣ ପୁରସ୍କାର

ଭୁବନେଶ୍ୱର,୨୧୨(ଅନୁରାଧା ମହାରଣା)









୨୦୨୪ ବର୍ଷ ପାଇଁ ସି.ଭି. ରମଣ ସମ୍ମାନ ଚୟନ ପରିଷଦ ପକ୍ଷରୁ ସି.ଭି. ରମଣ ପୁରସ୍କାର ଘୋଷଣା କରାଯାଇଛି। ୪ଜଣ ଓଡ଼ିଆଙ୍କୁ ସି.ଭି. ରମଣ ପୁରସ୍କାର ପ୍ରଦାନ ପାଇଁ ପରିଷଦର ଅଧ୍ୟକ୍ଷ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ଅନୁମୋଦନ କରିଛନ୍ତି। ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀକାନ୍ତ ନନ୍ଦଙ୍କୁ ବିଜ୍ଞାନ ରତ୍ନ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଭେଷଜ ବିଜ୍ଞାନ ବିଭାଗର ପ୍ରଫେସର ବିଦ୍ୟୁତ ଦାସଙ୍କୁ ସି.ଭି. ରମଣ ସ୍ମାରକୀ ସ୍ୱର୍ଣ୍ଣ ପଦକ, ୱାରାଙ୍ଗଲସ୍ଥିତ ଜାତୀୟ ବୈଷୟିକ ଶିକ୍ଷା ଅନୁଷ୍ଠାନର ସହକାରୀ ପ୍ରଫେସର ଡ. ଜୀଉ ଦାସଙ୍କୁ ସି.ଭି. ରମଣ ଯୁବ ବୈଜ୍ଞାନିକ ସମ୍ମାନ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ବିଭାଗ ଛାତ୍ର ରିତେଶ ନାୟକଙ୍କୁ ସି.ଭି. ରମଣ ଛାତ୍ର ପ୍ରତିଭା ସମ୍ମାନ ପାଇଁ ମନୋନୀତ କରାଯାଇଛି। ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପରିଷଦର ମହାସଚିବ ଡ. ବିଶ୍ୱଜିତ ପ୍ରଧାନ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଭୂଷଣ



@ ରଞ୍ଜନ



@ ବିଶ୍ୱଜିତ୍



@ ସୁମନ୍ତ



@ ଦୁର୍ଯ୍ୟୋଧନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବରବରା ଜଙ୍ଗଲରେ ମୃତ ହାତୀ ଠାବ



ବାଲୁଗାଁ/ଗମ୍ଭାରୀମୁଣ୍ଡା,୨୧୨ (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଲୁଗାଁ ବନ ବିଭାଗ ଅଧୀନ ବରବରା ଜଙ୍ଗଲର ଖାରିଆ ପଲ୍ଲୀ ବିଟ୍‌ହାଉସ ଅଞ୍ଚଳରୁ ଶୁକ୍ରବାର ସକାଳେ ଏକ ହାତୀର ମୃତଦେହ ଜବତ ହୋଇଛି। ହାତୀର ବୟସ ଆନୁମାନିକ ୩୫ ବର୍ଷରୁ ଊର୍ଦ୍ଧ୍ୱ ହେବ। ଖବରପାଇ ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ଓ ବାଲୁଗାଁ ରେଞ୍ଜର ପ୍ରତାପ ମହାନ୍ତି ଏବଂ ଅନ୍ୟ ବନ କର୍ମଚାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁବାର ରାତିରେ ହାତୀଟିର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ କେଉଁ ପରିସ୍ଥିତିରେ ଏବଂ କେଉଁ କାରଣରୁ ହାତୀର ମୃତ୍ୟୁ ଘଟିଛି କାରଣ ଅସ୍ପଷ୍ଟ ରହିଛି। ଉକ୍ତ ଜଙ୍ଗଲରେ ଏକ ଚାରିକିଆ ହାତୀ ପଲ ବୁଲୁଥିବା ବେଳେ ତିନିଦିନ ହେବ ଏହି ଦନ୍ତା ହାତୀ ବିଚ୍ଛିନ୍ନ ହୋଇ ନିଖୋଜ ଥିଲା। ବିଭାଗ ପକ୍ଷରୁ ସାଟେଲାଇଟ ଦ୍ୱାରା ନିଖୋଜ ଏହି ହାତୀ ଉପରେ ଅନୁସନ୍ଧାନ ଜାରି ରହିଥିଲା। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ମହାନ୍ତି ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କ ପାଇଁ ଶାବର ଶ୍ରୀକ୍ଷେତ୍ରରୁ ଆସିଲା କଳାଜିରା ଚାଉଳ

### ମହାପ୍ରସାଦ ପ୍ରସ୍ତୁତ ଲାଗି ଅନୁରୋଧ କଲା ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ

ପୁରୀ,୨୧୨(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତ ପାଇଁ ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ଶ୍ରୀମନ୍ଦିରକୁ ଆସିଛି ଜିଆଇ ମାନ୍ୟତାପ୍ରାପ୍ତ ସ୍ୱତନ୍ତ୍ର କଳାଜିରା ଚାଉଳ। କୋରାପୁଟର ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଏହି ସ୍ୱତନ୍ତ୍ର କଳାଜିରା ଚାଉଳକୁ ଶୁକ୍ରବାର ପୁରୀ ଆଣି ମହାପ୍ରସାଦ ପ୍ରସ୍ତୁତ ନିମନ୍ତେ ଅନୁରୋଧ ଜଣାଇ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛି। ଶ୍ରୀମନ୍ଦିର ଦାନକେନ୍ଦ୍ରରେ ଏହି ଚାଉଳ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଚାଉଳକୁ ଗ୍ରହଣ କରିଛି।

ଶୁକ୍ରବାର ମଧ୍ୟାହ୍ନରେ କୋରାପୁଟରୁ ଚାଷୀମାନେ ପୁରୀରେ ପହଞ୍ଚିଥିଲେ। ସେମାନେ ସାଥିରେ ଜିଆଇ ମାନ୍ୟତାପ୍ରାପ୍ତ କଳାଜିରା ଚାଉଳ ସହ ମହାପ୍ରଭୁଙ୍କ ପାଇଁ କଦଳୀ, ତୁଳସୀ, ନଡ଼ିଆ, କଖାରୁ ଆଦି ସାଙ୍ଗରେ ଆଣିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚିବା କ୍ଷଣି ଚାଷୀମାନଙ୍କ ହରିବୋଲ ଓ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେମାନେ ପାରମ୍ପରିକ ଭାବେ ବାଉଁଶପାତିଆ ଟାଟରେ କଳାଜିରା ଚାଉଳ ରଖି ତାହାକୁ ମୁଣ୍ଡାଇ ଶ୍ରୀମନ୍ଦିର ଦାନକେନ୍ଦ୍ରରେ ଦେଇଛନ୍ତି। ସେହିପରି ନଡ଼ିଆ କଦଳୀ ଆଦି ମଧ୍ୟ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହି କଳାଜିରା ଚାଉଳକୁ ଅନ୍ୟ ପ୍ରସିଦ୍ଧ ମନ୍ଦିରରେ ଦାନ ଆକାରରେ ଦିଆଯିବ। ଏହି ଚାଉଳର ବେଶ୍ ଚାହିଦା ଥିବାବେଳେ ବଜାରରେ ଏହା ବିକ୍ରି ହେବା ପୂର୍ବରୁ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ପାଇଁ ଅଣାଯାଇଥିବା ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍‌ର ସିଇଓ ମୂରଲୀଧର ଅଧିକାରୀ କହିଛନ୍ତି। ସେ କହିଛନ୍ତି, କଳାଜିରା ଚାଉଳ ବିଲୁପ୍ତ ହେବାକୁ ବସିଛି। ଏହି ଚାଉଳକୁ ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରାଯାଇଥିଲା। ଖୁସିର କଥା, ଚଳିତ ବର୍ଷ ଚାଉଳକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। ଏହା ସୁଗନ୍ଧିତ ଚାଉଳ। ପୂର୍ବରୁ ଏହା ଚାଷ ହେଉଥିଲା। ହେଲେ ଏହା ଅନ୍ୟ ଧାନ ଅପେକ୍ଷା




କମ୍ ଅମଳ ହେଉଥିବାରୁ ଏହାକୁ ଚାଷୀ ଚାଷ କଲେ ନାହିଁ। ଫଳରେ ଏହା ବିଲୁପ୍ତ ହୋଇଯାଇଥିଲା। ତେବେ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ କୋରାପୁଟରେ ଏକହଜାର ଚାଷୀଙ୍କୁ କଳା ଜିରା ବିହନ ଦିଆଯାଇ ଚାଷ ଆରମ୍ଭ ହୋଇଥିଲା। ଧାନ ହେବା ପରେ ଏହାର ଲୋକପ୍ରିୟତା ବଢ଼ାଇବା ଓ ବଜାରରେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ସଂସ୍ଥା ପକ୍ଷରୁ ଉଦ୍ୟମ କରାଯାଉଛି। ଚାଉଳ ଜିଆଇ ଟ୍ୟାଗ୍ ପାଇବା ପରେ ଚାଉଳର ଡିମାଣ୍ଡ ବଢିବାରେ ଲାଗିଛି। ତେବେ ଏହି କଳାଜିରା ଚାଉଳ ପ୍ରଥମେ ମହାପ୍ରଭୁଙ୍କ ପାଖରେ ଲାଗିହେବା ପରେ ଏହାର ବ୍ୟବସାୟିକ ଦିଗ ଉପରେ କାର୍ଯ୍ୟ ଆରମ୍ଭ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସୃଷ୍ଟିକର୍ତ୍ତା। ତେଣୁ ପ୍ରଥମ ଅନୁରୋଧ ଯାତ୍ରାରେ ମହାପ୍ରଭୁଙ୍କୁ ୧ କୁଇଣ୍ଟାଲ ଚାଉଳ ସମର୍ପଣ କରାଯାଇଛି। ଏଥିରେ ମହାପ୍ରସାଦ ରନ୍ଧନ କରାଯିବାକୁ ସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ବିଭିନ୍ନ ମନ୍ଦିରରେ ଉକ୍ତ ଚାଉଳ ଦିଆଯାଇ ପ୍ରସାଦ ପ୍ରସ୍ତୁତ କରାଯିବା ପାଇଁ ଅନୁରୋଧ କରାଯିବ ବୋଲି ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍‌ର ସିଇଓ କହିଛନ୍ତି। ସେହିପରି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି କହିଛନ୍ତି, କୋରାପୁଟର ଏକ ଅନୁଷ୍ଠାନ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତ ପାଇଁ କଳା ଜିରା ଚାଉଳ କୋରାପୁଟରୁ ଆଣି ପୁରୀ ଆସିଛନ୍ତି। ସେହି ସଂସ୍ଥା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୧ କୁଇଣ୍ଟାଲ ଚାଉଳ ପ୍ରଦାନ କରିଛନ୍ତି। ତେବେ ଉକ୍ତ ଚାଉଳ ମହାପ୍ରସାଦରେ ବ୍ୟବହାର କରାଯିବ କି ନାହିଁ ସେନେଇ ତା'ର ମାନ ନିର୍ଦ୍ଧାରଣ ହେବ। ସୁଆର ମହାସୁଆର ନିଯୋଗ ପକ୍ଷରୁ ଏନେଇ ନିର୍ଦ୍ଧାରଣ କରାଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

**କୋଟାରେ ଇଞ୍ଜିନିୟରିଂ ଛାତ୍ରଙ୍କ ଆତ୍ମହତ୍ୟା**

କୋଚିଂ ହବ୍ କୁହାଯାଉଥିବା ରାଜସ୍ଥାନର କୋଟାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ବନ୍ଦ ହେବା ନାଁ ନେଉନାହିଁ। ବି.ଟେକ୍ ଶେଷବର୍ଷର ଛାତ୍ର ନୁର୍ ମହମ୍ମଦ ବୁଧବାର ଆତ୍ମହତ୍ୟା କରିଥିବାବେଳେ ଗୁରୁବାର ରାତିରେ ତାଙ୍କ ପ୍ରକୋଷ୍ଠରୁ ମୃତଦେହ ମିଳିଥିଲା। କୋଟାରେ ଦୁଇ ସପ୍ତାହ ମଧ୍ୟରେ ଏହା ତୃତୀୟ ଆତ୍ମହତ୍ୟା। ଗତ ମାସ ୨୩ରେ ମହମ୍ମଦ ଜାଇଦି ଏବଂ ୨୯ ତାରିଖରେ ନିହାରିକା ସିଂ ଜୀବନ ହାରିଥିଲେ। ଗତବର୍ଷ କୋଟାରେ ୨୬ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ।

# ଉତ୍ତରାଖଣ୍ଡରେ ୟୁସିସି ରିପୋର୍ଟ: ବହୁବିବାହକୁ ନା

ଡେରାଡୁନ୍,୨।୨(ପି.ଟି.)

ସମାନ ନାଗରିକ ସଂହିତା (ୟୁସିସି) ଚିଠା ଆଇନ ପ୍ରସ୍ତୁତି ଲାଗି ଗଠିତ କମିଟି ଶୁକ୍ରବାର ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଦସ୍ତାବିଜ୍ ପ୍ରଦାନ କରିଛି। ଉକ୍ତ ଚିଠା ଆଇନରେ ବହୁପତ୍ନୀ ଗ୍ରହଣକୁ ନିଷେଧ କରାଯିବା ସହ ସମାନ ଉତ୍ତରାଧିକାର, ଲିଭ୍-ଇନ୍ ରିଲେଶନରେ ରହିଲେ ଘୋଷଣାନାମା ବାଧ୍ୟତାମୂଳକ କରାଯିବାକୁ ପ୍ରସ୍ତାବ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଚିଠା ଆଇନ ଅନୁଯାୟୀ ଝିଅମାନଙ୍କ ବିବାହ ବୟସ ୧୮ ଏବଂ ପୁଅଙ୍କ ପାଇଁ ୨୧ ବର୍ଷ ରହିବ। ବିବାହ ନିମନ୍ତେ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଛାଡ଼ପତ୍ର ପାଇଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କୁ ସମାନ କାରଣ ଦର୍ଶାଇବାକୁ ହେବ। ଜଣେ ସ୍ତ୍ରୀ ବଞ୍ଚିଥିବା ଯାଏ ଦ୍ୱିତୀୟ ବିବାହ କରାଯାଇପାରିବ ନାହିଁ। ପୁଅଙ୍କ ଭଳି ଝିଅମାନଙ୍କୁ ସମ୍ପତ୍ତି ଉପରେ ସମାନ ଅଧିକାର ମିଳିବ। ଅନୁସୂଚିତ ଜନଜାତିମାନଙ୍କୁ ୟୁସିସି ପରିସର ବାହାରେ ରଖାଯିବାକୁ ପ୍ରସ୍ତାବ ରହିଛି। ଚିଠା ୟୁସିସିକୁ ଗୃହୀତ କରାଇବା ଲାଗି ଫେବୃଆରୀ ୫ରୁ ଉତ୍ତରାଖଣ୍ଡ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସୁଛି।

**ଲିଭ୍-ଇନ୍‌ରେ ରହିଲେ ଘୋଷଣାନାମା ବାଧ୍ୟତାମୂଳକ**

ୟୁସିସି ଚିଠା ଆଇନ ପ୍ରସ୍ତୁତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ୫ ଜଣିଆ କମିଟି ଶୁକ୍ରବାର ମୁଖ୍ୟମନ୍ତ୍ରୀ ଧାମିଙ୍କୁ ଦସ୍ତାବିଜ୍ ପ୍ରଦାନ କରିଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ରଞ୍ଜନ ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟି ଗଠନ କରାଯାଇଥିଲା। ପୁନର୍ବାର କ୍ଷମତାକୁ ଆସିଲେ ରାଜ୍ୟରେ ୟୁସିସି ଲାଗୁ କରିବା ପାଇଁ ୨୦୨୨ ନିର୍ବାଚନ ବେଳେ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ସରକାର ଆଉ ପାଦେ ଆଗେଇଥିବା ଧାମି ଏହି ଅବସରରେ କହିଛନ୍ତି। ପ୍ରଥମ କ୍ୟାବିନେଟ ବୈଠକରେ ୟୁସିସି ଚିଠା କମିଟି ଗଠନ ନିଷ୍ପତ୍ତି ନିଆଯାଇଥିଲା। କମିଟି ସଦସ୍ୟମାନେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ସହ ବିସ୍ତୃତ ଆଲୋଚନା କରି ଚିଠା ଆଇନ ଚୂଡ଼ାନ୍ତ କରିଛନ୍ତି। ଏହାକୁ କ୍ୟାବିନେଟ୍ ଅନୁଧ୍ୟାନ କରିବା ପରେ ବିଧାନସଭାରେ ଆଲୋଚନା ପାଇଁ ଉପସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ‘ବିଫଳତାରୁ ଧ୍ୟାନ ହଟାଇବା ପାଇଁ ଭାଜପା ୟୁସିସି କଥା କହୁଛି’

**କଂଗ୍ରେସର ଅଭିଯୋଗ**

କେନ୍ଦ୍ର ଏବଂ ଉତ୍ତରାଖଣ୍ଡରେ ଭାଜପା ସରକାରର ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଦଳ ବାରମ୍ବାର ସମାନ ନାଗରିକ ସଂହିତା (ୟୁସିସି) କଥା ଉଠାଉଛି। ବରିଷ୍ଠ କଂଗ୍ରେସ ନେତା ତଥା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍ ଶୁକ୍ରବାର ଏହା କହିଛନ୍ତି। ପ୍ରସ୍ତାବିତ ୟୁସିସି ଆଇନର କାର୍ଯ୍ୟକାରିତା କେବଳ ଗୋଟିଏ ରାଜ୍ୟରେ ସୀମିତ ରହୁଥିବାରୁ ଏହା ଠିକ୍ ନୁହେଁ। ଗୋଟିଏ ରାଜ୍ୟରେ ସୀମାବଦ୍ଧ ହେବାକୁ ଥିବା ଏକ ଆଇନକୁ ୟୁନିଫର୍ମ କିପରି କୁହାଯିବ ବୋଲି ରାୱତ୍ ପ୍ରଶ୍ନ କରିଛନ୍ତି। ରାଜ୍ୟ ସୀମା ବାହାରେ ୟୁସିସିର କୌଣସି ମାନେ ରହିବ ନାହିଁ। ଭାଜପା ସରକାରରେ ଦରଦାମ୍ ଆକାଶଛୁଆଁ ହୋଇଥିବାବେଳେ ଦୁର୍ନୀତି ଓ ବେରୋଜଗାରୀ ବଢ଼ିଚାଲିଛି। କେନ୍ଦ୍ର କିମ୍ବା ଉତ୍ତରାଖଣ୍ଡର ପୁଷ୍କର ସିଂ ଧାମି ସରକାର କୌଣସି ବିକାଶମୂଳକ କାର୍ଯ୍ୟ କରୁନାହାନ୍ତି। ଏସବୁରୁ ଲୋକଙ୍କ ଧ୍ୟାନ ହଟାଇବା ନିମନ୍ତେ ଭାଜପା ୟୁସିସିକୁ ଅସ୍ତ୍ର କରିଥିବା ରାୱତ୍ କହିଛନ୍ତି। ୟୁସିସି ଆଇନରେ ପରିଣତ ହେଲେ ମଧ୍ୟ ରାଜ୍ୟବାସୀ ସେଥିରୁ ଉପକୃତ ହେବେନାହିଁ। ଏବାବଦରେ କୋଟି କୋଟି ଟଙ୍କା ବରବାଦ୍ କରିବାର ଯଥାର୍ଥତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

## ଇଣ୍ଡିଆ ବ୍ଲକ୍ କେବଳ ଲୋକ ସଭା ନିର୍ବାଚନ ପାଇଁ



ଜୟରାମ ରମେଶ

ରାମପୁରହାଟ,୨।୨

ଇଣ୍ଡିଆ ମେଣ୍ଟ କେବଳ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ। କୌଣସି ରାଜ୍ୟର ବିଧାନସଭା ନିର୍ବାଚନ ଏକାଠି ଲଢ଼ିବା ପାଇଁ ନୁହେଁ ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ବିରୋଧୀ ମେଣ୍ଟରେ ୨୭ଟି ଦଳ ଏକାଠି ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଏକ ରାଜନୈତିକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ନିର୍ବାଚନ ପାଇଁ ଲାଭଦାୟକ ହେବ ବୋଲି ଜୟରାମ କହିଛନ୍ତି।

## ସଂକ୍ଷେପରେ

### ପ୍ରସାଧନୀ କାରଖାନାରେ ନିଆଁ: ୩୨ ଆହତ

ଶିମ୍ଲା,୨।୨(ପି.ଟି.)

ହିମାଚଳପ୍ରଦେଶର ସୋଲାନ ଜିଲା ଅନ୍ତର୍ଗତ ବଦ୍ଦି ଶିଳ୍ପାଞ୍ଚଳରେ ଥିବା ଏକ ପ୍ରସାଧନୀ ସାମଗ୍ରୀ କାରଖାନାରେ ଶୁକ୍ରବାର ନିଆଁ ଲାଗିଯିବାରୁ ୩୨ ଜଣ କର୍ମଚାରୀ ଫସିରହିଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହୁରି କେତେଜଣ ଫ୍ୟାକ୍ଟ୍ରି ଭିତରେ ରହିଯାଇଥିବା ଆଶଙ୍କା କରାଯାଉଛି। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୩୨ ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପିଜିଆଇ ଚଣ୍ଡିଗଡ଼ ପଠାଯାଇଛି। ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀ ସମେତ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ରହିଛି।

### ରାଜନୈତିକ ଦଳ ଗଢ଼ିଲେ ଅଭିନେତା ବିଜୟ୍



ଚେନ୍ନାଇ,୨।୨

ତାମିଲ ଚଳଚ୍ଚିତ୍ରର ଖ୍ୟାତନାମା ଅଭିନେତା ଥଲପତିବିଜୟ ଶୁକ୍ରବାର ନୂଆ ରାଜନୈତିକ ଦଳ ଘୋଷଣା କରିଛନ୍ତି। ତାଙ୍କ ଦଳର ନାଁ ରହିଛି ତାମିଝାଗା ଭେଟ୍ରି କାଝଗମ୍। ସେ ଚଳଚ୍ଚିତ୍ର ପାଇଁ ପୂର୍ବରୁ କରିଥିବା ଚୁକ୍ତି ପୂରଣ କରିବା ପରେ ରାଜନୀତିରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିବେ ବୋଲି ବିଜୟ କହିଛନ୍ତି। ରାଜନୈତିକ ଦଳର ପଞ୍ଜୀକରଣ ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରାଯାଇଛି। ରାଜନୀତିକୁ ତାମିଲନାଡୁ ଜନସାଧାରଣଙ୍କ ପ୍ରତି କୃତଜ୍ଞତାର ଋଣ ବିବେଚନା କରୁଥିବା ଅଭିନେତା କହିଛନ୍ତି। ବିଜୟ ଦଳର ନିର୍ବାଚିତ ଅଧ୍ୟକ୍ଷ ରହିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କ ଦଳ ଲଢ଼ିବ କିମ୍ବା ଅନ୍ୟ କୌଣସି ଦଳକୁ ସମର୍ଥନ ଜଣାଇବ ତାହା ଦଳର ସାଧାରଣ ପରିଷଦ ଏବଂ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେବେ। ତେବେ ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ି ବିଜୟୀ ହେବା ତାଙ୍କ ଦଳର ଲକ୍ଷ୍ୟ। ରାଜ୍ୟବାସୀଙ୍କ ଦୀର୍ଘଦିନର ଆଶା ଆକାଂକ୍ଷା ଅନୁଯାୟୀ ରାଜନୈତିକ ପରିବର୍ତ୍ତନ ଆଣିବାକୁ ସେ ଚାହାନ୍ତି ବୋଲି କହିଛନ୍ତି।

### ଆମେରିକାରେ ପୁଣି ଭାରତୀୟ୍ ଛାତ୍ର ମୃତ

ନ୍ୟୁୟର୍କ, ୨।୨

ଆମେରିକାରେ ଆଉ ଜଣେ ଭାରତୀୟ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଓହିୟୋ ରାଜ୍ୟର ସିନସିନାଟି ସହରରେ ରହୁଥିବା ଶ୍ରେୟସ ରେଡ୍ଡୀ ବେନିଗେରିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ସ୍କୁଲ ଅଫ୍ ବିଜନେସରେ ପଢୁଥିବା ଶ୍ରେୟସଙ୍କ ମାତାପିତା ହାଇଦ୍ରାବାଦ୍‌ରେ ରହୁଛନ୍ତି। ଶ୍ରେୟସଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ପୋଲିସ ଗମ୍ଭୀରତାର ସହ ତଦନ୍ତ କରୁଥିବା ନ୍ୟୁୟର୍କରେ ଥିବା ଭାରତୀୟ କନ୍‌ସୁଲେଟ୍ ଜେନେରାଲ କହିଛନ୍ତି। ଗତ ସପ୍ତାହେ ମଧ୍ୟରେ ୩ ଜଣ ଓ ମାସେ ମଧ୍ୟରେ ୪ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଲାଣି।

### ୨୯ ଟଙ୍କାରେ ଚାଉଳ ବିକିବ କେନ୍ଦ୍ର

ନୂଆଦିଲ୍ଲୀ,୨।୨(ପି.ଟି.)

ଆସନ୍ତା ସପ୍ତାହରୁ କେନ୍ଦ୍ର ସରକାର ଖୁଚୁରା ବଜାରରେ କିଲୋ ୨୯ ଟଙ୍କା ଦରରେ ଚାଉଳ ବିକିବେ। ବଜାରରେ ଚାଉଳ ଦର ଅଧିକ ଥିବାରୁ ସାଧାରଣ ଲୋକଙ୍କ ସୁବିଧା ପାଇଁ ଖୁଚୁରା ବଜାରରେ ‘ଭାରତ ରାଇସ୍’ ବିକ୍ରି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଚାଉଳ ଓ ଧାନ ଷ୍ଟକ୍ ସମ୍ପର୍କରେ ଜଣାଇବା ନିମନ୍ତେ ଟ୍ରେଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକ ମଧ୍ୟରେ ଚାଉଳ ଦର ୧୫ ପ୍ରତିଶତ ବଢ଼ିଛି। ଉପରୋକ୍ତ ଦୁଇଟି ସମେତ ଚାଉଳ ରପ୍ତାନୀ ଉପରେ କଟକଣା ଲଗାଯାଇଥିବାରୁ ଦର ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି ଶୁକ୍ରବାର କେନ୍ଦ୍ର ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି।

### ମେ’ ୧୦ ସୁଦ୍ଧା ମାଳଦ୍ୱୀପରୁ ସୈନ୍ୟ ଫେରିବେ

ନୂଆଦିଲ୍ଲୀ,୨।୨

ମାଳଦ୍ୱୀପର ୩ଟି ଆଭିଏଶନ ପ୍ଲାଟଫର୍ମରେ ରହିଥିବା ସୈନ୍ୟମାନଙ୍କୁ ଭାରତ ମେ’ ୧୦ ସୁଦ୍ଧା ଫେରାଇ ଆଣିବ। ଏଥିପାଇଁ ମାର୍ଚ୍ଚ ୧୦ରେ ପ୍ରଥମ ପର୍ଯ୍ୟାୟ ପ୍ରକ୍ରିୟା ଶେଷ ହେବ। ସୈନ୍ୟ ପ୍ରତ୍ୟାହାର ନେଇ ଦୁଇ ଦେଶର ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ପରେ ମାଳଦ୍ୱୀପର ବହିର୍ବ୍ୟାପାର ମନ୍ତ୍ରଣାଳୟ ଉପରୋକ୍ତ ସୂଚନା ଦେଇଛି। ନୂଆଦିଲ୍ଲୀରେ ଦୁଇ ଦେଶର କୋର୍ ଗ୍ରୁପ୍ ମଧ୍ୟରେ ବୈଠକ ବସିଥିଲା।

# ୫ରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ଚମ୍ପାଇ

**ଘୋଡ଼ାବେପାର ଭୟରେ ହାଇଦ୍ରାବାଦରେ ଜେଏମ୍‌ଏମ୍-କଂଗ୍ରେସ ବିଧାୟକ**

ରାଞ୍ଚି,୨।୨

ଝାଡ଼ଖଣ୍ଡରେ ୩ ଦିନର ରାଜନୈତିକ ନାଟକବାଜି ପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ବିଧାୟକ ଦଳ ନେତା ଚମ୍ପାଇ ସୋରେନ୍ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଚମ୍ପାଇଙ୍କୁ ଝାଡ଼ଖଣ୍ଡର ଦ୍ୱାଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। କଂଗ୍ରେସର ଆଲମଗିର ଆଲମ ଏବଂ ଆର୍‌ଜେଡିର ସତ୍ୟାନନ୍ଦ ଭୋକ୍ତା ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ବୋଲି କହିଛନ୍ତି। ଏଥିପାଇଁ ସୋମବାରଠାରୁ ବିଧାନସଭାର ୨ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ୧୦ ଦିନ ମଧ୍ୟରେ ଆସ୍ଥା ଭୋଟ ଲୋଡ଼ିବାକୁ ରାଜ୍ୟପାଳ ଚମ୍ପାଇଙ୍କୁ ପରାମର୍ଶ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି ଚମ୍ପାଇ ସୋରେନ।

ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହେବା ପୂର୍ବରୁ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ୍ ବୁଧବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ରାଜ୍ୟରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା। ଚମ୍ପାଇ ସୋରେନ୍ ସରକାର ଗଢ଼ିବା ପାଇଁ ରାଜ୍ୟପାଳଙ୍କ ପାଖରେ ଦାବି ଜଣାଇଥିଲେ ମଧ୍ୟ ଏହା ଉପରେ ତୁରନ୍ତ ନିଷ୍ପତ୍ତି ନ ନେଇ ରାଜ୍ୟପାଳ ସମୟ ଗଡ଼ାଇଥିଲେ। ଶେଷରେ ଗୁରୁବାର ରାତିରେ ରାଜ୍ୟପାଳ ଚମ୍ପାଇଙ୍କ ଦାବିକୁ ଗ୍ରହଣ କରି ତାଙ୍କୁ ସରକାର ଗଢ଼ିବା ପାଇଁ ଆମନ୍ତ୍ରଣ କରିଥିଲେ।

ଆସ୍ଥାଭୋଟ ପୂର୍ବରୁ ଘୋଡ଼ାବେପାର ଆଶଙ୍କା ଥିବାରୁ ଶପଥ ଗ୍ରହଣ ଉତ୍ସବ ପରେ ଶାସକ ଜେଏମ୍‌ଏମ୍ ଏବଂ ଏହାର ସହଯୋଗୀ ଦଳର ବିଧାୟକମାନେ ହାଇଦ୍ରାବାଦ ପଳାଇଛନ୍ତି। ମେଣ୍ଟ ସହଯୋଗୀମାନଙ୍କୁ ଏକତ୍ର ରଖିବା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଛି। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଜେଏମ୍‌ଏମ୍‌ର ୨୯ ବିଧାୟକ ଥିବାବେଳେ ଏହାର ସହଯୋଗୀ କଂଗ୍ରେସର ୧୭ ବିଧାୟକ ଅଛନ୍ତି। ଏହା ବ୍ୟତୀତ ଅନ୍ୟତମ ସହଯୋଗୀ ଆର୍‌ଜେଡି ଏବଂ ସିପିଆଇ(ଏମ୍‌ଏଲ୍)ର ଜଣେ ଲେଖାଏ ବିଧାୟକ ରହିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳ ଭାଜପା ହାତରେ ୨୬ ଆସନ ଥିବାବେଳେ ଏଜେଏସୟୁର ୩ ଏବଂ ସ୍ୱାଧୀନ ଓ ଅନ୍ୟାନ୍ୟରୁ ୩ ବିଧାୟକ ଅଛନ୍ତି। ସରକାର ଗଠନରେ ବିଳମ୍ବ ହେଉଥିବାରୁ ଘୋ ବେପାର ଆଶଙ୍କା ପ୍ରକାଶ ପାଇଥିଲା।

## ହେମନ୍ତ ସୋରେନ୍‌ଙ୍କ ହାଜତ ମିଆଦ ୫ ଦିନ ବଢ଼ିଲା

ନୂଆଦିଲ୍ଲୀ,୨।୨

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜ କରି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ତାଙ୍କର ଝାଡ଼ଖଣ୍ଡ ହାଇକୋର୍ଟରେ ଏକ ରିଟ୍ ପିଟିଶନ ବିଚାରାଧୀନ ରହିଛି। ତେଣୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଶୀଘ୍ର ଶୁଣାଣି କରିବାକୁ ଅନୁରୋଧ କରନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଇଡିର ସମନକୁ ହେମନ୍ତ ପୂର୍ବରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଦୁର୍ନୀତି ମାମଲାରେ ଇଡି ବୁଧବାର ରାତିରେ ହେମନ୍ତଙ୍କୁ ଗିରଫ କରିଥିଲା। ରାଞ୍ଚିର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ଅଦାଲତ ଗୁରୁବାର ତାଙ୍କୁ ଗୋଟିଏ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇଥିଲେ। ପିଏମ୍‌ଏଲ୍‌ଏ କୋର୍ଟ ହାଜତ ମିଆଦକୁ ୫ ଦିନ ବଢ଼ାଇଛନ୍ତି।

# ପୁନମ୍ ପାଣ୍ଡେଙ୍କ ପରଲୋକ ଚର୍ଚ୍ଚା

ମୁମ୍ବାଇ, ୨।୨



ବଲିଉଡ୍ ଅଭିନେତ୍ରୀ ତଥା ମଡେଲ୍ ପୁନମ ପାଣ୍ଡେଙ୍କର ପରଲୋକ ଘଟିଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସର୍ଭିକାଲ କ୍ୟାନ୍‌ସରରେ ପୀଡ଼ିତ ହୋଇ ପୁନମ୍‌ଙ୍କର ପରଲୋକ ହୋଇଥିବା ନେଇ ତାଙ୍କ ମିଡିଆ ମ୍ୟାନେଜର ସୂଚନା ଦେଇଛନ୍ତି। ତେବେ କେବେଠାରୁ ସେ ସର୍ଭିକାଲ କ୍ୟାନ୍‌ସରରେ ପୀଡ଼ିତ ଥିଲେ, କେଉଁ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି, ତାଙ୍କର ଅନ୍ତିମ ସଂସ୍କାର କେଉଁଠାରେ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ତାଙ୍କ ପରିବାର ପକ୍ଷରୁ ମଧ୍ୟ ମୃତ୍ୟୁକୁ ନେଇ କୌଣସି ସୂଚନା ଦିଆଯାଇନାହିଁ। ତେଣୁ ମୃତ୍ୟୁ ଖବରକୁ ନେଇ ଅନେକ ଦ୍ୱନ୍ଦରେ ପଡ଼ିଛନ୍ତି। ସାମାଜିକ ଗଣମାଧ୍ୟମରେ ବହୁଳ ଭାବେ ଲୋକପ୍ରିୟ ଥିବା ପୁନମ୍ କେତେକ ବଲିଉଡ ଚଳଚ୍ଚିତ୍ରରେ ମଧ୍ୟ କାର୍ଯ୍ୟ କରିଥିଲେ। ‘ନଶା’ , ‘ଦ ଜର୍ନୀ ଅଫ୍ କର୍ମ’ ଆଦି ଚଳଚ୍ଚିତ୍ରରେ ସେ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ରିଆଲିଟି ଶୋ ‘ଲକ୍ ଅପ୍’ରେ ପୁନମ୍‌ଙ୍କ ନିଖୁଣ ଅଭିନୟ ତାଙ୍କୁ ପ୍ରଶଂସକଙ୍କ ମଧ୍ୟରେ ଆହୁରି ଲୋକପ୍ରିୟ କରାଇଥିଲା। ୨୦୧୧ରେ ରିଆଲିଟି ଶୋ ‘ଖତ୍‌ରୋ କା ଖିଲାଡ଼ି’ରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ। ତେବେ ବିଭିନ୍ନ ବିବାଦୀୟ ମନ୍ତବ୍ୟ ଓ ପୋଷ୍ଟ ପାଇଁ ସବୁବେଳେ ଚର୍ଚ୍ଚିତ ରହୁଥିଲେ ପୁନମ୍।



ଜମ୍ମୁ-କଶ୍ମୀରର ପହଲ୍‌ଗାମରେ ତୁଷାରପାତ ଯୋଗୁ ଚାରିଆଡ଼ ବରଫରେ ଘୋଡ଼େଇ ହୋଇ ରହିଛି।

# ଜ୍ଞାନବାପିରେ ହିନ୍ଦୁ ପକ୍ଷଙ୍କ ପୂଜାର୍ଚ୍ଚନାରେ ଲାଗିବନି ରୋକ

ଲକ୍ଷ୍ନୌ, ୨।୨

ଜ୍ଞାନବାପି ମସ୍‌ଜିଦ୍‌ର ବେସ୍‌ମେଣ୍ଟର ଥିବା ବିବାଦୀୟ ସ୍ଥଳ ‘ବ୍ୟାସ କା ତେହଖାନା’ ଠାରେ ହିନ୍ଦୁ ପକ୍ଷଙ୍କ ପୂଜାର୍ଚ୍ଚନା ଉପରେ ରୋକ୍ ଲଗାଇବାକୁ ଅଞ୍ଜୁମନ୍ ଇନ୍ତଜାମିଆ ମସ୍‌ଜିଦ୍ କମିଟିର ଆବେଦନ ଉପରେ ଆଲ୍ଲାହାବାଦ ହାଇକୋର୍ଟରେ ଶୁକ୍ରବାର ଶୁଣାଣି ହୋଇଥିଲା। ଜଷ୍ଟିସ ରୋହିତ ରଞ୍ଜନ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବିବାଦୀୟ ସ୍ଥଳରେ ହିନ୍ଦୁମାନଙ୍କ ପୂଜାର୍ଚ୍ଚନାରେ ରୋକ୍ ଲଗାଇବାକୁ ଅଗ୍ରାହ୍ୟ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୬ରେ ହେବ। ସେହିପରି ଜ୍ଞାନବାପି ମସ୍‌ଜିଦ୍ ଓ ଏହାର ଆଖପାଖ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜ୍ଞାନବାପି ମସ୍‌ଜିଦ୍‌ର ବେସ୍‌ମେଣ୍ଟର ଥିବା ବିବାଦୀୟ ସ୍ଥଳ ‘ବ୍ୟାସ କା ତେହଖାନା’ ଠାରେ ହିନ୍ଦୁ ପକ୍ଷଙ୍କୁ ପୂଜାର୍ଚ୍ଚନା ପାଇଁ ଚଳିତ ବୁଧବାର ବାରାଣସୀ ଜିଲା କୋର୍ଟ ଅନୁମତି ପ୍ରଦାନ କରିଥିଲେ। ଏହି ରାୟ ଅନୁଯାୟୀ ସମ୍ପୃକ୍ତ ସ୍ଥଳରେ ହିନ୍ଦୁ ପକ୍ଷଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଅଞ୍ଜୁମନ୍ ଇନ୍ତଜାମିଆ ମସ୍‌ଜିଦ୍ କମିଟି ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ମାମଲାରେ ନ୍ୟାୟିକ ଆଶ୍ୱସ୍ତି ନିମନ୍ତେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା।

**୬ରେ ପରବର୍ତ୍ତୀ ଶୁଣାଣି**



# ବିସ୍ଫୋରଣରେ ଥରିଲା ବେଲୁଚିସ୍ତାନ

**ନିର୍ବାଚନ ପୂର୍ବରୁ ପାକିସ୍ତାନରେ ଆତଙ୍କବାଦୀ ସକ୍ରିୟ**




ଇସ୍‌ଲାମାବାଦ୍, ୨।୨

ପାକିସ୍ତାନରେ ସାଧାରଣ ନିର୍ବାଚନକୁ ଆଉ ମାତ୍ର ସପ୍ତାହେରୁ କମ୍ ସମୟ ବାକି ଥିବାବେଳେ ବେଲୁଚିସ୍ତାନ ପ୍ରଦେଶର ରାଜଧାନୀ କ୍ୱେଟାର ବିଭିନ୍ନ ସ୍ଥାନରେ ବୋମା ଓ ହ୍ୟାଣ୍ଡ ଗ୍ରେନେଡ୍ ପକାଇ ବିସ୍ଫୋରଣ ଘଟାଇଛନ୍ତି ଆତଙ୍କବାଦୀ। ସହରର ବିଭିନ୍ନ ଥାନା, ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ, ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟାଳୟ ଆଦିକୁ ଟାର୍ଗେଟ କରାଯାଇ ୧୦ ଥର ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ୬ ଜଣ ପୋଲିସ ଅଧିକାରୀ ଆହତ ହୋଇଥିବା ସୂଚନା ମିଳିଛି। ସେହିପରି ବେଲୁଚିସ୍ତାନର ମସ୍ତୁଙ୍ଗ ଅଞ୍ଚଳର ଏକ ସେଣ୍ଟ୍ରାଲ ଜେଲରେ ହ୍ୟାଣ୍ଡ ଗ୍ରେନେଡ୍ ପକାଇ ହମ୍‌ଲା କରିଛନ୍ତି ଆତଙ୍କବାଦୀ। ଏହି ହମ୍‌ଲାରେ ଜଣେ ଜେଲ ୱାର୍ଡେନ ଆହତ ହୋଇଛନ୍ତି। ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର ରାସ୍ତାରେ ମଧ୍ୟ ଆତଙ୍କବାଦୀମାନେ ଗୋଟିଏ ବୋମା ପକାଇ ବିସ୍ଫୋରଣ ଘଟାଇବାରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି।। ତେବେ ବିସ୍ଫୋରଣ ଘଟିଥିବା ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇ ତଦନ୍ତ ଆରମ୍ଭ କରିଛି ପୋଲିସ। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ବେଲୁଚିସ୍ତାନରେ ଏକ ନିର୍ବାଚନୀ ରାଲିକୁ ଟାର୍ଗେଟ କରି ଆତଙ୍କବାଦୀ ବିସ୍ଫୋରଣ ଘଟାଇଥିଲେ। ଏଥିରେ ପାକିସ୍ତାନ ତେହେରିକ୍ ଏ ଇନସାଫ୍(ପିଟିଆଇ)ର ୩ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା।

# ଝାଡ଼ଖଣ୍ଡ ପ୍ରସଙ୍ଗ: ରାଜ୍ୟ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୨।୨(ପି.ଟି.)

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ପଦରୁ ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ୍‌ଙ୍କ ଇସ୍ତଫା ପରେ ରାଜ୍ୟପାଳ ସରକାର ଗଢ଼ିବା ପାଇଁ ଅନ୍ତରୀଣ ବ୍ୟବସ୍ଥା କରୁ ନ ଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର କଂଗ୍ରେସ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛନ୍ତି। ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ସପ୍ତାହେ ପୂର୍ବରୁ ନୀତୀଶ କୁମାର ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା କ୍ଷଣି ତାଙ୍କ ଇସ୍ତଫାପତ୍ର ଗୃହୀତ ହୋଇ ଏନ୍‌ଡିଏ ସରକାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଡକାଯାଇଥିଲା। ୧୨ ଘଣ୍ଟା ମଧ୍ୟରେ ବିହାରରେ ସରକାର ବଦଳିଥିଲା। ଅନ୍ୟପକ୍ଷରେ ପଡୋଶୀ ଝାଡ଼ଖଣ୍ଡରେ ହେମନ୍ତ ସୋରେନ୍ ମୁଖ୍ୟମନ୍ତ୍ରୀ ପଦରୁ ବୁଧବାରଠାରୁ ଇସ୍ତଫା ଦେଲେଣି, ଅଥଚ ନୂଆ ସରକାର ଗଢ଼ିବା ପାଇଁ ବ୍ୟବସ୍ଥା କରାଯାଇ ନାହିଁ। ହେମନ୍ତଙ୍କ ଇସ୍ତଫା ପରେ ଚମ୍ପାଇ ସୋରେନ୍‌ଙ୍କୁ ବିଧାୟକ ଦଳ ନେତା ନିର୍ବାଚନ କରାଯାଇଥିଲା ଓ ସେ ୪୩ ବିଧାୟକଙ୍କ ସ୍ୱାକ୍ଷର ଥିବା ସମର୍ଥନ ପତ୍ର ରାଜ୍ୟପାଳଙ୍କୁ ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟପାଳଙ୍କ ଆଚରଣ ସମ୍ପର୍କରେ ଗୃହରେ ଆଲୋଚନା କରାଯାଇପାରିବ ନାହିଁ। କାହାକୁ ସରକାର ଗଢ଼ିବା ପାଇଁ ଡାକିବା ପୂର୍ବରୁ ତାଙ୍କ ପଛରେ ଆବଶ୍ୟକ ସମର୍ଥନ ରହିଛି କି ନାହିଁ, ସେ ନେଇ ରାଜ୍ୟପାଳ ନିଶ୍ଚିତ ହେବା ଜରୁରୀ ବୋଲି ଗୃହର ନେତା ପୀୟୂଷ ଗୋୟଲ କହିଥିଲେ।

# ୨୦୨୨ରେ ୯.୧ ଲକ୍ଷ କ୍ୟାନ୍‌ସର ମୃତ୍ୟୁ

ନୂଆଦିଲ୍ଲୀ,୨।୨(ପି.ଟି.)

୨୦୨୨ରେ ଭାରତରେ ୧୪.୧ ଲକ୍ଷରୁ ଅଧିକ ନୂଆ କ୍ୟାନ୍‌ସର ମାମଲା ଚିହ୍ନଟ ହୋଇଥିବାବେଳେ ୯.୧ ଲକ୍ଷରୁ ଅଧିକ ଏହି ରୋଗରେ ପ୍ରାଣ ହରାଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କରାଯାଇଥିବା ସଦ୍ୟତମ ଆକଳନରେ ଏହା କୁହାଯାଇଛି। ମହିଳାଙ୍କଠାରେ ସ୍ତନ ଓ ଗ୍ରୀବା କର୍କଟ ସାଧାରଣ ଘଟଣା ହୋଇଥିବାବେଳେ ପୁରୁଷଙ୍କଠାରେ ମୁଖ ଗହ୍ୱର ଓ ଫୁସ୍‌ଫୁସ୍ କର୍କଟ ବିଶେଷ ଦେଖାଯାଇଥାଏ। ସ୍ତନ କର୍କଟ ମାମଲା ୨୭ ପ୍ରତିଶତ ହୋଇଥିବାବେଳେ ଗ୍ରୀବା କର୍କଟ ୧୮ ପ୍ରତିଶତ। ସେହିପରି ମୁଖ ଗହ୍ୱର ଏବଂ ଫୁସ୍‌ଫୁସ୍ କର୍କଟ ହାର ଯଥାକ୍ରମେ ୧୫.୬ ଏବଂ ୮.୫ ପ୍ରତିଶତ ବୋଲି ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ କୁହାଯାଇଛି। କ୍ୟାନ୍‌ସର ପୀଡ଼ିତ ଜଣାପଡ଼ିବା ପରେ ଦେଶରେ ପାଖାପାଖି ୩୨.୬ ଲକ୍ଷ ଲୋକ ୫ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିଛନ୍ତି। ସାରା ବିଶ୍ୱରେ ୨ କୋଟି କ୍ୟାନ୍‌ସର ମାମଲା ଚିହ୍ନଟ ହୋଇଥିବାବେଳେ ୯୨ ଲକ୍ଷ ରୋଗୀଙ୍କ ମୃତ୍ୟୁ ଘଟିଛି। ୫.୩ କୋଟି ରୋଗୀ ୫ ବର୍ଷ ହେଲା ଏହି ରୋଗରେ ପୀଡ଼ିତ ହୋଇ ବଞ୍ଚିରହିଛନ୍ତି। ପ୍ରତି ୫ ଜଣରେ ଜଣେ ଜୀବନକାଳ ମଧ୍ୟରେ କର୍କଟରେ ପୀଡ଼ିତ ହେଉଛନ୍ତି। ପ୍ରତି ୯ ଜଣରେ ଜଣେ ପୁରୁଷ ଏବଂ ପ୍ରତି ୧୨ ଜଣରେ ଜଣେ ମହିଳା ଏହି ରୋଗରେ ପ୍ରାଣ ହରାଉଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ଭାରତରେ ୭୫ ବର୍ଷ ହେବା ପୂର୍ବରୁ ୧୦.୬ ପ୍ରତିଶତଙ୍କଠାରେ କ୍ୟାନ୍‌ସର ଦେଖାଦେଉଛି। ଏହି ବୟସ ମଧ୍ୟରେ କ୍ୟାନ୍‌ସରଜନିତ ମୃତ୍ୟୁ ହାର ୭.୨ ପ୍ରତିଶତ ରହିଛି। ବିଶ୍ୱସ୍ତରରେ ଏହି ହାର ଯଥାକ୍ରମେ ୨୦ ଏବଂ ୯.୬ ପ୍ରତିଶତ ବୋଲି ରିପୋର୍ଟରୁ ଜଣାପଡ଼ିଛି।



# ଆରମ୍ଭ ହେଲା ଏକାମ୍ର ୱାକ୍ସ

## ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପାଲା, ଖଞ୍ଜଣିର ମଜା ନେଲେ ସହରବାସୀ

ଭୁବନେଶ୍ୱର, ୨।୨ (ବନ୍ଦନା ସେଠୀ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, କଳା ଓ ସଂସ୍କୃତିକୁ ମନୋରଞ୍ଜନ ମାଧ୍ୟମରେ ଲୋକଙ୍କ ପାଖେ ପହଞ୍ଚାଇବାକୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି 'ଏକାମ୍ର ୱାକ୍ସ'। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ଏକାମ୍ର ୱାକ୍ସର ତୃତୀୟ ସଂସ୍କରଣର ପ୍ରଥମ ଦିନରେ ଦୁଇଟି ଟ୍ରେଲ ବା ପଦଯାତ୍ରା 'ବନ୍ୟ ବିଭବରେ ବିଭୋର ମଣିଷ' ଏବଂ 'ଏସେନ୍ସ ଅଫ୍ ଓଡ଼ିଶା' ବା 'ଓଡ଼ିଆ ଭାଷାର ଗୌରବ ଗାଥା' ଆୟୋଜିତ ହୋଇଥିଲା। ପର୍ଯ୍ୟଟକମାନେ 'ବନ୍ୟ ବିଭବରେ ବିଭୋର ମଣିଷ' ପଦଯାତ୍ରାରେ ଜଙ୍ଗଲ ଓ ଜଳାଶୟରେ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ପଦଯାତ୍ରା ସକାଳ ୬ଟାରେ ଆରମ୍ଭ ହୋଇଥିଲା। ଏଥିରେ ପର୍ଯ୍ୟଟକମାନେ ଡେରାସ ଡ୍ୟାମ୍ ବୁଲି ଦେଖିବା ସହ ଜଙ୍ଗଲର ମଜା ନେଇଥିଲେ। ଏଥିସହ ଅତିଥିମାନେ ସ୍ଥାନୀୟ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥିଲେ। ସେହିଭଳି ଚଳିତବର୍ଷ 'ଏକାମ୍ର ୱାକ୍ସ'ରେ ଯୋଡ଼ା ଯାଇଥିବା 'ଓଡ଼ିଆ ଭାଷାର ଗୌରବ ଗାଥା' ଟ୍ରେଲ୍ ଐତିହାସିକ କେଦାରନାଥ ଲାଇବ୍ରେରିରୁ ଆରମ୍ଭ ହୋଇ ମୁକ୍ତେଶର ମନ୍ଦିରରେ ଶେଷ ହୋଇଥିଲା। ଭାରତୀ ମଠରେ ପାରମ୍ପରିକ ପାଲା କାର୍ଯ୍ୟକ୍ରମ ଓ ଯମେଶ୍ୱର ମନ୍ଦିରରେ ଖଞ୍ଜଣି ପରିବେଷଣ ପର୍ଯ୍ୟଟକମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭବ ଦେଇଥିଲା। ଫେବୃଆରୀ ୫ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ରେଲ୍‌ରେ ଓଡ଼ିଆ ଭାଷାର ଇତିହାସ ସହ ଜଡ଼ିତ ବିଭିନ୍ନ ଦିଗ ସମ୍ପର୍କରେ ଜାଣିବାକୁ ପର୍ଯ୍ୟଟକମାନଙ୍କୁ ସୁଯୋଗ ମିଳୁଛି।

ଅପରପକ୍ଷେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର, ଶନିବାର ଏବଂ ରବିବାର ଏକାମ୍ର ପଦଯାତ୍ରା ଚାଲିବ। ଏହି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକମାନେ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟର ଆନନ୍ଦ ନେଇପାରିବେ। ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଅଭିଜ୍ଞ ଗାଇଡ୍‌ମାନଙ୍କ ସହାୟତାରେ ଶତାବ୍ଦୀ ଶତାବ୍ଦୀ ଧରି ତଥା ପିଢ଼ି ପରେ ପିଢ଼ି ଚାଲିଥିବା କାହାଣୀଗୁଡ଼ିକୁ ଉନ୍ମୋଚନ କରିବାରେ ଏହି ପଦଯାତ୍ରା ସହାୟକ ହେବ। 'ଏକାମ୍ର ୱାକ୍ସ'ରେ ସାମିଲ ହେବାପାଇଁ ଆଗ୍ରହୀ ବ୍ୟକ୍ତିମାନେ WWW.EKAMRAWALKS.COMରୁ କାର୍ଯ୍ୟକ୍ରମର ସମୟ ସାରଣୀ ଓ ରୁଟିନ୍ ବିଷୟରେ ଅଧିକ ସୂଚନା ପାଇବା ସହ ପଞ୍ଜୀକରଣ କରିପାରିବେ। ଏହି ଅନନ୍ୟ ପଦକ୍ଷେପ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦେବା ସହ ପର୍ଯ୍ୟଟକଙ୍କୁ ଟାଣି ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



ଜଣେ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

## ରାଜଧାନୀରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୨।୨ (ସତ୍ୟଜିତ୍ ରାଉତ)

ରାଜଧାନୀ ଦିନକୁ ଦିନ ଅସୁରକ୍ଷିତ ହେବାରେ ଲାଗିଛି। କମିଶନରେଟ୍ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅସାମାଜିକ ଯୁବକମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ମାତ୍ର ୩ ଦିନ ତଳେ ଭୁବନେଶ୍ୱର ଜାଗମରା ନୂଆରୋଡ୍‌ରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଛି। ସୁନ୍ଦରପଦା ହରିଆ ଛକ ନିକଟରେ ୩ରୁ ଊର୍ଦ୍ଧ୍ୱ ଯୁବକ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏପରିକି ସେମାନେ ତାଙ୍କ ଶରୀରକୁ ପଥରରେ ଛେଚିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଛନ୍ତି ସୁନ୍ଦରପଦା ଅଞ୍ଚଳର ପୁପୁନ ଜେନା। ପୁପୁନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ବେଳର ସିସିଟିଭି ଫୁଟେଜ୍ ମଧ୍ୟ ଭାଇରାଲ ହେଉଛି। ପୁପୁନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ଏହି ଘଟଣାକୁ ନେଇ ତାଙ୍କ ଦାଦା ଖେତରା ଜେନା ଶୁକ୍ରବାର ଏୟାରଫିଲ୍ଡ ଥାନାରେ ଏତଲା ଦେଇଛନ୍ତି।

## ସ୍ଥିର ଲକ୍ଷ୍ୟ, ପରିଶ୍ରମ ସଫଳତା ଦିଏ



ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୨।୨ (ପ୍ରଭାତ ପାଣିଗ୍ରାହୀ)

ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ଏକ ଗଠନମୂଳକ ସମାଜ, ପ୍ରଗତିଶୀଳ ରାଷ୍ଟ୍ରରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ଛାତ୍ର ଓ ଯୁବ ସମାଜ ଶୃଙ୍ଖଳିତ, ଚରିତ୍ରବାନ ହେବା ଉଚିତ। ଲକ୍ଷ୍ୟପଥରେ ସ୍ଥିରତା ଏବଂ କଠିନ ପରିଶ୍ରମ ସଫଳତା ଆଣିଥାଏ ବୋଲି ଜଙ୍କିଆସ୍ଥିତ ରାମକୃଷ୍ଣ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବରେ ମତପ୍ରକାଶ ପାଇଛି। ଶିକ୍ଷାବିତ୍ ବସନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବଡ଼ପୋଖରିଆ ମେଡିକାଲ ଅଫିସର ଡା. ପ୍ରିୟରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଡ.ପୂର୍ଣ୍ଣଚନ୍ଦ୍ର ଦାଶ ମୁଖ୍ୟ ବକ୍ତା ଏବଂ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା, ରାମକୃଷ୍ଣ ଶିକ୍ଷା କେନ୍ଦ୍ର ସଭାପତି ବାଞ୍ଛାନିଧି ବେହେରା, ସମ୍ପାଦକ ସର୍ବେଶ୍ୱର ସାହୁ, ଡ.ସୁଚିତ୍ରା ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପାଠପଢି ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମାତାପିତା, ଗୁରୁଜନଙ୍କୁ ଭକ୍ତି କରିବାକୁ କହିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନାଚାର୍ଯ୍ୟ ସୌରଭ ସ୍ନିଗ୍ଧ ଜେନା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱ

ଖୋର୍ଦ୍ଧା, ୨।୨ (ପ୍ରଭାତ ପାଣିଗ୍ରାହୀ)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏନେଇ ବିଭିନ୍ନ ରାଜନୈତିକ ଦଳ ଲୋକଙ୍କ ନିକଟତର ହେବା ସହିତ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବାଇକ୍ ଶୋଭାଯାତ୍ରାରେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଖୋର୍ଦ୍ଧା ବ୍ଲକର କୁରାଡମଲ, କାଇପଦର, ବଙ୍ଗିଦା, ପଲ୍ଲାତୋଟାପଡା, ବାଜପୁର ଏବଂ ନନ୍ଦପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପ୍ରତେକ ଗ୍ରାମରେ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୁରାଡମଲ ପଞ୍ଚାୟତର ସିନ୍ଟୁ ସାମନ୍ତରାୟ, ନିଲୁ ପରିଡା, ତପନ ସୁବୁଦ୍ଧ, ପଲ୍ଲାତୋଟାପଡା ପଞ୍ଚାୟତର ହାପି ପ୍ରଧାନ, ଚିତ୍ତରଞ୍ଜନ ମହାରଥୀ, ନନ୍ଦପୁର ପଞ୍ଚାୟତର ଅନୁ ସୁନ୍ଦରାୟ, ମାନସ ରଞ୍ଜନ ମହାପାତ୍ର, ରବୀନ୍ଦ୍ର ମିଶ୍ର, ବାଜପୁର ପଞ୍ଚାୟତର ବିକ୍ରମ ସାହୁ, ସୁବ୍ରତ ଜୟସିଂହ, ସଞ୍ଜୟ ଜୟସିଂହ, ଦିଲ୍ଲୀପ କୁମାର କାଣ୍ଡି, କାଇପଦର ପଞ୍ଚାୟତର ବାପି ଚମ୍ପତିରାୟ, ବୀରେନ୍ଦ୍ର ମହାପାତ୍ର, ଜିତୁ ଯୁଝିୟାସିଂହ, ବଙ୍ଗିଦା ପଞ୍ଚାୟତର ପପୁ ମାର୍ଥା, ଅବନୀ କାନ୍ତ ପ୍ରଧାନ ଏବଂ ଉପେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଏହି ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।



ଶୋଭାଯାତ୍ରାରେ ବଜେଡି ନେତ୍ରୀ ବାସନ୍ତୀ ମହାପାତ୍ର ଏବଂ ଅନ୍ୟମାନେ।

## ବିଦ୍ୟାଳୟରେ ପାଠ ପଢ଼ାଇଲେ ଜିଲାପାଳ

ବାଲିପାଟଣା, ୨।୨ (ଅଭିମନ୍ୟୁ ନାୟକ): ଖୋର୍ଦ୍ଧା ଜିଲାପାଳ ଚଞ୍ଚଲ ରାଣା ଶୁକ୍ରବାର ବାଲିପାଟଣା ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସ୍ଥିତି ପରଖିଛନ୍ତି। ଜିଲାପାଳ ରାଣା ପହଞ୍ଚିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ, ସରପଞ୍ଚ ବାହାନ ଭୋଇ, ସମିତିସଭ୍ୟ ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀଙ୍କ ସମେତ ସମିତିସଭ୍ୟ ଓ ସରପଞ୍ଚମାନେ ସ୍ୱାଗତ କରିଥିଲେ। ଏହା ପରେ ଜିଲାପାଳ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମସ୍ୟା ବୁଝିଥିଲେ। ଖାଲି ପଡିଥିବା ଡାକ୍ତର ପଦବୀ ଖୁବ୍‌ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଜିଲାପାଳ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଇଥିଲେ। ପରେ ବିଭିନ୍ନ ଉନ୍ନୟକ କାର୍ଯ୍ୟର ସ୍ଥିତି ପରିଦର୍ଶନ କରି ଫେରିଥିଲେ।

## ରେଙ୍ଗଟା ରାସ୍ତା ଶୋଚନୀୟ



ନିରାକାରପୁର, ୨।୨ (ମାନସ ଚନ୍ଦ୍ର ପଟ୍ଟନାୟକ): ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏବେବି ଲୋକେ ଯାତାୟାତ କରିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା ଗ୍ରାମବାସୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଯାଜପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଗ୍ରାମର ରାସ୍ତା ୫ଶହ ମିଟର ଦୂର। ହେଲେ ଅଦ୍ୟାବଧି ଏହି ରାସ୍ତା ପକ୍କା ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉଭୟ ପାର୍ଶ୍ୱରେ ଉଠିଥିବା ଅନାବନା ଗଛ ରାସ୍ତା ଉପରକୁ ମାଡି ଆସିବାରୁ କ୍ରମଶଃ ରାସ୍ତାଟି ମଧ୍ୟ ଅଣ ଓସାରିଆ ହୋଇପଡିଛି। ପୂର୍ବରୁ ଉକ୍ତ ରାସ୍ତାର ପ୍ରାରମ୍ଭରୁ କିଛି ବାଟ କଂକ୍ରିଟ ହୋଇଥିଲା। ହେଲେ ଦୀର୍ଘଦିନ ହୋଇଯିବାରୁ ଏହା ଏବେ ଅଗମ୍ୟ ହୋଇପଡିଛି। ଗ୍ରାମର ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତାର ଏକ ସ୍ଥାୟୀ ସମାଧାନ ନିମନ୍ତେ ସାମାଜିକ କର୍ମୀ ଭାସ୍କର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

## ୪ରୁ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼, ୨।୨ (ଦେବବ୍ରତ ହୋତା): କୋଦୁଅବେରେଣି ଗ୍ରାମ ଖେଳପଡ଼ିଆରେ ଦ୍ୱାଦଶ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୪ତାରିଖରୁ ଆରମ୍ଭ ହେବ। ମା'ରାମଚଣ୍ଡୀ ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି ସଭାପତି ବିଜୟାନନ୍ଦ ସାହୁ କହିଛନ୍ତି। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟର ପ୍ରତ୍ୟେକ ମ୍ୟାଚ ୨୦ ଓଭର ବିଶିଷ୍ଟ ହେବ। ଢେଙ୍କାନାଳ, ଖୋର୍ଦ୍ଧା, ସୁନ୍ଦରଗାଁ, ଭାଲିଆବାଡି, ଅଟ୍ରି, କୁମାରବସ୍ତ, କାଇପଦର ଓ ମଞ୍ଜେଶ୍ୱର ଆଦି ଅଞ୍ଚଳର କ୍ରିକେଟ ଟିମ୍ ଅଂଶଗ୍ରହଣ କରିବେ ବୋଲି କ୍ରୀଡା ସଭାପତି ସୁଦର୍ଶନ ପ୍ରଧାନ କହିଛନ୍ତି। ୫ଫୁଟ ଉଚ୍ଚତା ବିଶିଷ୍ଟ ଟ୍ରଫି ସହ ୪୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ଚାମ୍ପିୟନ ଟିମକୁ ଦିଆଯିବାକୁ ଥିବା ବେଳେ ରନର୍ସ ଅପ ଟିମ୍‌କୁ କପ ସହିତ ୩୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କୋଷାଧ୍ୟକ୍ଷ ରାଜୁ ମହାରଣା କହିଛନ୍ତି। ସେହିପରି ଏହି ଟୁର୍ନାମେଣ୍ଟ ଅବସରରେ ପ୍ରତ୍ୟହ ବିଶିଷ୍ଟ ବ୍ୟକ୍ତି, କଳାକାର ଅତିଥିଭାବେ ଯୋଗଦେବେ ବୋଲି ସମ୍ପାଦକ ଚିନ୍ମୟ କୁମାର ମୁଦୁଲି କହିଛନ୍ତି।


TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
Tender No - TPWODL/SD/O/SER/051 Date: 02.02.2024
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
Rate Contract for SITC of DC-to-DC Converter.
Interested bidders to submit Tender Participation Fee and Authorization Letter through email on or before 10th February 2024, 15:00 Hrs, after which the link from e-Tender system shall be shared.
For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will take place with the participating bidders only through E-Tender system.
Sd/- Chief-Contracts and Stores

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

GranCast kitchen Appliances
Required
SALES EXECUTIVE
Graduates with Experience can Contact :
Mr. Balamurali krishna
Mob: 9398299472

URGENT REQUIRED
AREA SALES MANAGERS
YAGILE SOLUTIONS
Ph.: 6201120205
7783890127

APPOINTMENT
A Leading Furniture Brand Godrej Interio Requires:
1. Store Manager (2 Nos.), 2. Accountant (2 Nos.), 3. Sales Executive (4 Nos.), 4. Marketing Executive (4 Nos.), 5. Tele Caller (4 Nos.)
Experience candidates will be given preference.
Send your resume to sanvifurnituresaheednagar@gmail.com
Whatsapp your resume to 9078793622

ପୂର୍ବ ତଟ ରେଳପଥ
1) ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-195
କାର୍ଯ୍ୟର ନାମ : 03 ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ରେଳୱେ ଷ୍ଟେସନ ଏବଂ ସେବା ଭବନଗୁଡ଼ିକରେ ଉପଲବ୍ଧ ବିଭିନ୍ନ କ୍ଷମତା ବିଶିଷ୍ଟ ଯାତ୍ରୀ ଲିଫ୍ଟ ଗୁଡ଼ିକର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 4,20,143.04, EMD (₹): 8,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 1,180/-, ଶେଷ ହେବା ଅବଧି : LOA ଜାରି ହେବାର 36 (ଛତିଶ) ମାସ।
2) ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-196
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବିଭିନ୍ନ ଷ୍ଟେସନରେ "ବିଭିନ୍ନ କର୍ମଚାରୀଙ୍କ ସୁବିଧା ଯେପରିକି ଜଳ ଯୋଗାଣ ବ୍ୟବସ୍ଥା, କର୍ମଚାରୀଙ୍କ କ୍ୱାର୍ଟରରେ ଉନ୍ନତି ଇତ୍ୟାଦି' ସମ୍ବନ୍ଧରେ ବୈଦ୍ୟୁତିକ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 45,66,727.31, EMD (₹): 91,300.00, ଶେଷ ହେବା ଅବଧି : LOA ଜାରି ହେବାର 06 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.02.2024ରିଖ 1100 ଘଟିକା (IST) (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-1047/O/23-24

परिशिष्ट - अ
कार्यालय
स्टेट इंस्टीट्यूट ऑफ होटल मैनेजमेंट, केटरिंग टेक्नोलॉजी एण्ड एप्लाईड न्यूट्रीशन
उपरवारा, सेक्टर 40, अटल नगर, नवा रायपुर (छ०ग०)
दूरभाष 0771-2972411, E-mail: ihmraipur@gmail.com
क्रमांक 65/स्टेसे/SIHM/2024 नवा रायपुर, दिनांक 02.02.2024
द्वितीय निविदा सूचना
स्टेट इंस्टीट्यूट ऑफ होटल मैनेजमेंट, केटरिंग टेक्नोलॉजी एण्ड एप्लाईड न्यूट्रीशन नवा रायपुर हेतु निम्नलिखित सर्विस प्रदाय करने हेतु वर्ष 2024-25 के लिए मोहरबंद द्वितीय निविदाएं आमंत्रित की जाती है। निविदाओं का संक्षिप्त विवरण निम्नानुसार है :-

| स. क्र. | सामग्री का विवरण | आवेदन शुल्क | अमानत राशि 01 प्रतिशत | अनुमानित लागत |
|---|---|---|---|---|
| 1 | विभिन्न प्रकार के किराना सामाग्री | 500 | 17,000/- | 17 लाख |

निविदा प्रपत्र प्राप्त करने की तिथि 02.02.2024 से कार्यालयीन समय में तथा निविदा जमा करने की अंतिम तिथि 22.02.2024 समय दोपहर 12.00 तक होगी। उसी दिवस दोपहर 02.00 बजे निविदा खोली जायेगी। उपरोक्त निविदा की विस्तृत जानकारी इंस्टीट्यूट की वेबसाईट www.ihmraipur.com पर उपलब्ध है।
निविदा में किसी भी प्रकार के संशोधन, सूचना का प्रकाशन कार्यालय की वेबसाईट www.ihmraipur.com के माध्यम से किया जावेगा। पृथक से समाचार पत्रों में प्रकाशन नहीं कराया जावेगा। अत: निविदाकार समय-समय पर इंस्टीट्यूट के उपरोक्त वेबसाईट का अवलोकन करते रहे।
स्वा./- वरिष्ठ लेखाधिकारी
स्टेट इंस्टीट्यूट ऑफ होटल मैनेजमेंट, केटरिंग
अटल नगर, नवा रायपुर
39530/3

ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୨ ତାରିଖ: ୦୧।୦୨।୨୦୨୪
ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ।
(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୦୨ । ନିଲାମ ତାରିଖ: ୧୬।୦୨।୨୦୨୪ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୪.୫୦ ଘଟିକା।
ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଖଡ଼ଗପୁର ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ତାରିଖ: ୦୧।୦୨।୨୦୨୪
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-1091)

OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 30/2023-24
No. 379 Date: 31.01.2024
No. B-1724: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.03.02.2024 at 05.00 P.M. to Dt.17.02.2024 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.19.02.2024 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0039/2324

ଏଫ୍.ନଂ. ୩/୭/୨୦୧୭-ଆର୍‌ଇ
ଭାରତ ସରକାର
ଅର୍ଥ ମନ୍ତ୍ରଣାଳୟ
ଅର୍ଥନୈତିକ ବ୍ୟାପାର ବିଭାଗ
ଆର୍ଥିକ ବ୍ୟାପାର ଡିଭିଜନ
ନିୟାମକ ପ୍ରତିଷ୍ଠାନ ପ୍ରଭାଗ
ନର୍ଥ ବ୍ଲକ୍, ନୂଆଦିଲ୍ଲୀ-୧୧୦୦୦୧, ତାରିଖ: ୩ ଫେବୃଆରୀ, ୨୦୨୪
ପ୍ରତିଭୂତି ଅପିଲୀୟ ନ୍ୟାୟାଧିକରଣ (ଏସ୍‌ଏଟି), ମୁମ୍ବାଇରେ ଠିକା ଭିତ୍ତିରେ ନ୍ୟାୟିକ ସଭ୍ୟ ପଦବୀ ପୂରଣ
ଭାରତ ସରକାର ପ୍ରତିଭୂତି ଅପିଲୀୟ ନ୍ୟାୟାଧିକରଣ (ଏସ୍‌ଏଟି), ମୁମ୍ବାଇରେ ଗୋଟିଏ ନ୍ୟାୟିକ ସଦସ୍ୟ ପଦବୀକୁ ପଦଭାର ଗ୍ରହଣ କରିବାର ଚାରି (୪) ବର୍ଷର କାର୍ଯ୍ୟକାଳ ଅଥବା ନିଯୁକ୍ତ ବ୍ୟକ୍ତି ୬୭ ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେଉଥିବ, ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ନ୍ୟାୟିକ ସଦସ୍ୟ ପଦବୀରେ ପ୍ରାର୍ଥୀଙ୍କ ନିଯୁକ୍ତି ଲାଗି ଶିକ୍ଷାଗତ ଯୋଗ୍ୟତା, ଅନ୍ୟାନ୍ୟ ଯୋଗ୍ୟତା, ବେତନ ତଥା ନିଯୁକ୍ତିର ଅନ୍ୟ ନିୟମ ଓ ସର୍ତ୍ତାବଳୀ ନ୍ୟାୟାଧିକରଣ (ସେବାର ସର୍ତ୍ତାବଳୀ) ନିୟମାବଳୀ, ୨୦୨୧ର ବ୍ୟବସ୍ଥାପନ ଦ୍ୱାରା ଅନୁଶାସିତ ହେବ।
ଖାଲି ସ୍ଥାନ ସମ୍ବନ୍ଧୀୟ ପରିପତ୍ର ସମେତ ଆବେଦନ ଫର୍ମାଟ୍ ବିଭାଗର ୱେବ୍‌ସାଇଟ୍ https://www.dea.gov.in/vacancy-deputation-department-economic-affairsରେ ଦେଖାଯାଇପାରିବ। ନିର୍ଦ୍ଧାରିତ ପ୍ରୋଫର୍ମା ଅର୍ଥାତ୍ ଆନେକ୍ସର୍ ୧ରେ ପ୍ରାର୍ଥୀଙ୍କ ଦରଖାସ୍ତ ସହିତ ଆବଶ୍ୟକ ଦସ୍ତାବିଜଗୁଡ଼ିକର ପ୍ରମାଣିତ ପ୍ରତିଲିପିଗୁଡ଼ିକୁ ଉପଯୁକ୍ତ ପଦ୍ଧତି (ଯେଉଁଠି ପ୍ରଯୁଜ୍ୟ) ମାଧ୍ୟମରେ ଅଭିପ୍ରେରଣ କରାଯାଇପାରିବ, ଯାହା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ୦୬ ମାର୍ଚ୍ଚ, ୨୦୨୪ କିମ୍ବା ତାହା ପୂର୍ବରୁ ଅର୍ଥନୈତିକ ବ୍ୟାପାର ବିଭାଗ, ଅର୍ଥ ମନ୍ତ୍ରଣାଳୟ, ରୁମ୍ ନଂ. ୭୧-ବି, ନର୍ଥ ବ୍ଲକ୍, ନୂଆଦିଲ୍ଲୀ-୧୧୦୦୦୧ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଦରଖାସ୍ତଗୁଡ଼ିକୁ shekhar.80@gov.in ଏବଂ jasvinder.s@nic.inରେ ଇମେଲ୍ ମଧ୍ୟ କରାଯାଇପାରିବ।
ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ଶେଷ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।
ସ୍ୱା./- (ଶେଖର ଚୌଧରୀ), ନିର୍ଦ୍ଦେଶକ (ଆର୍‌ଇ)
CBC 15201/11/0004/2324 ଟେଲି: ୨୩୦୯୫୦୦୯

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR - 7, CDA, CUTTACK, ODISHA
O.A. No. 134 of 2023
BANK OF INDIA, RAGHUNATHPUR BRANCH ...Applicant
VERSUS
M/S ROYAL CROWN & ANOTHER ... Defendants
To
1. M/S ROYAL CROWN, a proprietary concern, represented by its sole Proprietor MR. SRIKANTA SEKHAR NAYAK, S/o: Sri Rama Chandra Nayak, At: Plot No.: 531, 2nd Floor, Samei Gadia, Chakeisiani, PO: Rasulgarh, Bhubaneswar, PS: Mancheswar, Bhubaneswar, Dist.: Khurda, PIN-751010.
2. MR. SRIKANTA SEKHAR NAYAK, S/o: Sri Rama Chandra Nayak, permanent resident of At: Tarando, Barua, PO/PS: Mahakalapada, Dist.: Kendrapara, PIN-754250.
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A No. 134 of 2023 in the Court of the Debts Recovery Tribunal, Cuttack for recovery of Rs. 29,31,987/- only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent in support of their defense to show cause within 30 days from the date of publication or on 18/03/2024 at 10.30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in your absence.
Given under my hand and seal of this Tribunal on this 30th day of January, 2024.
Sd/- NIKHILA RANJAN PATI
REGISTRAR

# ନୂଆ ମୁହଁଙ୍କୁ ସୁଯୋଗ ନା ପୁରୁଣାଙ୍କୁ ଗୁରୁତ୍ୱ

## ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ


ମୋନିକା ବେହେରା


ରୀନା ତାଣ୍ଡି


ନାଉରି ନାୟକ


ଦୁର୍ଯ୍ୟୋଧନ ଗର୍ଡିଆ


ରମେଶ ପଟୁଆ

**ସମ୍ବଲପୁର,୨।୨(ପ୍ରମୋଦ ବହିଦାର)**

ବିଧାନସଭା ପୁନଃ ସୀମାନିର୍ଦ୍ଧାରଣ ପରେ ୨୦୦୯ରେ ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। ଏହା ମଧ୍ୟରେ ରେଙ୍ଗାଲି ଓ ଧନକଉଡ଼ା ବ୍ଲକ ସହିତ ମାନେଶ୍ୱର ବ୍ଲକର ମାନେଶ୍ୱର, ଗୁଣ୍ଡେରପୁର, ବଡେମୁରା, ଭିକମ୍‌ପୁର, ମଠପାଲି, ନୂଆଡିହୁରା, ପରମାଣପୁର, ସିନ୍ଦୂରପଙ୍କ, ତବଲା ଓ ଠେମରା ଆଦି ୧୦ଟି ପଞ୍ଚାୟତ ଅନ୍ତର୍ଭୁକ୍ତ। ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଏହି ଆସନରେ କୌଣସି ଦଳର ପ୍ରାର୍ଥୀ ଲଗାତର ବିଜୟୀ ହୋଇନାହାନ୍ତି। ତେଣୁ ଆସନ୍ତା ନିର୍ବାଚନରେ ଏହି ଆସନକୁ ହାତେଇବା ସକାଶେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ କସରତ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳୁଛି।

୨୦୦୯ରେ ହୋଇଥିବା ପ୍ରଥମ ନିର୍ବାଚନରେ କଂଗ୍ରେସର ଦୁର୍ଯ୍ୟୋଧନ ଗର୍ଡିଆ ସ୍ୱାଧୀନ ପ୍ରାର୍ଥୀ ଏମ୍. ଭି. ପ୍ୟାରୀରାଜଙ୍କୁ ୧୩ ହଜାରରୁ ଅଧିକ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ। ସେତେବେଳେ ବିଜେଡି ତୃତୀୟ ସ୍ଥାନରେ ରହିଥିବା ବେଳେ ବର୍ତ୍ତମାନର ରେଙ୍ଗାଲି ବିଧାୟକ ତଥା ଭାଜପା ନେତା ନାଉରୀ ନାୟକ ଚତୁର୍ଥ ସ୍ଥାନରେ ରହିଥିଲେ। ୨୦୧୪ ନିର୍ବାଚନରେ ଏଠାରୁ ରମେଶ ପଟୁଆ ବିଜୟୀ ହୋଇ ଏହି ଆସନକୁ ବିଜେଡି ଖାତାରେ ପକାଇଥିଲେ। ଉଲ୍ଲେଖଯୋଗ୍ୟ, ଏମ୍.ଭି. ପ୍ୟାରୀରାଜଙ୍କ ଏକାନ୍ତ ଅନୁଗତ ରମେଶ ବିଜେଡି ଟିକେଟ୍‌ରେ ପ୍ରାର୍ଥୀ ହୋଇ ଭାଜପାର ନାଉରୀ ନାୟକଙ୍କ ସହ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲେ। ପରିଶେଷରେ ରମେଶ ମାତ୍ର ୮୩୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତୃତୀୟ ସ୍ଥାନରେ ରହିଥିଲେ ପୂର୍ବତନ ବିଧାୟକ କଂଗ୍ରେସର ଦୁର୍ଯ୍ୟୋଧନ ଗର୍ଡିଆ। ତେବେ ୨୦୧୯ ବିଧାନସଭା ନିର୍ବାଚନକୁ ଦେଖିଲେ ଏହି ଆସନରୁ ବିଜେଡି ପ୍ରାର୍ଥୀ ରୀନା ତନ୍ତୀଙ୍କୁ ୬ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ ନାଉରୀ ନାୟକ। ଦେଖାଯାଉଛି ପ୍ରତ୍ୟେକ ନିର୍ବାଚନରେ ଏହି ଆସନରୁ ନୂଆମୁହଁଙ୍କୁ ବିଧାୟକ ଭାବେ ଜିତାଇଛନ୍ତି ଅଞ୍ଚଳବାସୀ। ୨୦୨୪ ନିର୍ବାଚନରେ ନୂଆମୁହଁ ସୁଯୋଗ ପାଇବେ ନା ପୁରୁଣାଙ୍କୁ ଗୁରୁତ୍ୱ ଦିଆଯିବ, ସବୁ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଜଣାପଡ଼ିବ।

ଶିଳ୍ପ ସମୃଦ୍ଧ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀର ରାଜନୈତିକ ଗୁରୁତ୍ୱ ରହିଛି। ଏଠାରେ କଂଗ୍ରେସର ପୁରୁଖା ନେତା ଦୁର୍ଯ୍ୟୋଧନ ଗର୍ଡିଆଙ୍କ ବ୍ୟତୀତ ଦଳରେ ସେଭଳି ଅନ୍ୟ କେହି ପତିଆରା ଥିବା ବ୍ୟକ୍ତିତ୍ୱଙ୍କ ବିଷୟରେ ଆଲୋଚନା ହେଉ ନ ଥିବା ଦେଖିବାକୁ ମିଳିଛି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ

ଏହି ଆସନରେ ବିଶେଷକରି ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ଏଥିପାଇଁ ଉଭୟ ଦଳ ତୁହାକୁ ତୁହା ସାଙ୍ଗଠନିକ ବୈଠକ କରିବା ସହିତ ବିଭିନ୍ନ ଅଞ୍ଚଳରେ ସଚେତନତା ସଭାମାନ ଆୟୋଜନ କରୁଥିବା ଦେଖିବାକୁ ମିଳିଛି। ତେବେ ବିଧାୟକ ନାଉରୀ ନାୟକ ଭାଜପା ଟିକେଟ ପାଇ ପୁନର୍ବାର ପ୍ରାର୍ଥୀ ହେବେ ବୋଲି କହୁଛନ୍ତି। ମାତ୍ର ଏଠାରେ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ନାଉରୀଙ୍କ ଅନୁଗତ ସେହି ସୁବିଧା ପାଇ ନ ଥିବାରୁ ଆଗାମୀ ନିର୍ବାଚନରେ ବିଧାୟକ ଅଡୁଆର ସମ୍ମୁଖୀନ ହୋଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିସହିତ ନିର୍ବାଚନରେ ସର୍ବଦା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଆସିଥିବା ପ୍ରସଙ୍ଗ ଯଥା, ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି, ପ୍ରଦୂଷଣ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଣରେ ବିଫଳତା ନାଉରୀଙ୍କ ପାଇଁ ବିଜୟୀ ମାର୍ଗରେ ଏକ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇପାରେ ବୋଲି ରାଜନୈତିକ ବିଶାରଦ ମତ ଦେଉଛନ୍ତି। କାରଣ ସ୍ଥାନୀୟ ବେକାର ଯୁବତୀ ଓ ଯୁବକଙ୍କୁ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ମିଳିପାରି ନ ଥିବା ବେଳେ ଅନେକ ଶିଳ୍ପାନୁଷ୍ଠାନ ଥାଇ ସୁଦ୍ଧା ନାଉରୀଙ୍କ କାର୍ଯ୍ୟକାଳ ମଧ୍ୟରେ ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଏକ ଭଲ ଚିକିତ୍ସାଳୟ ମଧ୍ୟ ନିର୍ମାଣ ହୋଇ ପାରିଲା ନାହିଁ। ଲୋକଙ୍କ ପାଇଁ ପାନୀୟ ଜଳର ଘୋର ଅସୁବିଧା ଆଦିକୁ ନେଇ ବିଧାୟକ ତାଙ୍କ ନିର୍ବାଚନମଣ୍ଡଳୀର ଭୋଟରଙ୍କ ଆକ୍ରୋଶର ଶିକାର ହୋଇପାରନ୍ତି।

ରେଙ୍ଗାଲି ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ନେଇ ବର୍ତ୍ତମାନ ମଧ୍ୟ ସଂଶୟ ଜାରି ରହିଛି। କାରଣ ବିଜେଡିରେ ଏକାଧିକ ଆଶାୟୀ ଗୋଡ଼ ଲମ୍ବାଇ ବସିଛନ୍ତି। ସେମାନଙ୍କ ମଧ୍ୟରେ ୨୦୧୯ ବିଧାୟକ ପ୍ରାର୍ଥିନୀ ରୀନା ତନ୍ତୀଙ୍କ ସମେତ ୨୦୧୪ର ବିଧାୟକ ରମେଶ ପଟୁଆ, ବିଜେଡିର ସ୍ଥାନୀୟ ତୁଙ୍ଗନେତା ଇଂ ଗାନ୍ଧୀ ବେହେରାଙ୍କ କନ୍ୟା ମୋନିକା ବେହେରା, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଇଂ ଦିଲୀପ ଦୁରିଆ ଓ ଅମର ତାଣ୍ଡିଆ ଦଳୀୟ ଟିକେଟ ଦୌଡ଼ରେ ଅଛନ୍ତି।

ଏହି ଆସନଟି ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ ହେବା ଚର୍ଚ୍ଚା ହେଉଥିବାରୁ ଅଧିକାଂଶ ପୁରୁଷ ଆଶାୟୀ ପ୍ରାର୍ଥୀ ସେମାନଙ୍କ ସ୍ତ୍ରୀ, କନ୍ୟା ଓ ଅନୁଗତ ମହିଳାଙ୍କ ପାଇଁ ଲବି କରିବା ଆରମ୍ଭ କରିଦେଲେଣି। ଏଭଳି ସ୍ଥିତିରେ ରୀନା ଓ ମୋନିକା ବିଜେଡି ଟିକେଟ ପାଇବା ପାଇଁ ବେଶି ଉଦ୍ୟମ କରୁଛନ୍ତି। ମୋନିକା ବହୁଦିନ ହେଲା ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତସ୍ତରରେ ବିଭିନ୍ନ ଅଧିକାରୀଙ୍କ ନିକଟରେ ସ୍ଥାନୀୟ ଲୋକଙ୍କ ସମସ୍ୟା ଉପସ୍ଥାପନ କରି ସେମାନଙ୍କ ନିକଟତର ହେବାକୁ ପ୍ରୟାସ କରୁଥିବା ଦେଖାଯାଉଛି।

# ମାନସିକ ଭାରସାମ୍ୟ ହରାଇଲେଣି ପ୍ରଦୀପ: ବିକ୍ରମ ପଣ୍ଡା

**ଭୁବନେଶ୍ୱର,୨।୨(ଅନିଲ ଦାସ)**

ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଚାକିରି ଦେବା ନାଁରେ ଲୁଟିଥିବା ପ୍ରଦୀପ ପାଣିଗ୍ରାହୀ ଏବେ ମାନସିକ ଭାରସାମ୍ୟ ହରାଇ ବସିଲେଣି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କୋର୍ଟ ଚାର୍ଜଫ୍ରେମ୍ କରିବା ପରେ ତାଙ୍କର ପ୍ରବଳ ମୁଣ୍ଡଦୋଷ ବାହାରିଛି। ସେ ପାଗଳର ପ୍ରଳାପ କରୁଛନ୍ତି ବୋଲି ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା କହିଛନ୍ତି।

ଗଣମାଧ୍ୟମକୁ ସେ କହିଛନ୍ତି ଯେ ପ୍ରଦୀପ ପାଣିଗ୍ରାହୀ ଭଲ ଭାବେ ଜାଣିଛନ୍ତି ତାଙ୍କ ବିରୋଧରେ ପ୍ରାଥମିକ ତଥ୍ୟ ପ୍ରମାଣ ଅଛି। ଏହି ମାମଲାରେ ତାଙ୍କ ବିରୋଧରେ କଠୋର ଦଣ୍ଡବିଧାନ ହେବ। ତେଣୁ ଲଜ୍ଜାହୀନଙ୍କ ଭଳି ଇଆଡୁସିଆଡୁ ଗପୁଛନ୍ତି। ତାଙ୍କ କଥାକୁ ନା ଗୋପାଳପୁରବାସୀ ନା ସାଧାରଣ ଜନତା କେହି ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି।

ଏହି ପ୍ରତ୍ୟାଖ୍ୟାତ ବ୍ୟକ୍ତିଙ୍କୁ କୋଳେଇ ନେବାକୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିଷ୍ପତ୍ତି ନେଇସାରିଲାଣି ବୋଲି ଉକ୍ତ ବ୍ୟକ୍ତି ଜଣଙ୍କ ଚାରିଆଡ଼େ କହି ବୁଲୁଛନ୍ତି। ଯଦି ଏଥିରେ ସତ୍ୟତା ଥାଏ ତେବେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ସେହି ଦଳଟି ଏଭଳି ଜନବିରୋଧୀ ନେତାଙ୍କୁ ସବୁବେଳେ ଆପଣାଇ ଚାଲେ ଏବଂ ଓଡ଼ିଶାବାସୀ ଏମାନଙ୍କୁ ପ୍ରତ୍ୟାଖ୍ୟାନ କରିଚାଲନ୍ତି ବୋଲି ବିକ୍ରମ କହିଛନ୍ତି।

ସୂଚନା ଯୋଗ୍ୟ ଯେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଭିନ୍ନ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବା ପରେ ଦଳ ପକ୍ଷରୁ ଏଭଳି ପ୍ରତିକ୍ରିୟା ପ୍ରକାଶ କରାଯାଇଛି।

# ଦମନ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି: କଂଗ୍ରେସ

**ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)**

ରାଜ୍ୟର ସ୍ୱାସ୍ଥ୍ୟସେବା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଲାଣି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବ, ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଆୟୁଷ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ପାଳିରେ ଚାଲିଛି। ଗ୍ରାମାଞ୍ଚଳ ଡାକ୍ତରଖାନାରେ ତାଲା ପଡୁଛି। ଓଡ଼ିଶାର ସ୍ୱାସ୍ଥ୍ୟସେବା ବେପାରୀଙ୍କ ହାତରେ ବୋଲି ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଛନ୍ତି, ଗତ କିଛିମାସ ତଳେ ରାଜ୍ୟ ସରକାର ଲୋକସେବା ଭବନରେ ଏକ ଓଡ଼ିଆ ସିନେମା 'ଦମନ' ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କୁ ଦେଖାଇଥିଲେ। ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚିପାରୁ ନ ଥିବାବେଳେ ଜଣେ ଡାକ୍ତର ଯେଉଁଭଳି ନିଜର କର୍ତ୍ତବ୍ୟ ପାଳନକରି ସ୍ୱାସ୍ଥ୍ୟସେବା ଯୋଗାଉଥିଲେ ତାହା ଥିଲା ଏହି ସିନେମାର ସାରାଂଶ। ଏହି ସିନେମା ସରକାରଙ୍କ ଅସଲ ମୁଖାକୁ ସାମ୍ନାକୁ ଆଣିଥିଲା। ୨୩ ବର୍ଷ ପରେ ମଧ୍ୟ ଅପହଞ୍ଚ ଅଞ୍ଚଳ ଯଥା ମାଲକାନଗିରି, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଇତ୍ୟାଦିରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଠପ୍। ରାଜ୍ୟରେ ସମୁଦାୟ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୧୫,୭୭୪ ଥିବାବେଳେ ସେଥିରୁ ୯,୩୨୦ ଜଣ କାର୍ଯ୍ୟ କରୁଛନ୍ତି। ବାକି ୬,୪୫୪ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ଉପା ସରକାର ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ସବୁ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେହି ସମୟରେ କେନ୍ଦ୍ର ସରକାର ୯୦% ଓ ରାଜ୍ୟ ସରକାର ୧୦% ଅର୍ଥ ରାଶି ପ୍ରଦାନ କରିଥିଲେ। କିନ୍ତୁ ଦେଶରେ ୨୦୧୪ରୁ ବିଜେଡି ସହ ଉତ୍ତମ ସମ୍ପର୍କ ରଖିଥିବା ମୋଦି ସରକାର ଆସିବା ପରେ କେନ୍ଦ୍ର ସରକାର ରାଜ୍ୟକୁ ଦେଉଥିବା ୯୦% ଅର୍ଥ ରାଶି କମାଇ ୬୦% କରିଛନ୍ତି। ୨୦୧୧ରେ ତତ୍କାଳୀନ ଉପା ସରକାର ଆରୋଗ୍ୟ ନିଧି ଯୋଜନା ଆଣିଥିଲେ। କିନ୍ତୁ ରାଜ୍ୟ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ ନ କରି ଉକ୍ତ ଅର୍ଥକୁ ବାଟମାରଣ କରି ନିଜର ରାଜନୈତିକ ଫାଇଦା ପାଇଁ ଚିକିତ୍ସା ପାଣ୍ଠି ଗଠନ କରିଥିଲେ। ଗତ ୧୦ ବର୍ଷରେ ରାଜ୍ୟର ରୋଗୀ ସଂଖ୍ୟା ୨୦୦% ବଢ଼ିଛି ବୋଲି ପ୍ରସାଦ କହିଛନ୍ତି।

# ଅନସୂୟାଙ୍କୁ ନେଇ ଭାସ୍କରଙ୍କ ଘରେ ପ୍ରଦୀପ


ଭାସ୍କର ରାଓଙ୍କ ସହ କଥା ହେଉଛନ୍ତି ପ୍ରଦୀପ ମାଝି।

**ରାୟଗଡ଼ା,୨।୨(ଆଶିଷ ରଞ୍ଜନ ପଣ୍ଡା)**

ଆଗାମୀ କିଛି ଦିନ ମଧ୍ୟରେ ନିର୍ବାଚନ ଘୋଷଣା ହେବାର ସମ୍ଭାବନା ଥିବାରୁ ରାୟଗଡ଼ା ଜିଲାରେ ଟିକେଟ୍ ଲବି ଜୋର ଧରିଲାଣି। ଜିଲାରେ ବିଜେଡି ରାଜନୀତିରେ ଗୋଷ୍ଠୀ ବିବାଦ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହାକୁ ଆହୁରି ଖୋରାକ୍ ଯୋଗାଇଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲା ଅଧ୍ୟକ୍ଷା ଅନସୂୟା ମାଝିଙ୍କ ବିଜେଡି ରାଜ୍ୟ ଉପସଭାପତି ଭାସ୍କର ରାଓଙ୍କୁ ତାଙ୍କ ବାସଭବନରେ ଭେଟିବା।

ପ୍ରଦୀପ ଏକ ସରକାରୀ କାର୍ଯ୍ୟକ୍ରମରେ ଗୁରୁବାର ରାୟଗଡ଼ା ଗସ୍ତରେ ଆସିଥିଲେ। ଏହାପରେ ଶୁକ୍ରବାର ସକାଳ ୧୧ଟାରେ ପ୍ରଦୀପ ଓ ଅନସୂୟା ବିଜେଡି ରାଜ୍ୟ ଉପସଭାପତି ଭାସ୍କର ରାଓଙ୍କ ଘରକୁ ଯାଇଥିଲେ। ପୂର୍ବରୁ ବହୁବାର ରାୟଗଡ଼ା ଗସ୍ତରେ ପ୍ରଦୀପ ଆସିଥିଲେ ମଧ୍ୟ କେବେ ହେଲେ ଭାସ୍କରଙ୍କ ଘରକୁ ଯାଇ ନ ଥିଲେ। ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରଦୀପ ଓ ଅନସୂୟା ହଠାତ୍ କାହିଁକି ତାଙ୍କ ଘରକୁ ଯାଇଥିଲେ ଏବଂ ଦୀର୍ଘ ସମୟ ଧରି ଭାସ୍କରଙ୍କ ସହ କ'ଣ ଆଲୋଚନା କଲେ, ତାହାକୁ ନେଇ ଦଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ଆଗାମୀ ନିର୍ବାଚନରେ ଭାସ୍କର ରାଓଙ୍କୁ ଦଳ ଏକ ବଡ଼ ଭୂମିକାର ଅବତୀର୍ଣ୍ଣ କରିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ

**ନିର୍ବାଚନ ପୂର୍ବରୁ ଟିକେଟ ଲବି**

ପ୍ରଦୀପ କେଉଁ ପରିସ୍ଥିତିରେ ଅନସୂୟାଙ୍କ ସହିତ ସେଠାକୁ ଯାଇଥିଲେ, ତାହା ଦଳରେ ଥିବା ବିରୋଧୀ ଗୋଷ୍ଠୀଙ୍କ ଚିନ୍ତା ବଢ଼ାଇ ଦେଇଛି ସେଠାରେ ଅନସୂୟାଙ୍କ ଉପସ୍ଥିତି ଦଳ ମଧ୍ୟରେ ସମସ୍ତଙ୍କୁ ଚକିତ କରିଛି। କାରଣ ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଯେଉଁ ଆଶାୟୀମାନେ ରହିଛନ୍ତି, ସେମାନଙ୍କ ମଧ୍ୟରେ ଅନସୂୟା ଅନ୍ୟତମ। ଅନ୍ୟପଟେ ଭାସ୍କରଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ୧ ନମ୍ବର ଆଶାୟୀ ଅଛନ୍ତି। ଭାସ୍କରଙ୍କ ଘରେ ପ୍ରଦୀପ ଓ ଅନସୂୟା ଯିବା ସମୟରେ ସେଠାରେ ଗଙ୍ଗାଧର ମଧ୍ୟ ଥିଲେ। ଭାସ୍କରଙ୍କ ସହ ପ୍ରଦୀପ ଆଲୋଚନା କରିବା ସମୟରେ ଅନସୂୟା ଓ ଗଙ୍ଗାଧର ଉଭୟେ ଉପସ୍ଥିତ ରହିବା ବିଜେଡି ନେତା ଓ କର୍ମୀଙ୍କ ଉତ୍କଣ୍ଠା ବଢ଼ାଇ ଦେଇଛି। ଏ ସମ୍ପର୍କରେ ପ୍ରଦୀପ କହିଛନ୍ତି ଯେ, ଭାସ୍କର ରାଓଙ୍କ ମା'ଙ୍କ ଦେହାନ୍ତ ପରେ ସେ ତାଙ୍କ ଘରକୁ ଆସି ନ ଥିଲେ। ତେଣୁ ତାଙ୍କ ଘରକୁ ଦେଖା କରିବାକୁ ଯାଇଥିଲେ। ହେଲେ ରାଜନୈତିକ ଆଲୋଚନା କଥାକୁ ନାହିଁ କହି ଏଡ଼ାଇ ଦେଇଥିଲେ ପ୍ରଦୀପ।

# ୨୪ ବର୍ଷ ପରେ ଓଡ଼ିଆ ଭାଷା କଥା ମନେପଡ଼ିଲା: ଭାଜପା

**ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)**

ମା'ମାଟି ଆରାଧନାର ମନ୍ତ୍ର ହେଉଛି ଭାଷା। କିନ୍ତୁ ଦୁର୍ଭାଗ୍ୟର ବିଷୟ ରାଜ୍ୟ ସରକାର ଭାଷାକୁ ନେଇ ଅଭିନୟ କରୁଛନ୍ତି। ଭାଷା ହିଁ ଗୋଟିଏ ଜାତିର ପରିଚୟ। ବିଜେଡି ସରକାରର ଆନ୍ତରିକତା ଅଭାବରୁ ଓଡ଼ିଶାର ପରିଚୟ ବୁଡ଼ିଯିବାକୁ ବସିଛି। ଓଡ଼ିଆ ଭାଷାର ବିକାଶ ପରିବର୍ତ୍ତେ ସବୁବେଳେ ବିଜେଡି ସରକାର ବିନାଶ କରିଆସିଛି। ଲାଞ୍ଛନା ଓ ସମାଲୋଚନାରୁ ନିଜକୁ ରକ୍ଷାକରିବା ପାଇଁ ୨୪ ବର୍ଷ ପରେ ସରକାରଙ୍କ ଓଡ଼ିଆ ଭାଷା କଥା ମନେପଡ଼ିଲା ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଲୀପ କହିଛନ୍ତି , ୨୦୧୫ରେ ମନ୍ତ୍ରୀସ୍ତରୀୟ କମିଟି ଘୋଷଣା କରି ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଚାଲିବ ବୋଲି ସରକାର କହିଥିଲେ। ପରେ ୨୦୧୭ ଡିସେମ୍ବର ୨୬ରେ ପୁରୀଠାରେ ଐତିହ୍ୟ କ୍ୟାବିନେଟ୍ କରି ଘୋଷଣା ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ମାର୍ଚ୍ଚ ୧୪ରେ ୫୪ତମ କ୍ୟାବିନେଟ୍ ବୈଠକ ବସିଥିଲା। ସେହି କ୍ୟାବିନେଟ୍‌ରେ ଆଇନ ବିଭାଗ ପରାମର୍ଶ ଅନୁଯାୟୀ ଗୃହୀତ ହୋଇଥିଲା। ପରେ ବିଧାନସଭାରେ ଉପସ୍ଥାପନ ବେଳେ ପୂର୍ବ କ୍ୟାବିନେଟ୍‌ରେ ଗୃହୀତ ହୋଇଥିବା ଭାଷା ଆଇନ ପ୍ରସ୍ତାବର ପରିଭାଷାକୁ ରାଜ୍ୟ ସରକାର ବଦଳାଇ ଦେଇଥିଲେ। ଶେଷରେ ବିଧାନସଭାରେ ଏକ ଅକର୍ମଣ୍ୟ ଭାଷା ଆଇନ ପାରିତ ହେଲା, ଯେଉଁଥିରେ ଦଣ୍ଡବିଧାନ ବ୍ୟବସ୍ଥା ସ୍ପଷ୍ଟ ନ ଥିବା କାରଣରୁ ଭାଷା ଆଇନ କାର୍ଯ୍ୟକାରୀ ହେବାରେ ସଫଳ ହେଲା ନାହିଁ ବୋଲି ସେ କହିଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**କାମାକ୍ଷାନଗର,୨।୨(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ଶୁକ୍ରବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏନ୍‌ଏସିର ୨ନମ୍ବର ୱାର୍ଡରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ବୁଢ଼ୀପଦଉନି ମନ୍ଦିରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨ ନମ୍ବର ୱାର୍ଡର ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନ ଲଗାଯାଇଥିଲା। ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଘର ଘର ବୁଲି ଲୋକଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଭିନ୍ନ ୱାର୍ଡର କାଉନସିଲର, ସ୍ଥାନୀୟ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଭୁବନେଶ୍ୱର କଂଗ୍ରେସ ଭବନଠାରେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ବେହେରା ତାଙ୍କ କର୍ମୀଙ୍କ ସହ କଂଗ୍ରେସରରେ ଯୋଗଦେଇଛନ୍ତି।

# କଂଗ୍ରେସକୁ ଫେରିଲେ ପୂର୍ବତନ ବିଧାୟକ ରବୀନ୍ଦ୍ର ବେହେରା

**ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)**

ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆସନ୍ତା ୬ ତାରିଖରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁରରୁ ଓଡ଼ିଶା ପ୍ରବେଶ କରିବ। ଏହି କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ ତା'ର ଶକ୍ତି ବୃଦ୍ଧି କରିଛି। ଶୁକ୍ରବାର ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ବେହେରା ତାଙ୍କ ସମର୍ଥକଙ୍କ ସହ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର, ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ, ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ଗଣମାଧ୍ୟମ ପ୍ରଭାରୀ ବବିତା ଶର୍ମାଙ୍କ ଉପସ୍ଥିତିରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଓ ଯୁବନେତା ଦଳକୁ ଫେରିଛନ୍ତି। ପୂର୍ବତନ ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶ, ପୂର୍ବତନ ମୁଖପାତ୍ର ନିକୁଞ୍ଜ ପଶାୟତ, କଟକ ଜିଲା ପୂର୍ବତନ ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ପୂର୍ବତନ କର୍ପୋରେଟର ଅନିତା ନାୟକ, ସୌମ୍ୟ ମିଶ୍ର, ସଂଜୟ ରାୟଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ଅଜୟ କୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି , କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟରେ ଇକୋନୋମି କେୟାରଲେସ୍, ୟୁଥ୍ ଜବ୍‌ଲେସ୍, ହୋମ ମିନିଷ୍ଟର କେୟାରଲେସ୍, ମିଣିପୁର ପିସ୍‌ଲେସ୍, ପ୍ରଧାନମନ୍ତ୍ରୀ ହୋପ୍‌ଲେସ୍। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଭାଜପା ଓ ବିଜେଡି ଓଡ଼ିଶାରେ ଏକ, ଉଭୟ ଦଳ ମିଳିମିଶି ରାଜ୍ୟକୁ ଲୁଟ୍ କରୁଛନ୍ତି। ବିଜେଡି ଓ ଭାଜପାର ଲଭ୍ ମ୍ୟାରେଜକୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଅଫିସିଆଲ କରନ୍ତୁ ବୋଲି ସେ କହିଛନ୍ତି।

# ଜୟନାରାୟଣ ସମ୍ବଲପୁର ଫେରିବା ନେଇ ସମର୍ଥକ ଉତ୍ସାହିତ

**ସମ୍ବଲପୁର,୨।୨**
**(ଭବାନୀ ଶଙ୍କର ଭୋଇ)**


ଜୟନାରାୟଣ ମିଶ୍ର

ଭାଜପା ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ଗୋଟିଏ ପଟେ ଶାରୀରିକ ଅସୁସ୍ଥତା ଓ ଅନ୍ୟପକ୍ଷରେ ପୋଲିସ ସହ ମୁହାଁମୁହିଁ ମାମଲା। ସମ୍ବଲପୁର ମାଟିରେ ପାଦ ଦେଲେ ଗିରଫ ହେବାର ଆଶଙ୍କା ରହିଥିଲା। ତେଣୁ ଜୟନାରାୟଣ ସମ୍ବଲପୁରକୁ ନ ଆସି ଭୁବନେଶ୍ୱରରୁ ସମସ୍ତ କାର୍ଯ୍ୟ କରୁଥିଲେ ବୋଲି ଜୟନାରାୟଣଙ୍କ ସମର୍ଥକ କହିଛନ୍ତି। ଓଡ଼ିଶା ହାଇକୋର୍ଟ ଗତ ନଭେମ୍ବର ୧୬ରେ ତାଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିବା ପରେ ଓଡ଼ିଶା ହାଇକୋର୍ଟଙ୍କ ରାୟ ବିରୋଧରେ ଜୟନାରାୟଣ ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ଅଦାଲତ ଅନ୍ତରୀଣ ସୁରକ୍ଷା ଦେବା ପରେ ରାଜ୍ୟ ସରକାର ତାଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ଗ୍ରହଣ କରିପାରିବେ ନାହିଁ।

ଜୟନାରାୟଣଙ୍କୁ ଆଶ୍ୱସ୍ତି ମିଳିବା ପରେ ସମ୍ବଲପୁରରେ ତାଙ୍କ ସମର୍ଥକମାନେ ବେଶ୍ ଖୁସି ଅଛନ୍ତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ କର୍ମୀଙ୍କ ଭିତରେ ଉତ୍ସାହ ଭରିଦେଇଥିବା ବେଳେ ଜୟନାରାୟଣଙ୍କ ଗିରଫ ଭୟ ଦୂର ହେବା କର୍ମୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଛି। ସୂଚନାଯୋଗ୍ୟ, ଗତବର୍ଷ ଫେବୃଆରୀ ୧୫ରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ଏହି ମାମଲାରେ ଜୟନାରାୟଣ ମହିଳା ପୋଲିସ ଅଧିକାରୀ ଅନୀତା ପ୍ରଧାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଆଇଆଇସି ଅନୀତା ଥାନାରେ ଏତଲା ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ ଥିବାରୁ ଜୟନାରାୟଣ ଦୀର୍ଘ ଦିନ ପରେ ସମ୍ବଲପୁର ଫେରିବେ ବୋଲି ତାଙ୍କ ସମର୍ଥକମାନେ ଆଶା କରୁଛନ୍ତି। ସେହିଭଳି ଆଗକୁ ସାଧାରଣ ନିର୍ବାଚନ ରହିଛି। ତେଣୁ ଜୟନାରାୟଣ ନିଜେ ପ୍ରାର୍ଥୀ ହେବେ ନା ଆଉ କାହାକୁ ସମର୍ଥନ କରିବେ, ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଜୟନାରାୟଣଙ୍କର ଯୋଗ ଦେବା ସମୟରେ ସ୍ପଷ୍ଟ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। କିଛି ଦିନ ପୂର୍ବରୁ ତାଙ୍କ ଝିଅ ଶୁଭଶ୍ରୀ ସମ୍ବଲପୁର ରାଜନୀତିରେ ପାଦ ଦେବାକୁ ଚେଷ୍ଟା କରିଥିଲେ। ତେବେ ଏହାକୁ ନେଇ ବିବାଦ ଦେଖାଦେବା ପରେ ଜୟନାରାୟଣ ସମ୍ବଲପୁର ଫେରିଲେ ତାଙ୍କର ପତିଆରା ପୁଣିଥରେ ଦେଖାଇବେ ବୋଲି ସମର୍ଥକମାନେ ବୁଲି କହୁଛନ୍ତି।

# ଗ୍ରାମାଞ୍ଚଳର ବିକାଶ ଉପରେ ଦିଆଯାଉଛି ଗୁରୁତ୍ୱ



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**ବଉଣ୍ଡା,୨।୨ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଦେଉଳଝରିରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ରାଜ୍ୟ ସରକାର କିପରି ଗ୍ରାମାଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ସେ ସମ୍ପର୍କରେ କର୍ମୀମାନଙ୍କୁ ସୂଚନା ଦେଇଥିଲେ। ପ୍ରଧାନ କହିଥିଲେ, ପ୍ରତ୍ୟେକ ଗ୍ରାମର କିଭଳି ବିକାଶ ହେବ ସେ ନେଇ ନବୀନ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମଠ, ମନ୍ଦିର ଆଦିର ଉନ୍ନତୀକରଣ ୫-ଟି ଜରିଆରେ କରାଯାଉଛି। ସ୍କୁଲଗୁଡିକ ରୂପାନ୍ତୀକରଣ ଚାଲିଛି। ଗାଁକୁ ରାସ୍ତା, ବିଦ୍ୟୁତ୍, ପିଇବା ପାଣି ଯୋଗାଇ ଦିଆଯାଉଛି। ଗରିବଙ୍କ ପାଇଁ ମାଗଣା ଚାଉଳ ସହ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯାଇଛି। ପଞ୍ଚାୟତ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଜିଲା ପରିଷଦ ସଦସ୍ୟ ରଶ୍ମିରେଖା ମାହାର, ସରପଞ୍ଚ ମମତା ପାତ୍ର, ବିଜେଡି ନେତା ମହେନ୍ଦ୍ର କୁମାର ସାହୁ, ରାହାସ ସାହୁ, ସୁନୀଲ ବିଶାଳଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



ଆୟେଶା ଖାନ୍

# ଚମକିଲା ଭାଗ୍ୟ

**ମୁମ୍ବାଇ:** ରାତାରାତି ଚମକିଲା ଭାଗ୍ୟ। ରିଆଲିଟି ଶୋ' ବିଗ୍‌ବସ୍‌ରେ ଲୋକପ୍ରିୟତା ହାସଲ ପରେ ମିଳିଛି ବଡ଼ ବ୍ରେକ୍। ଆମେ କହୁଛୁ ଚୁଲବୁଲି ଆୟେଶା ଖାନ୍‌ଙ୍କ କଥା। ଅପକମିଂ ସାଉଥ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ଗୋଦାବରୀ'ରେ ନଜର ଆସିବେ ସେ। ଫିଲ୍ମରେ ଅଭିନେତା ବିଶ୍ୱକ୍ ସେନ ତାଙ୍କ ନାୟକ ସାଜିବେ। ଏନେଇ ନିର୍ମାତାମାନଙ୍କ ତରଫରୁ ସବୁଜ ସଙ୍କେତ ମିଳିଛି। କାହାଣୀ ପସନ୍ଦ ଆସିବା ପରେ ହଁ ଭରିଛନ୍ତି ଆୟେଶା। କିଛି ଦିନରେ ଏହାର ଶୁଟିଂ ଆରମ୍ଭ ହେବ। ବିଗ୍‌ବସ୍‌ରେ ଆୟେଶା ମୁନାୱର ଫାରୁକିଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାକୁ ଆସିଥିଲେ। ବିବାଦୀୟ ହେବା ସତ୍ତ୍ୱେ ରାତାରାତି ତାଙ୍କୁ ମିଳିଛି ଫେମ୍। ଶୋ'ରେ ତାଙ୍କର ନୃତ୍ୟଶୈଳୀ ଦେଖି ନିର୍ମାତାମାନେ ତାଙ୍କୁ କାଷ୍ଟ କରିଛନ୍ତି। ସୁନ୍ଦରତାରେ ମଧ୍ୟ ସେ ବଡ଼ ବଡ଼ ହିରୋଇନ୍‌ଙ୍କୁ ଟକ୍କର ଦେଉଥିବା ଯୋଗୁ ତାଙ୍କୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା ରହିଛି।

# ଆଖିରେ ପଟି ବାନ୍ଧିଲେ ବି ଦିଶୁଛି



**ପାଟନା:** ଆଖି ଥାଇ ଯେମିତି, ନ ଥାଇ ବି ସେମିତି। ଆଖିରେ ପଟି ବାନ୍ଧି ନିର୍ଭୁଲ ଭାବେ ବହି ପଢ଼ୁଛନ୍ତି, ଟଙ୍କା ବି ଗଣୁଛନ୍ତି। ଏଭଳି କିଛି କୌଶଳ ଯୋଗୁ ଚର୍ଚ୍ଚାରେ ଅଛନ୍ତି ପୂର୍ଣ୍ଣିଆର ଗୁଲାବବାଗ୍ ଶ୍ରୀରାମ କଲୋନୀର ଭଉଣୀ-ଭାଇ। ସେମାନେ ହେଲେ ଆୟୁଷୀ-ଆୟୁଷ। ଆୟୁଷ(୯) ପଞ୍ଚମ ଶ୍ରେଣୀର ଛାତ୍ର ହୋଇଥିବାବେଳେ ଭଉଣୀ ଆୟୁଷୀ (୧୨) ସପ୍ତମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ତାଙ୍କ ପିତାଙ୍କ ନାମ ରଞ୍ଜନ କୁମାର। ମାତା କୁସି କୁମାରୀ। ଦୁହେଁ ଧ୍ୟାନ ମାଧ୍ୟମରେ ଏଭଳି କରିପାରୁଥିବା କୁହନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନଙ୍କୁ ଧ୍ୟାନ କରିବାକୁ ବିରକ୍ତ ଲାଗୁଥିଲା। ହେଲେ ଏବେ ଦୁହେଁ ପ୍ରତିଦିନ ଘଣ୍ଟାଏ ଲେଖାଏ ଧ୍ୟାନ କରୁଛନ୍ତି। ଏକାଗ୍ରତା ବୃଦ୍ଧି ପାଇବା ପରେ ସେମାନେ ଶୁଣିକରି ନଚେତ ସ୍ପର୍ଶ କରି ସହଜରେ ଜିନିଷଗୁଡ଼ିକୁ ଜାଣିପାରୁଛନ୍ତି। ଏବେ ଦୁହେଁ ବେଶ ସହଜରେ ନ ଦେଖି କ୍ୟାରମ୍ ଖେଳୁଛନ୍ତି। ଟିଭି ଚ୍ୟାନେଲଗୁଡ଼ିକୁ ବଦଳାଇ ଦେଇପାରୁଛନ୍ତି। ଧିରେ ଧିରେ ସେ ନିଜର ପ୍ରତିଭାକୁ ବଢ଼ାଉଛନ୍ତି। ଲୋକେ ଉଭୟଙ୍କୁ ଦେଖିଲେ ଅବିଶ୍ୱସନୀୟ ବୋଲି କହୁଛନ୍ତି।

# ଈଶ୍ୱରଙ୍କ ଉପରେ ବିଶ୍ୱାସ ନାହିଁ

**ନୂଆଦିଲ୍ଲୀ:** କଥାରେ ଅଛି ଈଶ୍ୱରଙ୍କ ବିନା ଗଛର ପତ୍ର ମଧ୍ୟ ହଲି ନ ଥାଏ। ମାତ୍ର ଦୁନିଆରେ ଏମିତି କିଛି ଦେଶ ରହିଛି, ଯେଉଁଠି ଲୋକମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ। ସେଗୁଡ଼ିକ ମଧ୍ୟରେ ଚାଇନା ଏକ ନମ୍ବର ସ୍ଥାନରେ ଅଛି। ବିଶ୍ୱ ଜନସଂଖ୍ୟା ସର୍ଭେ ୨୦୨୩ ଅନୁଯାୟୀ, ଏଠାରେ ୯୧ ପ୍ରତିଶତ ଲୋକ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ। କୌଣସି ଧର୍ମକୁ ଚାଇନା ଅନୁସରଣ କରେ ନାହିଁ। ଦେଶର ୨୯ ପ୍ରତିଶତ ଲୋକ ନିଜକୁ ନାସ୍ତିକ ବୋଲି କହିଛନ୍ତି। ସେହିପରି ଜାପାନରେ ୮୬ ପ୍ରତିଶତ ଲୋକ କୌଣସି ଧର୍ମରେ ବିଶ୍ୱାସ କରନ୍ତି ନାହିଁ ଏବଂ ନିଜକୁ ନାସ୍ତିକ ବୋଲି କୁହନ୍ତି। ସ୍ୱିଡେନରେ ୭୮ ପ୍ରତିଶତ ଲୋକ କୌଣସି ଧର୍ମ କିମ୍ବା କୌଣସି ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ। ଚେକ ଗଣରାଜ୍ୟରେ ଏବେ ବି ୭୫ ପ୍ରତିଶତରୁ ଅଧିକ ଲୋକ କୌଣସି ଧର୍ମରେ ବିଶ୍ୱାସ କରନ୍ତି ନାହିଁ। କେବଳ ୧୨ ପ୍ରତିଶତ ଲୋକ ଚର୍ଚ୍ଚ ସହିତ ଜଡ଼ିତ ଅଛନ୍ତି। ପଞ୍ଚମ ଦେଶ ଭାବେ ବ୍ରିଟେନରେ ୧୩ ପ୍ରତିଶତ ଲୋକ ନିଜକୁ ନାସ୍ତିକ ବୋଲି ଭାବନ୍ତି।



## OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR

"e"-Procurement Notice No.13/2023-24

No.KK-389: Memo No.257, Dt.1.2.24

| | | | |
|---|---|---|---|
| 1. | Name of the Work | : | Different works under OUAT Bhubaneswar |
| 2. | Total No. of Work | : | 03 Nos. |
| 3. | Estimated Cost | : | Rs.12.17 to 20.11 lakh approximate |
| 4. | Class of Contractor | : | As per DTCN |
| 5. | Period of Completion | : | 20 days to 6 Calendar Months |
| 6. | Type of Tender | : | Single Cover System |
| 7. | Date and Time of availability of Bid documents in the portal | : | From Dt.06.02.2024 to 17.00 hrs. of dt.15.02.2024 |
| 8. | Last date/time for receipt of bids in the portal | : | Dt.15.02.2024 upto 17.00 hrs. |
| 9. | Submission of Original documents (TP cost, EMD, affidavit etc. as per DTCN) | : | During Office hours from dt.16.02.2024 to dt.17.02.2024 upto 17.00 hrs. in the office of the undersigned. |
| 10. | Date of Opening of Bid through online | : | Dt.19.02.2024 at 11.00 hrs in the office of the undersigned. |
| 11. | Name & address of the O.I.T. (Officer Inviting Tender) | : | Director of Physical Plants, OUAT, BBSR |

Further details can be seen from the e-Procurement portal **https://tendersodisha.gov.in.**

**N.B.: Subsequent corrigendum/addendum if required shall be available in the website as indicated above.**

**Sd./- Director of Physical Plants**
**OUAT, Bhubaneswar**

OIPR-01036/11/0050/2324

## ODISHA PUBLIC SERVICE COMMISSION

**ADVERTISEMENT No. 26 of 2023-24**

**Recruitment to the Posts of Assistant Chemist in Group-B of Odisha Sub-ordinate Chemical Analysis Service Cadre under Steel & Mines Department**

**WEBSITE: www.opsc.gov.in**

No. D-222: Online applications are invited from the prospective candidates through the proforma application form to be made available on the website **(https://www.opsc.gov.in)** for recruitment to **22 (Twenty Two)** Posts of **Assistant Chemist** in Group-B of Odisha Sub-ordinate Chemical Analysis Services under Steel & Mines Department in the Scale of Pay of Rupees 44,900/- in Level-10, Cell-1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Steel & Mines Department, out of a total number of 22 (08-w) vacancies, 11 (04-w) vacancies are reserved for UR Category, 02 (01-w) vacancies are reserved for SEBC category, 04 (01-w) vacancies are reserved for SC category and 05 (02-w) vacancies are reserved for ST category. Also, 01 vacancy is reserved for Ex-Servicemen category and 01 for Persons with Disabilities under Hearing Impaired (HI) category with 40% & more permanent disability.
3. **AGE:** A candidate must have attained the age of 21 (Twenty one) years and must not be above the age of 38 (Thirty eight) years as on the 1st day of January, 2024 i.e. he/she must have been born not earlier than 2nd January 1986 and not later than 1st January 2003.
4. **EDUCATIONAL QUALIFICATION:** A candidate must have at least 2nd Class Post Graduate Degree in Chemistry or equivalent qualification such as Post Graduate Degree in Applied Chemistry or Industrial Chemistry or Analytical Chemistry from any recognized University/Institution.
5. **EXAMINATION FEE:** The examination fee for all categories of candidates has been exempted as per GA&PG Department Notification No. 9897/Gen, Dt.11.04.2022.
6. **METHOD OF SELECTION:** The selection of candidates for recruitment to the Posts of Assistant Chemist will be made on the basis of Written Examination and Viva Voce Test.

The link for registration shall be available from 12.02.2024 to 16.03.2024 (Note: 16.03.2024 is the last date for submission of Registered Online Application).

The candidates are advised to visit the Website of the Commission at **http://opsc.gov.in** for details information for applying to the above post.

**PLACE: CUTTACK**
**DATE: 02.02.2024**

**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**

OIPR-12002/11/0139/2324

## TPCODL

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ମଧୁସୂଦନ ନଗର ଓ ପୁରୁଣା ଏଜି କଲୋନୀ ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

## ZILLA PARISHAD, SAMBALPUR

**Dist- Sambalpur, Odisha-768001**
**Ph:0663-2410992, Email Id:ori-dsambalpur@nic.in**

**TENDER CALL NOTICE**

**Notice No.537/ Date 1.2.2024**

**No.CAD-3955:**Sealed Tenders are invited from GST registered dealers/suppliers/manufacturing organisations/ MSME Firms based in Odisha **FOR SUPPLY OF SPORTS KITS/ DANCE COSTUME/ MUSICAL INSTRUMENTS for tribal youth clubs/ sports clubs/ cultural institutions under Annual Action Plan of SDC, Sambalpur for the year 2023-24.** Intending bidders may download the Bid documents containing eligibility criteria and detail terms and conditions of the tender can be downloaded from the website https://Sambalpur.nic.in.

The sealed tenders should reach the Office of the **"Chief Development Officer-cum-EO, ZP. Sambalpur on or before 05.02.2024 up to 05.30 PM by Regd. post/ Speed post/ Courier only and the same will be opened on 06.02.2024 at 11.00 AM in the Conference Hall of Zilla Parishad, Sambalpur" in presence of the bidders or their authorised representatives.**

The details of the bidding process are as follows

| Sl. No. | Bidding Schedule | Date and Time |
|---|---|---|
| 1 | Last Date of submission of Bid | 05.02.2024 upto 5.30 PM |
| 2 | Opening of Technical Bid | 06.02.2024 at 11 AM |
| 3 | Opening of Financial Bid | 06.02.2024 at 11 AM |

Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in third sealed cover super-scribed **"TENDER CALL NOTICE FOR SELECTION OF FIRMS FOR SUPPLY OF SPORTS KITS or DANCE COSTUME or MUSICAL INSTRUMENTS"**. The Tenders must reach the undersigned on or before 05.2.2024 by 5.30 PM through Speed Post/ Regd. Post/ Courier only in the following address.

**CDO-cum-EO, Zilla Parishad, Sambalpur**
**Katcheri Road**
**At/Po/Dist-Sambalpur,Pin-768001**

**Sd./-CDO-cum-Executive Officer**
**Zilla Parishad, Sambalpur**

OIPR-19241/11/0016/2324

## DISTRICT OFFICE, KHORDHA

**SOCIAL WELFARE SECTION**
**No.306/SW, Date 25.01.24**

**TENDER CALL NOTICE**

**No.g-159:**Sealed tenders are invited from the reputed registered printing press for printing & supply of New Kuni Calendar for the office of District Social Welfare Officer, Khordha during the; year 2024. The tender paper for the above purposes containing the terms & conditions, EMD and statutory requirement can be obtained from the Office of the D.S.W.O., Khordha during the. office hours on any working day between dtd.25.01.2024 to 05.02.2024 till on a non-refundable payment of Rs.1000/- (Rupees one thousand) only. The tender complete in all respects alongwith necessary documents in sealed covers should reach the Office of D.S.W.O., Khordha by 05.02.2024 by person. The tender will be opened on dtd. 06.02.2024 at 11.00 AM in the Office chamber of Addl. District Magistrate, Khordha in the presence of the Tender Committee constituted for this purpose & the tenderer or their authorized representatives. The Collector, Khordha reserves the right to reject/ cancel/ withdraw any or all the tenders without assigning any reason thereof and shall bear no liability what so ever consequent upon such decision.

**Sd./-Collector &**
**District Magistrate, Khordha**

OIPR-24351/11/0023/2324

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION,BHAWANIPATNA

**Ph:06670-230656 (O), E_mail:rw_bhawanipatna@yahoo.co.in**
**Letter No.497, Date:02.02.2024**

**No.O-2402:** **e-Procurement Notice**

**Bid Identification No.EERWBPT/Online-13/2023-24**

1. Name of Works : Road work (As per Annexure-A)
2. Total No. of Work : Road-7 No.
3. Estimated Cost : As per Annexure- 'A'
4. E.M.D. : 1 % of Estimated Cost
5. Cost of Tender document : As per Annexure- 'A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Executive Engineer, Rural Works Division, Bhawanipatna | EERWBPT/ Online- 13/ 2023-24 | 03.02.2024 | 12.02.2024 upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in.

**Executive Engineer**
**Rural Works Division, Bhawanipatna**

OIPR-25070/11/0001/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KHORDHA

**Tel No. (06755) 221502, E-mail: eemidkhurda@yahoo.co.in**
**No. A-1394 Letter No.576, Dt.02.02.2024**

**Invitation for Bids**

**Bid Identification No. SEMIDKHD 04/2023-24**

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha, on behalf of the Governor of Odisha, invites Percentage Rate Bids in Single Cover System in Online Mode only for Civil Works in MIPs under M/R & Improvement to Tank & MIP Scheme as detailed in the table below from the eligible class of contractors. | | |
| 2 | Nature of Work | : | Civil works in MIPs under M/R & Improvement to Tank & MIP Scheme in different Blocks of Khordha District |
| 3 | No. of Works | : | 7 (Seven) Nos. only |
| 4 | Cost of Bid Document | : | Rs.4,000/- & 6,000/- through online only |
| 5 | Class of Contractor | : | D Class, C Class & B Class as applicable |
| 6 | Availability of Bid documents Online | : | 10.00 A.M. of Dt.05.02.2024 to 5.00 P.M. of Dt.14.02.2024 |
| 7 | Last Date and Time for receipt of Bids in the Portal | : | 5.00 P.M. of Dt.14.02.2024 |
| 8 | Date of Opening of Bids | : | 11.00 A.M. of Dt.15.02.2024 |
| 9 | The bidders shall have to participate in online bidding only. Further details can be seen from the website **https://tendersodisha.gov.in**. Any addendum/corrigendum/ cancellation of Bid can also be seen in the said website. The authority reserves the right to defer/reject/accept any or all the bids without assigning any reason whatsoever. The authority shall in no way be held liable for such action nor will make any obligation to inform the bidder the ground for the same. | | |

**Sd./- Superintending Engineer**
**Minor Irrigation Division, Khordha**

OIPR-32042/11/0005/2324

## Government of Odisha
## Office of the Superintending Engineer Rural Works Division-II, Dhenkanal

**No.O-2401: Kamakhyanagar**
**E-mail: rw.kamakhyanagar@yahoo.co.in**

**e-Procurement Notice No.18/Building Work/2023-24**

1. Name of the Work : Building Work
2. Total No. of Works : 1 (One) No.
3. Tender Cost : Rs.1.72 (Approx.)
4. Class of Contractor : "D" & "C" Class
5. Period of Completion : 01 Calendar Month
6. Availability of Tender online for bidding : 05.02.2024 at 11.00 AM to 11.02.2024 upto 5.00 PM
7. Last date & Time of seeking tender clarification : 10.02.2024 upto 4.00 PM
8. Date & Time of opening of Technical Bid : 12.02.2024 at 11.00 AM

Other details can be seen from the website http://tendersorissa.gov.in

**Sd./- Executive Engineer**
**R.W.Division-II, Dhenkanal**
**Kamakhyanagar**

OIPR-25094/11/0022/2324

## GOVERNMENT OF ODISHA
## "e"-PROCUREMENT NOTICE
## WORKS DEPARTMENT

**E-mail : ceworldbankprojects@gmail.com**
**Bid Identification No. CE-W.B.P. (O) - 52 / 2023-24**

**No.B-1728:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :

2. Nature of work : Bridge work
3. No. of work : 01 No.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 03.02.2024 to 5.00 PM of 19.02.2024
7. Date of opening of Bid : Dt.20.02.2024 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer (Bridges)**
**World Bank Project, Odisha**

OIPR-34003/11/0090/2324

## OFFICE OF THE TRANSPORT COMMISSIONER -CUM-CHAIRMAN, STATE TRANSPORT AUTHORITY, ODISHA, CUTTACK

**Letter No: LXVII-424/2022/RS/T.C1850, Date:02.02.2024**

**TENDER CALL NOTICE**

**No.JJ-63:**E-Tenders are invited from eligible reputed, competent and professional organizations, who meet the minimum eligibility criteria, as specified in this request for proposal (RFP) for selection of Vendor for Up-gradation of existing Command Control Centre to Unified Command Control Centre & Implementation of Intelligent Enforcement Management System (IEMS) for the office of the Transport Commissioner, Odisha.

Interested bidders are advised to study this RFP document carefully, before submitting their proposals, in response to the RFP Notice. Submission of a proposal in response to this notice shall be deemed to have been done after careful study and examination of this document with full understanding of its terms, conditions, and implications. The last date of submission of e-tender is 16.02.2024 up to 2.00 PM

Please refer to the website www.odishatransport.gov.in and www.enivida.odisha.gov.in for details.

By the orders of Transport Commissioner, Odisha

**Sd./- Addl. Commissioner Transport (RS)**
**STA, Odisha, Cuttack**

OIPR-38003/11/0043/2324

## Government of Odisha
## Sports & Youth Services Department

**Request for Proposal**

**No.TT-61:**Sports & Youth Services Department, Government of Odisha invites bids from reputed agencies to the RfP for **"Supply, Installation and Maintenance of Indoor Gym Equipment for Sports Hostels, GCPE and Hockey Training Centers (HTCs) for Sports & Youth Services Department, Government of Odisha".** The details of the document are available at the below mentioned website tender **https://tendersodisha.gov.in/&https://department.sportsodisha.gov.in/tender**

Interested firms/ parties/ agencies are advised to study the RfP document carefully before submitting their bid.

**Important Dates and Information:**

**Date of Publication of Bid: 01/02/2024**
**Last date and time for submission of Pre-bid queries: 07/02/2024, 06:00 PM**
**Pre-bid Meeting: 08/02/2024,11:00 AM**
**Last date and time for submission of Bid: 20/02/2024, 06:00 PM**
**Opening of the Technical Bid: 21/02/2024, 03:00 PM**

**Sd./-**
**Commissioner-cum-Secretary**

OIPR-29001/11/0211/2324

## OFFICE OF THE DIVISIONAL FOREST OFFICER
## CUTTACK FOREST DIVISION, CUTTACK-10

**E-mail ID: dfo.cuttack@odisha.gov.in**
**GOVERNMENT OF ODISHA "e" Procurement Notice**
**No.MM-435: for Nature Trail & Water Body Works**
**Bid Identification No.DFO-CTC-03 of 2023-24**

1. Name of the Work : 2 Nos. Nature Trail & 1 No. Water Body Works
2. Estimated Cost : Rs.18.29 Lakh to 49.99 Lakh (Appx.)
3. Class of Contractor : "B" Class for Sl.No.1 & 2 and "C & D" Class for Sl.No.3
4. Tender Paper Cost : Rs.6000/- (Online) for each work
5. Period of Completion : 02 (Two) Calendar Months
6. Date & Time of availability of bid document in the portal : From 06.02.2024 to 5 PM of 15.02.2024
7. Last date/time of receipt of bids in the portal : 5 PM of 15.02.2024
8. Date & Time of Opening of Bids : 11 AM of 16.02.2024
9. Name and address of the Officer Inviting Bid : Divisional Forest Officer Cuttack Forest Division, Cuttack

Further details can be seen from the e-procurement portal "https://tendersodisha.gov.in.

**Sd./- (P.ARTHANARI, IFS)**
**Divisional Forest Officer**
**Cuttack Forest Division**

OIPR-08025/11/0010/2324

## ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ
## ODISHA FOREST DVELOPMENT CORPORATION LIMITED

**(A Government of Odisha Undertaking)**
**CIN - U02005OR1962SGC000446**
**Regd. Off: Plot No. A/84, Kharvel Nagar, Unit - III, Bhubaneswar, Odisha, PIN - 751001**
**Telephone: 0674-2534086, 2534269, FAX: 0674-2535934**
**[Website: www.odishafdc.com, E-mail ID: general@odishafdc.com]**
**RFP Notice No. 01/2024/GM, OFDC Ltd., Bhubaneswar (C) Zone**
**Bhubaneswar Dated: 01.02.2024**

**REQUEST FOR PROPOSAL FOR SELECTION OF AGENCY FOR PREPARATION OF DETAILED PROJECT REPORT (DPR) ON THE CITY GREEN LANDSCAPING OF BHUBANESWAR CITY**

No. CAD-3954: Proposal is invited from eligible bidders for selection of Agency to prepare DPR of the Bhubaneswar City Green Landscaping by the General Manager, ODISHA FOREST DEVELOPMENT CORPORATION (OFDC) Ltd., Bhubaneswar (C) Zone.

The eligibility criteria, terms and conditions, details of Bid submission and opening of Bids etc. are available in the RFP document which can be seen and downloaded from OFDC Website **www.odishafdc.com**. The last date of submission of the proposal is 21.02.2024, 17.00 Hrs. The intending bidders may submit their bid through Registered Post/Speed Post to the Office of General Manager, Odisha Forest Development Corporation, Bhubaneswar Zone, Plot No. 217/218, Satya Nagar, Bhubaneswar, Odisha - 751007, Odisha or may drop in the Tender Box kept in the General Manager's Office at 217/218, Satya Nagar, OFDC Ltd. for the purpose before the last Date & Time.

For and behalf of OFDC Ltd.

**Sd./- General Manager**
**Bhubaneswar (C) Zone**

OIPR-08011/11/0001/2324

## GOVERNMENT OF ODISHA

No. b-62

## "e" PROCUREMENT NOTICE
## WORKS DEPARTMENT
## OFFICE OF THE EXECUTIVE ENGINEER NATIONAL HIGHWAY DIVISION, BARIPADA

**(E-mail address: eenhbaripada@yahoo.in)**

**INVITATIONS FOR BIDS (IFB)**

**Bid Identification No. EE NH (BPD) - 06/2023-24**

**No. 224** **Date: 31.01.24**

1. The Executive Engineer, National Highway Division, Baripada on behalf of Governor of Odisha invites percentage rate bids in Double Cover System in ONLINE MODE from eligible contractors for Road works as mentioned below:
2. Nature of Work : Road Work
3. No. of Work : 02 Nos.
4. Tender Paper Cost : Rs.10,000.00 each in ONLINE submission
5. Class of Contractor : 'B' Class
6. Available of Bid document in website : From 11.00 A.M. of 22.02.2024 to 5.00 P.M. of 15.03.2024
7. Date of Opening of Bid : 16.03.2024 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the website.

**Sd./- Superintending Engineer**
**N.H. Division, Baripada**

OIPR-34050/11/0004/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ବିଘ୍ନେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଉଦ୍‌ଘାଟନ ହେବ ଏମ୍‌ସିଏଲ୍‌ର ୨୧୪୫ କୋଟିର ପ୍ରକଳ୍ପ

## ୪ ପ୍ରମୁଖ ପ୍ରକଳ୍ପକୁ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨।୨ (ଅଭୟ ଦାଶ)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ବହୁ ପ୍ରତୀକ୍ଷିତ ତଥା ୨୧୪୫କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ୪ଟି ପ୍ରମୁଖ ପ୍ରକଳ୍ପକୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ସହ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ବୋଲି ଏମ୍‌ସିଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏ ନେଇ ଶୁକ୍ରବାର ଏମ୍‌ସିଏଲ୍ ପକ୍ଷରୁ ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଫାଇନାନ୍ସ) ଅଜିତ କୁମାର ବେହୁରା ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉଦ୍‌ଘାଟନୀ ଉତ୍ସବର ବିସ୍ତୃତ ସୂଚନା ସହ ଖରବଦାତା ସମ୍ମିଳନୀର ଆଭିମୁଖ୍ୟ ଏବଂ ଏମ୍‌ସିଏଲ୍‌ର କାରବାର ଓ ଲକ୍ଷ୍ୟ ହାସଲ ଏବଂ ଉଦ୍‌ଘାଟନ ହେବାକୁ ଥିବା ୪ ପ୍ରମୁଖ ପ୍ରକଳ୍ପ ବିଷୟରେ ମତବ୍ୟକ୍ତ କରିଥିଲେ। ସେହିଭଳି ଦିନିକିଆ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍‌ସିଏଲ୍ ଦ୍ୱାରା ନିର୍ମିତ ତଥା କୋଇଲା ଖଣି କ୍ଷେତ୍ରରେ ପରିବର୍ତ୍ତନକାରୀ ୪ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିବେ ବୋଲି ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି।




ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଅନଗୋଳ ଜିଲାର ତାଳଚେର କୋଲ୍‌ଫିଲ୍ଡରେ ୩୩୩୫କୋଟି ଟଙ୍କା ବ୍ୟୟର ବାର୍ଷିକ ୧୦ ମିଲିୟନ ଟନ କ୍ଷମତା ବିଶିଷ୍ଟ ଭୁବନେଶ୍ୱରୀ ଫେଜ୍-୧ ସିଏଚ୍‌ପି ସାଇଲୋ ଏବଂ ୩୭୪ କୋଟି ଟଙ୍କା ବିନିଯୋଗର ଇବ୍ ଭ୍ୟାଲି କୋଲ୍‌ଫିଲ୍ଡରେ ବାର୍ଷିକ ୧୫ମିଲିୟନ ଟନ କ୍ଷମତା ବିଶିଷ୍ଟ ଲାଜକୁରା ରାପିଡ୍ ଲୋଡିଂ ସିଷ୍ଟମ (ଆର୍‌ଏଲ୍‌ଏସ୍) ନିର୍ମିତ ହୋଇଛି। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବା ଅନ୍ୟ ପ୍ରକଳ୍ପ ମଧ୍ୟରେ ଇବ୍ ଭ୍ୟାଲି ୱାଶେରିରେ ବାର୍ଷିକ ୧୦ମିଲିୟନ ଟନ ଅଣ-କୋକିଂ କୋଇଲା ଧୋଇବାର କ୍ଷମତା ରହିଛି। ଓଡ଼ିଶାର ଝାରସୁଗୁଡା ଜିଲାରେ ମୋଟ ୫୫୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କୋଇଲା ପ୍ରକ୍ରିୟାକରଣରେ ଗୁଣବତ୍ତା, ନୂତନତା ଓ ସ୍ଥିରତାକୁ ସୂଚିତ କରୁଛି। ଏଥିସହ ପ୍ରଧାନମନ୍ତ୍ରୀ ଶକ୍ତି ସୁରକ୍ଷା ଦିଗରେ ସ୍ଥିରତା ଅଭିଯାନର ଏକ ଅଂଶ ଭାବେ ୮୭୮କୋଟି ଟଙ୍କା ବ୍ୟୟରେ ନିର୍ମିତ ଝାରସୁଗୁଡା-ବରପାଲୀ-ସରଡେଗା ରେଳଲାଇନ ଫେଜ୍-୧ର ୫୦କି.ମି. ଦୀର୍ଘ ଦ୍ୱିତୀୟ ଟ୍ରାକ୍‌କୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ। ଉପରୋକ୍ତ ପ୍ରକଳ୍ପଗୁଡିକ ମଧ୍ୟରେ ଦୁଇଟି ଫାଷ୍ଟ ମାଇଲ କନେକ୍ଟିଭିଟି (ଏଫ୍‌ଏମ୍‌ସି) ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି ବୋଲି ବେହୁରା ମତପ୍ରକାଶ କରିଛନ୍ତି।

# କେନ୍‌ଷ୍ଟାର୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୨।୨

ଦେଶର ପ୍ରମୁଖ ତଥା ଲୋକପ୍ରିୟ ଏୟାର କୁଲର୍ସ (ଏସି) ବ୍ରାଣ୍ଡ 'କେନ୍‌ଷ୍ଟାର୍'ର ବ୍ୟୟବହୁଳ ମଲ୍ଟିମିଡିଆ କ୍ୟାମ୍ପେନିଂ ତଥା ବ୍ରାଣ୍ଡର ନୂତନ ଅଭିଯାନ 'ଏସି ୱାଲି ଥଣ୍ଡକ, ଅବ୍ କେନ୍‌ଷ୍ଟାର୍ କୁଲର୍ସ ମେଁ' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉଭୟ ଷ୍ଟାର କପଲ (ଯୋଡ଼ି) ରାଜକୁମାର ରାଓ ଏବଂ ପତ୍ରଲେଖା ପଲ ଏହି ଅଭିଯାନକୁ ବାସ୍ତବ ରୂପ ଦେବେ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ଏ ସମ୍ପର୍କରେ କେନ୍‌ଷ୍ଟାର୍‌ର ସିଇଓ ସୁନୀଲ ଜୈନ, ଆମେ ରାଜକୁମାର ରାଓଙ୍କୁ ଆମର ଚେହେରା ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ସର୍ବଦା ଗ୍ରାହକଙ୍କୁ ନୂଆ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଉତ୍ପାଦଗୁଡିକୁ ବଜାର ପ୍ରବେଶ କରାଇବା ସହିତ




ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦକୁ ମଧ୍ୟ ଗୁରୁତ୍ୱ ଦେଇଥାଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି କେନ୍‌ଷ୍ଟାର୍‌ର ମାର୍କେଟିଂ ହେଡ୍ ନେହା ଖୁଲାର କହିଛନ୍ତି, ଆମ ବ୍ରାଣ୍ଡର କୁଲର୍ସ ପାଇଁ ରାଜକୁମାର ପ୍ରଥମ ପସନ୍ଦ ହୋଇଥିଲାବେଳେ ସେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବଜାରରେ ବେଶ୍ ଲୋକପ୍ରିୟ ଥିବାରୁ ଆମର ଉତ୍ପାଦଗୁଡିକ ସବୁ ବର୍ଗର ଗ୍ରାହକଙ୍କ ନିକଟତର ହୋଇପାରିବ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨।୨

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪୦ (୪୪୦.୩୩) ପଏଣ୍ଟ ବଢି ୭୨,୦୮୬ (୭୨,୦୮୫.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୬ (୧୫୬.୩୫) ପଏଣ୍ଟ ବୃଦ୍ଧି ଘଟି ୨୧,୮୫୪ (୨୧,୮୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ବିଶେଷକରି ଅନ୍ତରୀଣ ବଜେଟ୍‌ର ପ୍ରଭାବ ପୁଞ୍ଜି ବଜାର ଉପରେ ଦେଖାଦେଇଛି।


CLASSIFIED DISPLAY

MORE SPACE ' SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

ADMISSION OPEN
B.Ed, M.Ed,
B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ୍

ତିରୋଧାନ: ୦୩।୦୨।୨୦୦୪

ଆପଣଙ୍କର ଆଜିର ଏହି ପୁଣ୍ୟ ଶ୍ରାଦ୍ଧଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

-:ଶ୍ରଦ୍ଧେୟ:-

ପତ୍ନୀ: ସୁରମା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଡପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ।

ଧ-୨୪୦୯

### ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଅଶୋକ କୁମାର କର

ଆବିର୍ଭାବ: ୧୯୭୬
ତିରୋଧାନ: ୨୩।୦୧।୨୦୨୪

ପଣ୍ଡିତ ଶାସନ, କେନ୍ଦ୍ରାପଡ଼ା

ଚାହୁଁ ଚାହୁଁ ବିତିଗଲା ୧୨ଦିନ। ଘର ଆମର ଶୂନ୍ୟ କରି ଚାଲିଗଲ ତୁମେ ବୈକୁଣ୍ଠପୁରକୁ। ତୁମର ଶୂନ୍ୟତାକୁ ଆମେ ସହିପାରୁନାହୁଁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ।

ଶୋକସନ୍ତପ୍ତ ପରିବାରବର୍ଗ: ସ୍ତ୍ରୀ, ଭାଇ, ଭଉଣୀ, ଭିଣୋଇ, ଝିଅ ଓ ଭାଣିଜୀମାନେ।

ଧ-୨୪୧୧

### ଦଶାହ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଏମୀନା ମିଶ୍ର

ସ୍ୱାମୀ- ଏଶଙ୍କର ମିଶ୍ର
ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୩୧-୦୫-୧୯୩୨
ତିରୋଧାନ: ୨୫-୦୧-୨୦୨୪

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ:-

ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୬୬୬୩

# ଆର୍‌ବିବିଏଲ୍ ସହ ସିୟୁର ବୁଝାମଣା




ଭୁବନେଶ୍ୱର,୨।୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସେଞ୍ଚୁରିଆନ ୟୁନିଭର୍ସିଟି (ସିୟୁ) ଏବଂ ନେପାଳର ରାଷ୍ଟ୍ରୀୟ ବାଣିଜ୍ୟ ବ୍ୟାଙ୍କ ଲିମିଟେଡ୍ (ଆର୍‌ବିବିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଆର୍‌ବିବିଏଲ୍ କର୍ମଚାରୀଙ୍କର ଦକ୍ଷତା ଓ କ୍ଷମତା ବୃଦ୍ଧି ଉପରେ ବିଶେଷ ଦୃଷ୍ଟି ନିବେଶ ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ଲାଗି ଉଭୟ ସଂସ୍ଥା ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ସିୟୁର ପାରଳାଖେମୁଣ୍ଡି କ୍ୟାମ୍ପସ୍‌ରେ ଏକ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସିୟୁର ପାରଳାଖେମୁଣ୍ଡି କ୍ୟାମ୍ପସ୍‌ରେ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଯଥା ଆର୍‌ବିବିଏଲ୍‌ର ଡିଇଓ ଦେବେଶ ପ୍ରସାଦ ଲୋହାନି, ଡିଇଓ ଦୁର୍ଗା କୁମାରୀ କାଣ୍ଡେଲ, ମ୍ୟାନେଜର ବିନୋଦ ନାୟୁପାନେ, ସିଏମ୍ ଭୀମ ପ୍ରସାଦ ଘିମ୍‌ରେ, ସିଏମ୍ ପଦ୍ମା ଲକ୍ଷ୍ମୀ ଜି.ସି ଏବଂ ନେପାଳର ବିଏଫ୍‌ଆଇଏନ୍‌ର ଡ. ବିନୋଦ ଆତ୍ରେୟ ଉପସ୍ଥିତି ଥିଲାବେଳେ ସିୟୁର ଭିପି ଡି.ଏନ୍. ରାଓ, ଭିସି ଓଡ଼ିଶା କ୍ୟାମ୍ପସ୍ ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ଭିସି ଆନ୍ଧ୍ରପ୍ରଦେଶ କ୍ୟାମ୍ପସ୍ ପି. କେ. ମହାନ୍ତି, ରେଜିଷ୍ଟ୍ରାର ଓଡ଼ିଶା କ୍ୟାମ୍ପସ୍ ଡ. ଅନିତା ପାତ୍ରଙ୍କ ସମେତ ଡ. ପ୍ରଜ୍ଞା ପାଣି, ଡ. ଗିରିଜା ନନ୍ଦିନୀ ଏବଂ ବୀର ପ୍ରତାପ ପ୍ରମୁଖ ଯୋଗଦେଇଥିଲେ।

## ଅନ୍ତରୀଣ ବଜେଟ ଉତ୍ପାଦନ କ୍ଷେତ୍ରକୁ ଆଗକୁ ବଢ଼ାଇବ

ଭୁବନେଶ୍ୱର,୨।୨

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପକ୍ଷରୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ଅନ୍ତରୀଣ ବଜେଟକୁ ଅଭିବୃଦ୍ଧିଭିତ୍ତିକ ବଜେଟ ଭାବେ ସ୍ୱାଗତ କରାଯାଇଛି। ବିଶେଷକରି ଉକ୍ତ ବଜେଟରେ ପୁଞ୍ଜି ବିନିଯୋଗ, ଭିତ୍ତିଭୂମି ବିକାଶ, ରେଳ, ପ୍ରତିରକ୍ଷା ଏବଂ ବିମାନ ଚଳାଚଳ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏ ନେଇ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ମଧ୍ୟବର୍ତ୍ତୀ ବଜେଟର ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି, ପୁଞ୍ଜି ଖର୍ଚ୍ଚରେ ୧୧.୧% ବୃଦ୍ଧି, ଯାହା ୧୧.୧୧ଲକ୍ଷ କୋଟି ଭାରତୀୟ ମୁଦ୍ରାର ଖର୍ଚ୍ଚ ବୃଦ୍ଧି ଏବଂ ଜିଡିପିର ୩.୪% ବୋଲି ଆକଳନ କରାଯାଇଥାଏ। ଏପରିକି ଭିତ୍ତିଭୂମି ବିକାଶ ଉପରେ କେନ୍ଦ୍ର ସରକାରଙ୍କର ଏହି ଅଦମ୍ୟ ଗୁରୁତ୍ୱ ଏକ ବିକଶିତ ଓ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହ ସମାନ୍ତରାଳ ଭାବେ ଉତ୍ପାଦନ କ୍ଷେତ୍ରକୁ ଆଗକୁ ବଢାଇବ ବୋଲି ଆଶା କରାଯାଉଛି। ସେହିଭଳି ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଅନ୍ତର୍ଗତ ରେଳ କରିଡର କାର୍ଯ୍ୟକ୍ରମ ଏବଂ ରେଳ ବଗିଗୁଡ଼ିକୁ ବନ୍ଦେ ଭାରତ କୋଚରେ ପରିଣତ କରିବା ଭଳି ପ୍ରମୁଖ ଘୋଷଣା ଗମନାଗମନ ଏବଂ ଯାତ୍ରୀ ସୁରକ୍ଷା ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଭାରତ-ୟୁରୋପ-ମଧ୍ୟ-ପୂର୍ବ କରିଡରର ପ୍ରସ୍ତାବ ହେଉଛି, ବାଣିଜ୍ୟ ବିସ୍ତାର ଏବଂ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ନିମନ୍ତେ ଏକ ଉଚିତ ରଣନୀତିକ ପଦକ୍ଷେପ। ଏପରିକି ସ୍ଥିରତା ଉପରେ ଏହି ବଜେଟର ଧ୍ୟାନ, ବିଶେଷତଃ ଛାତ ଉପର ସୌରଶକ୍ତି ଉତ୍ପାଦନ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପର ପରିବେଶ ଦାୟିତ୍ୱ ସହିତ ପ୍ରତିବଦ୍ଧତା ସହ ସମାନ୍ତରାଳ ଏବଂ ଦକ୍ଷତା ବୃଦ୍ଧି, ଉଦ୍ୟୋଗ ତଥା ଉଦ୍ୟୋଗୀମାନଙ୍କୁ ସମର୍ଥନ ଏବଂ ଶିକ୍ଷାଗତ ଭିତ୍ତିଭୂମିକୁ ମଜଭୁତ କରି ଯୁବ ସଶକ୍ତୀକରଣ, ସମୃଦ୍ଧ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ସହାୟକ ହେବ।


# Classified Everyday 0674-2580101, 2549949



REAL ESTATE

SALE

Contact for house construction @ 250 and interior design (Modular Kitchen/TV Unit/Wardrobe) @ 250. 7008550473, 8249630501. D-2412

Flat in Kalinga Nagar, Ghatikia, Bhubaneswar for sale 1631 x 5500. 6371837547. D-2410

**Yellowzone gharabari plot 12500sqft. @2200 100 metre from Malipada main road, 30 feet sub road to plot, Bhubaneswar outright purchase. Contact Sorojini 7991080014.** D-2384

Duplex sale at Bhubaneswar @ 57 lakhs only. Contact: 9777433701. D-75300

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298



FOR RENT

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194



Healthcare

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Newly open SPA positively health benefits (Expert therapist). Contact: 9124527170. D-75197

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Full body massage relax body mind by trend lady therapist. 8327754443. D-75192

Newly open health benefits SPA special offer @ 999 Bapujinagar. 8018429809. D-75195

Positively health benefited SPA expert therapist at Nayapalli. Contact: 7846814019. D-75196

LOST

ଆମ୍ଭେ କ୍ରେତା ଗାୟତ୍ରୀ ପାତ୍ର, ସ୍ୱା- ବାମନ ଚରଣ ପାତ୍ର, ସା/ପୋ.ଅ./ଥାନା- ବାଲିଚନ୍ଦ୍ରପୁର, ଜି- ଯାଜପୁର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛିକି ଗତ କିଛି ଦିନ ତଳେ ବାଲିଚନ୍ଦ୍ରପୁର ବଜାରରେ ଜେରକ୍ସ କରିବାକୁ ଆଣିଥିବାବେଳେ ମୋର ଏକ କ୍ରୟ ଦଲିଲ ହଜିଯାଇଛି। ଏହି ଦଲିଲ ନଂ.- ୧୦୭୯୧୦୦୧୪୬୮, ତା. ୨୩।୦୮।୨୦୧୦ (ବଡ଼ଚଣା ସବ୍‌ରେଜିଷ୍ଟ୍ରର)। ଏହାର ବିକ୍ରେତା ହେଉଛନ୍ତି ପ୍ରଶନ୍ନ କୁମାର ସାହୁ। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ଦୟାକରି ମୋବାଇଲ ନଂ.- 9938333110ରେ ଜଣାଇବାକୁ ଅନୁରୋଧ। ଧ-୨୪୧୬

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit I Chinu Basantia (29Yr.), W/o- Nabakishore Basantia, Village- Tinigharia Pangata, P.S.-Dhusuri, Dist.- Bhadrak.By an affidavit No.- 2869/12-10-2023 that I shall be known as Chinu Basantia as per Bank A/c & Aadhaar No., In LIC POLICY No 832526084 which is wrongly mentioned name as Chinmayee Basantia. Further declared that Chinu Basantia and Chinmayee Basantia as same and one person for future purposes. D-2413

I, Bijay Krishna Sahoo, S/o- Dwitikrishna Sahoo, resident of Gania (Patna Sahi), P.O./P.S.- Gania, Dist.- Nayagarh, Odisha-752085 declare by this affidavit No.-86, dtd. 30.01.2024 that now onwards I shall be know as BIJAYA KRISHNA SAHOO for all future purposes. D-2395

By virtue of an affidavit sworn before the Executive Magistrate, Bhanjanagar, Ganjam, dated 01.02.2024. I Gitanjali Behera, W/o- Lakhno, resident of Village- Abhinagar, Sadangipalli, P.O.- Netanga, P.S.- Gangapur, Dist.- Ganjam, Odisha declared that I have changed my name from Gitanjali to Gitanjali Behera and D.O.B. from 04.01.1968 to 04.01.1972. Henceforth, I shall be known as Gitanjali Behera for all purposes.
Sd./- Gitanjali Behera
D- 2417

By virtue of an affidavit sworn before the Executive Magistrate, Bhanjanagar, Ganjam, dated 01.02.2024, I Lakhno, S/o- Judhisthir, resident of Village- Abhinagar, Sadangipalli, P.O.- Netanga, P.S.- Gangapur, Dist.- Ganjam, Odisha declare that I have changed my name from Lakhan to Lakhno. Henceforth, I shall be known as Lakhno for all purposes.
Sd./- Lakhno
D-2418

# ହାଇକୋର୍ଟ ଗଲେ ଅଙ୍ଗନୱାଡି କର୍ମୀ

## ବର୍ଦ୍ଧିତ ଦରମା, ଅବସର ସୁବିଧା ପାଇଁ ଆବେଦନ

କଟକ,୨।୨ (କାର୍ତ୍ତିକ ସାହୁ)

ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀମାନଙ୍କୁ ଅନ୍ୟ ରାଜ୍ୟ ଭଳି ବର୍ଦ୍ଧିତ ଦରମା, ଚାକିରି ଭତ୍ତା, ଅବସରକାଳୀନ ସୁବିଧା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉ। ଏନେଇ କେତେଜଣ ଅଙ୍ଗନୱାଡି କର୍ମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଆବେଦନକୁ ବିଚାର କରି ସରକାର ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ପରିଚାଳିତ ହେଉଛି। ଅଙ୍ଗନୱାଡି କର୍ମୀମାନେ ପ୍ରାଥମିକ ସ୍ତରରେ ରହି ସ୍ଥାନୀୟ ପ୍ରଶାସନ ପାଇଁ ସରକାରୀ ଯୋଜନାଗୁଡ଼ିକର ରୂପାୟନ ନିମନ୍ତେ କାର୍ଯ୍ୟ କରୁଛନ୍ତି। ସେମାନଙ୍କର ପ୍ରାଥମିକ କାର୍ଯ୍ୟ ୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଶିକ୍ଷାଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ, ଖାଦ୍ୟ ପୋଷଣ ସହ ଲୋକମାନଙ୍କୁ ପରିବାର ନିୟୋଜନ ଓ ସୁସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଶିକ୍ଷା ପ୍ରଦାନ କରିବା। ସେମାନେ ସେମାନଙ୍କର ପ୍ରାଥମିକ କର୍ତ୍ତବ୍ୟ ସହିତ ସରକାରଙ୍କର ସମସ୍ତ ପ୍ରାଥମିକ ସ୍ତରୀୟ କାର୍ଯ୍ୟ ସମାପନ କରୁଛନ୍ତି। ଏପରି କି ଜନଗଣନା, ଭୋଟର ତାଲିକା, ରାଶନ କାର୍ଡ ପ୍ରସ୍ତୁତି ଏବଂ ଜାତିଭିତ୍ତିକ ଗଣନାରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ କମିଟିରେ ମଧ୍ୟ ସେମାନେ ସଦସ୍ୟ ରହି ଗ୍ରାମ୍ୟ ପରିମଳ ସଫା ଓ ପ୍ରଦୂଷଣମୁକ୍ତ ରଖିବାରେ ସହାୟକ ହେଉଛନ୍ତି। ଏଡ୍ସ, ମ୍ୟାଲେରିଆ, ଡେଙ୍ଗୁ, ପଲ୍ସ ପୋଲିଓ, ଟିବି ଆଦି ରୋଗ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରୁଛନ୍ତି। ଏତେ କାର୍ଯ୍ୟ କରିବା ପରେ ବି ସେମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉ ନାହିଁ। ଓଡ଼ିଶାରେ ଅଣକୁଶଳୀ ଶ୍ରମିକଙ୍କୁ ୩୪୫ ଟଙ୍କା ଓ କୁଶଳୀ ଶ୍ରମିକଙ୍କୁ ୪୩୫ ଟଙ୍କା ଦୈନିକ ମଜୁରି ଦେବାକୁ ସ୍ଥିର ହୋଇଥିବାବେଳେ ସେମାନଙ୍କ ମାସିକ ରୋଜଗାର ଯଥାକ୍ରମେ ୧୦ ହଜାର ୩୫୦ ଟଙ୍କା ଓ ୧୩ ହଜାର ୫୦ ଟଙ୍କାରୁ ଅଧିକ ରହୁଛି। ହେଲେ ଜଣେ ଅଙ୍ଗନୱାଡି କର୍ମୀଙ୍କ ମାସିକ ଦରମା ୭,୫୦୦ ଟଙ୍କା ଓ ଉପକେନ୍ଦ୍ର ପାଇଁ ୪,୫୦୦ ଟଙ୍କା ଦିଆଯାଉଛି। ନିଯୁକ୍ତି ପାଇଁ ସେମାନଙ୍କ ଯୋଗ୍ୟତା ସର୍ବନିମ୍ନ ସ୍ନାତକ ରହିଥିବାବେଳେ ଚୟନ ପ୍ରକ୍ରିୟାରେ ସେମାନଙ୍କୁ ଉତ୍ତୀର୍ଣ୍ଣ ହେବାକୁ ପଡୁଛି। ସରକାରୀ ଚାକିରିରେ ଜଣେ ପିଅନ ଏବଂ କନିଷ୍ଠ କିରାଣି ପଦବୀରେ ମୂଳ ଦରମା ସହ ଡିଏ ଓ ବର୍ଦ୍ଧିତ ଘରଭଡ଼ା ଆଦି ମିଶି ମାସକୁ ୩୦,୦୦୦ ଟଙ୍କାରୁ ଅଧିକ ହେଉଛି। ସେମାନଙ୍କୁ ସରକାରୀ ଛୁଟି ସମେତ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରାଯାଉଛି। ହେଲେ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୭,୫୦୦ ଟଙ୍କା ଦରମା ବ୍ୟତୀତ ଅନ୍ୟ କିଛି ସୁବିଧା ଦିଆଯାଉନାହିଁ। ବିଭିନ୍ନ ପଞ୍ଚାୟତ ସମ୍ପାଦକ ପୂର୍ବରୁ ମାସିକ ୫୦୦ ଟଙ୍କାରେ କାମ କରୁଥିବାବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦିଆଯିବା ସହ ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ ପଦଯୁକ୍ତ କରାଯାଇଛି। ଅଙ୍ଗନୱାଡି କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରୁ ୬୦:୪୦ ଅନୁପାତରେ ଅତ୍ୟନ୍ତ କମ୍ ଦରମା ପାଉଛନ୍ତି। ତେଣୁ ତେଲେଙ୍ଗାନା, ଦିଲ୍ଲୀ, କର୍ନାଟକ, ତାମିଲନାଡୁ ଓ ମଧ୍ୟପ୍ରଦେଶ ରାଜ୍ୟ ଭଳି ଓଡ଼ିଶାରେ ଅଙ୍ଗନୱାଡି କର୍ମୀମାନଙ୍କୁ ବର୍ଦ୍ଧିତ ଦରମା ସହ ଅବସରକାଳୀନ ଓ ଚାକିରିର ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉ ବୋଲି ହାଇକୋର୍ଟଙ୍କୁ ନିବେଦନ କରାଯାଇଛି। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରମୁଖ ଶାସନ ସଚିବ, ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ସବିତା ଦାସ, ମେନକା ଦାସ, ସୁଷମା ନାୟକ, ପ୍ରତିମା ବେହେରା, ସୁକାନ୍ତି କୋଥାଲଙ୍କ ପକ୍ଷରୁ ହାଇକୋର୍ଟରେ ଏହି ଆବେଦନ କରାଯାଇଛି।

# ଭାପୁର ବ୍ଲକରେ ୮୦ କୋଟି ନୁହେଁ, ୨୦୬ କୋଟି ଟଙ୍କାର ଦୁର୍ନୀତି ହୋଇଛି

- କ୍ରାଇମବ୍ରାଞ୍ଚଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ
- ଲୋକାୟୁକ୍ତଙ୍କ କୋର୍ଟରେ ଶୁଣାଣି

ନୟାଗଡ଼/ଭାପୁର,୨।୨ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକରେ ୨୦୧୨ରୁ ୨୦୧୭ ମଧ୍ୟରେ ତତ୍କାଳୀନ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ ଦସ୍ତଖତରେ ଓ ଏସ୍ଏଚ୍‌ଜି ଗୋଷ୍ଠୀର ମହିଳା ଆଣିଥିବା ୮୦ କୋଟି ଟଙ୍କାର ଦୁର୍ନୀତି ମାମଲାର ରାୟ ପ୍ରକାଶ ପାଇଛି। ଲୋକାୟୁକ୍ତଙ୍କ କୋର୍ଟରେ ବିଚାରପତି ବିଜୟ କୁମାର ନାୟକ ଓ ରାଜେନ୍ଦ୍ର ପ୍ରସାଦ ଶର୍ମା ଭାପୁର ଦୁର୍ନୀତି ଘଟଣାର ବିଚାର କରି ଏହି ଦୁର୍ନୀତିର କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଭାପୁର ବ୍ଲକରେ ୮୦ କୋଟି ନୁହେଁ, ୨୦୬ କୋଟି ଟଙ୍କାର ଦୁର୍ନୀତି ହୋଇଥିବା କୋର୍ଟ ସ୍ପଷ୍ଟ କରିଛନ୍ତି । ଗତ ପ୍ରାୟ ୨ବର୍ଷ ଧରି ଲୋକାୟୁକ୍ତ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିଲା। ସୂଚନାଯୋଗ୍ୟ, ୨୦୨୧ରେ ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା ତାଙ୍କ ଦସ୍ତଖତ ଜାଲିଆତି କରାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ନେଇ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ ୧୨୮/୨୦୨୧) ରୁଜୁ ହୋଇଥିଲା। ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଓ ତାଙ୍କ ସହଯୋଗୀମାନେ ତାଙ୍କ ଦସ୍ତଖତ ଜାଲ କରି ଏଭଳି କାଣ୍ଡ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ସମାନ ଭାବେ ଫତେଗଡ଼ ପଞ୍ଚାୟତରେ ମିଶନ ଶକ୍ତି ଘର ପାଇଁ ଆସିଥିବା ୪ ଲକ୍ଷ ଟଙ୍କାକୁ ମଧ୍ୟ ଚଳୁ କରାଯାଇଥିବା ନେଇ ଫତେଗଡ଼ ପଞ୍ଚାୟତର ୩ ଏସ୍ଏଚଜି ଗୋଷ୍ଠୀର ମହିଳାମାନେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ପ୍ରଥମେ ଜିଲା ପ୍ରଶାସନ ପରେ ରାଜ୍ୟ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ସମୟରେ ହୋଇଥିବା ତଦନ୍ତ ତଥା ବରିଷ୍ଠ ସରକାରୀ ଅଧିକାରୀ ଯଥା ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଡିଶନାଲ ପୋଲିସ ଏସ୍‌ପି, ଏସ୍‌ଡିପିଓ ଖଣ୍ଡପଡ଼ାଙ୍କ ସତ୍ୟପାଠ ଆଧାରରେ ଏହି କେସର ଶୁଣାଣି ଆରମ୍ଭ ହୋଇଥିଲା। ତେବେ ତଦନ୍ତ ପରେ ଏକାଧିକ ପ୍ରକଳ୍ପରେ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ସ୍ପଷ୍ଟ ହୋଇଥିବା ବେଳେ ୮୦ କୋଟି ନୁହେଁ ୨୦୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଲୋକାୟୁକ୍ତ ସ୍ପଷ୍ଟ କରିଛନ୍ତି। ଏଣୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ନିମନ୍ତେ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ଶାଖାକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଏକାଧିକ ଅଧିକାରୀଙ୍କଠାରୁ ଅର୍ଥ ରିକଭରି ଜିଲା ପ୍ରଶାସନ କରିଥିଲା।

# ଆଜି ସୁବର୍ଣ୍ଣପୁରରୁ ପୁରୀକୁ ଗଡ଼ିବ ଟ୍ରେନ୍

ସୋନପୁର,୨।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଦର ମହକୁମାରୁ ଶ୍ରୀକ୍ଷେତ୍ର ପୁରୀକୁ ଟ୍ରେନ୍ ଗଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସମ୍ବଲପୁରରୁ ଭିଡିଓ କନ୍‌ଫରେନ୍ସି ଯୋଗେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବିଛୁପାଲିରୁ ସୁବର୍ଣ୍ଣପୁର ଷ୍ଟେଶନ ମଧ୍ୟରେ ନୂଆ ରେଳ ଲାଇନ୍ ଓ ସୁବର୍ଣ୍ଣପୁର ରେଳ ଷ୍ଟେଶନ ଲୋକାର୍ପଣ ଏବଂ ଟ୍ରେନ୍ ସେବାକୁ ଶୁଭାରମ୍ଭ କରିବେ। ଷ୍ଟେଶନକୁ ସୁନ୍ଦର ଭାବେ ସଜାଯାଇଛି। ଏକ ଟ୍ରେନ୍ ମଧ୍ୟ ଟ୍ରାଏଲ ପାଇଁ ରହିଛି। ପାସେଞ୍ଜର ଟ୍ରେନ୍ ଗଡିବା ପୂର୍ବରୁ ବାରମ୍ବାର ଟ୍ରାଏଲ ହୋଇଥାଏ ବୋଲି କୁହାଯାଇଛି। ସୁବର୍ଣ୍ଣପୁରରୁ ପୁରୀକୁ ଏକ ଏକ୍ସପ୍ରେସ୍ ଟ୍ରେନ୍ ସାପ୍ତାହିକ ଚାଲିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ଗୁରୁବାର ଟ୍ରେନ୍ ପୁରୀରୁ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ସମ୍ବଲପୁର ଓ ବଲାଙ୍ଗୀର ଦେଇ ସୁବର୍ଣ୍ଣପୁର ଆସିବ। ପୁଣି ଶୁକ୍ରବାର ଟ୍ରେନ୍ ସୁବର୍ଣ୍ଣପୁରରୁ ପୁରୀ ଫେରିବ। ସେହିପରି ରେଳ ବିଭାଗର ପ୍ରସ୍ତାବ ଅନୁଯାୟୀ ପ୍ରତ୍ୟହ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ବଲାଙ୍ଗୀର-ବିଛୁପାଲି ମଧ୍ୟରେ ଚାଲୁଥିବା ୨ଟି ପାସେଞ୍ଜର ଟ୍ରେନ୍ ସୁବର୍ଣ୍ଣପୁର ଷ୍ଟେଶନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଦୈର୍ଘ୍ୟ ୩୦୧ କିଲୋମିଟର। ସେଥିମଧ୍ୟରୁ ଖୋର୍ଦ୍ଧାରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ପ୍ରାୟ ୧୧୦ କିଲୋମିଟର ଓ ବଲାଙ୍ଗୀର ପଟୁ ୫୧କି.ମି. କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

# ୫ରୁ ଦୂରଦର୍ଶନରେ 'ରାମାୟଣ'

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଦୂରଦର୍ଶନରେ ଲୋକପ୍ରିୟ ଧାରାବାହିକ 'ରାମାୟଣ'ର ପୁନଃ ପ୍ରସାରଣ ହେବ। ଆସନ୍ତା ୫ରୁ ପ୍ରତି ସନ୍ଧ୍ୟା ୬ଟାରେ ଏହାର ପ୍ରସାରଣ ଦେଖିବାକୁ ମିଳିବ। ପ୍ରତି ଏପିସୋଡ୍‌ର ପୁନଃ ପ୍ରସାରଣ ପରଦିନ ମଧ୍ୟାହ୍ନ ୧୨ଟାରେ ପ୍ରସାରଣ କରାଯିବ। ରାମାୟଣ ଏକ ଐତିହାସିକ ମହାକାବ୍ୟ, ଯାହା ଭାରତୀୟ ସାହିତ୍ୟକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ଭାରତୀୟ ସଂସ୍କୃତି, ନୈତିକତା, ଧାର୍ମିକତା ଏବଂ ସେବା ମନୋଭାବ ଜାଗ୍ରତ କରିବାରେ 'ରାମାୟଣ' ସହାୟକ ହୋଇଥାଏ। ରାମାନନ୍ଦ ସାଗରଙ୍କ ଏହି ଧାରାବାହିକ ପ୍ରସାରଣ ପାଇଁ ଦୂରଦର୍ଶନର ପ୍ରସ୍ତୁତି ସମାପ୍ତ ହୋଇଥିବାବେଳେ ଦର୍ଶକମାନେ ଏହି କାହାଣୀ ଉପଭୋଗ କରିବେ ବୋଲି ଦୂରଦର୍ଶନ ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦ କହିଛନ୍ତି।

# ତୀର୍ଥଯାତ୍ରୀ ବସ୍‌କୁ ଧକ୍କାଦେଲା ହାଇୱା, ୧୭ ଆହତ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବାକୁ ଯାଉଥିଲେ

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)




୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ଶୁକ୍ରବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ହାଇୱା ପ୍ରଥମେ ଟାଟା ଏସିଇକୁ ଧକ୍କା ଦେବା ପରେ ତୀର୍ଥଯାତ୍ରୀ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ୧୭ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଟାଟା ଏସିଇରେ ଥିବା ୨ଜଣ ଆହତ ହୋଇଛନ୍ତି। ଖବରପାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏକାଧିକ ଯାତ୍ରୀଙ୍କ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଗୋଶାଳାସ୍ଥିତ ପରିକ୍ରମା ପ୍ରକଳ୍ପ ଅସ୍ଥାୟୀ ବିଶ୍ରାମସ୍ଥଳକୁ ନିଆଯାଇ ସେଠାରୁ ଘରକୁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା, ବସ୍‌କୁ ଜବତ କରିଛି। ଏଥିସହ ପୋଲିସ ହାଇୱା ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁରୁବାର ରାତିରେ ରାୟଗଡ଼ା ଜିଲା ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୪୨ଜଣ ଯାତ୍ରୀଙ୍କୁ ନେଇ ଏକ ବସ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଶୁକ୍ରବାର ସକାଳ ପ୍ରାୟ ୬ଟାରେ କୌଣସି କାରଣ ପାଇଁ ଗଡ଼ଖୋର୍ଦ୍ଧା ଛକ ନିକଟରେ ବସ୍‌ଟି ରାସ୍ତାକଡ଼ରେ ଅଟକିଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ହାଇୱା ଭୁବନେଶ୍ୱର ଯାଉଥିବା ଏକ ଟାଟା ଏସିଇକୁ ଧକ୍କା ଦେବା ପରେ ଉକ୍ତ ବସ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ପଛପାର୍ଶ୍ୱ ଓ ହାଇୱାର ସମ୍ମୁଖ ଭାଗ ଭାଙ୍ଗି ଚୂରମାର ହୋଇଯାଇଛି। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଧକ୍କା ପରେ ହାଇୱା ଚାଳକ ଗାଡ଼ି ନେଇ ଖସିଯିବାକୁ ଉଦ୍ୟମ କରିବା ବେଳେ ସ୍ଥାନୀୟ ଲୋକେ ଧରିଥିଲେ। ଶିଳ୍ପାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ ପ୍ରମୁଖ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ଗୋଶାଳା ପଡିଆସ୍ଥିତ କ୍ୟାମ୍ପକୁ ନିଆଯାଇଥିଲା। ସେଠାରୁ ଆହତଙ୍କୁ ଅନ୍ୟ ବସ୍‌ରେ ଘରକୁ ପଠାଯାଇଛି। ତେବେ ସୁରକ୍ଷିତ ଥିବା ଯାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଅନ୍ୟ ବସ୍‌ରେ ପୁରୀ ପଠାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଗତ ଜାନୁୟାରୀ ୨୯ରୁ ରାଜ୍ୟ ସରକାର ବିଭିନ୍ନ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦର୍ଶନ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ବିଶ୍ରାମ ପାଇଁ ଖୋର୍ଦ୍ଧା ଗୋଶାଳା ପଡିଆ ଏବଂ ଜଟଣୀ କୁଦିଆରୀଠାରେ କ୍ୟାମ୍ପ କରାଯାଇଛି। ଏଠାରେ କିଛି ସମୟ ବିଶ୍ରାମ, ନିତ୍ୟକ୍ରମ ସାରି ତୀର୍ଥଯାତ୍ରୀମାନେ ପୁରୀ ଅଭିମୁଖେ ଯାତ୍ରା କରିଥାନ୍ତି।

# 'ମୋ କଥା ମୋ କାହାଣୀ' ଲେଖି ବିଶ୍ୱ ରେକର୍ଡ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)



ଓଡ଼ିଶାର ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନେ ସାହିତ୍ୟ ସୃଜନୀ କ୍ଲବ ମାଧ୍ୟମରେ 'ମୋ କଥା ମୋ କାହାଣୀ' ପୁସ୍ତକ ରଚନା କରିଥିଲେ। ଶୁକ୍ରବାର ସେମାନେ ଏହି ପୁସ୍ତକର ତଥ୍ୟକୁ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଏକ ଘଣ୍ଟା ମଧ୍ୟରେ ଅପ୍‌ଲୋଡ୍ କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଛାତ୍ରୀଛାତ୍ରଙ୍କ ଭାଷା ସାହିତ୍ୟ ଓ ସୃଜନଶୀଳତାର ବିକାଶ ପାଇଁ ସାହିତ୍ୟ ସୃଜନୀ ଶିକ୍ଷାର୍ଥୀ କ୍ଲବ ମାଧ୍ୟମରେ ବିଦ୍ୟାଳୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୃଜନାତ୍ମକ ଗଳ୍ପ ଏବଂ କବିତା ଆଦି ରଚନା କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ଏହି ପୁସ୍ତକର ତଥ୍ୟକୁ ଫେସ୍‌ବୁକରେ ଅପଲୋଡ୍ କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି। ମାତ୍ର ଏକ ଘଣ୍ଟା ମଧ୍ୟରେ ପୂର୍ବ ରେକର୍ଡଠାରୁ ୪ଗୁଣା ଅଧିକ ସଂଖ୍ୟାରେ ଏହି ରଚନା ଅପ୍‌ଲୋଡ୍ ହୋଇଛି। ଏହି ଅପ୍‌ଲୋଡ୍ ପ୍ରକ୍ରିୟା ମାତ୍ରାଧିକ ଥିବା କାରଣରୁ ଫେସ୍‌ବୁକ ପେଜରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଏହି ବୈଷୟିକ ତ୍ରୁଟି କାରଣରୁ ସମ୍ପୂର୍ଣ୍ଣ ଠିକ ତଥ୍ୟ ହସ୍ତଗତ ହୋଇପାରି ନ ଥିଲା। ମାତ୍ର ସର୍ବନିମ୍ନ ସଂଖ୍ୟାକୁ ବିବେଚନା କରି ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡର ଅଧିକାରୀ ଏହି ରେକର୍ଡ ଘୋଷଣା କରିଥିଲେ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି ରେକର୍ଡ ସୃଷ୍ଟି କରାଯାଇପାରିଛି। ପୂର୍ବରୁ ୫୪୦୮ଟି ପୁସ୍ତକର ତଥ୍ୟ ୨୦୨୧ ନଭେମ୍ବର ୧ରେ ଅନଲାଇନରେ ଅପ୍‌ଲୋଡ କରି 'ନମାମି ଗଙ୍ଗେ' ଏହି ରେକର୍ଡ ସୃଷ୍ଟି କରିଥିବା ବେଳେ ଓଡ଼ିଶାର ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଉଦ୍ୟମରେ ଏହି ରେକର୍ଡ ଭାଙ୍ଗିବାରେ ସକ୍ଷମ ହୋଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଶ୍ୱ ଦେଖିବ ପ୍ରଥମ ଓଡ଼ିଆ ...

ସମ୍ବର୍ଦ୍ଧନା ଦିଆଯିବ। ଉଦ୍‌ଯାପନୀ ଦିବସରେ ପ୍ରଫେସର ଆର୍ଲୋଗ୍ରିଫିଥ୍‌ସ ଓ ପ୍ରଫେସର ଆଣ୍ଟେସ୍କିମେଡିଚେନ୍ ଉପସ୍ଥିତ ରହିବେ। '୨୦୩୬ରେ ଓଡ଼ିଶା:ନବଦିଗନ୍ତର ସମ୍ଭାବନା', 'ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଓଡ଼ିଆ ଭାଷା: ସୁଯୋଗ ଓ ଭବିଷ୍ୟତ', 'ସଂସ୍କୃତି ଓ ଐତିହ୍ୟ: ରାଜ୍ୟର ସୂକ୍ଷ୍ମଶକ୍ତି', 'ବିଜ୍ଞାନ କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗ ଓ ଭାଷାରୁ ଅନ୍ୟ ଭାଷା ଏବଂ ଅନ୍ୟ ଭାଷାରୁ ଓଡ଼ିଆ ଭାଷା ଅନୁବାଦ' ଆଦି ଶୀର୍ଷକରେ ୩ଦିନ ବ୍ୟାପୀ ଆଲୋଚନା କରାଯିବ। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ସହ ଲୋକକଳା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଦିବାସୀ ନୃତ୍ୟକଳା ସମେତ ଅନ୍ୟାନ୍ୟ ପାରମ୍ପରିକ ନୃତ୍ୟ ପରିବେଷିଣ ହେବ।

ଜନତା ମଇଦାନକୁ ସଂଗ୍ରହାଳୟ ଭାବେ ସୁସଜ୍ଜିତ କରାଯାଇଛି। ଓଡ଼ିଆ ବର୍ଣ୍ଣମାଳାକୁ ବେଶ୍ ସୁନ୍ଦର ଭାବେ ଏଠାରେ ସ୍ଥାନିତ କରାଯାଇଛି। ଏକ ପୂର୍ଣ୍ଣାଙ୍ଗ 'କୋଣାର୍କ ଅଶ୍ୱ' ପ୍ରତିମୂର୍ତ୍ତିକୁ ପ୍ରତୀକ ଭାବରେ କେନ୍ଦ୍ରୀୟ ସ୍ଥଳରେ ସ୍ଥାନିତ କରାଯିବ। ସମ୍ମିଳନୀରେ ଭାଷା, ସାହିତ୍ୟ, ସଂସ୍କୃତି ଓ ନୌବାଣିଜ୍ୟ ପରମ୍ପରା ସହ ଜନଜାତି ସମ୍ପର୍କିତ ପ୍ରଦର୍ଶନୀ ରହିବ। ଏହି ପ୍ରଦର୍ଶନୀରେ ଓଡ଼ିଆ ଭାଷା ଏବଂ ଲିପିର ଉତ୍ପତ୍ତି ଓ ବିବର୍ତ୍ତନ, ପ୍ରାଚୀନ ପ୍ରସ୍ତର ଅଭିଲେଖ, ତାମ୍ରଫଳକ, ତାଳପତ୍ର ପୋଥି, କଳିଙ୍ଗଶୈଳୀର ମନ୍ଦିର ସ୍ଥାପତ୍ୟ, ଓ ନୌବାଣିଜ୍ୟ ସମ୍ପର୍କିତ କଳାକୃତିଗୁଡିକ ସୁଦୃଶ୍ୟ ଚିତ୍ରପଟ ମାଧ୍ୟମରେ ପ୍ରଦର୍ଶିତ ହେବ। ପ୍ରିଣ୍ଟିଂ ପ୍ରେସ୍‌ର ଆଗମନ ଏବଂ ଓଡ଼ିଆ ଭାଷାର ପ୍ରସାରରେ ଏହାର ପ୍ରଭାବ ଉପଯୁକ୍ତ କଳାକୃତି ଏବଂ ଫଟୋ ସହିତ ସମସାମୟିକ ଖବରକାଗଜ, ପତ୍ରପତ୍ରିକା ଏବଂ ଆଧୁନିକ ଚିନ୍ତାନାୟକମାନଙ୍କର ଭାବଧାରା ମଧ୍ୟ ପ୍ରଦର୍ଶିତ ହେବ। ଅତୀତର କୃତବିଦ୍ୟ ସାଧକମାନଙ୍କର ଅବଦାନକୁ ସ୍ମରଣକରି ତାଙ୍କର ପ୍ରତିମୂର୍ତ୍ତି ଓ ତୈଳଚିତ୍ର ପ୍ରଦର୍ଶିତ କରାଯାଉଛି। ବିଶିଷ୍ଟ ବ୍ୟକ୍ତିବିଶେଷଙ୍କର ଓଡ଼ିଆ ଦସ୍ତଖତ ପ୍ରଦର୍ଶିତ ହେବ। ସମ୍ମିଳନୀରେ ଆଦିକବି ସାରଳା ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ନାମିତ ଚାରୋଟି କକ୍ଷରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ସମ୍ପାନରେ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଆଲୋଚନା ଅନୁଷ୍ଠିତ ହେବ।

ଏହି ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ ପୂର୍ବାହ୍ନ ୧୧ଟା ୩୦ରେ ରାଜ୍ୟ ତଥା ଦେଶବିଦେଶରେ ରହୁଥିବା ଓଡ଼ିଆ ଭଉଣୀଭାଇମାନେ ଏକକାଳୀନ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିବେ। ଯାହା ଏକ ନିଆରା ପରିବେଶ ସୃଷ୍ଟି କରିବ। ପ୍ରଦର୍ଶନୀକୁ ପିଲାମାନଙ୍କ ପାଇଁ ଅଧିକ ଚଳଚଞ୍ଚଳ କରିବାକୁ ଡାକ ପ୍ରକୋଷ୍ଠ ଏବଂ ସୂଚନା ଫଳକ ପ୍ରଦର୍ଶିତ ହେବ। ସମ୍ମିଳନୀ ସହ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ପ୍ରୟାସ ମଧ୍ୟ କରାଯାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜନ ହେଉଥିବାରୁ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଉଛି । ଏପରି କି ଅନଲାଇନ ମାଧ୍ୟମରେ ବହୁ ପ୍ରବାସୀ ଭାଗ ନେବେ । ପ୍ରାୟ ୧୩ ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ ଅନଲାଇନ ମାଧ୍ୟମରେ ଯୋଡ଼ିବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ଭାଷା, ସଂସ୍କୃତିକୁ ମନୋରଞ୍ଜନ ମାଧ୍ୟମରେ ପହଞ୍ଚାଇବା ପାଇଁ ଭୁବନେଶ୍ୱରରେ ଏକାମ୍ର ଉତ୍ସବ ଆରମ୍ଭ ହେଉଛି। ଯେଉଁଠି କାହାଣୀ, ସଙ୍ଗୀତ, ନୃତ୍ୟ, ଓଡ଼ିଶାର କାରିଗରିକୁ ନେଇ କାର୍ଯ୍ୟକ୍ରମ ରହିଛି।

### ଚକ୍ରଧାରୀ ଶରଣ ସିଂ ...

ଶୁଭାଶିଷ ତାଳପତ୍ରଙ୍କ ଅବସର ପରେ ମୁଖ୍ୟ ବିଚାରପତି ପଦବୀ ଖାଲି ପଡ଼ିଥିଲା। ଜଷ୍ଟିସ୍ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ନିଯୁକ୍ତ କରିବା ଲାଗି ସୁପ୍ରିମକୋର୍ଟ କଲେଜିୟମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ଜଷ୍ଟିସ୍ ସିଂ ୧୯୯୦ରେ ପାଟନା ହାଇକୋର୍ଟ ବାର୍‌ରେ ନିଜକୁ ପଞ୍ଜୀକୃତ କରିବା ପରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୨୦୧୨ ଏପ୍ରିଲ ୫ରେ ସେ ପାଟନା ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିଲେ। ଏଥିସହିତ ସେ ବିହାରର ଅତିରିକ୍ତ ଆଡଭୋକେଟ ଜେନେରାଲ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ସମେତ ଆଲ୍ଲାହାବାଦ, ମେଘାଳୟ, ଗୌହାଟୀ, ଉତ୍ତରାଖଣ୍ଡ, ରାଜସ୍ଥାନ ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ଶୁକ୍ରବାର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମହାରାଷ୍ଟ୍ର ହାଇକୋର୍ଟ ବିଚାରପତି ଏସ୍. ବୈଦ୍ୟନାଥଙ୍କୁ ମେଘାଳୟ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିବାବେଳେ ରାଜସ୍ଥାନ ହାଇକୋର୍ଟର ବିଚାରପତି ଅରୁଣ ଭଁସାଲିଙ୍କୁ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି। ସେହିପରି ରାଜସ୍ଥାନ ହାଇକୋର୍ଟର ବିଚାରପତି ବିଜୟ ବିଷ୍ଣୋଇଙ୍କୁ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ରିତୁ ବାହରିଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିବାବେଳେ ରାଜସ୍ଥାନ ହାଇକୋର୍ଟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କୁ ଉକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି। ସେହିପରି ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଗୁରମିତ ସିଂ ସନ୍ଧୱାଲିଆଙ୍କୁ ଉକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି।

# ପ୍ରସ୍ତୁତି ନେଇ ଧର୍ମେନ୍ଦ୍ରଙ୍କ ସମୀକ୍ଷା



ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।

ଭୁବନେଶ୍ୱର/ସମ୍ବଲପୁର,୨।୨ (ସୁନିତ୍ ମିଶ୍ର/ଭବାନୀଶଙ୍କର ଭୋଇ)

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଏମ୍, ସମ୍ବଲପୁର ଓ ସମ୍ବଲପୁର ରେମେଡ୍ ପଡ଼ିଆଠାରେ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ପ୍ରଶାସନ, କର୍ତ୍ତୃପକ୍ଷ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ସମ୍ବଲପୁର ରେମେଡ୍ ଛକ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ 'ବିଶାଳ ଗ୍ୟାରେଣ୍ଟି ସମାବେଶ'ରେ ଯୋଗଦେବେ। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୬୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଏବଂ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଏହାର ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶୁକ୍ରବାର ପ୍ରଥମେ ଆଇଆଇଏମ୍ ଗସ୍ତକରି ସ୍ଥାନୀୟ ପ୍ରଶାସନ ଓ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସହ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଛନ୍ତି, ଗତ ୩ବର୍ଷ ତଳେ କୋଭିଡ୍ ସମୟରେ ପ୍ରଧାନମନ୍ତ୍ରୀ ନିଜେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଇଆଇଏମ୍, ସମ୍ବଲପୁରର ନୂତନ କ୍ୟାମ୍ପସ୍ ଶିଳାନ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ ସବୁବେଳେ କୁହନ୍ତି, ଯେଉଁ ପ୍ରକଳ୍ପକୁ ଆମ ସରକାର ଆରମ୍ଭ କରେ, ତାକୁ ଲୋକାର୍ପଣ ମଧ୍ୟ କରେ। ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟରେ ଆଇଆଇଏମ୍,ସମ୍ବଲପୁର କ୍ୟାମ୍ପସ୍‌ର ଭବନର ଲୋକାର୍ପଣ ହେବ। ଗତ ୧୦ ବର୍ଷରେ ଏହି ଅନୁଷ୍ଠାନ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ନିଜର ମାନ୍ୟତାକୁ ଉପଲବ୍ଧି କରିପାରିଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବଲପୁର ରେଳ ଷ୍ଟେଶନର ନବୀକରଣର ଶୁଭ ଦିଆଯିବା ସହ ଅନେକ ରେଳୱେ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବ। ଏନ୍‌ଟିପିସି ସହ ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାରମ୍ଭ କରାଯିବ। ଜାତୀୟ ରାଜପଥ ପ୍ରକଳ୍ପ ସହ ଗ୍ୟାସ୍ ପାଇପଲାଇନ ପ୍ରକଳ୍ପର ଲୋକାର୍ପଣ ଓ ଶୁଭାରମ୍ଭ ହେବ। ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା କାର୍ଯ୍ୟକ୍ରମ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ କେନ୍ଦ୍ରର ଅନ୍ତରୀଣ ବଜେଟ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀ ମା' ସମଲେଶ୍ୱରୀଙ୍କ ମାଟିରେ ପ୍ରଥମ ଜନସଭାକୁ ସମ୍ବୋଧିତ କରିବାକୁ ଯାଉଛନ୍ତି, ଯାହା ସମସ୍ତଙ୍କ ପାଇଁ ଗୌରବର ବିଷୟ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସମ୍ବଲପୁର ସମେତ ରାଜ୍ୟବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଦେଇଛି।

### ଆଜି ଆସୁଛନ୍ତି ...

ମୋଦି ହେଲିକପ୍ଟରରେ ଆସି ଆଇଆଇଏମ୍‌ର ନବନିର୍ମିତ କ୍ୟାମ୍ପସ୍ ହେଲିପ୍ୟାଡ୍‌ରେ ଅବତରଣ କରି ପ୍ରଥମେ ଆଇଆଇଏମ୍ କ୍ୟାମ୍ପସ୍‌କୁ ଲୋକାର୍ପଣ କରିବେ। ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଅନ୍ୟ ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକ ଉପସ୍ଥିତ ରହିବେ। ମୋଦିଙ୍କ ଗସ୍ତ ପାଇଁ ସମ୍ବଲପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୂର୍ବାହ୍ନରେ ସମ୍ବଲପୁରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଏମ୍ ସହ ରେମେଡ ପଡ଼ିଆକୁ ଯାଇ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ସେହିପରି ଜିଲା ପୋଲିସ ପକ୍ଷରୁ ରେମେଡ ପଡ଼ିଆରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ଉପସ୍ଥିତିରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା। ପରେ ଅଧିକାରୀମାନେ ଆଇଆଇଏମ୍ ଗସ୍ତ କରି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ପାଇଁ ରେଞ୍ଜ ଆଇଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ଜଣ ଆରକ୍ଷୀ ଅଧୀକ୍ଷକ, ୭ ଜଣ କମାଣ୍ଡାଣ୍ଟ ଓ ୨୫୦ରୁ ଅଧିକ ପୋଲିସ ଅଧିକାରୀଙ୍କ ସହ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ଏହାସହ ରେମେଡ ପଡ଼ିଆ ରାସ୍ତାରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯିବା ସହ ବିଭିନ୍ନ ରାସ୍ତାକୁ ସିଲ୍ କରାଯିବ। ରେମେଡ ପଡ଼ିଆର ଚତୁର୍ଦ୍ଦିଗରେ ଏସ୍‌ଓଜି ଯବାନ ମୁତୟନ ରହି ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବେ ବୋଲି ସେ କହିଛନ୍ତି।

# ଅଷ୍ଟ୍ରେଲିଆର ବୃହତ୍ ବିଜୟ

ମେଲବୋର୍ନ, ୨।୨ (ଏପି)

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଅଷ୍ଟ୍ରେଲିଆ ୬୯ବଲ୍ ବାକି ଥାଇ ୮ଉଇକେଟରେ ଜିତି ନେଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ତରଫରୁ ଫାଷ୍ଟ ବୋଲର ଜାଭିଏର ବାର୍ଟଲେଟ୍ ତାଙ୍କ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣରେ ମାତ୍ର ୧୭ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ଏବଂ କୋଭିଡ୍ ପଜିଟିଭ ଫଳାଫଳ ଆସିବା ପୂର୍ବରୁ ଜୋଶ ଇଂଲିଶଙ୍କ ୪୩ ବଲରୁ ୬୫ ରନ ସଂଗ୍ରହ ସବୁଠାରୁ ଉଲ୍ଲେଖନୀୟ ଘଟଣା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୪୮.୪ ଓଭରରେ ୨୩୧ ରନ କରିଥିଲା। ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭେନ ସ୍ମିଥ୍ (୭୯*) ଏବଂ କାମେରନ ଗ୍ରୀନ୍ (୭୭*)ଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ୩୮.୩ ଓଭରରେ ୨ ଉଇକେଟ ବିନିମୟରେ ୨୩୨ ରନ କରି ମ୍ୟାଚ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ଇନିଂସ: ୪୮.୪ ଓଭରରେ ୨୩୧/ଅଲଆଉଟ (କିଆସି କାର୍ଟି-୮୮, ରୋଷ୍ଟନ ଚେଜ୍-୫୯ ; ଜାଭିଏର ବାର୍ଟଲେଟ-୪/୧୭, କାମେରନ ଗ୍ରୀନ-୨/୪୦, ସିନ୍ ଆବଟ-୨/୪୨)। ଅଷ୍ଟ୍ରେଲିଆ ଇନିଂସ: ୩୮.୩ ଓଭରରେ ୨୩୨/୨ (କାମେରନ ଗ୍ରୀନ୍-୭୭*, ଷ୍ଟିଭେନ ସ୍ମିଥ୍-୭୯*, ଜୋସ ଇଂଲିଶ-୬୯ ; ମାଥ୍ୟୁ ଫୋର୍ଡ-୧/୩୭)।

# ଯଶସ୍ୱୀଙ୍କ ଯାଦୁ



■ ୧୭୯* ରନର ଶ୍ରେଷ୍ଠ ଇନିଂସ ଖେଳିଲେ ଜୟସ୍ୱାଲ

■ ପ୍ରଥମ ଦିବସରେ ଭାରତ ୩୩୬/୬

ବିଶାଖାପାଟଣା, ୨।୨

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଶୁକ୍ରବାର ସ୍ଥାନୀୟ ୱାଇ.ଏସ୍. ରାଜଶେଖର ରେଡ୍ଡୀ ଏସିଏ-ଭିଡିସିଏ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ନିଜ ବ୍ୟାଟିଂ ଯାଦୁ ଦେଖାଇଛନ୍ତି ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ। ଅନ୍ୟ ଭାରତୀୟ ବ୍ୟାଟରମାନେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରିବାରେ ସଂଘର୍ଷ କରୁଥିବାବେଳେ କ୍ୟାରିୟର ଶ୍ରେଷ୍ଠ ୧୭୯ ରନରେ ଅପରାଜିତ ରହି ଭାରତୀୟ ଇନିଂସକୁ ଯଶସ୍ୱୀ କରିଛନ୍ତି ଜୟସ୍ୱାଲ। ପୂର୍ବରୁ ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୧୭୧ ରନ। ଗତବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ଏହା ହାସଲ କରିଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଭାରତ ୬ ଉଇକେଟ ହରାଇ ୩୩୬ ରନ ସଂଗ୍ରହ କରିଛି। ଏହି ମ୍ୟାଚରେ ରଜତ ପଟିଦାର ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି। ଇଂଲଣ୍ଡର ଡାହାଣହାତୀ ସ୍ପିନର ଶୋଏବ ବଶିର ମଧ୍ୟ ଏଠାରେ ପ୍ରଥମ ଟେଷ୍ଟ ଖେଳିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଧିନାୟକ ରୋହିତ ଶର୍ମା। ଦଳର ଆରମ୍ଭ ବେଶ୍ ଭଲ ହୋଇଥିଲା। ତେବେ ଓପନିଂ ଯୋଡ଼ିରେ ୪୦ ରନ ସଂଗ୍ରହ ପରେ ରୋହିତ ବ୍ୟକ୍ତିଗତ ୧୪ ରନକରି ଆଉଟ ହୋଇ ଯାଇଥିଲେ। କ୍ୟାରିୟର ଆରମ୍ଭ କରିଥିବା ବଶିରଙ୍କ ପ୍ରଥମ ଟେଷ୍ଟ ଶିକାର ହୋଇଥିଲେ ରୋହିତ। ଜୟସ୍ୱାଲଙ୍କୁ ଛାଡ଼ିଦେଲେ ଟପ୍ ଅର୍ଡରର ଅନ୍ୟ ସମସ୍ତ ଭାରତୀୟ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତେବେ ସେମାନଙ୍କ ସହ ଉପଯୋଗୀ ପାର୍ଟନରଶିପ୍ ଗଢ଼ି ଜୟସ୍ୱାଲ ଇନିଂସକୁ ଆଗେଇ ନେଇଥିଲେ। ସେ ଦ୍ୱିତୀୟ ଉଇକେଟରେ ଶୁବମନ ଗିଲ୍‌ଙ୍କ ସହ ୪୯, ତୃତୀୟ ଉଇକେଟରେ ଶ୍ରେୟସ ଆୟରଙ୍କ ସହ ୯୦, ଚତୁର୍ଥ ଉଇକେଟରେ ରଜତ ପଟିଦାରଙ୍କ ସହ ୭୦, ପଞ୍ଚମ ଉଇକେଟରେ ଅକ୍ଷର ପଟେଲଙ୍କ ସହ ୫୨ ଓ ୬ଷ୍ଠ ଉଇକେଟରେ ଉଇକେଟକିପର ଶ୍ରୀକର ଭରତଙ୍କ ସହ ୨୯ ରନର ଭାଗୀଦାରି ଗଢ଼ିଥିଲେ। ଗିଲ୍ ୩୪, ଆୟର ୨୭, ପଟିଦାର ନିଜ ଜୀବନର ପ୍ରଥମ ଟେଷ୍ଟ ଇନିଂସରେ ୩୨, ଅକ୍ଷର ପଟେଲ ୨୭ ଓ ଭରତ ୧୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ୨୨ ବର୍ଷୀୟ ଜୟସ୍ୱାଲ କିନ୍ତୁ ଲଢୁଆ ପ୍ରଦର୍ଶନ କରି କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ ପୂରଣ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସେ ୨୫୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୭୯ ରନରେ ଅପରାଜିତ ରହିଥିଲେ। ଏହା ମଧ୍ୟରେ ୧୭ ଚୌକା ଓ ୫ ଛକା ସାମିଲ। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ଓ ରେହନ ଅହମଦ ୨ଟି ଲେଖାଏ ଏବଂ ଜେମ୍ସ ଆଣ୍ଡରସନ ଓ ଟିମ୍ ହାର୍ଟଲେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସିରିଜରେ ୦-୧ରେ ପଛୁଆ ଥିବାରୁ ଭାରତକୁ ଅତିକମ୍‌ରେ ୫୦୦ ରନକରି ଇଂଲଣ୍ଡ ଉପରେ ଚାପ ପ୍ରୟୋଗ କରିବାର ଅଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ (୯୩ ଓଭର): ୩୩୬/୬ (ଯଶସ୍ୱୀ ଜୟସ୍ୱାଲ-୧୭୯*, ଶୁବମନ ଗିଲ୍-୩୪, ରଜତ ପଟିଦାର-୩୨, ଶୋଏବ ବଶିର-୨/୧୦୦, ରେହନ ଅହମଦ-୨/୬୧, ଜେମ୍ସ ଆଣ୍ଡରସନ-୧/୩୦, ଟିମ୍ ହାର୍ଟଲେ-୧/୭୪)।

# ପୋଦ୍ଦାର ୮୦*, ଓଡ଼ିଶା ୨୩୦/୪

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ଓଡ଼ିଶା ଓ ପୁଡୁଚେରୀ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଶୁକ୍ରବାର କଟକର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ୪ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଛି। ଦୁଇ ଅଭିଜ୍ଞ ଖେଳାଳି ଗୋବିନ୍ଦ ପୋଦ୍ଦାର ୮୦ ଓ ବିପ୍ଳବ ସାମନ୍ତରାୟ ୪୧ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ପୁଡୁଚେରୀ ଅଧିନାୟକ ଅରୁଣ କାର୍ତ୍ତିକ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅନୁରାଗ ଷଡ଼ଙ୍ଗୀ ମାତ୍ର ୮ ରନରେ ଆଉଟ ହେବାରୁ ଓଡ଼ିଶା ଯଦିଓ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ତେବେ ଅଧିନାୟକ ଶାନ୍ତନୁ ମିଶ୍ର ଓ ପୂର୍ବ ମ୍ୟାଚରେ ଶତକ ହାସଲକାରୀ ସନ୍ଦିପ ପଟ୍ଟନାୟକ ଇନିଂସ ସମ୍ଭାଳି ନେଇଥିଲେ। ଭଲ ଆରମ୍ଭ କରିଥିଲେ ହେଁ ଶାନ୍ତନୁ ଓ ସନ୍ଦିପ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଶାନ୍ତନୁ ୪୦ ଓ ସନ୍ଦିପ ୪୪ ରନ କରି ଆଉଟ ହୋଇଥିଲେ। ଶୁଭ୍ରାଂଶୁ ସେନାପତି ମଧ୍ୟ ମାତ୍ର ୮ ରନର ଯୋଗଦାନ ଦେଇ ପାରିଥିଲେ। ଫଳରେ ୪୫.୩ ଓଭର ବେଳକୁ ଓଡ଼ିଶା ସ୍କୋର ୧୧୨/୪ ହୋଇ ଯାଇଥିଲା। ତେବେ ଦୁଇ ଭେଟେରାନ ଖେଳାଳି ପୋଦ୍ଦାର ଓ ବିପ୍ଳବ ସତର୍କତାର ସହ ବ୍ୟାଟିଂ କରି ଅସମାପ୍ତ ୫ମ ଉଇକେଟରେ ଶତକୀୟ ଭାଗୀଦାରି (୧୧୮ ରନ) ଗଢ଼ି ଓଡ଼ିଶାକୁ ଏକ ସମ୍ମାନଜନକ ସ୍କୋର ଦିଗରେ ଆଗେଇ ନେଇଛନ୍ତି। ଷ୍ଟମ୍ପ ବେଳକୁ ପୋଦ୍ଦାର ୧୨୯ ବଲ୍‌ରୁ ୮୦ (୯ ଚୌକା) ଓ ଅପେକ୍ଷାକୃତ ଧୀମା ଖେଳିଥିବା ବିପ୍ଳବ ୧୨୩ ବଲ୍‌ରୁ ୪୧ (୨ ଚୌକା) ଅପରାଜିତ ରହିଛନ୍ତି। ପୁଡୁଚେରୀ ପକ୍ଷରୁ ଗୌରବ ଯାଦବ ୨ଟି ଏବଂ ରବି ଯାଦବ ଓ ସୌରଭ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶଟ୍ ଖେଳିବା ଅବସରରେ ଗୋବିନ୍ଦ ପୋଦ୍ଦାର।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ (୮୭ ଓଭର): ୨୩୦/୪ (ଗୋବିନ୍ଦ ପୋଦ୍ଦାର-୮୦*, ସନ୍ଦିପ ପଟ୍ଟନାୟକ-୪୪, ବିପ୍ଳବ ସାମନ୍ତରାୟ-୪୧, ଶାନ୍ତନୁ ମିଶ୍ର-୪୦, ଗୌରବ ଯାଦବ-୨/୬୪, ରବି ଯାଦବ-୧/୩୦, ସୌରଭ ଯାଦବ-୧/୪୦)।

# କେରଳ ବ୍ଲାଷ୍ଟର୍ସଙ୍କୁ ହରାଇଲା ଓଏଫ୍‌ସି



ଗୋଲ୍ ଦେବା ପରେ ଉଲ୍ଲସିତ ରୟ କ୍ରିଷ୍ଣା (ମଝି)।

**ଇଣ୍ଡିଆନ ସୁପର ଲିଗ୍**

**ରୟ୍ କ୍ରିଷ୍ଣାଙ୍କ ଡବଲ ଗୋଲ**

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସଙ୍କୁ ପରାସ୍ତ କରିଛି। ଏକଦା ୦-୧ରେ ପଛୁଆ ରହିଥିବା ଓଏଫ୍‌ସି ଦ୍ୱିତୀୟାର୍ଦ୍ଧରେ ୪ ମିନିଟ ବ୍ୟବଧାନରେ ରୟ କ୍ରିଷ୍ଣାଙ୍କ ଡବଲ ଗୋଲ ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଟୁର୍ନାମେଣ୍ଟର ପ୍ରଥମ ଚରଣରେ କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କେରଳ ଦଳ ୨-୧ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଦ୍ୱିତୀୟ ଚରଣରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ସମାନ ବ୍ୟବଧାନରେ ବିଜୟୀ ହୋଇ ଘରୋଇ ଦଳ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚର ୧୧ତମ ମିନିଟରେ ଡିମିଟ୍ରୋସ ଡିମାଣ୍ଟାକୋସ ଏକ ଗୋଲ ଦେଇ କେରଳ ବ୍ଲାଷ୍ଟର୍ସଙ୍କୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ବ୍ଲାଷ୍ଟର୍ସ ୧-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ ଓଡ଼ିଶା ଏଫ୍‌ସି ଆକ୍ରମଣକୁ ଜୋରଦାର କରିଥିଲା। ପୂର୍ବରୁ ଅନେକ ମ୍ୟାଚ ବିଜୟର ସ୍ୱାଦ ଚଖାଇଥିବା ରୟ କ୍ରିଷ୍ଣା ଏଠାରେ ମଧ୍ୟ ତ୍ରାଣକର୍ତ୍ତା ସାଜିଥିଲେ। ସେ ୫୩ତମ ମିନିଟରେ ଗୋଲଟି ପରିଶୋଧ କରିଥିବାବେଳେ ୫୭ତମ ମିନିଟରେ ବ୍ୟକ୍ତିଗତ ଓ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରି ଓଡ଼ିଶା ଏଫ୍‌ସିକୁ ଅଗ୍ରଣୀ କରିଥିଲେ। ଶେଷ ପର୍ଯ୍ୟନ୍ତ ଏହି ସ୍କୋର ଲାଇନ୍ ବଳବତ୍ତର ରହିଥିଲା। ବ୍ଲାଷ୍ଟର୍ସ ଦଳ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଓଏଫ୍‌ସି ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ଓଡ଼ିଶା ଏଫ୍‌ସି ୧୩ ମ୍ୟାଚରୁ ୮ ବିଜୟ ସହିତ ୨୭ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପୂର୍ବ ମ୍ୟାଚ ପର୍ଯ୍ୟନ୍ତ ଟେବୁଲ ଟପ୍ପର ଥିବା କେରଳ ବ୍ଲାଷ୍ଟର୍ସ ୧୩ ମ୍ୟାଚରୁ ୨୬ ପଏଣ୍ଟରେ ସ୍ଥିର ରହି ତୃତୀୟ ସ୍ଥାନକୁ ଖସିଛି। ଗୋଆ ଦଳ ୧୧ ମ୍ୟାଚରୁ ୨୭ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏହାକୁ ମିଶାଇ ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ମୋଟ ୨୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଓଡ଼ିଶା ଏଫ୍‌ସି ୯ଟି ଜିତିଥିବାବେଳେ କେରଳ ବ୍ଲାଷ୍ଟର୍ସ ୭ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୭ ମ୍ୟାଚ ଡ୍ର ରହିଛି।

# ଭୁଟାନକୁ ୧୦-୦ରେ ହରାଇଲା ଭାରତ

**ଢାକା, ୨।୨(ପି.ଟି.):** ଭୁଟାନକୁ ୧୦-୦ ଗୋଲ୍‌ରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ପୂଜାଙ୍କ ୪ ଗୋଲ୍ ଉଲ୍ଲେଖନୀୟ। ପୂଜା ୩୧ତମ, ୫୮ତମ, ୬୯ତମ ଏବଂ ୯୦+୪ ମିନିଟରେ ଗୋଲ୍ ସ୍କୋର କରିଥିବା ବେଳେ ଶିବାନୀ ଦେବୀ (୮ମ, ୧୯ତମ ଓ ୩୬ତମ) ପ୍ରଥମାର୍ଦ୍ଧରେ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିଲେ। ଷ୍ଟ୍ରାଇକର ସୁଲଞ୍ଜନା ରାଉଳ (୫୩ତମ), ମେନକା ଲୋରେମବାମ୍ (୬୧ତମ) ଏବଂ ଆରିନା ଦେବୀ (୭୩ତମ) ଆଉ ତିନୋଟି ଗୋଲ୍ ସ୍କୋର କରିଥିଲେ। ଶୁକ୍ରବାର ଗୋଲ୍‌କିପର ଅନିକା ଦେବୀ ଓ ଆରିନା ସେମାନଙ୍କ ଜୁନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଭାରତ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳିବ। ସୂଚନାଯୋଗ୍ୟ, ଓଡ଼ିଶାର ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ଭାରତୀୟ ଦଳର ସହକାରୀ କୋଚ୍ ଅଛନ୍ତି।



# ଭୁବନେଶ୍ୱରରେ ମହିଳା ଫୁଟ୍‌ବଲ କ୍ୟାମ୍ପ

**୧୦ରୁ ଆରମ୍ଭହୋଇ ୧ ସପ୍ତାହ ଚାଲିବ**

ନୂଆଦିଲ୍ଲୀ, ୨।୨(ପି.ଟି.)

ଫେବୃଆରୀ ୨୧ରୁ ୨୭ ପର୍ଯ୍ୟନ୍ତ ଆଲାନ୍ୟାଠାରେ ତୁର୍କୀଶ ମହିଳା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ହେବ। ଏଥିରେ ଭାରତର ସିନିୟର ମହିଳା ଫୁଟ୍‌ବଲ ଦଳ ଅଂଶଗ୍ରହଣ କରିବ। ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାଗ ନେଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଇସ୍ତୋନିଆ, କୋସୋଭୋ ଓ ହଂକଂ। ଏଥିଲାଗି ପ୍ରସ୍ତୁତି ପାଇଁ ନୂଆ ମୁଖ୍ୟ କୋଚ୍ ଲାଙ୍ଗାମ ଚାଓବା ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର କ୍ୟାମ୍ପ ଚଳିତ ମାସ ୧୦ ତାରିଖରୁ ଏକ ସପ୍ତାହ ଧରି ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବେ। ରାଉଣ୍ଡର ରବିନ ପର୍ଯ୍ୟାୟ ଖେଳ ଶେଷରେ ଟେବୁଲ ଟପ୍ପରକୁ ଚାମ୍ପିୟନ ଘୋଷଣା କରାଯିବ। ଟୁର୍ନାମେଣ୍ଟରେ ଭାରତ ଫେବୃଆରୀ ୨୧ରେ ପ୍ରଥମେ ଇସ୍ତୋନିଆକୁ ଭେଟିବ। ପରେ ଦଳ ହଂକଂ (ଫେବୃଆରୀ ୨୪) ଓ କୋସୋଭୋ (ଫେବୃଆରୀ ୨୭) ସହ ମୁକାବିଲା କରିବ। ୨୦୧୯ ଓ ୨୦୨୧ ପରେ ଭାରତ ତୃତୀୟ ଥର ତୁର୍କୀଶ ମହିଳା କପ୍‌ରେ ଭାଗ ନେବାକୁ ଯାଉଛି। ଭୁବନେଶ୍ୱର କ୍ୟାମ୍ପ ପାଇଁ ୩୦ ଜଣିଆ ସମ୍ଭାବ୍ୟ ଦଳ ମନୋନୀତ କରାଯାଇଛି।

# ସାୟନ୍ତନ ଏକକ ଅଗ୍ରଣୀ

**ଭୁବନେଶ୍ୱର, ୧।୨ (ବିଜୟ ରଣା):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍‌ର ୮ମ ରାଉଣ୍ଡ ଖେଳ ଶୁକ୍ରବାର ଶେଷ ହୋଇଛି। ସାୟନ୍ତନ ଦାସ ୬.୫ପଏଣ୍ଟ ସହ ଏକକ ଅଗ୍ରଣୀ ଲାଭ କରିଥିବା ବେଳେ ଗ୍ରାଣ୍ଡମାଷ୍ଟର ବୋରିସ, ବିଗ୍ନେଶ ଭେମୁଲା, ସୋହମ କାମୋତ୍ରା, ଜିଏମ୍ ଦିପ୍ତାୟନ ଘୋଷ ଏବଂ ଆଇଏମ୍ ସମ୍ବିତ ପଣ୍ଡା ପ୍ରମୁଖ ୬ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସମ୍ବିତ ପଣ୍ଡା ଓ ସିଦ୍ଧାନ୍ତ ମହାପାତ୍ର ବିଜୟ ଲାଭ କରିଥିବା ବେଳେ ନିଲଶୁ ନିଜ ମ୍ୟାଚକୁ ଡ୍ର' ରଖିଥିଲେ। ଓମେନ ଇଣ୍ଟରନ୍ୟାଶନାଲ ମାଷ୍ଟର ସାଇନା ସାଲୋନିକା ଏବଂ ପ୍ରିୟଂଶ ଦାସ ସେମାନଙ୍କ ଗେମ୍‌ରେ ପରାଜୟ ବରଣ କରିଛନ୍ତି। ପ୍ରଥମ ବୋର୍ଡରେ ପ୍ରଭାବୀ ପ୍ରଦର୍ଶନ କରିଆସୁଥିବା ତେଲେଙ୍ଗାନାର ବିଗ୍ନେଶ ରେମୁଲାଙ୍କ ବିଜୟ ଧାରାଙ୍କୁ ଗ୍ରାଣ୍ଡମାଷ୍ଟର ସାୟନ୍ତନ ଦାସ ଭାଙ୍ଗି ଦେଇଥିଲେ।

# ଅସ୍ମିତା ସେମିରେ

ବ୍ୟାଙ୍କକ୍, ୨।୨ (ପି.ଟି.)

ଇଣ୍ଡୋନେସିଆର ଇଷ୍ଟର ନୁରୁମି ୱାର୍‌ଡୋୟୋଙ୍କୁ ହରାଇ ଭାରତର ଅସ୍ମିତା ଛଲିଆ ଥାଇଲାଣ୍ଡ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ସେମିରେ ପ୍ରବେଶ କରିଛନ୍ତି। ମିଥୁନ ମଞ୍ଜୁନାଥ ତାଙ୍କ ପୁରୁଷ ସିଙ୍ଗଲ୍ସ ଏବଂ ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ସେମାନଙ୍କ ମହିଳା ଡବଲ୍ସ କ୍ୱାର୍ଟରଫାଇନାଲରେ ପରାଜିତ ହୋଇଛନ୍ତି।

# ରାଜ୍ୟ ସିନିୟର କବାଡ଼ି ଉଦ୍‌ଘାଟିତ

**ପ୍ରେମାନନ୍ଦ ଶତପଥୀଙ୍କୁ ଓଡ଼ିଶା କବାଡି ରତ୍ନ ସମ୍ମାନ**

**ପୁରୁଷ ଓ ମହିଳାବର୍ଗରେ ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି**

କଟକ,୨।୨ (କାର୍ତ୍ତିକ ସାହୁ)

ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ୭୧ତମ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ (ପୁରୁଷ ଓ ମହିଳା) ଶୁକ୍ରବାରଠାରୁ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂହ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସଭାପତି ଡ. ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ କବାଡ଼ି ପ୍ରଶିକ୍ଷକ ପ୍ରେମାନନ୍ଦ ଶତପଥୀଙ୍କୁ ଓଡ଼ିଶା କବାଡ଼ି ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ମୁମ୍ବାଇସ୍ଥିତ ଆର୍‌ବିଏଲ୍ ବ୍ୟାଙ୍କର ସିନିୟର ଉପସଭାପତି ଅଙ୍କୁର ସିଂଗଲା, ଓଡ଼ିଶା କବାଡି ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ଅଜୟ କୁମାର ବେହେରା ଓ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଯୋଗଦେଇଥିଲେ। ରୁଚିର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କଟକ ଜିଲା ଆଥଲେଟିକ ଆସୋସିଏଶନ୍ ଓ ବାରବାଟୀ କବାଡ଼ି କ୍ଲବ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲା ଓ ବିଭିନ୍ନ ଅଫିସିଆଲ କ୍ରୀଡ଼ା ସଂଘ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗନେଇଛନ୍ତି। ଏଥିରେ ଓଡ଼ିଶା ପୋଲିସ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ହାଇଟେକ୍ ଗ୍ରୁପ୍ ଶିକ୍ଷାନୁଷ୍ଠାନ, କିଟ୍ ବିଶ୍ୱବିଦ୍ୟାଳୟ ଓ ପୂର୍ବତଟ ରେଲ୍‌ୱେର ଖେଳାଳିମାନଙ୍କ ସମେତ ୧୨୦ଜଣ ପ୍ରଶିକ୍ଷକ, ୮୦ ଜଣ ଅଫିସିଆଲ ଓ ବୈଷୟିକ ଅଧିକାରୀ ଯୋଗଦେଇଛନ୍ତି। ଏହି ଅବସରରେ ସମସ୍ତ କ୍ରୀଡ଼ାବିତ୍ ବାରବାଟୀ ଷ୍ଟାଡିୟମଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି ଉତ୍ସବସ୍ଥଳରେ ପହଞ୍ଚି ଥିଲେ।









କଟକରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟ ସିନିୟର କବାଡ଼ି ପ୍ରତିଯୋଗିତାର ପ୍ରଥମ ଦିବସରେ ବିଶିଷ୍ଟ ପ୍ରଶିକ୍ଷକ ପ୍ରେମାନନ୍ଦ ଶତପଥୀଙ୍କୁ ଓଡ଼ିଶା କବାଡ଼ି ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି। ଅଂଶଗ୍ରହଣ କରିଥିବା ବିଭିନ୍ନ ଜିଲାର ପ୍ରତିଯୋଗୀ। (ଫଟୋ: ରାଜକିଶୋର ମହାନ୍ତି)

# ଓଡ଼ିଆ ଭାଷା: ଦିଶା ୨୦୩୬



ଡ. ହୃଷୀକେଶ ମଲ୍ଲିକ

ଫେବୃଆରୀ ୩,୪ ଓ ୫ ତାରିଖରେ ତିନିଦିନ ଧରି ଅନୁଷ୍ଠିତ ହେଉଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଆୟୋଜକ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ମାତୃଭାଷା ଓଡ଼ିଆକୁ ନେଇ ସାରା ବିଶ୍ୱର ଓଡ଼ିଆ ନୂଆ ଆଶା, ଉଦ୍ଦୀପନାରେ ମାତି ଉଠିଛନ୍ତି। ଭାଷା ସୂତ୍ରରେ ୧୯୩୬ରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଜନ୍ମ। ୨୦୩୬ରେ ପାଳିତ ହେବ ଏହାର ଶତବାର୍ଷିକ ଉତ୍ସବ। ବାକି ଆଉ ୧୨ ବର୍ଷ। ଆମ ଭାଷା ଆମକୁ ବହୁ ପ୍ରତ୍ୟାଶା ନେଇ ଚାହିଁ ବସିଛି। ଆମେ ଯଦି ସତରେ ମନ କରିବା, ତେବେ ଏହି ୧୨ ବର୍ଷରେ ଆମ ଭାଷାର ନବକଳେବର କରି ବିଶ୍ୱ ବିଜୟର ମୁକୁଟ ପିନ୍ଧାଇ ପାରବା।

ଆମ ଭାଷାକୁ ନେଇ ଆମ ଆଗରେ ଅଛି ଯେଉଁସବୁ ଆହ୍ୱାନ, ସେ ଆହ୍ୱାନର ମୁକାବିଲା ଆମକୁ କରିବାକୁ ହେବ। ଆମକୁ ଆଗ ସ୍ପଷ୍ଟ ହେବାକୁ ହେବ ଯେ, ସାହିତ୍ୟ ଭାଷାର ସିନା ଗରିମା ବଢ଼ାଏ, ଭାଷାକୁ କିନ୍ତୁ ବଞ୍ଚାଇ ରଖନ୍ତି ଭାଷା ବ୍ୟବହାରକାରୀ। କାରବାରର ସବୁ ସ୍ତରରେ ଯଦି ଗୋଟିଏ ଭାଷା ବ୍ୟବହୃତ ହେଉଥାଏ, ତେବେ ସେ ଭାଷାକୁ କୁହାଯିବ ଜୀବନ୍ତ ଭାଷା। ୨୦୦୩ ମସିହାରେ ୟୁନେସ୍କୋର ଭାଷା ବିଜ୍ଞାନ କମିଟି 'ଭାଷାର ପ୍ରାଣଶକ୍ତି ଓ ବିପନ୍ନତା' ଶୀର୍ଷକରେ ଏକ ଦସ୍ତାବିଜ୍ ପ୍ରକାଶ କରିଛନ୍ତି। ସେଥିରେ ଭାଷାର ପ୍ରାଣଶକ୍ତିର ୯ଟି ଉପାଦାନ ଚିହ୍ନିତ ହୋଇଛି। ଯଥା: ପିଢ଼ିରୁ ପିଢ଼ିକୁ ଭାଷାର ପ୍ରବାହ, ଜନଗୋଷ୍ଠୀର ମୋଟ ଜନସଂଖ୍ୟା, ଗୋଷ୍ଠୀଭୁକ୍ତ ଭାଷା-ବ୍ୟବହାରକାରୀଙ୍କ ଅନୁପାତ, ଭାଷାର ପ୍ରୟୋଗ କ୍ଷେତ୍ରଗୁଡ଼ିକର ପ୍ରବଣତା, ଭାଷା ବ୍ୟବହାରର ନୂଆ କ୍ଷେତ୍ର ତଥା ଗଣମାଧ୍ୟମରେ ଭାଷା ବ୍ୟବହାରର ସ୍ଥିତି, ଭାଷାଶିକ୍ଷା ଓ ସାକ୍ଷରତାର ସାଜସରଞ୍ଜାମ, ପ୍ରଶାସନିକ ଦପ୍ତରରେ ଭାଷାର ମାନ୍ୟତା, ସରକାରୀ ଓ ଆନୁଷ୍ଠାନିକ ଭାଷା-ନୀତି, ସ୍ୱ-ଭାଷା ପ୍ରତି ସେହି ଭାଷାଭାଷୀଙ୍କ ମନୋଭଂଗୀ ଏବଂ ତଥ୍ୟାୟନର ପରିମାଣ ଓ ତା'ର ଗୁଣବତ୍ତା।

ପ୍ରଥମେ ଦେଖିବାକୁ ହେବ ଭାଷାଟି ଗୋଟିଏ ପିଢ଼ିରୁ ପର ପିଢ଼ିକୁ ଅବାରିତ ଭାବେ ପ୍ରବାହିତ ହେଉଛି କି ନାହିଁ। ଯଦି ଗୋଟିଏ ପରିବାରରେ ଶିଶୁଠାରୁ ବୃଦ୍ଧଯାଏଁ ମାତୃଭାଷା ବ୍ୟବହାରରେ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ, ତେବେ ବୁଝିବାକୁ ହେବ ସେ ଭାଷାଟି ନିରାପଦ। ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କାରଣରୁ ଭାଷା ବ୍ୟବହାରର ସ୍ୱତଃସ୍ଫୂର୍ତ୍ତତା କମିକମି ଗଲେ ସମ୍ପୃକ୍ତ ଭାଷାଟିର ନିରାପତ୍ତା କ୍ରମଶଃ ବିପନ୍ନ ହେବାର ଆଶଂକା ଉପୁଜେ। ଖାଲି ଓଡ଼ିଆ ନୁହେଁ, ଆନ୍ତର୍ଜାତିକ କାରଣରୁ ପୃଥିବୀର ବହୁ ମାତୃଭାଷା ସମ୍ପ୍ରତି ଊଣାଅଧିକେ ଏହି ସଂକଟର ସମ୍ମୁଖୀନ। ଗୋଟିଏ ଜାତି ବା ଗୋଷ୍ଠୀର ଜନସଂଖ୍ୟା ଅଧିକ ହେଲେ ଯେ ସେହି ଜାତି ବା ଗୋଷ୍ଠୀର ଭାଷାଗତ ନିରାପତ୍ତା ଅଧିକ, ଏକଥା କୁହାଯାଇ ପାରିବ ନାହିଁ। ଫରାସୀ, ଜର୍ମାନୀ, ଜାପାନୀ ଓ କୋରିୟାନ୍ ଭାଷାଭାଷୀ ସଂଖ୍ୟାରେ ଯଥେଷ୍ଟ କମ୍ ହେଲେ ବି ନାନା ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କ୍ଷେତ୍ରରେ ଏ ସବୁ ଭାଷାର ପ୍ରାଧାନ୍ୟ ଯୋଗୁଁ ପୃଥିବୀରେ ବହୁ ଭାଷାଠାରୁ ତୁଳନାତ୍ମକ ଭାବେ ଏ ସବୁ ଭାଷା ସଂକଟାପନ୍ନ ନୁହେଁ।

ଏକ ଜନଗୋଷ୍ଠୀର କେତେ ଶତାଂଶ ନିଜ ମାତୃଭାଷାରେ କଥା ହେଉଛନ୍ତି, ବୁଝୁଛନ୍ତି ଓ ନିଜର କାମଦାମ ତୁଲାଉଛନ୍ତି, ଭାଷାର ସ୍ଥିତି ନିର୍ଣ୍ଣୟରେ ଏହା ଗୁରୁତ୍ୱପୂର୍ଣ୍ଣ। ଦକ୍ଷିଣ ଚୀନ୍‌ର ତୁଜା ଜନଗୋଷ୍ଠୀରେ ଦୁଇଲକ୍ଷ ଲୋକ ବାସକରନ୍ତି। କିନ୍ତୁ ଏହି ଅଞ୍ଚଳରେ ଚୀନ୍‌ର ନାନା ଉପଭାଷା କହୁଥିବା ଲୋକଙ୍କ ସଂଖ୍ୟା ତୁଜାର ଦଶଗୁଣ। ଏହାର ପ୍ରଭାବରେ ଏବେ ତୁଜା ଜନସଂଖ୍ୟାର ତିନି ଶତାଂଶ ମାତ୍ର ତୁଜା ଭାଷା କହୁଛନ୍ତି। ଏଥିରେ ନିରାଶ ହେବାର କିଛି ନାହିଁ। ୧୯୮୦ର ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ହାଓ୍ୱାଇୟାନ୍ ଜନଗୋଷ୍ଠୀର ୧୮ ବର୍ଷରୁ କମ୍ ବୟସ୍କ ପିଢ଼ିର ୫୦ ଶତାଂଶ ଲୋକ ଏହି ଭାଷା କହୁଥିଲେ। ଭାଷାଟିକୁ ଏପରି ମୁମୂର୍ଷୁ ସ୍ଥିତିରୁ ଉନ୍ନୀତ କରି ପୁନର୍ଜୀବନ ଦେଇଥିଲା 'ହାଓ୍ୱାଇୟାନ୍ ଭାଷା ଆନ୍ଦୋଳନ'। ସବୁ ପିଢ଼ିର ଲୋକଙ୍କ ମୁହଁରେ ଏବେ ହାଓ୍ୱାଇୟାନ୍ ଭାଷା।

ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ଭୌଗୋଳିକ ଓ ରାଜନୈତିକ କାରଣରୁ ସ୍ୱତନ୍ତ୍ର ଓଡ଼ିଶା ଗଠନ ବେଳେ ବହୁ ଓଡ଼ିଆ ଭାଷାଭାଷୀ ପଶ୍ଚିମବଙ୍ଗ, ବିହାର(ଅବିଭକ୍ତ) ଓ ଆନ୍ଧ୍ର ପ୍ରଭୃତିରେ ବିଭାଜିତ ହୋଇ ରହିଯାଇଛନ୍ତି। ସାମାଜିକ ଓ ଶାସନଗତ ଦାୟରୁ ସେ ସବୁ ଅଞ୍ଚଳରେ ଓଡ଼ିଆ ଭାବେ ଅବହେଳିତ। କ୍ରମ ବିପନ୍ନତାର ଶିକାର ହେଉଥିବା ଅଞ୍ଚଳରେ ଓଡ଼ିଆ ଭାଷାର ପୁନରୁଦ୍ଧାର କେବଳ ସରକାର କରିପାରିବେ ନାହିଁ। ଏଥିପାଇଁ ସଂଗଠିତ ଜନଉଦ୍ୟମ ଲୋଡ଼ା। ହାଓ୍ୱାଇୟାନ୍ ଭାଷା-ଆନ୍ଦୋଳନ ଏ କ୍ଷେତ୍ରରେ ଆମର ପଥପ୍ରଦର୍ଶକ ହୋଇପାରେ। ନାନା ପ୍ରୟୋଗ କ୍ଷେତ୍ର (ପ୍ରଶାସନ, ବୃତ୍ତି, ଦୈନନ୍ଦିନ କାର୍ଯ୍ୟନିର୍ବାହ, ସାଂସ୍କୃତିକ ପ୍ରୟୋଜନ, ବୈଷୟିକ ତଥା ସାଇବର ବ୍ୟାବହାରିକତା, ଗଣମାଧ୍ୟମରେ ପ୍ରୟୋଗ ବହୁଳତା ଆଦି)ରେ ଓଡ଼ିଆ ଭାଷାର ବିଚରଣ ଯେତେ ଅଧିକ ହେବ, ଆମ ଭାଷା ସେତେ ଶକ୍ତିଶାଳୀ ହୋଇପାରିବ। ମାତ୍ର ୭ କୋଟି ଲୋକ କହୁଥିବା ଏକ ଭାଷା ହେଉଛି କୋରିୟାନ, ଅଥଚ ଘରୋଇ କ୍ଷେତ୍ର ବ୍ୟତୀତ ବ୍ୟବସାୟ ବାଣିଜ୍ୟ, ସରକାରୀ କାର୍ଯ୍ୟ, ଉଚ୍ଚଶିକ୍ଷା ଓ କମ୍ପ୍ୟୁଟର ବ୍ୟବହାର ଆଦି ସବୁ କ୍ଷେତ୍ରରେ ପ୍ରୟୋଗମାନ୍ୟତା ହେତୁ ଏହି ଭାଷାର ଗରିମା ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ହୋଇପାରିଛି। ସାରା ବିଶ୍ୱରୁ ଗୋଟେଇଗାଟେଇ ଆଣିଲେ ଓଡ଼ିଆ ଲୋକଙ୍କ ସଂଖ୍ୟା ୧୦ କୋଟିରୁ କମ୍ ହେବନାହିଁ। 'ବିଶ୍ୱ ଓଡ଼ିଆ ସମ୍ମିଳନୀ' ସମଗ୍ର ବିଶ୍ୱରେ ବାସକରୁଥିବା ଓଡ଼ିଆଙ୍କୁ ଏକାଠି କରିପାରିବ ଓ ସାମୂହିକ ଉଦ୍ୟମର ସୂତ୍ରଧାର ହୋଇ ଓଡ଼ିଆ ଭାଷାର ପ୍ରୟୋଗକୁ ପ୍ରତି ଈପ୍‌ସିତ କ୍ଷେତ୍ରରେ ନିଶ୍ଚିତ କରି ବିଶ୍ୱର ଏକ ପ୍ରମୁଖ ଭାଷା ଭାବେ ପ୍ରତିଷ୍ଠିତ କରିପାରିବ। ପ୍ରାକ୍ତନ ଉପନିବେଶ ଓ ଯୁଦ୍ଧବିକ୍ଷତ ଭିଏତ୍‌ନାମ ଏ କ୍ଷେତ୍ରରେ ଆମର ଆଦର୍ଶ। ଭିଏତ୍‌ନାମର ସବୁ କ୍ଷେତ୍ରରେ କେବଳ ଭିଏତ୍‌ନାମୀ ଭାଷାର ହିଁ ପ୍ରୟୋଗ ହୁଏ। ଷଷ୍ଠ ଶ୍ରେଣୀ ପୂର୍ବରୁ ଭିଏତ୍‌ନାମୀ ଭାଷା ଛଡ଼ା ଅନ୍ୟ କୌଣସି ବିଦେଶୀ ଭାଷା ଏଠାରେ ପଢ଼ାହୁଏ ନାହିଁ। ଉଚ୍ଚଶିକ୍ଷାର ଭାଷା ବି ଭିଏତ୍‌ନାମରେ ସ୍ଥାନୀୟ ଭାଷା।

ବିଶ୍ୱର ଅନ୍ୟ ମାତୃଭାଷା ପରି ଓଡ଼ିଆକୁ ଆଜି ଉପଗତ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ। ଇଣ୍ଟରନେଟ୍ ବା ଦୂରଦର୍ଶନରେ ଭାଷାର ବ୍ୟବହାରକୁ ବଢ଼ାଇବାକୁ ହେବ। ସ୍କୁଲ୍ ଓ ଉଚ୍ଚଶିକ୍ଷାର ପାଠ୍ୟସୂଚୀରେ ଓଡ଼ିଆ ଭାଷା-ସାହିତ୍ୟର ଉପସ୍ଥିତିକୁ ବ୍ୟାପକ କରିବାକୁ ହେବ। ବିଜ୍ଞାନର ସମସ୍ତ ବିଭାଗରେ ଓଡ଼ିଆର ଉପଯୋଗ କରି ତରୁଣ ବିଦ୍ୟାର୍ଥୀଙ୍କ ଧ୍ୟାନ ଏଥିପ୍ରତି ଆକର୍ଷିତ କରିବାକୁ ହେବ। ସବୁଠୁଁ ବଡ଼କଥା ହେଲା ଆମ ମନରୁ ଓଡ଼ିଆ ଭାଷା ପ୍ରତି ହୀନମନ୍ୟତାକୁ ହଟାଇବା। ଦେଖାଯାଏ ଯେ ଓଡ଼ିଶା ବାହାରେ ନିଜକୁ ଓଡ଼ିଆ ଭାବେ ପରିଚୟ ଦେବାକୁ କିଛି ଓଡ଼ିଆଙ୍କ ମନରେ କୁଣ୍ଠାବୋଧ ଥାଏ। ଆଧିପତ୍ୟ ବିସ୍ତାର କରିଥିବା ଭାଷା 'ଭଲ' ନିଜ ମାତୃଭାଷା 'ଖରାପ' – ଏପରି ଏକ ମାନସିକତା ଆତ୍ମଘାତୀ। ଫକୀରମୋହନଙ୍କ 'ଡାକମୁନ୍‌ସୀ' ନିଜ ବାପାଙ୍କୁ ଇଂରାଜୀରେ ଗାଳି ଦିଏ। ସତେ ଯେମିତି ଓଡ଼ିଆ ଭାଷା ଗାଳିଦେବାର ବି ଯୋଗ୍ୟ ନୁହେଁ। ପ୍ରଖ୍ୟାତ ବଙ୍ଗୀୟ ଔପନ୍ୟାସିକ ଶରତଚନ୍ଦ୍ରଙ୍କ ଉପନ୍ୟାସ 'ବୈକୁଣ୍ଠେର ଉଇଲ୍' (୧୯୧୫)ରେ ଏକ ଚରିତ୍ର ଶିକ୍ଷିତ ଦୋକାନୀ ଗୋକୁଳର ଏକ ସଂଳାପ ଏଠାରେ ମନେପଡ଼େ। ବାପାଙ୍କ ଶ୍ରାଦ୍ଧ ପାଇଁ ସହରରୁ ଗାଁକୁ ଆସିଛି ସାନଭାଇ ଅନର୍ସ ପାଶ୍ ବିନୋଦ। ସେ ତା'ର ସାଙ୍ଗ ଓ ସମାଗତ ହାକିମହୁକୁମାଙ୍କ ସହ ବଙ୍ଗଳାରେ କଥା ହେଉଛି। ଏହା ଲକ୍ଷ୍ୟ କରି ଗୋକୁଳ କହୁଛି: ''ବିନୋଦ, ହାକିମେର ସଙ୍ଗେ ଇଂରେଜୀତେ କଥା କଛ ନା କେନ? ଓରା ହାକିମ ହୁଜୁର, ଓଦେର୍ କି ବାଂଲା ବଲା ସାଜେ? ପାଞ୍ଚଜନେ ଶୁନ୍‌ଲେଇ ବା ତୁମାକେ ବଲ୍‌ବେ କୀ?'' ଉପନିବେଶର ସଂସ୍କୃତି କିଭଳି ନିଜ ଭାଷା ସଂସ୍କୃତିକୁ ହେୟ କରିବା ଶିଖାଏ, ତା'ର ଅସଂଖ୍ୟ ଉଦାହରଣ ମଧ୍ୟରୁ ଏହା ଗୋଟିଏ। ଏବେ ଉପନିବେଶ ନାହିଁ ସତ, କିନ୍ତୁ ମନରେ ଉପନିବେଶର ଭୂତ ସବାର ହୋଇଥିବା ଲୋକଙ୍କ ଅଭାବ ଏ ଦେଶରେ ନାହିଁ। ଏମାନଙ୍କ ଅଭିସନ୍ଧିରୁ ଓଡ଼ିଆ ଭାଷାକୁ ସୁରକ୍ଷିତ ରଖିବାର ଦାୟିତ୍ୱ ଆମ ପ୍ରତ୍ୟେକ ଓଡ଼ିଆଙ୍କର। ଆମ ପଛରେ ବଦ୍ଧମୁଷ୍ଟିରେ ଠିଆ ଆମ ସରକାର। ୨୦୩୬ରେ ଓଡ଼ିଆ ଭାଷାର 'ବିଶ୍ୱ-ଅଭିଷେକ' ତେବେ ଅସାଧ କାହିଁକି?

ମୋ: ୯୮୫୩୨୮୭୭୫୫




## ପୁସ୍ତକ ପରିଚୟ

### କହିହୁଏନି କି ସହିହୁଏନି




**ଲେଖକ:** ଡ. ରାଜେନ୍ଦ୍ର ନାରାୟଣ ଦାସ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୦୦/-

ବହି ଭିତରକୁ ଯିବା ଆଗରୁ ଲେଖକଙ୍କର 'ଉତ୍ସର୍ଗ-ପତ୍ର'ଟି ପଢ଼ିଦେଲେ ସନ୍ତୋଷ ଓ ଆନନ୍ଦରେ ପେଟ ପୂରିଯାଏ। ୮୫ବର୍ଷ ତଳେ କଟକ କଲେଜ ଛକର ମେଢ଼ଘର ଭିତରେ ଖୋଲିଥିବା ଚାହାଳିରେ ରାଜେନ୍ଦ୍ରଙ୍କ ଖଡ଼ିଛୁଆଁ କରିଥିବା ବିଧାଧର ଅବଧାନଙ୍କୁ ବହିଟି ଉତ୍ସର୍ଗିତ। କିନ୍ତୁ ଏଥିରେ ଥିବା ଲେଖକଙ୍କ କାନ୍ଦକାନ୍ଦ ମୁହ୍ୟମାନ ବିସ୍ମରଣବିମୁଖ ଅତୀତଟି ସୂଚାଇଦିଏ କି' ଧରଣର ଲେଖକ ରାଜେନ୍ଦ୍ର ନାରାୟଣ। ଆଶୀର୍ବଚନରେ ଗୋପାଳବଲ୍ଲଭ ପଟ୍ଟନାୟକ ଲେଖିଛନ୍ତି: ''ଯାହାର ଶିରାପ୍ରଶିରା, ସ୍ନାୟୁ ଓ ରକ୍ତ ସ୍ରୋତରେ ଓଡ଼ିଶାର ମାଟି, ପାଣି ପବନର ଗନ୍ଧ ନିୟତ ପ୍ରବାହିତ, ସେମିତିଆ ମଣିଷର ବହି ବିଷୟରେ କ'ଣ କହିବି? ଗୋଟିଏ ବାକ୍ୟରେ କହିବି: ଭାରି ଭଲ ବହିଟିଏ, ମଣିଷଟି ଯେମିତି ବହିଟି ସତରେ ସେମିତି।'' ବହିଟିରେ ରହିଛି ଛ'ଟି ପ୍ରଭାଗ। ଯଥା: ସାମାଜିକ ଜୀବନ, ଶିକ୍ଷା, ରାଜନୀତି, ଭାଷା-ସାହିତ୍ୟ ଓ ଗଣମାଧ୍ୟମ, ବ୍ୟକ୍ତିକୈନ୍ଦ୍ରିକ ପ୍ରବନ୍ଧ ଓ ଜର୍ମାନୀ ଅନୁଭୂତି। ଏଥିରେ ଓଡ଼ିଶାର ସାମାଜିକ, ପ୍ରାଶାସନିକ, ରାଜନୈତିକ, ବୌଦ୍ଧିକ ଓ ସାରସ୍ୱତ ଜୀବନର ଅବକ୍ଷୟ ଏବଂ ସଙ୍କଟକୁ ଅତି ଖୋଲା ମନ ଓ ଖୋଲା ହୃଦୟ ଓ ବ୍ୟକ୍ତିଗତ ଅସୂୟାଶୂନ୍ୟ ପରିଭାଷାରେ ବ୍ୟକ୍ତ କରିଛନ୍ତି ଲେଖକ। ଅବକ୍ଷୟର ସଂଶୋଧନ ବା ଅତିକ୍ରମଣ ପାଇଁ ବହିରେ ରହିଛି ଲେଖକୀୟ ସଂଯତ-ସୂଚନା। ରାଜେନ୍ଦ୍ର ଜଣେ ଚିନ୍ତନଧର୍ମୀ ପ୍ରାବନ୍ଧିକ ଓ ଷୋଳଣା ଓଡ଼ିଆପ୍ରାଣ, ଯଦିଓ ପ୍ରବାସୀ ସୁଦୂର ଜର୍ମାନରେ। 'ନିଜ କଥା'ରେ ଲେଖକ କହିଛନ୍ତି: ''ସତ୍ୟ ଓ ନ୍ୟାୟ ସପକ୍ଷରେ ମୁହଁ ଖୋଲିଲେ ଆଜିକାଲି ମୁକ୍ତି ନାହିଁ। ତେବେ ସମ୍ପୂର୍ଣ୍ଣ ନୀରବତାକୁ ଗ୍ରହଣ ନ କରିପାରି ଏଇ ବହିରେ କେତେଗୁଡ଼ିଏ ଅକୁହା କଥାକୁ ପ୍ରବନ୍ଧ ମାଧ୍ୟମରେ ଲିପିବଦ୍ଧ କରିବାର ପ୍ରୟାସ କରାଯାଇଛି।'' ସେଥିପାଇଁ ବହିଟିର ନାମକରଣ 'କହିହୁଏନି କି ସହିହୁଏନି'। ୧୬୦ ପୃଷ୍ଠାର ଏହି ପ୍ରବନ୍ଧ ପୁସ୍ତକଟିର ବିଷୟନ୍ୟାସ ଓ ଭାଷା-ପ୍ରବନ୍ଧନ ସବୁ ଶ୍ରେଣୀର ପାଠିକାପାଠକଙ୍କ ମନନ ଉପଯୋଗୀ। ବହିର ସର୍ବସଫଳତା ଆଶା କରିବା।

### ମହାଭାରତରେ ଜନ୍ମକଥା




**ମୂଳ ବଙ୍ଗଳା:** ମଧୁ ଚଟ୍ଟୋପାଧ୍ୟାୟ
**ଅନୁସୃଜନ:** ସୂଚନା ପାଢ଼ୀ
**ପ୍ରକାଶକ:** ଅନ୍ନପୂର୍ଣ୍ଣା ପବ୍ଲିଶର୍ସ, ବ୍ରହ୍ମପୁର-୩
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୧୦/-

ମୂଳ ବଙ୍ଗଳା-ରୂପ ୧୯୫୬ରେ ପ୍ରକାଶ ପାଇଥିଲା ଓ ଏବେ ପ୍ରକାଶ ପାଇଛି ତା'ର ଓଡ଼ିଆ ଅନୁସୃଜନ। ଗ୍ରନ୍ଥର 'ଉପସ୍ଥାପନା'ରେ ମୃଣାଳକାନ୍ତି ଘୋଷ ଲେଖିଛନ୍ତି: ''ମହାଭାରତର ଚରିତ୍ରଗୁଡ଼ିକ ମଧ୍ୟରୁ ଅନେକ ଚରିତ୍ର ଜନ୍ମ-ବୃତ୍ତାନ୍ତର ଜଟିଳତା, ଅସ୍ପଷ୍ଟତା ସୂଚିତ କରିଥାଏ। ଆଲୋଚ୍ୟ ଗ୍ରନ୍ଥରେ ଲେଖକ ଆଠଟି ଚରିତ୍ରର ଜନ୍ମକଥା ବିଶ୍ଳେଷଣ କରିଛନ୍ତି। ସେହି ବିଶ୍ଳେଷଣର ସୂତ୍ର ହେଉଛି ସେ କାଳର ସାମାଜିକ, ରାଜନୈତିକ, ଅର୍ଥନୈତିକ ବ୍ୟବସ୍ଥା ଯାହାକି ଏପର୍ଯ୍ୟନ୍ତ ଆଲୋଚିତ ବିଭିନ୍ନ ଗବେଷଣାମୂଳକ ସୂତ୍ରରୁ ଜଣାପଡ଼ିଛି। x x ଲେଖକଙ୍କର ଏହି ପ୍ରୟାସ ରକ୍ଷଣଶୀଳ ମୂଲ୍ୟବୋଧକୁ ପରାହତ କରି ଅନେକ ଭ୍ରାନ୍ତ ଧାରଣା ଦୂର କରିବାକୁ ସମର୍ଥ ହୋଇପାରିବ।'' ''ଗୋଟିଏ ପାଣ୍ଡୁଲିପିର ଜନ୍ମକଥା'' ଶୀର୍ଷକ ଗଦ୍ୟଲେଖରେ ଗ୍ରନ୍ଥକର୍ତ୍ତା ମଧୁ ଲେଖିଛନ୍ତି: ''ଗ୍ରହାନ୍ତର ଉନ୍ନତ ମଣିଷ ବା ସ୍ୱର୍ଗର ଦେବତା ମର୍ତ୍ତ୍ୟକୁ ଓହ୍ଲାଇ ଆସି ମଣିଷକୁ ଜନ୍ମ ଦେଇ ପୁଣି ଫେରିଯାଆନ୍ତି ସ୍ୱର୍ଗକୁ। ଏରିକ୍ ଫେନ୍‌ଦାନିକେନ୍‌ଙ୍କର ଏହି ତତ୍ତ୍ୱ ବର୍ତ୍ତମାନ ମୋ' ରଚିତ ଗ୍ରନ୍ଥରେ ଅବୈଜ୍ଞାନିକ, ଅବାସ୍ତବ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଉପସ୍ଥାପିତ।'' ଆଲୋଚ୍ୟ ପୁସ୍ତକରେ ଯେଉଁ ଆଠଟି ଚରିତ୍ରର ଜନ୍ମକଥା ବିଶ୍ଳେଷଣ କରାଯାଇଛି, ସେହି ଚରିତ୍ରଗୁଡ଼ିକ ହେଲେ- ମତ୍ସ୍ୟଗନ୍ଧା, କୃଷ୍ଣ ଦ୍ୱୈପାୟନ ବ୍ୟାସ, ବିଦୁର, ଯୁଧିଷ୍ଠିର, ଦ୍ରୋଣାଚାର୍ଯ୍ୟ, କର୍ଣ୍ଣ, ଦୁର୍ଯ୍ୟୋଧନ ଓ ଦୀର୍ଘତମା। ଏକ ସମାଜ-ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନେଇ ଏସବୁ ଚରିତ୍ରର ଜନ୍ମ ରହସ୍ୟ ଉନ୍ମୋଚନର ଯେଉଁ ଚେଷ୍ଟା ମୂଳଗ୍ରନ୍ଥରେ ହୋଇଛି, ଅନୁସୃଜନଟି ତା'ର ବିଶ୍ୱସ୍ତ ଅନୁଶୀଳନ ହୋଇପାରିଛି।

## କାଳକାଳକୁ

**''ଜଣେ ଲେଖକକୁ ପ୍ରକାଶକଟିଏ ମିଳିବା କଷ୍ଟକର, କିନ୍ତୁ ତା'ଠୁଁ ଦି'ଗୁଣା କଷ୍ଟକର ଜଣେ ପ୍ରକାଶକକୁ ପ୍ରକାଶଯୋଗ୍ୟ ପାଣ୍ଡୁଲିପିଟିଏ ମିଳିବା।''**
**- ଓଲିଭିଆ ଗୋଲ୍ଡସ୍ମିଥ୍**



**ଓଲିଭିଆ ଗୋଲ୍ଡସ୍ମିଥ୍‌ଙ୍କ** ଜନ୍ମ ୧ ଜାନୁଆରୀ ୧୯୪୯ରେ ନିଉଜର୍ସିରେ ଓ ପରଲୋକ ୧୫ ଜାନୁଆରୀ ୨୦୦୪ରେ, ନ୍ୟୁୟର୍କରେ। ଆମେରିକୀୟ ଏହି ହାସ୍ୟରସାତ୍ମକ ଲେଖିକାଙ୍କର ପ୍ରଥମ ଉପନ୍ୟାସ 'The First Wives Club' ୧୯୯୨ରେ ପ୍ରକାଶିତ, ଯାହା ପାଇଁ ପାଠକ ମହଲରେ ସେ ବହୁଳ ଭାବେ ପରିଚିତ। ଜଷ୍ଟିନ୍ ଗୋଲ୍ଡଫିଲ୍ଡ ଓ ଜଷ୍ଟିନ୍ ରେଣ୍ଡାଲ ହେଉଛି ତାଙ୍କର ଦୁଇଟି ଛଦ୍ମନାମ। ଓଲିଭିଆ କହନ୍ତି: ''ପ୍ରକୃତ ସୁଖର ରହସ୍ୟ ହେଉଛି କମ୍ ଚାହିଦା ଓ ଅସମ୍ବେଦନଶୀଳତା।'' ଆହୁରି ବି କହନ୍ତି: ''ନିଜ ଉପରେ ବିଶ୍ୱାସ ଥିବାଯାଏଁ ଆପଣ ଧନୀ, ବିଶ୍ୱାସ ହରାଇଲେ ଆପଣ ଦେବାଳିଆ।''

## କବିତା

### ଚିତ୍ରଙ୍କ ଚୌପଦୀ

**ଅଶୋକ କୁମାର ମଲ୍ଲ**

ସୁକୁମାର ଶୈଶବର ସ୍ମୃତି ସବୁ
ଶୀତଦିନ ନଈଧାର ପରି
କେଉଁଠି କନକ ରଙ୍ଗ କେଉଁଠି
ବା ଫୁଲର ଚାଙ୍ଗୁଡ଼ି
କେଉଁଠି କେଉଁଠି ସେ ତ' ମେଘଭର୍ତ୍ତି
ଆକାଶରେ ଗୋଟେ ମିଠା ବାଆ
ଦୁଃଖର ଦରିଆ ଦେହେ କୁଟାଖିଏ ଆଶ୍ରା
ପରି ଛୋଟ ହୁଲି ନାଆ।

ଦୁଃଖରୂପୀ ଦୋ' ଅକ୍ଷରି ଦୁନିଆରେ
ଅଛି ଅବା ନାହିଁ
ଭାବିବାକୁ ବେଳ ନାହିଁ ବେଢ଼ା
ଦିଏ ଭିଡ଼ର ଦୁହାଇ
ରାତିରୁ ସକାଳ ପୁଣି ସୂର୍ଯ୍ୟସ୍ନାତ
ସକାଳରୁ ରାତି
ପଳିତ ପତ୍ରରେ ଦେଖ ପୌଷ ଲେଖେ
ପ୍ରଣୟ ଚୌପଦୀ।
ଏ ସମୟ ଶୁଣୁଥାଏ ଶେଷ
ତୁମ କେଇଧାଡ଼ି କଥା
ଏ ଅଗଣା ସେତେବେଳେ ଖୋଜୁଥାଏ
ଢଳଢଳ କଥାକୁହା ଆଖି
ଗୋଲାପର ଡାଳ ଯେବେ ପାଖୁଡ଼ାଏ
ବାସ ନେଇ ବାନ୍ଧିଦିଏ ମଥା
ବୟସର ଭାଲପଟେ ବସନ୍ତ
ଖୋଦେଇଦିଏ ମଳୟର ଚୋଖି।

କେବେ କେବେ ଗାଏନାହିଁ
କଇଁକଇଁ କରୁଣାର ରାଗ
ଦୁଃଖର ଦୁପଟ୍ଟା ନାଇ ଦେହ ଧୁଏ
ଶୈଶବ ସୋହାଗ।

ମୋ: ୯୪୩୭୦ ୨୨୯୬୮

### ଈଶ୍ୱର

**ସ୍ୱପ୍ନା ପଣ୍ଡା**

ଯାତନାରେ ଜିଉଥିବା ଆୟୁଷ
ଦରଜ ପୋଛିଲା ବେଳେ
କାହାର ମୁଠେ ଆଶ୍ୱାସନାର
ଛାଇ ଆଶ୍ରାରେ
ସଲଖ ନ ହେଲେ ନାହିଁ
ଲଟେଇଗଲାବେଳେ ଛୋଟ ଛୋଟ
ଘାସର ଶାଗୁଆ ପଣରେ
ନିରିଖେଇ ଦେଖିଲେ ବି
ଆଖି ପହଞ୍ଚୁ ନ ଥିବା ଭାଗ୍ୟ ସେ ପାଖରେ
ତମେ କ'ଣ ସତରେ ଅଳସ ଭାଙ୍ଗୁଥାଅ
ଯାହା ସରୁ ନ ଥାଏ
କି ମତେ ଅନେଇ ଦେବାକୁ
ନିଜକୁ ସଜାଡ଼ି ପାରୁ ନ ଥାଅ
ଅଥଚ ତମେ ଆସିବ ବୋଲି ମୁଁ
ସ୍ୱପ୍ନରେ ଓ ସତରେ ଅପେକ୍ଷା କରିଥାଏ।

ମୁଁ ବାଜି ଲଗାଉଥାଏ, ହାରୁଥାଏ ବି
ଭୋକକୁ, ଭେକକୁ
ଯୋଗ୍ୟ ନ ହେଲା ବେଳକୁ
ବୈଶାଖୀ ଖରାରେ ସିଝୁଥାଏ
ଇଟା ପଥର ଖସୁଥିବା କଳଙ୍କିଲଗା ଦେହ
ତମେ ଅଛ ବୋଲି ବିଶ୍ୱାସରେ
ଯେତେ ଟାଣ ଗଣ୍ଠି ଦେଲେ ବି
ସେ ହୁଗୁଳା ହେଇ ଫିଟିଯାଉଥାଏ
ଦଲକାଏ ପବନରେ
ଦି' କୋଶ ଉଡ଼ି ଯାଉଥିବା
ଶିମିଳି ତୁଳାର ଭବିଷ୍ୟତ
ପତ୍ରରୁ ଓହଳି ଆକାଶକୁ ଅନଉଥାଏ
ଯେମିତିକି ତମେ ଆସିବ କି ନାଇଁ ବୋଲି
ଶୂନ୍ୟରେ ଥାଇ ଶୂନ୍ୟକୁ ପଚାରୁଥାଏ।

ହାତର ଲିଭୁ ନ ଥିବା ଗାରମାନଙ୍କୁ ଦେଖେ
ତମ ଦୁଆରେ ଭିଡ଼କୁ ଦେଖେ
କିଏ କାହାକୁ ବଦଳେଇ ପାରେନା ଜାଣି ବି
ପାଦ ଦୁଇ ସେଇଠି ଅଟକି ଯିବାର ଦେଖେ
ଏତେ ଚିତ୍କାର ତମକୁ ତ କିଛି ଶୁଭୁ ନ ଥିବ
ଏତେ ଧୂଆଁ ତମକୁ ତ କିଛି ଦିଶୁ ନ ଥିବ
ତଥାପି ଟାଣି ହୋଇଯାଏ
ମାଟି ପଥର କାଠ ଧାତୁର ରୂପ ପାଖକୁ
ଏ କୂଳରୁ ସେ କୂଳକୁ
ଆଲୁଅ ଖୋଜି ଖୋଜି ଅନେକ ଦୂରକୁ
ମୋର ପ୍ରତିଟି ପ୍ରଶ୍ୱାସ ଯେତେବେଳେ
ଶାସରୁଦ୍ଧ କରେ ଜିଇବାର
ପ୍ରଚ୍ଛନ୍ନ ଆକାଂକ୍ଷାକୁ
କାମନାମାନେ ତାରା ହୋଇଯାଉଥା'ନ୍ତି
ନିସ୍ତବ୍ଧ ଥାଏ ଭିତର ଓ ବାହାରର ପୃଥ୍ୱୀ
ମୁଁ ବୋଲି କେହି ଜଣେ କାୟା ପାଲଟୁଥାଏ
ତମେ ଆସିଯାଇଛ ବୋଲି କି କ'ଣ
ସବୁ ଅର୍ଗଳି ଆପେ ଆପେ ଫିଟି ଯାଉଥାଏ।

ମୋ: ୯୮୬୧୩୨୩୬୫୦

### ଶିଶିର ବିନ୍ଦୁର କଥା

**ମୂଳ ହିନ୍ଦୀ– କେଦାର ନାଥ ଅଗ୍ରୱାଲ**
**ଅନୁବାଦ –ପଞ୍ଚାନନ ଅଗ୍ରୱାଲ**

ଶିଶିର ବିନ୍ଦୁ କହୁଛି ଲେଖିଦେବି
ସଦ୍ୟ ଫୁଟିଥିବା ଗୋଲାପର ମନକଥା
କବି କହୁଛି ମୁଁ ବି ଲେଖିଦେବି ମନର କଥା
ପ୍ରିୟ ପାଇଁ ଲେଖିପାରିଲାନି ଶବ୍ଦରେ ଶିଶିର ବିନ୍ଦୁ
ମଳିନ ପଡ଼ିଲା ସଜ ଗୋଲାପ,
କବି କିନ୍ତୁ ଶିଶିର ବିନ୍ଦୁରେ
ଲେଖିଦେଲା ନବୀନ କାବ୍ୟ ସଦ୍ୟ ଫୁଟା ଗୋଲାପର।

ମୋ: ୯୭୭୭୭୪୦୭୧

## ଗଳ୍ପ

# ଫାଇଲ୍

**ସୁଦର୍ଶନ ମହାପାତ୍ର**



ପୂର୍ଣ୍ଣଚନ୍ଦ୍ରବାବୁ ସେମିତି ବସି ରହିଥିଲେ। ତାଙ୍କ ଫାଇଲ୍ ଆସୁନଥିଲା। ରାଗରେ ରକ୍ତଚାଉଳ ଚୋବେଇ ହେଉଥିଲେ। ଜୀବନରେ କେଡ଼େ କେଡ଼େ ଅଫିସରଙ୍କୁ ସେ ଦେଖି ଆସିଛନ୍ତି। ଏପରିକି ଦେଖିଛନ୍ତି ସେ ସେକ୍ରେଟାରି, ଡାଇରେକ୍ଟରମାନଙ୍କୁ। ଏମ୍.ଏଲ୍.ଏ. ଆସିଲେ ଚୌକିରୁ ଉଠିପଡ଼ନ୍ତି। ମନ୍ତ୍ରୀଙ୍କର କ'ଣ ଲୋଡ଼ା ହେଲେ ନିଜେ ହାତରେ ଫାଇଲ୍ ଧରି ହାଜର ହୁଅନ୍ତି। ଏଇଟା କି ଅଫିସର ଯେ! ଅସରପା ଗୋଟିଏ ଚଢ଼େଇ.. ହୁଁ..!

ଏମିତି କଥାବାର୍ତ୍ତା କରୁଛି ସତେ ଯେମିତି କିଏ ତା' ସାମ୍ନାରେ ବସିଛି ଜାଣେନାହିଁ। ଦେଖିବା...! ଏଥର ନିର୍ବାଚନ ଟିକେ ସରୁ।

ମୋ ପୁଅର ପଲା ଏଥର ଭାରୀ। ଏମ୍.ଏଲ୍.ଏ. ତ ନିଶ୍ଚୟ, ମନ୍ତ୍ରୀ ପଦ ବି ମିଳିଯାଇପାରେ। ଡାଇରେକ୍ଟରକୁ ଫୋନଟାଏ ମାରିଦେଲେ, କାହିଁ କନ୍ଧମାଳ ନୋହିଲେ ମାଲକାନଗିରିରେ ପଡ଼ିବ। ପୁଅ କେତେ ରଙ୍ଗ ଦେଖେଇ ହେଉଛି। ହଉ ଆଉ ଦିନ କେତୁଟା ତ..!

ତଥାପି ନିଜ ଉପସ୍ଥିତିକୁ ସଚେତନ କରାଇଦେବାକୁ ପରୋକ୍ଷରେ ନିଜ ଫାଇଲ୍‌ଟିର କାମ ଆଗ ସାରିଦେବାକୁ ସେ କହିଲେ, 'ବିରୋଧୀ ଦଳ ସପକ୍ଷରେ ଏବେ ହାୱା ଅଛି। ମୋ' ପୁଅ ଦୀପଙ୍କର ଏଥର ଜିତିବାଟା ସୁନିଶ୍ଚିତ। ଯଦି ଆପଣଙ୍କର କିଛି ଦରକାର ପଡ଼େ, ମାନେ...ବଦଳି...ଭଲ ଜାଗା ପୋଷ୍ଟିଂ କହିବେ..! ଆଜି ଦୀପଙ୍କର ନୋମିନେଶନ ଫାଇଲ୍ କରିବ।'

– 'ଆମେ ସରକାରୀ ଚାକିରି କରିଛୁ। ବଦଳି ଚାକିରି। ସେଥିପାଇଁ ମାନସିକ ଭାବେ ସବୁବେଳେ ପ୍ରସ୍ତୁତ। ଢିଙ୍କି ସ୍ୱର୍ଗକୁ ଗଲେ ଧାନକୁଟିବ। ମୁଁ କୋଉ ନେତା ଫେତାଙ୍କୁ ତୋଷାମଦ କରେନି। ତା'ଛଡ଼ା ଏ ରାଜନୀତିଆ ଲୋକଙ୍କୁ ମୁଁ ଘୃଣାକରେ..ଛାଡ଼ନ୍ତୁ....।'

ଏମିତି ଉତ୍ତର ପୂର୍ଣ୍ଣଚନ୍ଦ୍ରବାବୁ ଆଶା କରୁନଥିଲେ। ସ୍ପଷ୍ଟ ଭାବରେ କହୁଥିଲା ଏ ଅଫିସର୍ ସେ ଦୀପଙ୍କରର ବାପା ବୋଲି ଜାଣିବା ସତ୍ତ୍ୱେ! ଜଣେ ନେତାର ବାପାଙ୍କୁ ନେତାଙ୍କ ବିରୋଧରେ ବିଷୋଦ୍‌ଗାର! ଜାଣି ମଧ ଆଉ ଦିନ କେତୁଟାରେ ମୋ' ପୁଅ ହେବ ଏ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ। ପୂର୍ଣ୍ଣଚନ୍ଦ୍ରବାବୁ କେବଳ ଚାହିଁ ରହିଥିଲେ, ତାଙ୍କର ଆଉ କିଛି କହିବାକୁ ନଥିଲା। ଜୋକ ମୁହଁରେ ଲୁଣ ପଡ଼ିବା ପରି ସେ ନୀରବି ଗଲେ।

ବିଭିନ୍ନ ଲୋକଙ୍କର ଫାଇଲ୍ କାମ ଚାଲିଥିଲା। ତାଙ୍କ ଫାଇଲ୍ କିନ୍ତୁ ଆସୁନଥିଲା। ଏଇ ଅଫିସର୍‌ର ସାମ୍ନା ଚୌକିରେ ବସି ରହିବାକୁ ତାଙ୍କୁ କଣ୍ଟା ଫୋଡ଼ିଲା ଭଳି ଲାଗୁଥିଲା। ଏ ଟୋକା ଦାଢ଼ିଆ ଅଫିସର୍ ବେପରବାୟ, ବେଖାତିର ବ୍ୟବହାର ତାଙ୍କୁ ଖାଲି ବିସ୍ମିତ କରୁନଥିଲା, ବିବ୍ରତ କରୁଥିଲା। ଓଃ...କି ଆସ୍ପର୍ଦ୍ଧା?

ଏଇ ଅଫିସରେ ସେ କଟାଇଥିବା ପଇଁତିରିଶ ବର୍ଷ ଜୀବନକାଳର କଥା ଭାବୁଥିଲେ। ତାଙ୍କ ଚାକିରି କାଳରେ ହାକିମମାନଙ୍କ ଆଗରେ ଡରିମରି ରହିଥିଲେ। ବସ୍ କହିଲେ ଆଣ୍ଠୁମାଡ଼ି ବସିଛନ୍ତି, ଚାଲ୍ କହିଲେ ଦୌଡ଼ିଛନ୍ତି। କାଇଁ, ଥରେ କେବେ ତ ବେଖାତିର କରିଥିବାର ମନେ ପଡୁନି। ଏମିତି ଯଦି ସେ ବେପରବାୟ ହୋଇଥାନ୍ତେ, ଥରୁଟିଏ ହେଲେ ବି କେବେ ଧମକ ଅମାନ୍ୟ କରିଥା'ନ୍ତେ, ତେବେ ତାଙ୍କର କ'ଣ ଅସୁବିଧା ହୋଇଥା'ନ୍ତା? ଯାହା ହୋଇଛନ୍ତି, ଯେଉଁଠି ପହଞ୍ଚିଛନ୍ତି ଆଉ କ'ଣ ହୋଇଯାଇଥା'ନ୍ତା! ନା ଅନ୍ୟ କେଉଁଠି ଜୀବନସାରା ରହି ଯାଇଥାନ୍ତେ?

ଦିନ ଗୋଟାଏ ବେଳକୁ ତାଙ୍କ ଫାଇଲ ଆସିଲା। ଅଫିସର୍ ସେପର୍ଯ୍ୟନ୍ତ ଚେୟାର ଛାଡ଼ି କେଉଁଆଡ଼େ ଯାଇନାହାନ୍ତି। ଫାଇଲ୍ ତନଖି ସାରି ହସି ହସି କହିଲେ– 'ଆପଣଙ୍କ କାମ ହୋଇଗଲା ଆଜ୍ଞା! ଆପଣ ବୟୋଜ୍ୟେଷ୍ଠ ଲୋକ। ଏଠାକୁ ନ ଆସିଥିଲେ ବି ଆପଣଙ୍କ କାମ ଯଥାରୀତି ହୋଇ ଯାଇଥା'ନ୍ତା। ଖାଲି ଖାଲି ଏଠାରେ ବସି ସମୟ ନଷ୍ଟ କଲେ। ଏଥର ଯାଆନ୍ତୁ। ପୁଅ ଆଜି ନୋମିନେଶନ ଫାଇଲ୍ କରିବେ ପରା। ବହୁତ ବହୁତ ଶୁଭେଚ୍ଛା।'

ପୂର୍ଣ୍ଣଚନ୍ଦ୍ରବାବୁ ଚେୟାର ଛାଡ଼ିଲେ। ଏଠି କାମ ସାରି ପୁଅର ମଙ୍ଗଳ କାମନା କରି ଜଗନ୍ନାଥଙ୍କ ଦର୍ଶନରେ ଯିବେ ବୋଲି ଭାବି ଘରୁ ବାହାରିଥିଲେ। ଏବେ ଆଉ ପୁରୀ ଗଲେ ପହଞ୍ଚିଲା ବେଳକୁ ବଡ଼ଠାକୁରଙ୍କ ପହଡ଼ ପଡ଼ିସାରିଥିବ। ଦର୍ଶନ ମିଳିବନି। ତେବେ ଜଗନ୍ନାଥଙ୍କ ଦୟାରୁ ତାଙ୍କ ଫାଇଲ୍ କାମଟା ହୋଇ ଯାଇଥିବାରୁ ସନ୍ତୁଷ୍ଟ ପୂର୍ବକ ଅଫିସରଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରିବାକୁ ତତ୍ପର ହେଲେ ପୂର୍ଣ୍ଣଚନ୍ଦ୍ରବାବୁ...!

ମୋ: ୯୪୩୮ ୧୭୫୫୪୨

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୩/୨୦୨୪ Bhubaneswar, Saturday, February 3/ 2024

# କଳିଙ୍ଗରେ ଆଜିଠୁ ମହିଳା ହକି ପ୍ରୋ-ଲିଗ୍

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ-ଲିଗ୍ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଏଥିରେ ଭାରତ ସମେତ ଚାଇନା, ଆମେରିକା, ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ଆଦି ୫ଟି ଦଳ ଅଂଶଗ୍ରହଣ କରିବେ। ଲିଗ୍‌ର ପ୍ରଥମ ମ୍ୟାଚ ଆମେରିକା ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚରେ ଏସିଆନ ଗେମ୍ସ ଚାମ୍ପିୟନ ଚାଇନା ସହ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଦଳ ଆଶାନୁରୂପ ଖେଳିପାରି ନ ଥିଲେ ହେଁ ପ୍ରୋ-ଲିଗ୍‌ରେ ଭଲ ପ୍ରଦର୍ଶନକୁ ନେଇ ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ଆଶାପ୍ରକାଶ କରିଛନ୍ତି। ‘‘ପ୍ରୋ ଲିଗ୍ ଖେଳିବା ପାଇଁ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଖୁବ୍ ଭଲ ଲାଗୁଛି। ଏଠାରେ ହକିକୁ ସବୁ ସ୍ତରରୁ ସମର୍ଥନ ମିଳିଥାଏ। ଆମେ ଏକ ଉତ୍ତମ ଦଳ ଏବଂ ଶକ୍ତିଶାଳୀ ଦଳଗୁଡ଼ିକ ବିପକ୍ଷରେ ଯେ ଖେଳିବାକୁ ସକ୍ଷମ ଏହା ପ୍ରମାଣ କରିବାର ସମୟ ଆସିଛି’’ ବୋଲି ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ସ୍କୁପମାନ କହିଛନ୍ତି। ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ପରି ଦଳ ନିକଟରୁ କଡ଼ା ଚ୍ୟାଲେଞ୍ଜ ମିଳିବ ବୋଲି ସେ ଅନୁଭବ କରୁଛନ୍ତି। ତେବେ ଆମ ଖେଳାଳିମାନେ ଯୋଜନାକୁ କେତେ ପରିମାଣରେ ପଢ଼ିଆରେ କାର୍ଯ୍ୟରେ ପରିଣତ କରୁଛନ୍ତି ତା’ ଉପରେ ଅନେକ ନିର୍ଭର କରିବ ବୋଲି ସେ କହିଛନ୍ତି। ‘‘ଆମେ ଗୋଲ କରିବାକୁ ସକ୍ଷମ, ଆମର ରକ୍ଷଣାତ୍ମକ ବିଭାଗ ମଧ୍ୟ ଭଲ। ମାତ୍ର ଶକ୍ତିଶାଳୀ ଦଳଗୁଡ଼ିକ ବିପକ୍ଷରେ ଆମ ରଣନୀତି କେତେ କାର୍ଯ୍ୟ କରୁଛି ତାହା ଦେଖିବାକୁ ଅପେକ୍ଷା ରହିଛି। କଠିନ ପରିଶ୍ରମ କରି ଆମକୁ ନିଜ ଶକ୍ତି ପ୍ରଦର୍ଶନ କରିବାକୁ ପଡ଼ିବ। ଆମ ବ୍ୟତୀତ ଏଠାରେ ଖେଳିବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ତେଣୁ ପ୍ରତିଦ୍ୱନ୍ଦ୍ୱୀ ଯିଏ ଥାଉନା କାହିଁକି ଆମକୁ ଚ୍ୟାଲେଞ୍ଜ ଦେବାକୁ ହେବ’’ ବୋଲି ସ୍କୁପମାନ କହିଛନ୍ତି।

ଭାରତର ପେନାଲ୍ଟି କର୍ନର କନଭର୍ସନକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସ୍କୁପମାନ। ‘‘ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ଥିବା ଦଳଗୁଡ଼ିକରେ ଅତିକମ୍‌ରେ ୫ରୁ ୬ ଡ୍ରାଗ୍ ଫ୍ଲିକର ରହିଛନ୍ତି। ମାତ୍ର ଆମ ନିକଟରେ ତାହା ନାହିଁ। ଏହାର ପ୍ରଭାବ ଅଲିମ୍ପିକ୍ କ୍ୱାଲିଫାୟର ଉପରେ ମଧ୍ୟ ପଡ଼ିଲା। ଏହାକୁ ଆମକୁ ଗୁରୁତ୍ୱର ସହ ନେବାକୁ ହେବ ଏବଂ ଏଥିପାଇଁ କାମ କରିବାକୁ ପଡ଼ିବ। ଏକ ଦଳ ଭାବେ ଦେଖିବାକୁ ଗଲେ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ ନ କରିପାରିବା ଆମକୁ ଏବେ ମଧ୍ୟ ଦୁଃଖ ପହଞ୍ଚାଉଛି। ସେଥିରେ ଆମେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଠିକ୍ ସମୟରେ ଗୋଲ ସ୍କୋର କରିପାରି ନ ଥିଲୁ। ତେବେ ଏହା ଅତୀତ ହୋଇଯାଇଛି। ଏହାକୁ ଭୁଲି ଆମକୁ ଆଗକୁ ବଢ଼ିବାକୁ ପଡ଼ିବ’’ ବୋଲି କୋଚ୍ ପ୍ରକାଶ କରିଛନ୍ତି। ଉପ-ଅଧିନାୟିକା ବନ୍ଦନା କାଟରିୟା ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି। ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ଆମକୁ ଶତ ପ୍ରତିଶତ ପ୍ରଦର୍ଶନ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ କ୍ୱାଲିଫାୟରରେ ଆମେ ବହୁତ ଭଲ ଖେଳିଥିଲୁ। ମାତ୍ର ଦୁର୍ଭାଗ୍ୟ ବଶତଃ ଠିକ୍ ସମୟରେ ଗୋଲ ସ୍କୋର କରି ନ ପାରିବାରୁ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହେଲୁ। ପ୍ରୋ-ଲିଗ୍‌ରେ ଆମକୁ ଶ୍ରେଷ୍ଠ ଖେଳ ଦେଖାଇବାକୁ ପଡ଼ିବ ବୋଲି ବନ୍ଦନା କହିଛନ୍ତି। ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ କଳିଙ୍ଗରେ ୫ଟି ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବା ପରେ ରାଉରକେଲା ଯିବେ। ସେଠାରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପୁଣି ଏହି ୫ ଦଳ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚରେ ମୁକାବିଲା କରିବେ। ଭୁବନେଶ୍ୱରରେ ଫେବୃଆରୀ ୩ରୁ ୯ ଓ ରାଉରକେଲାରେ ୧୨ରୁ ୧୮ ପର୍ଯ୍ୟନ୍ତ ମ୍ୟାଚ ଖେଳାଯିବ।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଗୋଲକିପର ସବିତା ପୁନିଆଙ୍କୁ ଅଭ୍ୟାସ କରାଉଛନ୍ତି କୋଚ୍ ଜାନେକ ସ୍କୁପମାନ। (ଫଟୋ: ବିକାଶ ନାୟକ)



ବନ୍ଦନା କାଟରିୟା

**ମହିଳା ହକି ପ୍ରୋ-ଲିଗ୍**
**(ଆଜିର ମ୍ୟାଚ)**
**ଆମେରିକା ବନାମ ନେଦରଲାଣ୍ଡ୍ସ**
ସମୟ: ଅପରାହ୍ନ ୫ଟା ୩୦
**ଭାରତ ବନାମ ଚାଇନା**
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓସିନେମା

# ବାଲେଶ୍ୱର, ଖୋର୍ଦ୍ଧା ଚାମ୍ପିୟନ

**ଭୁବନେଶ୍ୱର, ୨।୨ (ବିଜୟ ରଣା)**

କିଟ୍ ପରିସରରେ ନୂଆ-ଓ ନବୀନ ଓଡ଼ିଶା ରାଜ୍ୟ ଭଲିବଲ୍ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର ପୁରୁଷ ଏବଂ ଖୋର୍ଦ୍ଧା ମହିଳା ବିଭାଗରେ ଚାମ୍ପିୟନ ହୋଇଛି। ଓଡ଼ିଶା ଭଲିବଲ୍ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା କିଟ୍ ଓ କିସ୍‌ର ସହଯୋଗକ୍ରମେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୨୭ପୁରୁଷ ଏବଂ ୨୩ ମହିଳା ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବ କିଟ୍ ୟୁନିଭର୍ସିଟିସ୍ଥିତ ବିଜୁ ପଟ୍ଟନାୟକ ମଲ୍‌ଟି ପର୍ପୋଜ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଭଲିବଲ୍ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ ଓ ସ୍ୱରୂପ ନନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୁଷ ଚାମ୍ପିୟନ ବାଲେଶ୍ୱର (୨ ଲକ୍ଷ ଟଙ୍କା), ରନରଅପ୍ ଯାଜପୁର (୧ ଲକ୍ଷ ଟଙ୍କା), ଦ୍ୱିତୀୟ ରନରଅପ୍ (୧) କେନ୍ଦ୍ରାପଡ଼ା (୫୦ହଜାର ଟଙ୍କା) ଏବଂ ଦ୍ୱିତୀୟ ରନର ଅପ୍ (୨) ପୁରୀକୁ (୫୦ହଜାର ଟଙ୍କା) ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବାଲେଶ୍ୱରର ପବିତ୍ର ମୋହନ ଗିରିଙ୍କୁ ୧୦ହଜାର ଟଙ୍କା ମଧ୍ୟ ପୁରସ୍କୃତ କରାଯାଇଥିଲା। ସେହିପରି ମହିଳା ଚାମ୍ପିୟନ ଖୋର୍ଦ୍ଧା (୨ ଲକ୍ଷ ଟଙ୍କା), ରନରଅପ୍ ଜଗତ୍‌ସିଂହପୁର (୧ଲକ୍ଷ ଟଙ୍କା), ଦ୍ୱିତୀୟ ରନରଅପ୍ (୧) କେନ୍ଦ୍ରାପଡ଼ା (୫୦ ହଜାର ଟଙ୍କା), ଦ୍ୱିତୀୟ ରନରଅପ୍ (୨) ମୟୂରଭଞ୍ଜ (୫୦ ହଜାର ଟଙ୍କା) ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ମହିଳା ଖେଳାଳି ଖୋର୍ଦ୍ଧାର ଶିବାନୀ ପ୍ରିୟଦର୍ଶିନୀଙ୍କୁ ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

**ନୂଆ-ଓ ନବୀନ ଓଡ଼ିଶା ରାଜ୍ୟ ଭଲିବଲ୍**

# ଆଜିଠୁ ଭାରତ-ପାକିସ୍ତାନ ଡେଭିସ୍ କପ୍

**ଇସ୍‌ଲାମାବାଦ,୨।୨(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ ଅଫ୍ ମୁକାବିଲା ଏଠାରେ ଶନିବାରଠାରୁ ଖେଳାଯିବ। ଭାରତୀୟ ଟେନିସ ଦଳ ଦୀର୍ଘ ୬୦ ବର୍ଷ ପରେ ପାକିସ୍ତାନରେ ଖେଳିବ। ନିରାପତ୍ତା କାରଣରୁ ଭାରତ ବହୁ ବର୍ଷ ପରେ ପାକିସ୍ତାନରେ ଖେଳିବାକୁ ଯାଉଛି। ଡେଭିସ୍ କପ୍ ଇତିହାସକୁ ଦେଖିବାକୁ ଗଲେ ଭାରତ କେବେ ପାକିସ୍ତାନଠାରୁ ପରାଜିତ ହୋଇ ନାହିଁ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ସମସ୍ତ ୭ଟି ମ୍ୟାଚରେ ଭାରତ ବିଜୟ ଲାଭ କରିଛି। ଏହି ଧାରା ଜାରି ରହିବ ବୋଲି ଆଶା କରାଯାଉଛି। ତେବେ ଗ୍ରାସ୍‌କୋର୍ଟରେ ଏହି ମୁକାବିଲା ଅନୁଷ୍ଠିତ ହେବାକୁ ଯାଉଥିବାରୁ ପାକିସ୍ତାନର ଷ୍ଟାର ଖେଳାଳି ଆଇଜାମ୍-ଉଲ-ହକ୍ କୁରେଶୀ ଓ ଅକିଲ ଖାନ୍‌ଙ୍କଠାରୁ ଲଢୁଆ ପ୍ରଦର୍ଶନ ଆଶା କରାଯାଉଛି।

# ରାଜ୍ୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ୧୫ରୁ

**ଭୁବନେଶ୍ୱର, ୨।୨ (ବିଜୟ ରଣା)**

ଓଡ଼ିଶା ବଡି ବିଲ୍‌ଡିଂ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୫ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବି.ଭି.ଜି. ରାଓ ସଭାପତି, ରାଜେଶ ବାବୁ ଆଚାରୀ ସମ୍ପାଦକ ଏବଂ ଉମାଚରଣ ଶତପଥୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିରେ ଚଳିତ ମାସ ୧୫ ଓ ୧୬ ତାରିଖରେ ବ୍ରହ୍ମପୁରଠାରେ ୨୦ତମ ରାଜ୍ୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମୋଟ ୩ ଲକ୍ଷ ଟଙ୍କା ପୁରସ୍କାର ବ୍ୟବସ୍ଥା ରହିଛି। ଏଥିରେ ପୁରୁଷ ବିଭାଗରେ ୧୦ଟି ଶ୍ରେଣୀରେ ପ୍ରତିଯୋଗିତା ହେବାକୁଥିବା ବେଳେ ମହିଳା ଓପନ କାଟେଗୋରି, ପୁରୁଷ ଫିଜିକ୍ ଫିଟ୍‌ନେସ, ପୁରୁଷ ଆଥଲେଟିକ୍ ଫିଟ୍‌ନେସ୍, ମହିଳା ମଡେଲ ଫିଜିକ୍ ଓ ମହିଳା ଆଥ୍‌ଲେଟିକ୍ ଫିଜିକ୍‌ରେ ଓପନ କାଟେଗୋରି ପ୍ରତିଯୋଗିତା ହେବ। ଏହା ଇଣ୍ଡିଆନ ବଡି ବିଲ୍‌ଡିଂ ଫେଡେରେଶନ,ମୁମ୍ବାଇ (ଆଇବିବିଏଫ୍)ର ନିୟମାନୁସାରେ ହେବ। ଏଥିରୁ ଆସନ୍ତା ମାର୍ଚ୍ଚ ୧୬ ଓ ୧୭ରେ ପଞ୍ଜାବର ଲୁଧିଆନାରେ ହେବାକୁଥିବା ୧୫ତମ ମିଷ୍ଟର ଇଣ୍ଡିଆ (ସିନିୟର ପୁରୁଷ ଓ ମହିଳା ସୁନ୍ଦର ସ୍ୱାସ୍ଥ୍ୟ) ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ ହେବ।




# ଭାରତ ସେମିରେ

**ବ୍ଲୋଏମ୍‌ଫଣ୍ଟିନ, ୨।୨ (ପି.ଟି.):** ଭାରତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ସୁପର ସିକ୍ସ ଗ୍ରୁପ୍-୧ରେ ଶୁକ୍ରବାର ଖେଳିଥିବା ଏହାର ଅନ୍ତିମ ମ୍ୟାଚରେ ସଚିନ ଧାସ୍ ଓ ଉଦୟ ଶରଣଙ୍କ ଆକର୍ଷଣୀୟ ଶତକ ସହାୟତାରେ ନେପାଳକୁ ୧୩୨ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏକଦା ୬୨ ରନ ସ୍କୋରରେ ଏହାର ୩ ଉଇକେଟ ହରାଇଥିଲା। ମାତ୍ର ଧାସ୍ (୧୦୭ ବଲ୍‌ରୁ ୧୦୦ରନ) ଏବଂ ଶରଣ (୧୦୭ ବଲ୍‌ରୁ ୧୦୦ରନ) ୨୦୨ ବଲ୍‌ରେ ୨୧୫ ରନ ଯୋଗ କରିବାରୁ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୯୭ ରନ ସଂଗ୍ରହ କରିଥିଲା। ଜବାବରେ ନେପାଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୬୫ ରନ କରିବାରେ ସମର୍ଥ ହୋଇଥିଲା। ନେପାଳ ଟପ୍ ସ୍କୋରର ଅଧିନାୟକ ଦେବ ଖାନାଲ ସର୍ବାଧିକ ୩୩ ରନ କରିଥିଲେ। ଭାରତ ତରଫରୁ ସବୁଠାରୁ ସଫଳ ବୋଲର ବାମହାତୀ ସ୍ପିନର ସୌମି ପାଣ୍ଡେ ତାଙ୍କ ୧୦ ଓଭର ବୋଲିଂରେ ଗୋଟିଏ ମେଡେନ ସହ ୨୯ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟରେ ତାଙ୍କ ଉଇକେଟ ସଂଖ୍ୟା ୧୬ରେ ପହଞ୍ଚିଛି।

DSPL-609

FIH PRO LEAGUE 2023/24

## ପାର୍କିଂ ବ୍ୟବସ୍ଥା ସମ୍ପର୍କିତ ସୂଚନା




| ପାର୍କିଂ ସ୍ଥଳ | ଯାନର ପ୍ରକାର | ଷ୍ଟାଡ଼ିୟମକୁ ପ୍ରବେଶ |
|---|---|---|
| କମିଶନରେଟ୍ ରିଜର୍ଭ ପୋଲିସ୍ ପଡ଼ିଆ ପାର୍କିଂ | ୨ ଏବଂ ୪ ଚକିଆ ଯାନ | ଗେଟ୍ ନଂ ୩ ଓ ୪ |
| ନ୍ୟୁ ଏଜି କଲୋନୀ ପାର୍କିଂ | ୨ ଏବଂ ୪ ଚକିଆ ଯାନ | ଗେଟ୍ ନଂ ୩ ଓ ୪ |
| ବେହେରା ସାହି ଖେଳ ପଡ଼ିଆ | ୨ ଚକିଆ ଯାନ | ଗେଟ୍ ନଂ ୩ |

OIPR-29001/13/0213/2324

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ